ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ
ମାନବୀୟ ବିଦ୍ୟାପୀଠ



ଦ୍ୱିତୀୟ ଭାଗ

ଓଡ଼ିଆ ଭାଷାର ଭିତ୍ତିମୂଳକ ପାଠ୍ୟକ୍ରମ

Indira Gandhi
National Open University
School of Humanities

BODLA-135
ଦ୍ୱିତୀୟ ଭାଗ

ଅଧ୍ୟାୟ- ୭
ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନର ଇତିହାସ ୫

ଅଧ୍ୟାୟ- ୮
'ରେବତୀ' (କ୍ଷୁଦ୍ରଗଳ୍ପ) ୨୬

ଅଧ୍ୟାୟ- ୯
କବି ସଚ୍ଚିଦାନନ୍ଦ ରାଉତରାୟ ୫୫

ଅଧ୍ୟାୟ- ୧୦
"ଦିଲ୍ଲୀ ଚିଠି" (ଉଦ୍‌ବୋଧନ) ୮୭

ଅଧ୍ୟାୟ- ୧୧
"ସ୍ରୋତସ୍ୱତୀ" (ଗୋପୀନାଥ ମହାନ୍ତିଙ୍କ ଆତ୍ମଜୀବନୀ) ୧୦୯

ଅଧ୍ୟାୟ- ୧୨
ଏକ ଭ୍ରମଣ ବୃତ୍ତାନ୍ତ 'ଲଣ୍ଡନରେ ଆମେ କେଉଁଠି' ୧୩୨

EXPERT COMMITTEE

Prof. Satyakam
Pro-Vice Chancellor
IGNOU, New Delhi

Prof. Malati Mathur
Director, SOH
IGNOU, New Delhi

Prof. Jitendra Kumar Srivastava
Professor (Hindi), SOH
Director
SOTHM, IGNOU, New Delhi

Prof. Nandini Sahu
Professor (English), SOH
Director, SOFL
IGNOU, New Delhi

Prof. P.C. Patnaik
Department of MIL and LS
Delhi University
New Delhi (external expert)

COURSE COORDINATION

Prof. Nandini Sahu
Professor (English), SOH
Director, SOFL
IGNOU, New Delhi

COURSE PREPARATION

1.Prof. Narayan Sahoo
2.Dr. Kshirod Behera
3.Dr. Sanjaya Kumar Bag
4.Dr. Rudhranarayan Mohapatra
5.Dr. Subhashree Lenka
6.Mr. Jnanaranjan Nayak
7.Prof. Nandini Sahu

COURSE EDITING

Prof. P. C. Patnaik
Department of MIL and LS
Delhi University, New Delhi

PROOFREADING

Dr. Manoj Kumar Dash, Regional Director, RC Bhubaneswar.
Dr. Santosh Panigrahi, Asst. Regional Director, RC Bhubaneswar
Sh. Arun Kumar Bhuyan, JAT, RC Bhubaneswar
Sh. Akrur Sahoo, JAT, RC Bhubaneswar

SECRETARIAL SUPPORT

Mr. Sandeep Kumar Tokas

PRINT PRODUCTION

Mr. Tilak Raj
Assistant Registrar (Pub.)
MPDD, IGNOU, New Delhi

Mr. Yashpal
Section Officer (Pub.)
MPDD, IGNOU, New Delhi

November, 2020

©Indira Gandhi National Open University, 2020

ISBN:-

All rights reserved. No part of this work may be reproduced in any form, by mimeograph or any other means, without permission in writing from the Indira Gandhi National Open University.

Further information about the School of Social Sciences and the Indira Gandhi National Open University courses may be obtained from the University's office at Maidan Garhi, New Delhi-110 068, India or the Official Website of IGNOU: www.ignou.ac.in

Printed and published on behalf of the Indira Gandhi National Open University, New Delhi, by Registrar, MPDD, IGNOU, New Delhi

Lasertypeset by Tessa Media & Computers, C-206, Shaheen Bagh, Jamia Nagar, New Delhi

Printed at:

ଦ୍ୱିତୀୟ ଭାଗ

ଏହି ପାଠ୍ୟକ୍ରମର ଦ୍ୱିତୀୟ ଭାଗରେ ବିଦ୍ୟାର୍ଥୀମାନଙ୍କ ଅବବୋଧ ନିମିତ୍ତ ଭାରତୀୟ ସ୍ୱାଧୀନତା ସଂଗ୍ରାମ ପରିପ୍ରେକ୍ଷୀରେ ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନର ଇତିହାସ ସହିତ ଓଡ଼ିଆ କ୍ଷୁଦ୍ରଗଳ୍ପ, ଓଡ଼ିଆ କବିତା, ପତ୍ର ସାହିତ୍ୟ, ଆତ୍ମଜୀବନୀ ଓ ଭ୍ରମଣ କାହାଣୀ ଆଦିକୁ ଚୟନ କରାଯାଇଛି । ଏହାଦ୍ୱାରା ଆଧୁନିକ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଓ ଏହାର ରଚନାଶୈଳୀ ସଂପର୍କରେ ବିଦ୍ୟାର୍ଥୀମାନେ ଜ୍ଞାନ ଆହରଣ କରିବେ ।

ଦ୍ୱିତୀୟ ଭାଗର ପ୍ରଥମ ପାଠ, ଅଧ୍ୟାୟ - ସପ୍ତମରେ "ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନର ଇତିହାସ" ସଂପର୍କରେ ଆଲୋଚନା କରାଯାଇଛି । ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ସମଗ୍ର ବିଶ୍ୱ ଇତିହାସରେ ଏକ ଯୁଗାନ୍ତକାରୀ ଘଟଣା । ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ " ଅହିଂସା" ଆଦର୍ଶ ଉପରେ ଚାଲିଥିଲା ଯାହା ଏକ ବିରଳ ଘଟଣା ଭାବରେ ଇତିହାସ ରଚନାକାରମାନେ ଗ୍ରହଣ କରିଛନ୍ତି । ଭାରତର ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି । ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ ପର୍ଯ୍ୟାୟ ଦେଇ ସଂଘଠିତ ହୋଇଥିଲା । ଏହି ଆନ୍ଦୋଳନକୁ ବ୍ୟାପକ କରିବା ନିମିତ୍ତ ମହାତ୍ମା ଗାନ୍ଧୀ ଅନେକ ସମୟରେ ଓଡ଼ିଶା ଆସିଥିଲେ । ସେ ସମସ୍ତ ଘଟଣା ଏହି ଅଧ୍ୟାୟର ଆଲୋଚିତ ହୋଇଅଛି । ଏହାର ଅଧ୍ୟୟନ ଦ୍ୱାରା ଭାରତୀୟ ସ୍ୱାଧୀନତା ସଂଗ୍ରାମ ଓଡ଼ିଶାରେ କିପରି କ୍ରିୟାଶୀଳ ଥିଲା; ସେ ସଂପର୍କରେ ବିଦ୍ୟାର୍ଥୀମାନେ ଜ୍ଞାନ ଆହରଣ କରିପାରିବେ ।

ଅଷ୍ଟମ ଅଧ୍ୟାୟରେ ଓଡ଼ିଆ କଥା ସାହିତ୍ୟର ଜନକ ତଥା ଓଡ଼ିଆ ଭାଷାର ସେନାପତି ଫକୀରମୋହନ ସେନାପତିଙ୍କ "ରେବତୀ" କ୍ଷୁଦ୍ରଗଳ୍ପ ର କିଛି ଅଂଶକୁ ପାଠ ଭାବରେ ଗ୍ରହଣ କରାଯାଇଛି । "ରେବତୀ" କୁ ଓଡ଼ିଆ ସାହିତ୍ୟର ପ୍ରଥମ ସଫଳ କ୍ଷୁଦ୍ରଗଳ୍ପ ଭାବରେ ଗ୍ରହଣ କରାଯାଇଥାଏ । ଏହି ଅଧ୍ୟାୟରେ ଏହି ଗଳ୍ପର ପାଠ ସହ ଗଳ୍ପଟିର ବିଶେଷତ୍ୱ ଏବଂ ଫକୀରମୋହନଙ୍କ କଥା ସାହିତ୍ୟର ବୈଶିଷ୍ଟ୍ୟ ସଂପର୍କରେ ଆଲୋଚନା କରାଯାଇଛି । ଆଧୁନିକ ଓଡ଼ିଆ ସାହିତ୍ୟରେ ଗଳ୍ପସାହିତ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ । ଏହି ଅଧ୍ୟାୟରେ ବିଦାର୍ଥୀମାନେ ଗଳ୍ପସାହିତ୍ୟ ଓ ଓଡ଼ିଆ ସାହିତ୍ୟର ପ୍ରଥମ ଗଳ୍ପ "ରେବତୀ" ସଂପର୍କରେ ଜ୍ଞାନ ଆହରଣ କରିବେ ।

ନବମ ଅଧ୍ୟାୟରେ ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ବିଶିଷ୍ଟ କବି ସଚ୍ଚିଦାନନ୍ଦ ରାଉତରାୟଙ୍କ କାବ୍ୟ ପ୍ରତିଭା ସଂପର୍କରେ ଆଲୋଚନା କରାଯାଇଛି । ଜଣେ ଭାରତୀୟ କବି ଭାବରେ ଅଜସ୍ର ଯଶ ଓ ସମ୍ମାନର ଅଧିକାରୀ ହୋଇଥିଲେ କବି ସଚ୍ଚିଦାନନ୍ଦ ରାଉତରାୟ । ତାଙ୍କର ଅନେକ କବିତା ଇଂରାଜୀ ଓ ଭାରତୀୟ ଭାଷାରେ ଅନୁଦିତ ହୋଇଛି । ଏହି ଅଧ୍ୟାୟରେ କବିଙ୍କ ବହୁ ଚର୍ଚ୍ଚିତ ଭିନ୍ନ ଭିନ୍ନ ଚେତନାର ତିନୋଟି କବିତା - ବାଜିରାଉତ, ଛୋଟମୋର ଗାଁଟି ଏବଂ କୋଣାର୍କର କିଛି ଅଂଶ ପାଠ ଭାବରେ ଗ୍ରହଣ କରାଯାଇଛି । ଏହାଦ୍ୱାରା ବିଦ୍ୟାର୍ଥୀମାନେ ଆଧୁନିକ ଓଡ଼ିଆ କବିତାର ସ୍ୱରୁପ ଓ ଶୈଳୀ ସଂପର୍କରେ ଜ୍ଞାନ ଆହରଣ କରିପାରିବେ ।

ଦଶମ ଅଧ୍ୟାୟରେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ କୁନ୍ତଳାକୁମାରୀଙ୍କ 'ଦିଲ୍ଲୀ ଚିଠି'ର ନିର୍ବାଚିତ ଅଂଶକୁ ପାଠ ଭାବରେ ଗ୍ରହଣ କରାଯାଇଛି । କୁନ୍ତଳାକୁମାରୀ ଏକାଧାରାରେ ଥିଲେ କବି ଓ କଥାକାର । ତାଙ୍କ ରଚିତ "ଦିଲ୍ଲୀଚିଠି" ପତ୍ର ସାହିତ୍ୟର ଅନନ୍ୟ ଉଦାହରଣ । ପତ୍ର ସାହିତ୍ୟର ନମୁନା ପାଠ ଭାବରେ ଏହାକୁ ଏଠାରେ ଗ୍ରହଣ କରାଯାଇଛି । ଏଥିରେ ଲେଖିକାଙ୍କ ଦେଶପ୍ରେମ, କବିତ୍ୱ ଓ ଆବେଗର ସଫଳ ପରିପ୍ରକାଶ ହୋଇଛି । ଏହାର ଅଧ୍ୟୟନ ଦ୍ୱାରା ଗଦ୍ୟ ସାହିତ୍ୟର ଏକ ନୂତନ ବିଭାଗ 'ପତ୍ର ସାହିତ୍ୟ' ସଂପର୍କରେ ବିଦ୍ୟାର୍ଥୀମାନେ ଜ୍ଞାନ ଆହରଣ କରିପାରିବେ ।

ଏକାଦଶ ଅଧ୍ୟାୟରେ ବିଶିଷ୍ଟ କଥାକାର, ଜ୍ଞାନପୀଠ ପୁରସ୍କାର ବିଜେତା, ଗୋପୀନାଥ ମହାନ୍ତିଙ୍କ ଆତ୍ମଜୀବନୀ 'ସ୍ରୋତସ୍ୱତୀ'ର ନିର୍ବାଚିତ ଅଂଶକୁ ପାଠ ଭାବରେ ଗ୍ରହଣ କରାଯାଇଛି । ଗୋପୀନାଥ ମହାନ୍ତିଙ୍କ "ସ୍ରୋତସ୍ୱତୀ" ଓଡ଼ିଆ ସାହିତ୍ୟର ଅମୂଲ୍ୟ ସଂପଦ । ଅର୍ଦ୍ଧ ଦଶବ୍ଦିରୁ ଉର୍ଦ୍ଧ୍ୱ ସମୟ ଧରି ଗୋପୀନାଥ ମହାନ୍ତି ସାହିତ୍ୟ ସାଧନା କରିଥିଲେ । ତାଙ୍କ ସାହିତ୍ୟରେ ଜନଜାତିର ଜୀବନ ଗାଥା ଜୀବନ୍ତ ଭାବରେ ବର୍ଣ୍ଣିତ ହୋଇଛି । ଜୀବନର ଅଧିକାଂଶ ସମୟ ସେ ଜନଜାତି ସହ ଅତିବାହିତ କରିଥିଲେ । ଗୋପୀନାଥଙ୍କ ଜୀବନର ବହୁ ଅନ୍ତରଙ୍ଗ ମୁହୂର୍ତ୍ତ ତଥା ଜଣେ ଶିଳ୍ପୀର ଗଭୀର ଅନୁଭବ ତାଙ୍କ ଆତ୍ମଜୀବନୀ "ସ୍ରୋତସ୍ୱତୀ" ଲିପିବଦ୍ଧ ହୋଇଛି । ଏହା ଅଧ୍ୟୟନ ଦ୍ୱାରା ବିଦ୍ୟାର୍ଥୀମାନେ ଜୀବନୀ ସାହିତ୍ୟ ସଂପର୍କରେ ଜାଣିବା ସହିତ ଜଣେ ବିଶିଷ୍ଟ ଲେଖକଙ୍କ ଜୀବନୀ ତଥା ଜୀବନ ଓ ସମାଜ ପ୍ରତି ରହିଥିବା ତାଙ୍କର ଦୃଷ୍ଟିଭଙ୍ଗୀ ସଂପର୍କରେ ବିଶେଷ ଜ୍ଞାନ ଆହରଣ କରିପାରିବେ ।

ଦ୍ୱାଦଶ ଅଧ୍ୟାୟରେ ବିଦ୍ୟାର୍ଥୀମାନଙ୍କ ଅଧ୍ୟୟନ ନିମିତ୍ତ "ଲଣ୍ଡନ ଚିଠି" ନାମକ ଏକ ଭ୍ରମଣ କାହାଣୀର ନିର୍ବାଚିତ ଅଂଶକୁ ଗ୍ରହଣ କରାଯାଇଛି । "ଲଣ୍ଡନ ଚିଠି" ଭ୍ରମଣ କାହାଣୀର ଲେଖକ ହେଉଛନ୍ତି 'ଗୋଲୋକ ବିହାରୀ ଧଳ' । ସେ ଜଣେ ଶିକ୍ଷାବିତ୍ ଓ ଭାଷାବିତ୍ ଭାବରେ ଅନେକ ଯଶର ଅଧିକାରୀ ଥିଲେ । ସେ ଉଚ୍ଚତର ଗବେଷଣା ନିମିତ୍ତ ଲଣ୍ଡନ ଯାଇଥିଲେ । ସେଠାରେ ରହିବା ସମୟରେ ଇଂରେଜ ଜାତିର ଇତିହାସ, ସଂସ୍କୃତି ଓ ଜୀବନଚର୍ଯ୍ୟା ସଂପର୍କରେ ଯେଉଁ ଜ୍ଞାନ ଆହରଣ କରିଥିଲେ, ତାହାକୁ ଏହି ଭ୍ରମଣ କହାଣୀରେ ମନୋଜ୍ଞ ଭାବରେ ବର୍ଣ୍ଣନା କରିଛନ୍ତି । "ଲଣ୍ଡନ ଚିଠି" ପୁସ୍ତକଟି ଏକ ସଫଳ ଭ୍ରମଣ କାହାଣୀ । ଏହା ଅଧ୍ୟୟନ ଦ୍ୱାରା ବିଦ୍ୟାର୍ଥୀମାନେ ଭ୍ରମଣ କାହାଣୀ ରଚନାର ବିଶେଷତ୍ୱ ଜାଣିବା ସହ ଇଂରେଜ ସଂସ୍କୃତି, ଐତିହ୍ୟ ଓ ବିଚାରଧାରା ସଂପର୍କରେ କିଛି ଜ୍ଞାନ ଆହରଣ କରିପାରିବେ ।

ଏହି ଭାଗରେ ବିଦ୍ୟାର୍ଥୀମାନେ ଆଧୁନିକ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ସଂପର୍କରେ ଜ୍ଞାନ ଆହରଣ କରିବା ସହ ଆଧୁନିକ ଓଡ଼ିଆ ସାହିତ୍ୟର ସ୍ୱରୂପ ଓ ବୈଶିଷ୍ଟ୍ୟ ସମ୍ପର୍କରେ ସବିଶେଷ ତଥ୍ୟ ପାଇପାରିବେ ।

ଅଧ୍ୟାୟ ୭ ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନର ଇତିହାସ

ସଂରଚନା

୭.୦ ଉଦ୍ଦେଶ୍ୟ

୭.୧ ଉପକ୍ରମ

୭.୨ ମୂଳପାଠର ପ୍ରଥମ ଭାଗ

୭.୨.୧ ମୂଳପାଠର ପ୍ରଥମ ଭାଗ ପ୍ରଶ୍ନାବଳୀ

୭.୨.୨ ମୂଳପାଠର ପ୍ରଥମ ଭାଗ ବ୍ୟାକରଣ ପ୍ରଶ୍ନାବଳୀ

୭.୩ ମୂଳପାଠର ଦ୍ୱିତୀୟ ଭାଗ

୭.୩.୧ ମୂଳପାଠର ଦ୍ୱିତୀୟ ଭାଗ ପ୍ରଶ୍ନାବଳୀ

୭.୩.୨ ମୂଳପାଠର ଦ୍ୱିତୀୟ ଭାଗ ବ୍ୟାକରଣ ପ୍ରଶ୍ନାବଳୀ

୭.୪ ମୂଳପାଠର ଶେଷ ଭାଗ

୭.୪.୧ ମୂଳପାଠର ଶେଷ ଭାଗ ପ୍ରଶ୍ନ

୭.୪.୨ ମୂଳପାଠର ଶେଷ ଭାଗ ବ୍ୟାକରଣ ପ୍ରଶ୍ନ

୭.୪.୩ ସମ୍ପୂର୍ଣ୍ଣ ମୂଳପାଠ ପ୍ରଶ୍ନାବଳୀ

୭.୪.୪ ସମ୍ପୂର୍ଣ୍ଣ ମୂଳପାଠ ବ୍ୟାକରଣ ପ୍ରଶ୍ନାବଳୀ

୭.୫ ସାରାଂଶ

୭.୬ ଶବ୍ଦାର୍ଥ

୭.୭ ପଠନ ଅଭ୍ୟାସ

୭.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

୭.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ

ignou THE PEOPLE'S UNIVERSITY

୭.୦ ଉଦ୍ଦେଶ୍ୟ

୧୭୫୭ ମସିହାଠାରୁ ୧୯୪୭ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ଭାରତବର୍ଷ ଇଂରେଜମାନଙ୍କ ନିୟନ୍ତ୍ରଣାଧୀନ ଥିଲା । ଏହି ସମୟ ମଧ୍ୟରେ ଭାରତବାସୀମାନେ ରାଜନୀତିକ, ଅର୍ଥନୀତିକ, ସାମାଜିକ ଓ ସାଂସ୍କୃତିକ ପ୍ରଭୃତି କ୍ଷେତ୍ରରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ । ପ୍ରତିବାଦ କଲେ ସେମାନଙ୍କୁ ଅମାନୁଷିକ ନିର୍ଯ୍ୟାତନା ଭୋଗିବାକୁ ପଡୁଥିଲା । ଭାବ-ସଂହତି, ସଙ୍ଗଠନ ଓ ସଙ୍ଘବଦ୍ଧ ଉଦ୍ୟମ ଅଭାବରୁ ବହୁ ବର୍ଷ ଭାରତବାସୀ ନାନା ଦିଗରେ ଦୁଃଖ ଭୋଗିବା ପରେ ୧୮୫୭ ମସିହାରେ ଦେଖା ଦେଇଥିଲା ସିପାହୀ ବିଦ୍ରୋହ, ୧୮୮୫ ମସିହାରେ ଗଠିତ ହୋଇଥିଲା ଭାରତୀୟ ଜାତୀୟ କଂଗ୍ରେସ । ୧୯୧୫ ମସିହାରେ ମହାତ୍ମା ଗାନ୍ଧୀ ଭାରତୀୟ ରାଜନୀତିରେ ସକ୍ରିୟ ଅଂଶ ଗ୍ରହଣ କରିବା ପରେ ଭାରତର ସ୍ୱାଧୀନତା ସଂଗ୍ରାମ ନୂଆ ମୋଡ଼ ନେଇଥିଲା । ୧୮୮୫ ମସିହାରୁ ୧୯୦୫ ମସିହା ପର୍ଯ୍ୟନ୍ତ ସମୟକୁ କଂଗ୍ରେସ ଇତିହାସରେ ପ୍ରଥମ ପର୍ଯ୍ୟାୟ, ୧୯୦୬ରୁ ୧୯୧୯ ମସିହା ପର୍ଯ୍ୟନ୍ତ ସମୟକୁ ଦ୍ୱିତୀୟ ପର୍ଯ୍ୟାୟ ରୂପେ ଗ୍ରହଣ କରାଯାଇପାରେ । ୧୯୧୯ଠାରୁ ଆରମ୍ଭ ହେଲା ତୃତୀୟ ପର୍ଯ୍ୟାୟ । ଏହି ପର୍ଯ୍ୟାୟର ନେତୃତ୍ୱ ନେଇଥିଲେ ମହାତ୍ମା ଗାନ୍ଧୀ । ତାଙ୍କର ସତ୍ୟାଗ୍ରହ ଆନ୍ଦୋଳନ ଓ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ ଭାରତର ବିପୁଳ ସଂଖ୍ୟକ ଶିକ୍ଷିତ ଓ ଅଶିକ୍ଷିତ ଜନତା । ସୋମାନଙ୍କ ମଧ୍ୟରୁ ଅନେକଙ୍କୁ ପ୍ରାଣବଳି ଦେବାକୁ ପଡ଼ିଛି, କାରାବରଣ କରିବାକୁ ପଡ଼ିଛି, ରକ୍ତପାତ କରିବାକୁ ପଡ଼ିଛି ଓ ଆର୍ଥିକ କ୍ଷତି ସହିବାକୁ ପଡ଼ିଛି ।

ଭାରତର କୋଟି କୋଟି ଜନସାଧାରଣ ଯେଉଁ ପ୍ରାଣମୂର୍ଚ୍ଛା ଆନ୍ଦୋଳନ ମାଧ୍ୟମରେ ଦେଶ ପାଇଁ ସ୍ୱାଧୀନତା ଆଣିଛନ୍ତି, ତାହାକୁ କ୍ରମେ କ୍ରମେ ଉତ୍ତରଦାୟାଦମାନେ ବିସ୍ମୃତ ହୋଇଯାଉଛନ୍ତି । ଏହା ଅତୀବ କ୍ଷୋଭ ଓ ପରିତାପର ବିଷୟ । ଆଜି ଭାରତର ପ୍ରତ୍ୟେକ ନାଗରିକ ଜାଣିରଖିବା ଉଚିତ୍ ଯେ ସେମାନେ ଆଜି ଯେଉଁ ସ୍ୱାଧୀନତାର ମଧୁ ଆସ୍ୱାଦନ କରୁଛନ୍ତି, ସେଥିପାଇଁ ସେମାନଙ୍କର ବିପୁଳ ସଂଖ୍ୟକ ପୂର୍ବ ପୁରୁଷଙ୍କୁ ଲହୁଲୁହ ଢାଳିବାକୁ ପଡିଛି । ପୂର୍ବ ସୂରୀମାନଙ୍କର ମହାନ୍ ତ୍ୟାଗର ଫଳ ଆଜି ଉତ୍ତରଦାୟାଦମାନେ ଭୋଗ କରୁଛନ୍ତି । ତେଣୁ ସେମାନଙ୍କ ପ୍ରତି ସ୍ୱାଧୀନ ଭାରତର ନାଗରିକମାନେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଓ ସ୍ୱାଧୀନତା ଆନ୍ଦୋଳନର ଇତିହାସ ଜାଣି ରଖିବା ପରମ କର୍ତ୍ତବ୍ୟ । ଏହି ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶା ଏକ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଥିଲା । ତେଣୁ "ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନର ଇତିହାସ" ଶୀର୍ଷକ ପାଠର ଅବତାରଣା ।

୭.୧ ଉପକ୍ରମ

ଏହି ପାଠରେ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମ ବିଷୟରେ ଗୋଟିଏ ପ୍ରବନ୍ଧ ଦିଆଯାଉଛି । ମହାତ୍ମା ମୋହନ ଦାସ କମରଚାନ୍ଦ ଗାନ୍ଧୀ ୧୯୨୧ ଆରମ୍ଭରୁ ୧୯୪୩ ଅଗଷ୍ଟ

ପନ୍ଦର ପର୍ଯ୍ୟନ୍ତ ଭାରତୀୟ ମୁକ୍ତି ସଂଗ୍ରାମ ବା ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଇଥିଲେ । ଓଡ଼ିଶା ଏହି ସଂଗ୍ରାମରେ ପୂର୍ଣ୍ଣପ୍ରାଣରେ ଯୋଗ ଦେଇଥିଲା । ଏହି ଛବିଶ ବର୍ଷ ବ୍ୟାପୀ ସଂଗ୍ରାମର କାହାଣୀ ପ୍ରବନ୍ଧଟିରେ ଅତି ସଂକ୍ଷେପରେ ବର୍ଣ୍ଣନା କରାଯାଇଛି । ଏଠାରେ ମନେ ରଖିଲେ ଭଲ ହେବ ଯେ ବିସ୍ତୃତ ବିଷୟଟିକୁ ସଂକ୍ଷେପରେ କହିବା ଗୋଟିଏ ସ୍ୱତନ୍ତ୍ର କଳା । ଅସଲ ବିଷୟଟିକୁ ଠିକ୍ ଭାବରେ ଧରି ନ ପାରିଲେ ତାର ସାର ଅଂଶଗୁଡ଼ିକ ବାଦ ପଡ଼ିଯିବ ଏବଂ ତାଠାରୁ ଗୁରୁତ୍ୱରେ ଉଣାଥିବା କଥାର ବର୍ଣ୍ଣନା ରହିଯିବ । ଆମେ ଏହି ପ୍ରବନ୍ଧରେ ବଡ଼ ବିଷୟଟିକୁ ସଂକ୍ଷେପରେ କହିଦେବାର କଳା ଲକ୍ଷ୍ୟ କରିପାରିବା । ଏହି ପ୍ରବନ୍ଧରେ ଅନ୍ୟ ଗୋଟିଏ ବିଶେଷତ୍ୱ ହେଲା – ତାର ଶୈଳୀ ବା ବର୍ଣ୍ଣନା କରିବାର ଢଙ୍ଗ । ଲେଖକ ଆମ ନିତିଦିନିଆ କଥାଭାଷା ଓ ଖବରକାଗଜ ଭାଷାରେ ଚଳୁଥିବା ପରିଚିତ ଶବ୍ଦଗୁଡ଼ିକ ବ୍ୟବହାର କରି ଏହି ପ୍ରବନ୍ଧଟି ଲେଖିଛନ୍ତି । ମାତ୍ର ଏହି ବ୍ୟାପକ ବିଷୟଟି ଉପରେ ଭଲ ଭାବରେ ଜାଣିବାକୁ ହେଲେ ଅନ୍ୟ କେତେକ ପ୍ରବନ୍ଧ ଓ ବହି ପଢ଼ିବା ଦରକାର । କିନ୍ତୁ ଏହି ପ୍ରବନ୍ଧରୁ ମୂଳ କଥାଟି ମନେ ରଖିଦେବା ପରେ ବିଷୟଟି ଉପରେ ଅଧିକ ତଥ୍ୟ ସଂଗ୍ରହ କରିବା ଠିକ୍ ହେବ ।

ପ୍ରବନ୍ଧର ଲେଖକଙ୍କ ନାଁ ବିନୋଦ କାନୁନ୍‌ଗୋ । ଭାରତ ସରକାର ତାଙ୍କୁ ଦେଶର ଜଣେ ସଫଳ ENCYCLOPAEDIA ବା ଜ୍ଞାନ ମଣ୍ଡଳ ପ୍ରଣେତା ଭାବରେ ସମ୍ମାନ ଜଣାଇ 'ପଦ୍ମଶ୍ରୀ' ଉପାଧି ଦେଇଛନ୍ତି । ବାକ୍ୟରେ ବ୍ୟବହାର କରାଯାଇଥିବା ଇଂରାଜୀ ଏନ୍‌ସାଇକ୍ଲୋ ପେଡ଼ିଆ ଶବ୍ଦଟା ଟିକିଏ ବୁଝାଇ ଦେବା ଦରକାର । 'ଏନ୍‌ସାଇକ୍ଲୋ' (ENCYCLO) ଶବ୍ଦର ଅର୍ଥ ହେଲା ମଣ୍ଡଳ ବା ବୃତ୍ତ ଏବଂ ପେଡ଼ିଆ (PAEDIA) ଅର୍ଥ ହେଲା – ଜ୍ଞାନ । ମଣିଷ ଧର୍ମ, ଦର୍ଶନ, ଇତିହାସ, ଅର୍ଥନୀତି, ରାଜନୀତି ବିଜ୍ଞାନ, ରସାୟନ ବିଦ୍ୟା, ପଦାର୍ଥ ବିଦ୍ୟା ପ୍ରଭୃତି ଯାବତୀୟ ବିଷୟରେ ଯେତେ ଯେତେ ଜ୍ଞାନ ଅର୍ଜନ କରିଛି ତା ବିଷୟରେ ସମସ୍ତେ ଜାଣିବା ଭଳି କିଛି କିଛି ତଥ୍ୟ ସଜାଡ଼ି ପରିବେଷଣ କରିବା ଏହି ପୁସ୍ତକ ବା ପୁସ୍ତକାବଳୀର ଉଦ୍ଦେଶ୍ୟ । ଲେଖକ ଯେଉଁ ଶୈଳୀ ବା ବିଷୟ ପ୍ରକାଶ କରିବା ଢଙ୍ଗରେ ଏହି ପ୍ରବନ୍ଧଟି ଲେଖିଛନ୍ତି, ସେହି ଶୈଳୀରେ ଉପରୋକ୍ତ ବିଷୟମାନଙ୍କ ଉପରେ ଶହ ଶହ ଛୋଟ ବଡ଼ ପ୍ରବନ୍ଧ ଲେଖି ଉକ୍ତ ଗ୍ରନ୍ଥରେ ପ୍ରକାଶ କରିଛନ୍ତି । ଏ ପର୍ଯ୍ୟନ୍ତ ଏହାର ଚାଳିଶଟି ଖଣ୍ଡ ବା ଭାଗ ପ୍ରକାଶ ପାଇଲାଣି ଏବଂ ଆଉ ପଚିଶଟି ବାହାରିବା ପରେ ଏହା ଶେଷ ହେବ । ସେ ଏହାର ନାମ ରଖିଛନ୍ତି – ଜ୍ଞାନମଣ୍ଡଳ । ଯେପରି ଓଡ଼ିଆ ଭାଷା ପଢ଼ିବାକୁ ଓ ଲେଖିବାକୁ ବର୍ଣ୍ଣବୋଧ ପଢ଼ିବା ବା ବର୍ଣ୍ଣ ପରିଚୟ ହେବା ଆବଶ୍ୟକ, ସେହିପରି ଜ୍ଞାନ ରାଜ୍ୟରେ ପ୍ରବେଶ କରିବା ଲାଗି ପ୍ରତ୍ୟେକ ବିଷୟରେ କିଛି କିଛି ଜାଣିବା ଆବଶ୍ୟକ । ସେ ସେଥିପାଇଁ ଏହି ବହିଟିକୁ ଜ୍ଞାନର ବର୍ଣ୍ଣବୋଧ କହନ୍ତି । ଏଥିରେ ଅଭିଧାନ ପରି ଅ, ଆ, ଇ, ଈ ପ୍ରଭୃତି ଅକ୍ଷର କ୍ରମରେ ବିଭିନ୍ନ ବିଷୟରେ ଲେଖାଥିବା ପ୍ରବନ୍ଧଗୁଡ଼ିକ ଦିଆଯାଇଛି । ସେ ଏଥିରେ ଅସହଯୋଗ ଆନ୍ଦୋଳନ, ଅଗଷ୍ଟ ବିପ୍ଳବ, ଇଞ୍ଜୁଡ଼ି ଓ କନିକା ଆନ୍ଦୋଳନ, ଆଜାଦ୍ ହିନ୍ଦ ଫୌଜ ପ୍ରଭୃତି ସ୍ୱାଧୀନତା ସଂଗ୍ରାମର ବିଭିନ୍ନ ପର୍ଯ୍ୟାୟ ଓ ବିଷୟ ଉପରେ ଦୀର୍ଘ ପ୍ରବନ୍ଧମାନ ଲେଖିଛନ୍ତି । ସେ ଏହାଛଡ଼ା ପିଲାମାନଙ୍କ ପାଇଁ ପାଞ୍ଚଶହ ବହି ଲେଖୁଛନ୍ତି । ସେଥିମଧ୍ୟରୁ ପଚାଶଟି ଛପା ସରିଲାଣି । ସେ ଦରିଆ ଦଖଲ,

ବାନ୍ଧ ତୁମ ପେଡ଼ି ପୁଟୁଳା ଓ ସୂତାଖିଅକେ ସ୍ୱରାଜ୍ୟ ଝୁଲୁଛି ବହି ତିନୋଟିରେ ସ୍ୱାଧୀନତା ସଂଗ୍ରାମର ତିନୋଟି ପର୍ଯ୍ୟାୟ (ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ବା ଆଇନ୍ ଅମାନ୍ୟ ଆନ୍ଦୋଳନ, ଭାରତଛାଡ଼ ଆନ୍ଦୋଳନ)କୁ ଗପ କହିବା ଢଙ୍ଗରେ ବର୍ଣ୍ଣନା କରି ଲେଖିଯାଇଛନ୍ତି । ତାଙ୍କର ଅନ୍ୟ ବହି – ମୁଠାଏ ଲୁଣ ଓ ଗୋଟାଏ ସାମ୍ରାଜ୍ୟ, ପାଠ ପଛେ ପଛେ ଅପାଠୁଆ, ଋଣ ପରିଶୋଧ, ଗୋପବନ୍ଧୁ, ଜାତୀୟ କବି ବୀର କିଶୋର, ରମା ଦେବୀ, ଆଚାର୍ଯ୍ୟ ହରିହର ପ୍ରଭୃତି ବହିରେ ମଧ୍ୟ ସ୍ୱାଧୀନତା ଆନ୍ଦୋଳନ ସମୟର ଅନେକ କଥା ଲେଖାଯାଇଛି । ଯେ କୌଣସି ଜଟିଳ ବିଷୟକୁ ସରଳ କରି ବୁଝାଇ ଲେଖିଦେବା ହେଲା ତାଙ୍କର ବିଶେଷତ୍ୱ । ତାଙ୍କ ବହି ଓ ପ୍ରବନ୍ଧ ପଢ଼ିଥିବା ପାଠକଙ୍କର ଏହା ହିଁ ମତ । ବର୍ତ୍ତମାନ ତାଙ୍କର ପ୍ରବନ୍ଧଟି ପଢ଼ିବା । ପ୍ରବନ୍ଧ ଶେଷରେ ପ୍ରବନ୍ଧର ସାରାଂଶ, କେତେକ ଶବ୍ଦର ଅର୍ଥ ଓ ଆବଶ୍ୟକ ସ୍ଥାନରେ ତା ଉପରେ ଟିପ୍‌ପଣୀମାନ ଦିଆଯାଇଛି । ଏହା ପରେ ଆପଣଙ୍କୁ ବିଷୟଟି ମନେ ରଖିବାରେ ଓ ଲେଖକଙ୍କର ଭାଷା ଓ ଶୈଳୀ ସହିତ ପରିଚିତ ହେବାରେ ସାହାଯ୍ୟ କରିବା ପାଇଁ ଅନୁଶୀଳନୀ ଦିଆଯାଇଛି । ଆମେ ବର୍ତ୍ତମାନ ଲକ୍ଷ୍ୟ କରିବା–ଲେଖକ କିପରି ତଥ୍ୟଗୁଡ଼ିକୁ ଗୋଟିଏ ଗୋଟିଏ ପାରାଗ୍ରାଫମାନଙ୍କରେ ସଜାଡ଼ି ବର୍ଣ୍ଣନା କରି ଯାଉଛନ୍ତି ।

୭.୨ ମୂଳପାଠର ପ୍ରଥମ ଭାଗ

ପ୍ରକୃତ ଅର୍ଥରେ ଭାରତରେ ଗାନ୍ଧୀ ଯୁଗର ସ୍ୱାଧୀନତା ଆନ୍ଦୋଳନ ଆରମ୍ଭ ହୋଇଥିଲା ୧୯୨୧ ଆରମ୍ଭରେ । ତାହା ଶେଷ ହେଲା ୧୯୪୭ ଅଗଷ୍ଟ ପନ୍ଦର ତାରିଖରେ – ଯେଉଁଦିନ ବ୍ରିଟିଶ ସାମ୍ରାଜ୍ୟର ପ୍ରତୀକ ଇଉନିୟନଜ୍ୟାକ୍ ପତାକା ଆଉ ଭାରତର କୌଣସି ପତାକା ସ୍ତମ୍ଭରେ ଉଡ଼ିଲା ନାହିଁ ଓ ତାହା ସ୍ଥାନରେ ଶୋଭାପାଇଲା ସ୍ୱାଧୀନ ଭାରତର ତ୍ରିରଙ୍ଗା ଜାତୀୟ ପତାକା । ଓଡ଼ିଶା ଏହି ମୁକ୍ତି ସଂଗ୍ରାମରେ ପୂର୍ଣ୍ଣପ୍ରାଣରେ ଝାସ ଦେବାର ଗୌରବ ଅର୍ଜନ କରିଥିଲା ।

ଏ ଦେଶର ମୁକ୍ତି ସଂଗ୍ରାମକୁ ତିନିଗୋଟି ଅଧ୍ୟାୟରେ ବିଭକ୍ତ କରାଯାଇଥାଏ । ପ୍ରଥମଟି ହେଲା ‘ଅସହଯୋଗ ଆନ୍ଦୋଳନ’ । ବ୍ରିଟିଶ ଜାତିର ନ୍ୟାୟ ବିଚାର ତଥା ସଦ୍‌ବୁଦ୍ଧି ଉପରୁ ମହାତ୍ମା ଗାନ୍ଧୀଙ୍କର ବିଶ୍ୱାସ ସମ୍ପୂର୍ଣ୍ଣ ଭାବରେ ତୁଟିଗଲା ୧୯୧୯ ଏପ୍ରିଲ ତେର ତାରିଖ ଦିନ । ବ୍ରିଟିଶ ସାମ୍ରାଜ୍ୟ ଘୋର ପ୍ରତାପୀ, ତା’ ବିରୁଦ୍ଧରେ ଯିଏ କ୍ଷୀଣ ସ୍ୱର ମଧ୍ୟ ଉତ୍ତୋଳନ କରିବ ତାକୁ ଅତି କଠୋର ଶାସ୍ତି ମିଳିବ – ଏହି କଥାଟିକୁ ସ୍ପଷ୍ଟ ଭାବରେ ଜଣାଇ ଦେବାପାଇଁ ସେହି ଏପ୍ରିଲ ତେର ତାରିଖ ଦିନ ପଞ୍ଜାବର ଜାଲିଆନାୱାଲାବାଗଠାରେ ଶାନ୍ତିପୂର୍ଣ୍ଣ ଭାବରେ ଓ ପରିବେଶରେ ଥିବା ନିରୀହ ଜନତା ଉପରେ ଆଖିବୁଜା ଗୁଳି ଚଳାଇ ରକ୍ତର ସୁଅ ଛୁଟାଇ ଦେଇଥିଲେ ଜଣେ ଅତି ନିଷ୍ଠୁର ଗୋରା ସେନାପତି । ଗାନ୍ଧିଜୀ ଜାଣିଗଲେ – ବ୍ରିଟିଶ ସରକାର ନିଜ ଇଚ୍ଛାରେ ଭାରତୀୟମାନଙ୍କୁ କ୍ଷମତା ହସ୍ତାନ୍ତର କରିବେ ନାହିଁ ।

ଏହି ଅନୁଭୂତିରୁ ଜନ୍ମନେଲା "ଅସହଯୋଗ ଆନ୍ଦୋଳନ" । ଯେଉଁ ସରକାର ଏ ଦେଶକୁ ଶୋଷଣ କରୁଛି । ଲୋକଙ୍କର ଜୀବନ ପ୍ରତି ସମ୍ପୂର୍ଣ୍ଣ ବେଖାତିର ଭାବ ପ୍ରକାଶ କରୁଛି । ଭାରତୀୟମାନଙ୍କର ଟିକିଏ ହେଲେ ଆତ୍ମସମ୍ମାନ ଜ୍ଞାନ ନାହିଁ ବୋଲି ଧରି ନେଇଛି ସେ ସରକାରଙ୍କ ସହିତ ସହଯୋଗ କରିବା କଦାପି ଉଚିତ୍ ନୁହେଁ – ଏହି ହେଲା ଅସହଯୋଗ ଆନ୍ଦୋଳନର ମୂଳକଥା । ତାଙ୍କରି ଆହ୍ୱାନ ଶୁଣି ଭାରତର ବହୁ ବିଶିଷ୍ଟ ଆଇନ୍‌ଜୀବୀ କୋର୍ଟ୍ କଚେରୀ ଛାଡ଼ିଦେଲେ, ବହୁସଂଖ୍ୟକ ମେଧାବୀ କଲେଜ ସ୍କୁଲ ଛାତ୍ର ପଢ଼ା ଛାଡ଼ି ଦେଲେ, ବିଲାତରୁ ଆସି ଏଠାରେ ବିକ୍ରି ହେଉଥିବା ଲୁଗା ପିନ୍ଧିଲେ ନାହିଁ । ଘରେ ଘରେ ଅରଟ ଚଳାଇ ସୂତାକାଟି ଖଦଡ଼ ଲୁଗା ପିନ୍ଧିବା ଆରମ୍ଭ କରିଦେଲେ । ଦେଶର କୋଣେ କୋଣେ ସଭାସମିତି କରି ଲୋକଙ୍କୁ ବୁଝାଇ ଦିଆଯାଉଥାଏ – ଏ ଦେଶକୁ ପରାଧୀନତାରୁ ମୁକ୍ତ ନକଲେ ଲୋକଙ୍କର କୌଣସି ମଙ୍ଗଳ ହେବନାହିଁ ।

ସ୍ୱାଧୀନତା ଆନ୍ଦୋଳନ ଯୁଗର ଏହି ପ୍ରସ୍ତୁତି ପର୍ବରେ ଓଡ଼ିଶା ଅତି ଆଗ୍ରହର ସହିତ ଉତ୍ସାହର ସହିତ ଯୋଗ ଦେଇଥିଲା । ନାଗପୁରଠାରେ ଅସହଯୋଗ ଆନ୍ଦୋଳନ ପ୍ରସ୍ତାବକୁ କଂଗ୍ରେସ ଗ୍ରହଣ କରିବାକୁ ଗଲା ପରେ ଗୋପବନ୍ଧୁ ଦାସ ଓଡ଼ିଶାରେ କଂଗ୍ରେସ ସଙ୍ଗଠନ ଗଢ଼ିଲେ । ସେ ଥିଲେ ଏହାର ପ୍ରଥମ ସଭାପତି ଓ ଓକିଲାତି ଛାଡ଼ିଥିବା ଯୁବକ ଭାଗୀରଥି ମହାପାତ୍ର ପ୍ରଥମ ସମ୍ପାଦକ । ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ନିରଞ୍ଜନ ପଟ୍ଟନାୟକ ପ୍ରଭୃତି ଏହି ଆନ୍ଦୋଳନରେ ଝାସ ଦେଲେ । ବହୁ ଲୋକ ଜେଲ୍ ବରଣ କଲେ । ଓଡ଼ିଶାର ଚାରିଆଡ଼େ ଉତ୍ସାହର ବାତ୍ୟା ବହିଗଲା । ମହତ୍ମା ଗାନ୍ଧୀଙ୍କ ଉପସ୍ଥିତି ସମସ୍ତଙ୍କ ପ୍ରାଣରେ ଆଶାର ସଞ୍ଚାର କଲା । ମହାତ୍ମା ଗାନ୍ଧୀ ଗିରଫ ହୋଇଗଲେ । ଗୋପବନ୍ଧୁ ରହିଲେ ଜେଲ୍ ଭିତରେ । କ୍ରମେ ଆନ୍ଦୋଳନ ଧିମେଇ ଆସିଲା । କିନ୍ତୁ ଲୋକଙ୍କ ଦେଶପ୍ରେମର ବହ୍ନି ଲିଭିଯାଇ ନଥାଏ । ଗାନ୍ଧୀ ଓ ଗୋପବନ୍ଧୁଙ୍କ ଜେଲ୍ ମୁକ୍ତି ପରେ ଦେଶରେ ଓ ତାହା ସାଙ୍ଗେ ସାଙ୍ଗେ ଓଡ଼ିଶାରେ ପୁଣି ନୂତନ ଉନ୍ମାଦନା ଦେଖାଦେଲା ।

୭.୨.୧ ମୂଳପାଠର ପ୍ରଥମ ଭାଗ ପ୍ରଶ୍ନାବଳୀ

୧. କେଉଁ ପରିସ୍ଥିତିରେ ଅସହଯୋଗ ଆନ୍ଦୋଳନ ଜନ୍ମ ନେଇଥିଲା ?

୨. ଅସହଯୋଗ ଆନ୍ଦୋଳନର ମୂଳ କଥାଟି କଅଣ ?

୩. ବ୍ରିଟିଶ ଶାସକ ବିରୁଦ୍ଧରେ ଅସହଯୋଗ ଆନ୍ଦୋଳନ କେଉଁ ପଦ୍ଧତିରେ ପରିଚାଳିତ ହୋଇଥିଲା ?

୪. ଅସହଯୋଗ ଆନ୍ଦୋଳନରେ ଓଡ଼ିଶା କିପରି ସହଯୋଗ କରିଥିଲା ?

୫. ଓଡ଼ିଶାରେ କଂଗ୍ରେସ ସଙ୍ଗଠନର ପ୍ରଥମ ସଭାପତି ଓ ସମ୍ପାଦକ କିଏ କିଏ ଥିଲେ ?

୬. ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର କେଉଁ ବ୍ୟକ୍ତିମାନେ ନେତୃତ୍ୱ ଗ୍ରହଣ କରିଥିଲେ ?

୭. ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନର ଗତି ଓ ପ୍ରଗତି କେଉଁମାନଙ୍କ ପ୍ରତ୍ୟକ୍ଷ ପ୍ରେରଣା ଉପରେ ନିର୍ଭର କରୁଥିଲା ?

୭.୨.୨ ମୂଳପାଠର ପ୍ରଥମ ଭାଗ ବ୍ୟାକରଣ ପ୍ରଶ୍ନାବଳୀ

୧. ସନ୍ଧିବିଚ୍ଛେଦ କରନ୍ତୁ –
ସ୍ୱାଧୀନ, ସଦ୍‌ବୁଦ୍ଧି, ଉତ୍ତୋଳନ, ହସ୍ତାନ୍ତର ।

୨. ସନ୍ଧି କରନ୍ତୁ–
ସମ୍+ମାନ, ଉତ୍+ସାହ, ଉତ୍+ମାଦନା ।

୩. ନିମ୍ନଲିଖିତ ଶବ୍ଦଗୁଡ଼ିକରେ ଥିବା ଉପସର୍ଗଗୁଡ଼ିକ ଚିହ୍ନାଇ ଦିଅନ୍ତୁ –
ପ୍ରକୃତ, ସାମ୍ରାଜ୍ୟ, ସଂଗ୍ରାମ, ପରିବେଶ, ଅନୁଭୂତି, ବେଖାତିର, ଅସହଯୋଗ ।

୪. ନିମ୍ନଲିଖିତ ଶବ୍ଦରେ ଥିବା ତଦ୍ଧିତ ପ୍ରତ୍ୟୟଗୁଡ଼ିକୁ ଚିହ୍ନାଇ ଦିଅନ୍ତୁ –
ଜାତୀୟ, ଗୌରବ, ଜନତା, କ୍ଷମତା, ଆଇନଜୀବୀ, ସଂଖ୍ୟକ ।

୫. ନିମ୍ନଲିଖିତ ଶବ୍ଦରେ ଥିବା କୃଦନ୍ତ ପ୍ରତ୍ୟୟଗୁଡ଼ିକୁ ଚିହ୍ନାଇ ଦିଅନ୍ତୁ –
ପ୍ରକୃତ, ଆରମ୍ଭ, ଅର୍ଜନ, ବିଭକ୍ତ, ସଦ୍‌ବୁଦ୍ଧି, ଭାବ, ବିଶ୍ୱାସ ।

୭.୩ ମୂଳପାଠର ଦ୍ୱିତୀୟ ଭାଗ

୧୯୨୯ ଡିସେମ୍ବର ୩୧ ତାରିଖରେ ଗୋଟିଏ ନୂତନ ଅଧ୍ୟାୟର ଆରମ୍ଭ ହୋଇଗଲା । ଲାହୋରଠାରେ କଂଗ୍ରେସ ଅଧିବେଶନ ହେଉଥାଏ । ବ୍ରିଟଶ ସରକାରଙ୍କୁ ଜଣାଇ ଦିଆଗଲା – ଆଜି ରାତି ବାରଟା ସୁଦ୍ଧା ଯଦି ଔପନିବେଶିକ ସ୍ୱାୟତ୍ତ ଶାସନ ନ ହେବ କଂଗ୍ରେସ ପୂର୍ଣ୍ଣ ସ୍ୱାଧୀନତା ହାସଲ କରିବାର ଶପଥ ନେବ । ଲକ୍ଷ୍ୟ ପୂରଣ ପାଇଁ ସଂଗ୍ରାମ ଚାଲିବ । ବ୍ରିଟିଶ ସରକାର ଏହି ଦାବି ଗ୍ରହଣ କଲେ ନାହିଁ – କଂଗ୍ରେସ ପୂର୍ଣ୍ଣ ସ୍ୱାଧୀନତା ଲାଭ ପାଇଁ ଶପଥ ନେଲା । ସଂଗ୍ରାମ କିଭଳି ଭାବରେ ଓ କେବେଠାରୁ ଚାଲିବ ତାହା ସ୍ଥିର କରିବାର ଦାୟିତ୍ୱ ମହାତ୍ମା ଗାନ୍ଧୀଙ୍କ ଉପରେ ନ୍ୟସ୍ତ କରାଗଲା ।

୧୯୩୦ ଜାନୁୟାରୀ ୨୬ ତାରିଖ ଦିନ ଦେଶର ଚାରିଆଡ଼େ "ସ୍ୱାଧୀନତାର ଶପଥ" ନିଆଗଲା । ଓଡ଼ିଶାର କଟକରେ ଗୋପବନ୍ଧୁ ଚୌଧୁରୀ ସେହି ଶପଥ ପାଠ କରାଇଲେ । ଓଡ଼ିଶାବାସୀ ନିଜକୁ ପ୍ରସ୍ତୁତ କରୁଥାଆନ୍ତି । ଆଗାମୀ ସଂଗ୍ରାମରେ ଝାସ ଦେବା ପାଇଁ ମହାତ୍ମା ଗାନ୍ଧୀ ଘୋଷଣା କଲେ – ଭାରତର ଲୋକେ ଲବଣ ଆଇନ ଅମାନ୍ୟ କରିବେ । ସେ ତାଙ୍କ ସାବରମତୀ ଆଶ୍ରମରୁ ମାର୍ଚ୍ଚ ୧୨ ତାରିଖ ଦିନ ଗୁଜରାଟର ସମୁଦ୍ର କୂଳରେ ଥିବା ଦାଣ୍ଡି ଅଭିମୁଖେ ଯାତ୍ରା ଆରମ୍ଭ କଲେ । ଏପ୍ରିଲ ୬ ତାରିଖ ସକାଳେ ସେ ନିଜେ ଲବଣ ଆଇନ୍ ଅମାନ୍ୟ କଲା ମାତ୍ରେ ସମୁଦ୍ର କୂଳକୁ ଚାଲିବେ ଓ ଏପ୍ରିଲ ୧୩ ତାରିଖ ଦିନ ଚାରିଆଡ଼େ ଏକ ସଙ୍ଗରେ ସ୍ୱାଧୀନତା ସଂଗ୍ରାମର ଶଙ୍ଖଧ୍ୱନି ଶୁଣାଯିବ । ଓଡ଼ିଶାର ଇଞ୍ଚୁଡ଼ିଠାରେ ଆଚାର୍ଯ୍ୟ ହରିହର ପ୍ରଥମ ଆଇନ ଅମାନ୍ୟକାରୀ ଭାବରେ ଲବଣ ଆଇନ୍ ଅମାନ୍ୟ କଲେ ।

ତାହାପରେ ଓଡ଼ିଶାର ଅଭୂତପୂର୍ବ ଜାଗରଣ ଦେଖାଦେଲା । ଶହ ଶହ, ହଜାର ହଜାର ଲୋକ ଆଇନ ଅମାନ୍ୟ କରି ଜେଲ ବରଣ କଲେ । ବହୁସଂଖ୍ୟକ ସ୍କୁଲ କଲେଜ ଛାତ୍ର ପଢ଼ା ଛାଡ଼ି ଦେଇ ସଂଗ୍ରାମ ଭୂମିରେ ମୁଣ୍ଡ ଟେକି ଠିଆ ହୋଇଗଲେ । ବିଲାତ ଲୁଗା ଦୋକାନ, ମଦ, ଅଫିମ ଦୋକାନରେ ପିକେଟିଂ କରି ଅଳ୍ପ ବୟସର ପିଲାମାନେ ବେତ ମାଡ଼ ଖାଇଲେ । ସେମାନଙ୍କ ସାହସ ସମସ୍ତଙ୍କୁ ବିସ୍ମିତ କରିଦେଲା । ଓଡ଼ିଶାର ଜେଲଗୁଡ଼ିକ ରାଜବନ୍ଦୀମାନଙ୍କ ଦ୍ୱାରା ଭରପୂର ହୋଇଗଲାରୁ ବିହାରର ବିଭିନ୍ନ ଜେଲ୍‌କୁ ସେମାନଙ୍କୁ ପଠାଇ ଦିଆଗଲା ।

ଏଣେ ସଂଗ୍ରାମ ଚାଲିଥିଲା ବେଳେ ବ୍ରିଟିଶ ସରକାର ଲଣ୍ଡନଠାରେ ଗୋଟାଏ କ୍ଷମତା ହସ୍ତାନ୍ତର ପ୍ରହସନ ଚଳାଇଥାଆନ୍ତି । ତାକୁ କୁହାଯାଉଥାଏ "ଗୋଲ ଟେବୁଲ" ବୈଠକ । ଭାରତରୁ କେତେ ଜଣ ତଥାକଥିତ ଜନ-ନେତାଙ୍କୁ ସେହି ବୈଠକକୁ ଡକାଯାଇଥାଏ । ସେଠାରେ କେବଳ ଚଷୁକୁଟା ହିଁ ହେଉଥାଏ । ଶେଷରେ ସମସ୍ତେ ଉପଲବ୍ଧି କଲେ ଯେ ଗାନ୍ଧୀଙ୍କୁ ନ ଡାକିଲେ କିଛି ଲାଭ ନାହିଁ ।

ଭାରତରେ ଭାଇସ୍‌ରାୟ ଆର୍‌ଉଇନ ଗାନ୍ଧୀଙ୍କ ସହିତ ଗୋଟାଏ ଅସ୍ଥାୟୀ ସନ୍ଧି ବା ଟ୍ୟୁସ୍ କରି ରାଜବନ୍ଦୀମାନଙ୍କୁ ମୁକ୍ତ କରି ଦେଲେ । ଗାନ୍ଧିଜୀ କଂଗ୍ରେସ ପ୍ରତିନିଧି ଦଳର ନେତୃତ୍ୱ ନେଇ ବିଲାତ ଗଲେ ଗୋଲ୍ ଟେବୁଲ୍ ବୈଠକରେ ଯୋଗଦେବା ପାଇଁ । ଏହିଠାରେ ସ୍ୱାଧୀନତା ଆନ୍ଦୋଳନର ଦ୍ୱିତୀୟ ପର୍ବ ଶେଷ ହୋଇଗଲା ।

କିନ୍ତୁ ଗାନ୍ଧିଜୀ ଗୋଲ୍ ଟେବୁଲ ବୈଠକରୁ ନିରାଶ ହୋଇ ଫେରିଲେ । ସେ ଭାରତରେ ପହଞ୍ଚିଲା ମାତ୍ରେ ତାଙ୍କୁ ଗିରଫ କରି ନିଆହେଲା ଓ କଂଗ୍ରେସ ଅନୁଷ୍ଠାନକୁ ବେଆଇନ ଘୋଷଣା କରିଦିଆହେଲା । ଚାରିଆଡ଼େ ପ୍ରଚଣ୍ଡ ଦମନ ଲୀଳା । ହଜାର ହଜାର ଲୋକଙ୍କୁ ଜେଲଦଣ୍ଡ । ଏକଥା ଠିକ୍ ଯେ କେତେ ମାସ ପରେ ଆନ୍ଦୋଳନରେ ମଉଳନ ଦେଖାଦେଲା ।

ଏମିତି ଚାଲିଲା ୧୯୩୭ ପର୍ଯ୍ୟନ୍ତ । ସୀମିତ କ୍ଷମତା ହସ୍ତାନ୍ତର କରିବା ଉଦ୍ଦେଶ୍ୟରେ ଯେଉଁ ନିର୍ବାଚନ କରାଗଲା, ସେ ନିର୍ବାଚନରେ କଂଗ୍ରେସ ବହୁ ପ୍ରଦେଶରେ ଜୟଯୁକ୍ତ ହୋଇ ମନ୍ତ୍ରୀତ୍ୱ ଗ୍ରହଣ କଲା । ଅବସ୍ଥା ଏହିଭଳି ଥିଲାବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଏ ୧୯୩୯ ସେପ୍ଟେମ୍ବର ତିନି ତାରିଖ ଦିନ । ଲୋକ ପ୍ରତିନିଧିମାନଙ୍କ ମତ ନ ନେଇ ଭାରତକୁ ବ୍ରିଟିଶ ସରକାର ଯୁଦ୍ଧରେ ସାମିଲ କରିଦେବାରୁ କଂଗ୍ରେସ ଶାସିତ ପ୍ରଦେଶଗୁଡ଼ିକରୁ ମୁଖ୍ୟମନ୍ତ୍ରୀମାନେ ଇସ୍ତଫା ଦେଇଦେଲେ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାଶ ମଧ୍ୟ ସେହିଭଳି କଲେ ।

୭.୩.୧ ମୂଳପାଠର ଦ୍ୱିତୀୟ ଭାଗ ପ୍ରଶ୍ନାବଳୀ

୧. ଲାହୋର କଂଗ୍ରେସ ଅଧିବେଶନ (୧୯୨୯ ଡିସେମ୍ବର ୩୧ ତାରିଖ)ର ଗୁରୁତ୍ୱ କ'ଣ ?

୨. କେବେ ଦେଶର ସର୍ବତ୍ର "ସ୍ୱାଧୀନତାର ଶପଥ" ନିଆଯାଇଥିଲା ଏବଂ ଓଡ଼ିଶାରେ କିଏ

ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଏହି ଶପଥ ପାଠ କରାଇଥିଲେ ?

୩. ଲବଣ ସତ୍ୟାଗ୍ରହ କେବେ ପ୍ରଥମେ କେଉଁଠାରେ ଆରମ୍ଭ ହୋଇଥିଲା ଓ ଓଡ଼ିଶାରେ ପ୍ରଥମେ କେଉଁଠାରେ ଦେଖାଦେଇଥିଲା ?

୪. ଲବଣ ଆଇନ୍ ଅମାନ୍ୟକାରୀଙ୍କ ମଧ୍ୟରେ ପ୍ରଥମ ଓଡ଼ିଆ କିଏ ?

୫. ଲବଣ ସତ୍ୟାଗ୍ରହ ପରେ ଓଡ଼ିଶାରେ କିପରି ନୂତନ ଜାଗରଣ ଦେଖାଦେଇଥିଲା ବର୍ଣ୍ଣନା କରନ୍ତୁ ?

୭.୩.୨ ମୂଳପାଠର ଦ୍ୱିତୀୟ ଭାଗ ବ୍ୟାକରଣ ପ୍ରଶ୍ନାବଳୀ

୧. ନିମ୍ନଲିଖିତ ଶବ୍ଦଗୁଡ଼ିକରେ କେଉଁ କେଉଁ ପ୍ରତ୍ୟୟ ଯୁକ୍ତ ହୋଇଅଛି ଚିହ୍ନାଇ ଦିଅନ୍ତୁ –

ଔପନିବେଶିକ, ଦାୟିତ୍ୱ, ନ୍ୟସ୍ତ, ଅମାନ୍ୟ, ଜାଗରଣ, ବିସ୍ମିତ, ଉପଲବ୍ଧି ।

୨. ବ୍ୟାସବାକ୍ୟ ସହ ସମାସ ନିର୍ଣ୍ଣୟ କରନ୍ତୁ –

ସ୍ୱାୟତ୍ତ, ଶଙ୍ଖଧ୍ୱନି, ହସ୍ତାନ୍ତର, ଜନନେତା, ଅସ୍ଥାୟୀ, ଜେଲଦଣ୍ଡ, ମୁଖ୍ୟମନ୍ତ୍ରୀ, ଚଷୁକୁଟା ।

୩. ନିମ୍ନଲିଖିତ ଶବ୍ଦ ବ୍ୟବହାର କରି ବାକ୍ୟଗଠନ କରନ୍ତୁ –

ଅଧ୍ୟାୟ, ତ୍ରାସ, ଅଭୂତପୂର୍ବ, ଭରପୂର, ପ୍ରହସନ, ଉପଲବ୍ଧି ।

୪. ନିମ୍ନଲିଖିତ ରୂଢ଼ି ପ୍ରୟୋଗଗୁଡ଼ିକର ଅର୍ଥ ଲେଖି ବାକ୍ୟରେ ବ୍ୟବହାର କରନ୍ତୁ–

ମୁଣ୍ଡଚେକି ଠିଆ ହେବା, ଚଷୁକୁଟା, ମଉଳନ ଦେଖାଦେବା ।

୭.୪ ମୂଳପାଠର ଶେଷ ଭାଗ

ଶେଷ ସଂଗ୍ରାମ ପାଇଁ ପ୍ରସ୍ତୁତି ଚାଲିଲା । ଓଡ଼ିଶାରୁ ବହୁ ଲୋକ ସେଥିରେ ଯୋଗଦେଲେ । ଶେଷ ଚମକ ଖେଳିଲା ଯେତେବେଳେ ଗାନ୍ଧିଜୀ ଘୋଷଣା କରିଦେଲେ – "ଜାତିଟା ପ୍ରସ୍ତୁତ ହୋଇଯାଉ 'କର ବା ମର' ପାଇଁ ।" ଶେଷ ରକ୍ତ ବିନ୍ଦୁ ଦେଇ ଶେଷ ସଂଗ୍ରାମ ଚାଲିବ । ତାକୁ ହିଁ କୁହାଯାଏ ଭାରତ ଛାଡ଼ ଆନ୍ଦୋଳନ ।

୧୯୪୭ ଅଗଷ୍ଟ ନଅ ତାରିଖ ଭୋରବେଳା ମହାତ୍ମା ଗାନ୍ଧୀଙ୍କ ସମେତ ଭାରତର ଶହ ଶହ ଲୋକଙ୍କୁ ଗିରଫ କରି ନିଆଗଲା । ଦେଶର ଚାରିଆଡ଼େ ବିଦ୍ରୋହର ନିଆଁ ଜଳି ଉଠିଲା । ଓଡ଼ିଶା ସେହି ଶେଷ ସଂଗ୍ରାମରେ ଯେଉଁ ଅକଳ୍ପନୀୟ ବୀରତ୍ୱ ଦେଖାଇଲା ତାହା ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଓଡ଼ିଶାର ବହୁ ସ୍ଥାନରେ ଲୋକେ ଗୋଟାଏ ଗୋଟାଏ ଅଞ୍ଚଳରେ ସ୍ୱାଧୀନତା ଘୋଷଣା କରିଦେଲେ । ପୋଲିସ୍

ଆଖିବୁଜା ଗୁଳି ଚଳାଇ ବହୁ ନିରୀହ ଲୋକଙ୍କୁ ନିର୍ମମ ଭାବରେ ହତ୍ୟା କଲେ । କୋରାପୁଟର ଆଦିବାସୀମାନେ ଅଦ୍‌ଭୁତ ବୀରତ୍ୱ ଦେଖାଇଥିଲେ । ସେମାନଙ୍କର ନେତା ଲକ୍ଷ୍ମଣ ନାୟକଙ୍କୁ ଗୋଟିଏ ମିଥ୍ୟା ମକଦ୍ଦମାରେ ପକାଇ ଫାଶୀଖୁଣ୍ଟରେ ଝୁଲାଇ ଦିଆଗଲା । ବାଲେଶ୍ୱରର ଇରମଠାରେ ପୁଲିସ୍ ଦେଶପ୍ରେମୀଙ୍କ ରକ୍ତରେ ହୁରି ଖେଳିଲେ । ଜଣେ ବିଧବା ମହିଳା ପୁଲିସ୍ ଗୁଳିକୁ ଡରି ପଳାଇ ନଯିବାରୁ ତାଙ୍କୁ ଗୁଳିକରି ମାରି ଦିଆଗଲା । ଜେଳ ଦଣ୍ଡ, ଲାଠିମାଡ଼, ଗୁଳି ଚାଳନା, ସମୂହ ଜୋରିମାନା, ନାନା ପ୍ରକାରର ଅତ୍ୟାଚାର ହୋଇଗଲା ଦୈନଦିନ ବ୍ୟାପାର । ମହିଳାମାନେ ଆଗେଇ ଆସିଲେ । ଅବିବାହିତା ଝିଅ, ନବ ବିହାହିତା ବଧୂ, ଗାଁ ଗହଳର ବୃଦ୍ଧା ବିଧବାମାନେ ଆସି ରଣ କ୍ଷେତ୍ରରେ ଠିଆ ହୋଇଗଲେ । ସେମାନଙ୍କୁ ବର୍ଷ ବର୍ଷ ଧରି ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିଲା । ସେହିମାନଙ୍କ ତ୍ୟାଗ ପାଇଁ ଓଡ଼ିଶା ଗୌରବ ଅନୁଭବ କରେ ।

୧୯୨୧ରେ ଆରମ୍ଭ ହୋଇ ୧୯୪୭ରେ ଶେଷ ହୋଇଥିବା ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶା ଯେଉଁ ବୀରତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରିଥିଲା ତାହାର ଏହି ହେଲା ଅତି ସଂକ୍ଷିପ୍ତ ଇତିହାସ ।

୭.୪.୧ ମୂଳପାଠର ଶେଷ ଭାଗ ପ୍ରଶ୍ନ

୧. ସ୍ୱାଧୀନତା ସଂଗ୍ରାମର ଶେଷ ପର୍ଯ୍ୟାୟରେ ଗାନ୍ଧିଜୀ କ'ଣ ଘୋଷଣା କରିଥିଲେ ?

୨. ୧୯୪୭ ଅଗଷ୍ଟ ନଅ ତାରିଖରେ ବିଦ୍ରୋହ କାହିଁକି ପ୍ରଚଣ୍ଡତର ହୋଇଥିଲା ?

୩. ସ୍ୱାଧୀନତା ସଂଗ୍ରାମର ଶେଷ ପର୍ଯ୍ୟାୟରେ ଓଡ଼ିଶା କିପରି ନିଜର ବୀରତ୍ୱ ଦେଖାଇଥିଲା ?

୪. ସ୍ୱାଧୀନତା ସଂଗ୍ରାମକୁ ଲକ୍ଷ୍ମଣ ନାୟକଙ୍କ ଅବଦାନ କ'ଣ ଥିଲା ?

୫. ଓଡ଼ିଶାର ମହିଳାମାନଙ୍କ ଉପରେ ବ୍ରିଟିଶ ସରକାର କିପରି ନିର୍ଯ୍ୟାତନା ଚଳାଇଥିଲେ ?

୭.୪.୨ ମୂଳପାଠର ଶେଷ ଭାଗ ବ୍ୟାକରଣ ପ୍ରଶ୍ନ

୧. କର୍ତ୍ତୃବାଚ୍ୟକୁ କର୍ମବାଚ୍ୟରେ ଓ କର୍ମବାଚକୁ କର୍ତ୍ତୃବାଚ୍ୟରେ ପରିଣତ କରନ୍ତୁ –

(କ) ଗାନ୍ଧିଜୀ ଏକ ମହାନ୍ ସନ୍ଦେଶ ଘୋଷଣା କରିଥିଲେ ।

(ଖ) ମହାତ୍ମା ଗାନ୍ଧୀଙ୍କ ସମେତ ଭାରତର ଶହ ଶହ ଲୋକଙ୍କୁ ଗିରଫ କରି ନିଆଗଲା

୨. ନିମ୍ନଲିଖିତ ପ୍ରତ୍ୟକ୍ଷୋକ୍ତିକୁ ପରୋକ୍ଷାକ୍ତିରେ ଓ ପରୋକ୍ଷାକ୍ତିକୁ ପ୍ରତ୍ୟକ୍ଷୋକ୍ତିରେ ପରିଣତ କରନ୍ତୁ –

(କ) ଗାନ୍ଧିଜୀ ଘୋଷଣ କରିଦେଲେ –"ଜାତିଟା ପ୍ରସ୍ତୁତ ହୋଇଯାଉ 'କର ବା ମର' ପାଇଁ ।"

(ଖ) ଶେଷ ରକ୍ତ ବିନ୍ଦୁ ଦେଇ ଶେଷ ସଂଗ୍ରାମ ଚାଲୁରଖିବାକୁ ମହାତ୍ମା ଗାନ୍ଧୀ ଆହ୍ୱାନ ଦେଇଥିଲେ ।

୩. ନିମ୍ନଲିଖିତ ଶବ୍ଦଗୁଡ଼ିକର ଅର୍ଥ ଲେଖି ବାକ୍ୟରେ ବ୍ୟବହାର କରନ୍ତୁ–
ସମେତ, ଅକଳ୍ପନୀୟ, ସ୍ୱର୍ଣ୍ଣାକ୍ଷର, ଆଖିବୁଜା ।

୭.୪.୩ ସମ୍ପୂର୍ଣ୍ଣ ମୂଳପାଠ ପ୍ରଶ୍ନାବଳୀ

୧. ୧୯୧୯ ଏପ୍ରିଲ ୧୩ ତାରିଖ ଦିନ ବ୍ରିଟିଶ ଜାତି ଉପରୁ ମହାତ୍ମା ଗାନ୍ଧୀଙ୍କର ବିଶ୍ୱାସ କାହିଁକି ସମ୍ପୂର୍ଣ୍ଣ ଭାବରେ ତୁଟିଗଲା ?

୨. ମହାତ୍ମା ଗାନ୍ଧୀଙ୍କ ପ୍ରବର୍ତ୍ତିତ ଅସହଯୋଗ ଆନ୍ଦୋଳନରେ ଭାରତ ବିଭିନ୍ନ ଶ୍ରେଣୀର ବ୍ୟକ୍ତିବର୍ଗ କିପରି ଭାବରେ ସହଯୋଗ କରିଥିଲେ ?

୩. ୧୯୨୯ ଡିସେମ୍ବର ୩୧ ତାରିଖରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନ କି ନିଷ୍ପତ୍ତି ନେଇଥିଲା ?

୪. ଗୋଲଟେବୁଲ ବୈଠକର ପରିଣତି କ'ଣ ହେଲା ?

୫. କୋରାପୁଟର ଆଦିବାସୀମାନେ ସ୍ୱାଧୀନତା ସଂଗ୍ରାମରେ କେଉଁ ଭୂମିକା ଗ୍ରହଣ କରିଥିଲେ ?

୭.୪.୪ ସମ୍ପୂର୍ଣ୍ଣ ମୂଳପାଠ ବ୍ୟାକରଣ ପ୍ରଶ୍ନାବଳୀ

୧. ନିମ୍ନଲିଖିତ ଶବ୍ଦଗୁଡ଼ିକର ମୂଳ ସଂସ୍କୃତ ଶବ୍ଦ ନିରୂପଣ କରନ୍ତୁ–
ପୂରଣ, ପରାଣ, ସଦବୁଦ୍ଧି, ଭକତ, ପଢ଼ା, ବିକ୍ରି, ସୂତା ।

୨. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ–
ଜାତୀୟ, ଗୌରବ, ବିଭକ୍ତ, ଉତ୍ତୋଳନ, ନିଷ୍ଠୁର, କ୍ଷମତା, ଆତ୍ମସମ୍ମାନ ।

୩. ଏକପଦରେ ପରିଣତ କରନ୍ତୁ–
ନାହିଁ ଖାତିର ଯାହାର, ମେଧା ଅଛି ଯାହାର, ଉପନିବେଶ ସମ୍ପର୍କୀୟ, ମହାନ ଆତ୍ମା ଯାହାଙ୍କର, ପୂର୍ବେ ଯାହା ଭୂତ (ଘଟିତ) ହୋଇନଥିଲା ।

୪. ଭ୍ରମ ଥିଲେ ସଂଶୋଧନ କରନ୍ତୁ–
ସତ୍‌ବୁଦ୍ଧି, ଆଇନଜୀବି, ସୁତାକଟା, ଧୀମେଇ, ସାୟତ୍ତ, ଦାୟୀତ୍ୱ, ନିରିହ ।

୫. ନିମ୍ନଲିଖିତ ରୁଢ଼ି ପ୍ରୟୋଗଗୁଡ଼ିକର ଅର୍ଥ ଲେଖନ୍ତୁ–
ଆଖିବୁଜା, ସଂଗ୍ରାମର ଶଙ୍ଖଧ୍ୱନି, ସ୍ୱର ଉତ୍ତୋଳନ କରିବା ।

୭.୫ ସାରାଂଶ

ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ବ୍ରିଟିଶ ସରକାରଙ୍କର ବିଭତ୍ସ ରୂପକୁ ପଦାରେ ପକାଇ ଦେଲା । ଗାନ୍ଧିଜୀ କଂଗ୍ରେସର ନାଗପୁର ଅଧିବେଶନରେ ଏହି ସରକାର ସହିତ ଅସହଯୋଗ ଆନ୍ଦୋଳନ କରିବାକୁ ଡାକରା ଦେଲେ । ୧୯୨୧ରୁ ଆନ୍ଦୋଳନ ଆରମ୍ଭ ହେଲା । ଓଡ଼ିଶାରେ

ଗୋପବନ୍ଧୁଙ୍କ ନେତୃତ୍ୱରେ ଏହା ଚାଲିଥିଲା । ବହୁ ଓକିଲ, କର୍ମଚାରୀ, ଛାତ୍ର, କଚେରୀ, ସରକାରୀ ଚାକିରି, ସ୍କୁଲ କଲେଜ ବର୍ଜନ କରି ଏଥିରେ ଯୋଗ ଦେଲେ । ସେମାନେ ଖଦି ପରିଧାନ ଓ ପ୍ରଚାର କରିବା ସଙ୍ଗେ ବିଦେଶୀ ଲୁଗା ବର୍ଜନ କଲେ । ପରାଧୀନତାରୁ ମୁକ୍ତି ଲାଗି ଦେଶବାସୀଙ୍କୁ ଡାକରା ଦିଆଗଲା । ଓଡ଼ିଶାରୁ ବହୁ ଲୋକ ଏଥିରେ ବନ୍ଦୀ ହୋଇଛନ୍ତି ଓ ନାନା ଦଣ୍ଡ ଭୋଗ କରିଛନ୍ତି । ଏହା ସ୍ୱାଧୀନତା ସଂଗ୍ରାମର ପସ୍ତୁତି ପର୍ବ ।

୧୯୩୦ରୁ ପୂର୍ଣ୍ଣ ସ୍ୱାଧୀନତା ଲାଭ ପାଇଁ ଆନ୍ଦୋଳନ ଆରମ୍ଭ ହେଲା । ଗୋପବନ୍ଧୁ ଚୌଧୁରୀ ଏହି ବର୍ଷ କଟକଠାରେ ଏକ ସଭାରେ ପୂର୍ଣ୍ଣ ସ୍ୱାଧୀନତା ଲାଭ ଲାଗି ଶପଥ ପାଠ କରାଇଲେ । ଆଚାର୍ଯ୍ୟ ହରିହର ବାଲେଶ୍ୱରର ଇଞ୍ଜୁଡ଼ିଠାରେ ପ୍ରଥମେ ଲବଣ ଆଇନ ଅମାନ୍ୟ କଲେ ଓ ତାଙ୍କ ସହ ସେଠାରେ ଶହ ଶହ ଲୋକ ଏହି ଆଇନ ଭଙ୍ଗ କଲେ । ଓଡ଼ିଶାରୁ ହଜାର ହଜାର ଲୋକ ଏହି ଆନ୍ଦୋଳନରେ ଯୋଗଦେଇ ନିର୍ମମ ଲାଠିମାଡ଼ ଖାଇ ଜେଲଦଣ୍ଡ ଭୋଗିଲେ । ସ୍କୁଲ କଲେଜରେ ଛାତ୍ରମାନେ ଏଥିରେ ଯୋଗ ଦେଲେ । ଛୋଟ ଛୋଟ ପିଲା ବିଦେଶୀ ଲୁଗା ଦୋକାନ ଓ ମଦ ଅଫିମ ଦୋକାନ ଆଗରେ ପିକେଟିଂ କରି ନିର୍ମମ ବେତମାଡ଼ ଖାଇଲେ । ଓଡ଼ିଶାରେ ପ୍ରବଳ ବେଗରେ ଆନ୍ଦୋଳନ ଚାଲିଲା ଓ ଜନ ଜାଗରଣ ଦେଖାଦେଲା । ଗୋଲ ଟେବୁଲ ବୈଠକ ଓ ଗାନ୍ଧୀ ଆର୍‌ଉଇନ ଅସ୍ଥାୟୀ ସନ୍ଧି ଫଳରେ ବନ୍ଦୀମାନଙ୍କୁ ଛାଡ଼ି ଦିଆଗଲା । କିନ୍ତୁ ଏହାପରେ କଂଗ୍ରେସକୁ ବେଆଇନ ଘୋଷଣା କରାଯାଇଥିଲା । ୧୯୩୭ ଓଡ଼ିଶାରେ କଂଗ୍ରେସ ସଂଖ୍ୟା ଗରିଷ୍ଠ ହୋଇ ମନ୍ତ୍ରୀମଣ୍ଡଳ ଗଢ଼ିଥିଲା ଓ ବ୍ରିଟିଶ ସରକାର ବିଶ୍ୱ ଯୁଦ୍ଧରେ ଭାରତକୁ ସାମିଲ କରିବାର ପ୍ରତିବାଦ କରି ଇସ୍ତଫା ଦେଇଥିଲେ । ଗାନ୍ଧିଜୀ ଦେଶବାସୀଙ୍କୁ 'କର ବା ମର' ଅର୍ଥାତ୍ ପ୍ରାଣ ଦେଇ ଦେଶକୁ ସ୍ୱାଧୀନ କରିବା ଲାଗି ପ୍ରସ୍ତୁତ ହୋଇଯାଅ ବୋଲି ଆହ୍ୱାନ ଦେଲେ ।

୧୯୪୨ରେ 'ଭାରତ ଛାଡ଼ ଆନ୍ଦୋଳନ' ହେଲା । ଏହା ସ୍ୱାଧୀନତା ସଂଗ୍ରାମର ତୃତୀୟ ବା ଶେଷ ପର୍ବ । ଏଥିରେ ଓଡ଼ିଶାର ଲୋକମାନେ ଅଭୂତପୂର୍ବ ସାହସ ଦେଖାଇଥିଲେ । ବ୍ରିଟିଶ ସରକାରଙ୍କ ଦମନଲୀଳାକୁ ବେଖାତିର କରି ଗୋଟିଏ ଗୋଟିଏ ସ୍ଥାନର ଲୋକେ ନିଜ ନିଜ ଅଞ୍ଚଳକୁ ସ୍ୱାଧୀନ ବୋଲି ଘୋଷଣା କରିଦେଲେ । ବାଲେଶ୍ୱର ଜିଲ୍ଲାର 'ଇରମ' ଥିଲା ଏପରି ଗୋଟିଏ ସ୍ଥାନ । ଏଠାରେ ପୋଲିସ୍‌ର ଅତ୍ୟାଚାର ଚରମ ସୀମାରେ ପହଞ୍ଚିଥିଲା । ବହୁ ଲୋକ ମୃତାହତ ହୋଇଥିଲେ । କୋରାପୁଟର ଆସିବାସୀମାନେ ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ ଖୁବ୍ ସାହସର ସହିତ ଆନ୍ଦୋଳନ କରିଥିଲେ । ଲକ୍ଷ୍ମଣ ନାୟକ ଫାଶୀ ପାଇଲେ । ଗାନ୍ଧୀ ଯୁଗର ଏହି ସଂଗ୍ରାମ ୧୯୨୧ରେ ଆରମ୍ଭ ହୋଇ ୧୯୪୭ ଅଗଷ୍ଟ ୧୫ରେ ଶେଷ ହେଲା । ଲୋକଙ୍କୁ ଲାଠିମାଡ଼, ଗୁଳି, ଜେଲଦଣ୍ଡ, ସମୂହ ଜୋରିମାନା ପ୍ରଭୃତି ନାନାଦଣ୍ଡ ଭୋଗିବାକୁ ହୋଇଛି । ଓଡ଼ିଶାରେ ବିଭିନ୍ନ ବୟସର ପୁରୁଷଙ୍କ ସହିତ ନାରୀମାନେ ମଧ୍ୟ ଏହି ସଂଗ୍ରାମରେ ଯୋଗ ଦେଇ ବର୍ଷ ବର୍ଷ କାରାଦଣ୍ଡ ଭୋଗ କରିଛନ୍ତି ।

୭.୬ ଶବ୍ଦାର୍ଥ

ଗାନ୍ଧୀଯୁଗ – ଯେଉଁ ସମୟ ମଧ୍ୟରେ ମହତ୍ମା ମୋହନ ଦାସ କରମଚାନ୍ଦ ଗାନ୍ଧୀ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଇଥିଲେ ।

ଇଉନିୟନ ଜ୍ୟାକ୍ (Union Jack) – ବ୍ରିଟିଶ ଜାତୀୟ ପତାକା, ଗୋଟିଏ ଆୟତାକାରୀ କଳା ରଙ୍ଗ ବିଶିଷ୍ଟ କନାରେ ପରସ୍ପରକୁ କାଟିଥିବା ଧଳା ଓ ନାଲି ରଙ୍ଗର ଦୋହରୀ ଛକମାନ ଏଥିରେ ପଡ଼ିଥାଏ । ଛକଗୁଡ଼ିକ କ୍ରସ (Cross) ର ଚିହ୍ନ । ଏହି ପତାକାରେ ଇଂଲଣ୍ଡ, ସ୍କଟଲାଣ୍ଡ ଓ ଆୟାରଲାଣ୍ଡର ସଙ୍କେତ ମିଶିଛି । ବ୍ରିଟିଶ ଶାସନାଧୀନ ଦେଶମାନଙ୍କରେ ଏହି ପତାକା ଉଡ଼ା ଯାଉଥିଲା ।

ବ୍ରିଟିଶ – ଇଂଲଣ୍ଡର ପୂର୍ବନାମ – ବ୍ରିଟେନ୍ ୱେ ସେକ୍‌ର ରାଜା ଏଗ୍‌ବର୍ଟ ସମସ୍ତ ଇଂରେଜ ରାଜାଙ୍କୁ ଜୟ କରି (ଖ୍ରୀ.ଅ. ୮୨୯ରେ) ଏକ ଶାସନାଧୀନରେ ରଖିଥିଲେ । ତାଙ୍କୁ ଇଂଲଣ୍ଡର ପ୍ରଥମ ରାଜା କୁହାଯାଏ । ତା ପୂର୍ବରୁ ଦେଶର ନାମ ଥିଲା ବ୍ରିଟେନ । ଏହାର ଅଧିବାସୀମାନଙ୍କୁ ବ୍ରିଟନ କୁହାଯାଥିଲା । ଖ୍ରୀ.ପୂ. ୫୫ ରୋମାନ୍ ଆକ୍ରମଣ ବେଳେ ମଧ୍ୟ ସେ ଦେଶର ନାମ ବ୍ରିଟେନ୍ ଥିଲା । ବ୍ରିଟେନ୍‌ର ଅଧିବାସୀମାନଙ୍କୁ ବ୍ରିଟିଶ ଜାତି (British Nation) କୁହାଯାଏ । ବ୍ରିଟିଶ କହିଲେ 'ଇଂଲଣ୍ଡ ସମ୍ବନ୍ଧୀୟ' ବା 'ଇଂଲଣ୍ଡ ଓ ସ୍କଟଲାଣ୍ଡ ସମ୍ବନ୍ଧୀୟ' ଅର୍ଥ ପ୍ରକାଶ ପାଏ । ଭାରତରେ ବ୍ରିଟିଶ କହିଲେ ଇଂରେଜ ଜାତିକୁ ବୁଝାଏ ।

ପ୍ରତୀକ – ଚିହ୍ନ

ତ୍ରିରଙ୍ଗା ପତାକା–ଭାରତର ଜାତୀୟ ପତାକା । ଏହାର ଉପର ଅଂଶ ଗାଢ଼ କମଳା ରଙ୍ଗ, ମଧ୍ୟଭାଗ ଧଳା ଏବଂ ନିମ୍ନଭାଗ ସବୁଜ । ଏହି ତିନି ରଙ୍ଗ ମଧ୍ୟରୁ ଗାଢ଼ କମଳା ରଙ୍ଗ ସାହସ ଓ ତ୍ୟାଗର; ଧଳା ରଙ୍ଗ ସତ୍ୟ, ଶାନ୍ତି, ପବିତ୍ରତାର; ସବୁଜ ରଙ୍ଗ ବୀରତ୍ୱ, ବିଶ୍ୱାସ, ଶ୍ରଦ୍ଧା ଓ ଭକ୍ତିର ପ୍ରତୀକ ବା ନିଦର୍ଶନ । ଏହି ପତାକାର ମଧ୍ୟଭାଗରେ ଶ୍ୱେତ ରଙ୍ଗ ଉପରେ ଚକ୍ର ଚିହ୍ନ ଥାଏ । ଏହା ଶାନ୍ତି ଓ ପ୍ରଗତିର ପ୍ରତୀକ । ପତାକାର ଦୈର୍ଘ୍ୟ (ଲମ୍ବ) ପ୍ରସ୍ଥ (ଓସାର)ର ଦେଢ଼ ଗୁଣ ।

ସାମ୍ରାଜ୍ୟ– ବହୁରାଜ୍ୟ ମିଶି ଏକ ଶାସନାଧୀନରେ ରହିଲେ, ତାକୁ ସାମ୍ରାଜ୍ୟ କୁହାଯାଏ । ଏହାର ରାଜା ବା ଶାସକଙ୍କୁ ସମ୍ରାଟ କୁହାଯାଏ ।

ଜାଲିଆନାୱାଲା ବାଗ୍– ପଞ୍ଜାବର ଅମୃତସର ସହର ମଧ୍ୟସ୍ଥ ଏକ ସ୍ଥାନ । ସ୍ଥାନଟିର ଚାରିପାଖ କୋଠାବାଡ଼ି ଓ ପାଚେରୀରେ ବେଷ୍ଟିତ ଓ ଯିବା ଆସିବା କରିବାକୁ ବାଟଟି ଅପ୍ରଶସ୍ତ । ସେଠାରେ ପ୍ରାୟ ୨୦ ହଜାର ଲୋକ ବ୍ରିଟିଶ ସରକାରଙ୍କ ରାଓଲଟ୍ ଆଇନ୍ ବିରୁଦ୍ଧରେ ପ୍ରତିବାଦ ସଭା କରୁଥିଲେ । ସଭା ଚାଲିଥିବା ବେଳେ ସେନାପତି ଡାୟାର ଲୋକମାନଙ୍କ ଉପରକୁ ଗୁଳି ଚଳାଇବାକୁ ତାଙ୍କ ସୈନ୍ୟମାନଙ୍କୁ ଆଦେଶ ଦେଲେ । ଲୋକଙ୍କୁ ପଳାଇ ଯିବାର ସୁଯୋଗ ବି ମିଳିଲା ନାହିଁ । ସର୍ବମୋଟ ୧୬୦୦ ରାଉଣ୍ଡ ଗୁଳି ଚାଲିଲା । ପ୍ରାୟ ୪୦୦ ଲୋକ ମଲେ ।

୧୫୦୦ରୁ ଅଧିକ ଲୋକ ଆହତ ହେଲେ । ଏହି ନୃଶଂସ ଗୁଳିକାଣ୍ଡ ଭାରତର ମୁକ୍ତି ସଂଗ୍ରାମ ସପକ୍ଷରେ ଜନମତ ସୃଷ୍ଟି କରିଥିଲା । ଓଡ଼ିଶାରେ ଚାଲିଥିବା ସ୍ୱାଧୀନତା ସଂଗ୍ରାମ ବେଳେ ଜାତୀୟ କବି ବୀର କିଶୋର ଏହି ଗୁଳିକାଣ୍ଡର ବର୍ଣ୍ଣନା କରି କବିତା ଲେଖି ଲୋକଙ୍କୁ ଉତ୍ତେଜିତ କରୁଥିଲେ । ନେତାମାନେ ମଧ୍ୟ ସେମାନଙ୍କ ଭାଷଣରେ ଏ ବିଷୟ ବର୍ଣ୍ଣନା କରି ଲୋକଙ୍କୁ ମତାଉଥିଲେ ।

ପରାଧୀନତା – ପରର ଅଧୀନରେ ରହିବା । ବାହାର ଦେଶର ଲୋକଙ୍କ ଶାସନରେ ରହିବାକୁ ପରାଧୀନତା କୁହାଯାଏ । ଏହାର ବିପରୀତ ବା ଓଲଟା ଅର୍ଥ ବୁଝାଉଥିବା ଶବ୍ଦ ହେଲା – ସ୍ୱାଧୀନ । ଅର୍ଥାତ୍ 'ସ୍ୱ' ବା 'ନିଜ'ର ଅଧୀନରେ ନିଜେ ଚଳିବା ।

ନାଗପୁର – ମହାରାଷ୍ଟ୍ର ପ୍ରଦେଶର ଗୋଟିଏ ପ୍ରଧାନ ସହର । ୧୯୨୦ ଡିସେମ୍ବର ମାସରେ ଏଠାରେ କଂଗ୍ରେସ ଅଧିବେଶନ ବସିଥିଲା । ଦେଶର ବିଭିନ୍ନ ଅଞ୍ଚଳରୁ ୧୪୫୮୨ ଜଣ ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ । ଓଡ଼ିଶାରୁ ଗୋପବନ୍ଧୁ ଦାସଙ୍କ ସହିତ ଭାଗୀରଥି ମହାପାତ୍ର, ହରେକୃଷ୍ଣ ମହତାବ, ନିରଞ୍ଜନ ପଟ୍ଟନାୟକ, ଯଦୁମଣି ମଙ୍ଗରାଜ, ଜଗବନ୍ଧୁ ସିଂହ, ମୁକୁନ୍ଦ ପ୍ରସାଦ ଦାସ ପ୍ରମୁଖ ବହୁ ସଂଖ୍ୟକ ପ୍ରତିନିଧି ଯୋଗ ଦେଇଥିଲେ । ସେତେବେଳେ ଓଡ଼ିଶା–ବିହାର ଗୋଟିଏ ପ୍ରଦେଶ ଥିଲା ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଆନ୍ଦୋଳନ ଚାଲିଥିଲା । କଂଗ୍ରେସର ନାଗପୁର ଅଧିବେଶନରେ ଭାଷା ସୂତ୍ରରେ ପ୍ରଦେଶ ଗଠନ ନୀତି ଗ୍ରହଣ କରାଯାଇ ଓଡ଼ିଶା ପାଇଁ ସ୍ୱତନ୍ତ୍ର ପ୍ରାଦେଶିକ କଂଗ୍ରେସ କମିଟି ଗଠନ ଲାଗି ସ୍ଥିର ହେଲା । ତାର ନାମ ରହିଲା – ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ।

ଗୋପବନ୍ଧୁ ଦାସ – ଉତ୍କଳମଣି ନାମରେ ପରିଚିତ । ସେ ବି.ଏ. ଓ ବି.ଏଲ୍. ପାସ୍ କରି କିଛି ଦିନ ଶିକ୍ଷକତା ଓ ଓକିଲାତି କରିଥିଲେ । ତାଙ୍କଠାରେ ମୂଳରୁ ଦେଶସେବା ଓ ସ୍ୱଦେଶପ୍ରୀତି ଥିଲା । ସେ ୧୯୧୬ରେ କଂଗ୍ରେସର ଲକ୍ଷ୍ନୌ ଅଧିବେଶନରେ ଯୋଗ ଦେଇଥିଲେ ଏବଂ ସେଠାରୁ ଫେରି ଓଡ଼ିଶାରେ କଂଗ୍ରେସ ସଙ୍ଗଠନର ପାଇଁ ଉଦ୍ୟମ କରିଥିଲେ । ସେ ୧୯୧୭ରେ ବିହାର–ଓଡ଼ିଶା କାଉନ୍ସିଲର ସଭ୍ୟ ନିର୍ବାଚିତ ହୋଇଥିଲେ । ସେ ସତ୍ୟବାଦୀ ବନ ବିଦ୍ୟାଳୟ ଓ 'ସମାଜ' ସମ୍ବାଦପତ୍ରର ପ୍ରତିଷ୍ଠାତା । ସେତେବେଳେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଆନ୍ଦୋଳନ ହେଉଥିଲା । ଉତ୍କଳ ସମ୍ମିଳନୀ ଏହି ଉଦ୍ଦେଶ୍ୟରେ ଗଠନ କରାଯାଇଥିଲା । ଗୋପବନ୍ଧୁଙ୍କ ପ୍ରସ୍ତାବକ୍ରମେ ଏହି ସମ୍ମିଳନୀ କଂଗ୍ରେସ ନୀତି ଓ ଆଦର୍ଶକୁ ଗ୍ରହଣ କଲା । ସେ ତା ୨୨।୧।୧୯୨୧ରେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟକୁ ଜାତୀୟ ବିଦ୍ୟାଳୟରେ ପରିଣତ କଲେ । ଗୋପବନ୍ଧୁ ୨୪।୯।୧୯୨୧ରେ କଟକଠାରେ କାଠଯୋଡ଼ି ନଈବାଲିରେ ବିରାଟ ସାଧାରଣ ସଭା କରାଇ କଂଗ୍ରେସର ଅହିଂସ ଅସହଯୋଗ ଆନ୍ଦୋଳନର ମର୍ମ ବୁଝାଇଥିଲେ । ସତ୍ୟବାଦୀ ସ୍କୁଲର କେତେକ ପୁରାତନ ଛାତ୍ର କଟକ ସାହେବଜାଦା ବଜାରରେ ଗୋଟିଏ ମେସ୍ କରି ରହି କଲେଜରେ ପଢୁଥିଲେ । ସେମାନେ ଗୋପବନ୍ଧୁଙ୍କ ପ୍ରଭାବରେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଲେ ଏବଂ ସେହି ମେସ୍ ଘରଟିର ନାମ ହେଲା ସ୍ୱରାଜ ଆଶ୍ରମ । ଏହା କ୍ରମେ କଂଗ୍ରେସ ଦଖଲକୁ ଆସିଲା ଓ ସ୍ୱାଧୀନତା

ଆନ୍ଦୋଳନର କେନ୍ଦ୍ର ହେଲା । ଗୋପବନ୍ଧୁ ଓଡ଼ିଶାରେ ଏହି ଆନ୍ଦୋଳନର ବହ୍ନି ଜାଳିଥିଲେ । ସେ ଆନ୍ଦୋଳନରେ ଜେଲ ଯାଇଥିଲେ ଏବଂ ଜେଲରେ ଥିବା ବେଳେ ବନ୍ଦୀର ଆତ୍ମକଥା ଓ କାରା କବିତା ଲେଖିଥିଲେ । ତାଙ୍କର ଅନ୍ୟାନ୍ୟ ପୁସ୍ତକ ହେଲା - ଧର୍ମପଦ, ନଚିକେତା ଉପାଖ୍ୟାନ, ଗୋମାହାତ୍ମ୍ୟ, ଅବକାଶ ଚିନ୍ତା । ତାଙ୍କର ସମାଜ ଓ ସତ୍ୟବାଦୀର ସମ୍ପାଦକୀୟ ଓ ଅନ୍ୟାନ୍ୟ ଲେଖା ଗୋପବନ୍ଧୁ ରଚନାବଳୀ ନାମରେ ପ୍ରକାଶ ପାଇଛି । ତାଙ୍କ ନେତୃତ୍ୱରେ ଓଡ଼ିଶାର ୧୯୨୧ ଜୁନ୍ ସୁଦ୍ଧା ଚାଳିଶ ହଜାର ଲୋକ କଂଗ୍ରେସ ସଭ୍ୟ ହୋଇଥିଲେ ଏବଂ ମହାତ୍ମା ଗାନ୍ଧୀଙ୍କ ତିଳକ ସ୍ୱରାଜ୍ୟ ପାଣ୍ଠି ପାଇଁ ଓଡ଼ିଶାରୁ ବାଇଶ ହଜାର ଟଙ୍କା ଚାନ୍ଦା ଆଦାୟ ହୋଇଥିଲା ।

ଗୋପବନ୍ଧୁ ଚୌଧୁରୀ - ସେ କାଳରେ ଜଣେ ମେଧାବୀ ଛାତ୍ର ଥିଲେ ଓ ଏମ୍.ଏ ପାଶ୍ କରିଥିଲେ । ସେ ଡେପୁଟି ମାଜିଷ୍ଟ୍ରେଟ ଥିଲେ । ସେ ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ନିତ୍ୟାନନ୍ଦ କାନୁନ୍‌ଗୋ ପ୍ରଭୃତି କଲେଜ ଛାତ୍ରଙ୍କୁ ନେଇ 'ଭାରତୀ ମନ୍ଦିର' ନାମରେ ଏକ ଅନୁଷ୍ଠାନ ଗଢ଼ିଥିଲେ । ଯୁବକମାନଙ୍କ ମଧ୍ୟରେ ଉଚ୍ଚ ଜାତୀୟ ଭାବ ପ୍ରଚାର ଏହାର ଉଦ୍ଦେଶ୍ୟ । ସେ ଡେପୁଟି ଚାକିରି ଛାଡ଼ି ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ । ତାଙ୍କ ସାନଭାଇ ନବକୃଷ୍ଣ ଚୌଧୁରୀ କଲେଜ ଛାଡ଼ି ଏହି ଆନ୍ଦୋଳନରେ ମିଶିଥିଲେ ଓ ତାଙ୍କର ସ୍ତ୍ରୀ ରମା ଦେବୀ ଓ ଭାଇବୋହୂ ମାଳତୀ ଚୌଧୁରୀ ମଧ୍ୟ ଯୋଗ ଦେଇଥିଲେ । ତାଙ୍କର ଯୋଗଦାନ ଅସହଯୋଗ ଆନ୍ଦୋଳନକୁ ଯଥେଷ୍ଟ ବଳ ଦେଇଥିଲା । ସେ ଜଗତସିଂହପୁର ଅଳକାଶ୍ରମ (୧୯୨୧ - ୨୪) ପ୍ରତିଷ୍ଠା କରିଥିଲେ ।

ପାଠରେ ବ୍ୟବହୃତ କେତେକ ଯାବନିକ ଶବ୍ଦ

ଓଡ଼ିଶା ଖ୍ରୀ.ଅ. ୧୫୬୮ରୁ ଆଫଗାନ ଓ ମୋଗଲ ଶାସନାଧୀନରେ ରହିଲା । ଏହି ସମୟରେ ବହୁ ପାରସିକ ବା ଫାର୍ଶୀ ଓ ଆରବୀୟ ଶବ୍ଦ ଓଡ଼ିଆ ଭାଷାରେ ପ୍ରବେଶ କରିଛି । ବର୍ତ୍ତମାନ ସେଗୁଡ଼ିକୁ ଯାବନିକ ଶବ୍ଦ ବୋଲି କୁହାଯାଉଛି । ଯଥା:

ଗିରଫ - ଏହା ଏକ ପାରସିକ ବା ଫାର୍ଶୀ ଶବ୍ଦ । ଏହାର ଅର୍ଥ ହେଉଛି ବନ୍ଦୀ ।

ଏହି ପାଠରେ - ଆଇନ୍, ଇସ୍ତଫା, କଚେରୀ, ସରକାର, କୋରଖ ପ୍ରଭୃତି କେତେକ ପାରସିକ ଓ ଆରବୀୟ ଶବ୍ଦ ବ୍ୟବହାର କରାଯାଇଛି । ସଂସ୍କୃତ 'ଲବଣ' ସହିତ ପାରସିକ 'ଆଇନ' ଶବ୍ଦ ଯୋଡ଼ି ହୋଇ 'ଲବଣ-ଆଇନ' ହୋଇଛି ।

କୂଳ - ତଟ; ସମୀପ ସ୍ଥାନ । ଏଠାରେ ବନୀନ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ । 'କ'ରେ 'ୂ' (ଦୀର୍ଘଉକାର) ସ୍ଥାନରେ 'ୁ' (ହ୍ରସ୍ୱଉକାର) ହୋଇ 'କୁଳ' ହେଲେ, 'ବଂଶ' ଅର୍ଥ ପ୍ରକାଶ କରିବ ।

ଶହ - ଶତ ସଂଖ୍ୟକ ('୧'ରେ ଦୁଇଟି ଶୂନ ୧୦୦) । କିନ୍ତୁ 'ଶ' ସ୍ଥାନ 'ସ' ହେଲେ 'ସହିତ' ଅର୍ଥ ପ୍ରକାଶ କରିବ । ପ୍ରାକ୍ କଥନରେ 'ସହ' ଶବ୍ଦ ଏହି ଅର୍ଥରେ ବ୍ୟବହାର କରାଯାଇଛି । ସୁତରାଂ ବହି ପଢ଼ିବା ବେଳେ ବନାନ ପ୍ରତି ଦୃଷ୍ଟି ରଖିବା ଦରକାର ।

ପିକେଟିଂ (Picketing) - ଦଳ ବାନ୍ଧି ଦ୍ୱାର ମୁହଁରେ କୌଣସି ସ୍ଥାନରେ ବସି ରହି କୌଣସି କାମ କରିବାକୁ ବାରଣ କରିବା । ଏହା ଗୋଟିଏ ଇଂରାଜୀ ଶବ୍ଦ । ଏହି ପାଠରେ ଏପରି ସ୍କୁଲ, କଲେଜ, ଟେବୁଲ ପ୍ରଭୃତି ବହୁ ଇଂରାଜୀ ଶବ୍ଦ ବ୍ୟବହାର କରାଯାଇଛି ।

ଅଭୂତପୂର୍ବ - ଯାହା ପୂର୍ବରୁ ହୋଇ ନାହିଁ । ଭୂତ ପୂର୍ବ ଅର୍ଥ ଯାହା ପୂର୍ବରେ ଥିଲେ । ଏଥିରେ 'ଅ' ଯୋଗ ହୋଇ (ଅ+ଭୂତ+ପୂର୍ବ) ଅଭୂତ ପୂର୍ବ ଶବ୍ଦ ଗଠିତ ହୋଇ ଭୂତ ପୂର୍ବର ବିପରୀତ ଅର୍ଥ ପ୍ରକାଶ କରୁଛି । 'ଅ' ଯୋଗରେ 'ଅଭାବ' ଅର୍ଥ ମଧ୍ୟ ପ୍ରକାଶିତ ହୋଇଥାଏ । ଯଥା - ଅନିୟମ, ଅବିଧି ।

ମଉଳନ - ନିଷ୍ପ୍ରଭ ହେବା, ଝାଉଁଳି ପଡ଼ିବା ।

ବେୱା; ବେଉଆ, ବେଉୟା - ଅନାଥା, ପତି-ପୁତ୍ର-ହୀନା ସ୍ତ୍ରୀ । ଏହା ଗୋଟିଏ ଯାବନିକ ଶବ୍ଦ ।

ଫାଶୀ - ମରଣ, ମୃତ୍ୟୁଦଣ୍ଡ । ଏହା ସଂସ୍କୃତ 'ଫାଶ' ଶବ୍ଦରୁ ଗଠିତ ହୋଇଛି । ଉପରେ ଓଡ଼ିଆରେ ଚଳୁଥିବା କେତେକ ଯାବନିକ ଓ ଇଂରାଜୀ ଶବ୍ଦ ବିଷୟରେ କୁହାଯାଇଛି । ଏଠାରେ ପାଠରେ ବ୍ୟବହୃତ ତତ୍‌ସମ ଓ ତଦ୍‌ଭବ ଶବ୍ଦଗୁଡ଼ିକ ବିଷୟ ପକାଇବା । ଯେଉଁ ସଂସ୍କୃତ ଶବ୍ଦଗୁଡ଼ିକ ଓଡ଼ିଆରେ ଅବିକଳ ଚଳେ, ତାହା ତତ୍‌ସମ ବା ସଂସ୍କୃତ ସହିତ ସମାନ ଶବ୍ଦ । ଏହି ପାଠରେ ସ୍ୱାଧୀନ, ସଂଗ୍ରାମ, ମୁକ୍ତ, ସ୍ପଷ୍ଟ ଶେଷ, ପର୍ଯ୍ୟାୟ ପ୍ରଭୃତି ବହୁ ତତ୍‌ସମ ଶବ୍ଦ ବ୍ୟବହାର କରାଯାଇଛି । ଯେଉଁ ସଂସ୍କୃତ ଶବ୍ଦଗୁଡ଼ିକ ମୂଳ ଶବ୍ଦଠାରୁ ଟିକିଏ ଅଲଗା ବା ବିକୃତ ହୋଇ ଓଡ଼ିଆରେ ଚଳୁଛି, ସେଗୁଡ଼ିକୁ ତଦ୍‌ଭବ ଶବ୍ଦ କୁହାଯାଏ । ଏହି ପାଠରେ ଆଖି, ହାତ, ମଉଳନ ପ୍ରଭୃତି ତଦ୍‌ଭବ ଶବ୍ଦ ।

୭.୭ ପଠନ ଅଭ୍ୟାସ

୧. ନିମ୍ନଲିଖିତ ବାକ୍ୟଟିକୁ ପଢ଼ି ବା ତତ ଲେଖାଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ଗୋଟିଏ ପୂର୍ଣ୍ଣ ବାକ୍ୟରେ (ଯଥା ସମ୍ଭବ ଅଳ୍ପ ଶବ୍ଦ ବ୍ୟବହାର କରି) ଲେଖନ୍ତୁ ।

"ବ୍ରିଟିଶ ସାମ୍ରାଜ୍ୟ ଘୋର ପ୍ରତାପୀ, ତା ବିରୁଦ୍ଧରେ ଯିଏ କ୍ଷୀଣ ସ୍ୱର ମଧ୍ୟ ଉତ୍ତୋଳନ କରିବ ତାକୁ ଅତି କଠୋର ଶାସ୍ତି ମିଳିବ - ଏହି କଥାଟିକୁ ସ୍ପଷ୍ଟ ଭାବରେ ଜଣାଇ ଦେବା ପାଇଁ ସେହି ଏପ୍ରିଲ ତେର ତାରିଖ ଦିନ ପଞ୍ଜାବର ଜାଲିଆନାୱାଲାବାଗ୍‌ଠାରେ ଶାନ୍ତିପୂର୍ଣ୍ଣ ଭାବରେ ଓ ପରିବେଶରେ ଥିବା ନିରୀହ ଜନତା ଉପରେ ଆଖିବୁଜା ଗୁଳି ଚଳାଇଲେ ରକ୍ତର ସୁଅ ଛୁଟାଇ ଦେଲେ ଜଣେ ଅତି ନିଷ୍ଠୁର ଗୋରା ସେନାପତି ।

(କ) ଗୋରା ସେନାପତି କେଉଁ ରାଜ୍ୟର କେଉଁଠାରେ ନିଷ୍ଠୁର ଗୁଳିକାଣ୍ଡ କରିଥିଲେ ?

(ଖ) ସେ ଆଖିବୁଜା ବା ଅବିଚାରିତ ଭାବରେ ଗୁଳି ଚଳାଇବା ଆଦେଶ ଦେବାବେଳେ ଲୋକମାନେ କିପରି ପରିବେଶରେ କେଉଁ ଭାବରେ ବସିଥିଲେ ?

(ଗ) ସେ ବ୍ରିଟିଶ ସରକାର ବିରୁଦ୍ଧରେ କଣ କଲେ କଠୋର ଶାସ୍ତି ମିଳିବ ବୋଲି ଜଣାଇବା ଉଦ୍ଦେଶ୍ୟରେ ଏହି ହତ୍ୟାକାଣ୍ଡ କରିଥିଲେ ?

(ଘ) ସେ ବ୍ରିଟିଶ ସାମ୍ରାଜ୍ୟର ପ୍ରତାପ ଓ ନିଷ୍ଠୁରତା ଭିତରୁ କେଉଁଟି ଜଣାଇଦେବା ପାଇଁ ଜାଲିଆନାୱାଲାବାଗ୍‌ଠାରେ ନରସଂହାର ଲୀଳା କରିଥିଲେ ?

(ଙ) କେଉଁ ମାସର କେଉଁ ତାରିଖଟି ଆମ ମନରେ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡର କରୁଣ ସ୍ମୃତି ଜାଗ୍ରତ କରେ ?

୨. ଲେଖକ ପ୍ରବନ୍ଧଟିରେ କେଉଁ କେଉଁ ଘଟଣାର ବର୍ଣ୍ଣନା ବେଳେ 'ରକ୍ତର ସୁଅ' 'ରକ୍ତର ହୁରି' ଓ 'ଆଖିବୁଜା' ପଦ ବ୍ୟବହାର କରିଛନ୍ତି ପାଠଟି ଭଲଭାବରେ ପଢ଼ି ଉତ୍ତର ଦିଅନ୍ତୁ ।

୩. ଲେଖକ ପ୍ରବନ୍ଧରେ କେଉଁ ବୈଠକକୁ କାହିଁକି 'ପ୍ରହସନ' ଓ 'ଚକ୍ଷୁକୁଟା' ବୋଲି କହିଛନ୍ତି ?

୭.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

ପ୍ରଶ୍ନାବଳୀ

୧. ଓଡ଼ିଶାର ଅସହଯୋଗ ଆନ୍ଦୋଳନ କାହିଁକି ଧିମେଇ ଗଲା ?

୨. ସ୍ୱାଧୀନତା ସଂଗ୍ରାମର ଦ୍ୱିତୀୟ ଅଧ୍ୟାୟଟିର ନାମ କଅଣ ଓ ତାହା କଂଗ୍ରେସର କେଉଁ ଅଧିବେଶନ ପରେ କେବେ ଆରମ୍ଭ ହେଲା ।

୩. ଗୋପବନ୍ଧୁ ଚୌଧୁରୀ ୧୯୩୦ ଜାନୁୟାରୀ ୨୬ ତାରିଖ ଦିନ କେଉଁଠାରେ ଶପଥ ପାଠ କରାଇଥିଲେ ?

୪. ଗାନ୍ଧିଜୀ ୧୯୩୦ରେ କଅଣ ଘୋଷଣା କଲେ ଓ କେଉଁ ତାରିଖ ଦିନ ଏକ ସଙ୍ଗରେ ଭାରତର ଚାରିଆଡ଼େ ସ୍ୱାଧୀନତା ସଂଗ୍ରାମର ଶଙ୍ଖଧ୍ୱନି ଶୁଣାଯିବ ବୋଲି କହିଲେ ?

୫. ଓଡ଼ିଶାରେ ଆଚାର୍ଯ୍ୟ ହରିହର କେଉଁଠାରେ ପ୍ରଥମେ ଲବଣ ଆଇନ ଭଙ୍ଗ କଲାପରେ କଣ ହୋଇଥିଲା ?

୬. ସ୍ୱାଧୀନତା ସଂଗ୍ରାମର ଦ୍ୱିତୀୟ ପର୍ଯ୍ୟାୟ ବେଳେ ଅଳ୍ପ ବୟସର ସ୍କୁଲ ପିଲାମାନେ କେଉଁଠାରେ କଣ କରି କି ଦଣ୍ଡ ପାଇଥିଲେ ?

୭. ଗାନ୍ଧୀ–ଆରଉଇନ ଅସ୍ଥାୟୀ ସନ୍ଧି ଫଳରେ କ'ଣ କ'ଣ ହେଲା ?

୮. ବ୍ରିଟିଶ ସରକାର କଂଗ୍ରେସ ଅନୁଷ୍ଠାନକୁ କେବେ ବେଆଇନ୍ ଘୋଷଣା କଲା ?

୯. କେବେ ଓଡ଼ିଶାରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠିତ ହେଲା ଓ ତାହା କାହିଁକି କେବେ ଇସ୍ତଫା ଦେଲା ?

୧୦. ୧୯୪୨ ଅଗଷ୍ଟ ନଅ ତାରିଖରେ କଣ କଣ ହେଲା ?

୧୧. ସ୍ୱାଧୀନତା ଆନ୍ଦୋଳନର ତୃତୀୟ ଅଧ୍ୟାୟ ବା ଭାରତଛଡ଼ା ଆନ୍ଦୋଳନରେ ଓଡ଼ିଶାର ଇରମ୍ ପ୍ରଭୃତି ସ୍ଥାନରେ ପୁଲିସ କାହିଁକି ଆଖିବୁଜା ଗୁଳି ଚଳାଇଥିଲେ ?

୧୨. କୋରାପୁଟର ଆଦିବାସୀମାନେ ଭାରତଛାଡ଼ ଆନ୍ଦୋଳନ ବେଳେ କଣ କରିଥିଲେ ଓ ତାଙ୍କର ନେତାଙ୍କୁ କିପରି ଫାଶୀ ଦିଆଗଲା ?

ତଳ ବାକ୍ୟଟିକୁ ଲକ୍ଷ୍ୟ କରିବା –

'ଗାନ୍ଧିଜୀ ଜାଣିଗଲେ – ଯେଉଁ ସରକାର ଦେଶକୁ ଶୋଷଣ କରୁଛି, ସିଏ ନିଜ ଇଚ୍ଛାରେ ଭାରତୀୟମାନଙ୍କୁ କ୍ଷମତା ହସ୍ତାନ୍ତର କରିବ ନାହିଁ ।'

ଏହି ବାକ୍ୟରେ ଜାଣିଗଲେ, କରୁଛି, କରିବ ନାହିଁ କ୍ରିୟାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ପ୍ରଭୃତି ବିଭିନ୍ନ କାଳ ବିଷୟରେ ସୂଚନା ଦେଉଛି । କିନ୍ତୁ କ୍ରିୟାର 'କାଳ'କୁ ବା ବ୍ୟାକରଣର 'କାଳ'କୁ ସମୟ ବୋଲି ଭାବିବା ଠିକ୍ ହେବ ନାହିଁ । ବର୍ତ୍ତମାନ ପୂରା ପାଠଟିକୁ ଭଲଭାବରେ ପଢ଼ି (୧) ବିଷୟବସ୍ତୁ ଉପରେ ଆଧାରିତ, (୨) ଭାଷା ବା ବ୍ୟାକରଣ ସମ୍ପର୍କୀୟ, (୩) ଭାଷା ଓ ଶୈଳୀ ସମ୍ବନ୍ଧୀୟ ଅନୁଶୀଳନୀର ଉତ୍ତର ଦେବାକୁ ପ୍ରସ୍ତୁତ ହୁଅନ୍ତୁ ।

ପ୍ରଶ୍ନାବଳୀ (ବ୍ୟାକରଣ)

୧. ତଳେ ସ୍ୱାଧୀନତା ସଂଗ୍ରାମ ସମ୍ବନ୍ଧୀୟ କେତେକ ଘଟଣା ଓ ତାରିଖ ଲେଖାଯାଇଛି । ଯେଉଁ ଘଟଣାର ଯେଉଁ ତାରିଖଟି ଠିକ୍ ବୋଲି ଭାବୁଛନ୍ତି ତା କଡ଼ରେ ଥିବା କୋଠରିରେ ଠିକ୍ '✓' ଚିହ୍ନ ଦିଅନ୍ତୁ ।

(କ) ଜାଲିଆନାୱାଲା ହତ୍ୟାକାଣ୍ଡ
- ୧୯୨୧ ଜାନୁଆରୀ ୩୦
- ୧୯୧୯ ଏପ୍ରିଲ ୧୩
- ୧୯୨୯ ଡିସେମ୍ବର ୩୧

(ଖ) ଗାନ୍ଧିଜୀଙ୍କ ଦାଣ୍ଡିଯାତ୍ରା
- ୧୯୩୦ ଏପ୍ରିଲ ୬
- ୧୯୨୯ ଡିସେମ୍ବର ୩୧
- ୧୯୩୦ ମାର୍ଚ୍ଚ ୧୨

(ଗ) ଇଞ୍ଚୁଡ଼ିରେ ଲବଣ ଆଇନ୍ ଅମାନ୍ୟ ଜାନୁୟାରୀ ୩୦ — ୧୯୩୦
- ୧୯୧୯ ଏପ୍ରିଲ ୧୩
- ୧୯୩୦ ଏପ୍ରିଲ ୧୩

(ଘ) ଭାରତ ଛାଡ଼ ଆନ୍ଦୋଳନ ଆରମ୍ଭ ସେପ୍ଟେମ୍ବର ୧୩ — ୧୯୩୯

୧୯୪୭ ଅଗଷ୍ଟ ୧୫

୧୯୪୨ ଅଗଷ୍ଟ ୯

୨. ଠିକ୍ ମନେକରୁଥିବା ସ୍ଥାନରେ କୋଠରି ମଧ୍ୟରେ ଠିକ୍ '✓' ଚିହ୍ନ ଦିଅନ୍ତୁ ।

(କ) ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ସଭାପତି

ଗୋପବନ୍ଧୁ ଚୌଧୁରୀ

ଭାଗୀରଥି ମହାପାତ୍ର

ଗୋପବନ୍ଧୁ ଦାସ

ଡକ୍ଟର ହରେକୃଷ୍ଣ ମହତାବ

ଜଗବନ୍ଧୁ ସିଂହ

(ଖ) ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନରେ ଫାଶୀ ପାଇଥିଲେ ।

ପରୀ ବେଓ୍ୱା

ଲକ୍ଷ୍ମଣ ନାୟକ

୩. ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ ପର୍ଯ୍ୟାୟରେ ନେତୃତ୍ୱ ନେଇଥିବା ନେତାଙ୍କ ନାମ ଠିକ୍ ଥିଲେ, ନାମକଡ଼ରେ ଠିକ୍ '✓' ଚିହ୍ନ ଦିଅନ୍ତୁ ।

(କ) ଅସହଯୋଗ ଆନ୍ଦୋଳନ

ଲକ୍ଷ୍ମଣ ନାୟକ

ନବକୃଷ୍ଣ ଚୌଧୁରୀ

ହରେକୃଷ୍ଣ ମହତାବ

ଗୋପବନ୍ଧୁ ଦାସ

(ଖ) ଲବଣ ସତ୍ୟାଗ୍ରହ

ନବକୃଷ୍ଣ ଚୌଧୁରୀ

ଗୋପବନ୍ଧୁ ଦାସ

ଗୋପବନ୍ଧୁ ଚୌଧୁରୀ

ନିରଞ୍ଜନ ପଟ୍ଟନାୟକ

ଆଚାର୍ଯ୍ୟ ହରିହର

(ଗ) ଭାରତ ଛାଡ଼ ଆନ୍ଦୋଳନରେ ମୁଖ୍ୟ ଭୂମିକା ନେଇଥିଲେ ।

ଆଚାର୍ଯ୍ୟ ହରିହର

ଗୋପବନ୍ଧୁ ଦାସ

ଲକ୍ଷ୍ମଣ ନାୟକ

ଉତ୍ତରାବଳୀ

୧. ମହାତ୍ମା ଗାନ୍ଧୀ ଓ ଗୋପବନ୍ଧୁ କାରାବରଣ କରିବାରୁ ଓଡ଼ିଶାରେ ଅସହଯୋଗ ଆନ୍ଦୋଳନ ଧିମେଇଗଲା ।

୨. ସ୍ୱାଧୀନତ ସଂଗ୍ରାମର ଦ୍ୱିତୀୟ ଅଧ୍ୟାୟଟିର ନାମ 'ସ୍ୱାଧୀନତାର ଶପଥ' । ତାହା କଂଗ୍ରେସର ଲାହୋର ଅଧିବେଶନ ପରେ ଆରମ୍ଭ ହୋଇଥିଲା ।

୩. ଗୋପବନ୍ଧୁ ଚୌଧୁରୀ ୧୯୩୦ ଜାନୁୟାରୀ ୨୬ ତାରିଖ ଦିନ କଟକଠାରେ ଶପଥପାଠ କରାଇଥିଲେ ।

୪. ଗାନ୍ଧିଜୀ ୧୯୩୦ରେ ଲବଣ ଆଇନ ଅମାନ୍ୟ ଆନ୍ଦୋଳନ ଘୋଷଣା କଲେ । ସେହି ବର୍ଷ ଏପ୍ରିଲ ୬ ତାରିଖ ଦିନ ଏକସଙ୍ଗରେ ଭାରତର ଚାରିଆଡ଼େ ସ୍ୱାଧୀନତା ସଂଗ୍ରାମର ଶଙ୍ଖଧ୍ୱନି ଶୁଣାଯିବ ବୋଲି କହିଥିଲେ ।

୫. ଓଡ଼ିଶାରେ ଆଚାର୍ଯ୍ୟ ହରିହର ଇଞ୍ଜୁଡ଼ିଠାରେ ପ୍ରଥମେ ଲବଣ ଆଇନ୍ ଭଙ୍ଗ କଲାପରେ ଓଡ଼ିଶାରେ ଅଭୂତପୂର୍ବ ଜାଗରଣ ଦେଖା ଦେଇଥିଲା । ଶହ ଶହ ହଜାର ହଜାର ଲୋକ ଆଇନ୍ ଅମାନ୍ୟ କରି ଜେଲ ବରଣ କରିଥିଲେ ।

୬. ସ୍ୱାଧୀନତା ସଂଗ୍ରାମର ଦ୍ୱିତୀୟ ପର୍ଯ୍ୟାୟ ବେଳେ ଅଳ୍ପ ବୟସର ସ୍କୁଲ ପିଲାମାନେ ବିଲାତି ଲୁଗା ଦୋକାନ, ମଦ ଦୋକାନ ଓ ଅଫିମ ଦୋକାନ ଆଗରେ ପିକେଟିଂ କରି ବେତମାଡ଼ ଖାଇଥିଲେ ।

୭. ଗାନ୍ଧୀ-ଆର୍-ଉଇନ୍ ଅସ୍ଥାୟୀ ସନ୍ଧି ଫଳରେ ରାଜବନ୍ଦୀମାନେ ମୁକ୍ତ ହୋଇଥିଲେ ।

୮. ଗାନ୍ଧିଜୀ ଗୋଲଟେବୁଲ ବୈଠକରୁ ନିରାଶ ହୋଇ ଭାରତକୁ ଫେରିବା ମାତ୍ରେ ତାଙ୍କୁ ଗିରଫ କରି ନିଆଗଲା ଓ କଂଗ୍ରେସ ଅନୁଷ୍ଠାନକୁ ବ୍ରିଟଶ ସରକାର ବେଆଇନ୍ ଘୋଷଣା କଲା ।

୯. ୧୯୩୭ ମସିହାରେ ଓଡ଼ିଶାରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠିତ ହେଲା ଓ ଲୋକପ୍ରତିନିଧିମାନଙ୍କ ମତ ନ ନେଇ ବ୍ରିଟିଶ ସରକାର ଭାରତକୁ ଯୁଦ୍ଧରେ ସାମିଲ କରିଦେବାରୁ ଓଡ଼ିଶାରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେଲା ।

୧୦. ୧୯୪୨ ଅଗଷ୍ଟ ନଅ ତାରିଖରେ ଭାରତଛାଡ଼ ଆନ୍ଦୋଳନ ଦେଖାଦେଇଥିଲା । ଏଥିରେ ଓଡ଼ିଶାର ଲୋକମାନେ ଅଭୂତପୂର୍ବ ସାହସ ଦେଖାଇଥିଲେ । ବ୍ରିଟିଶ ସରକାରଙ୍କ ଦମନଲୀଳାକୁ ବେଖାତିର କରି ଗୋଟିଏ ଗୋଟିଏ ସ୍ଥାନର ଲୋକେ ନିଜ ନିଜ ଅଞ୍ଚଳକୁ ସ୍ୱାଧୀନ ବୋଲି ଘୋଷଣା କରିଦେଲେ ।

୧୧. ଭାରତଛାଡ଼ ଆନ୍ଦୋଳନ ବେଳେ ଓଡ଼ିଶାର ଉରମ ପ୍ରଭୃତି ସ୍ଥାନରେ ପୋଲିସ ଆଖିବୁଜା ଗୁଳି ଚଳାଇଥିଲେ । କାରଣ ଏହିସବୁ ସ୍ଥାନର ସଂଗ୍ରାମୀମାନେ ନିଜ ନିଜ ଅଞ୍ଚଳକୁ

ସ୍ୱାଧୀନ ବୋଲି ଘୋଷଣା କରିଥିଲେ ।

୧୨. କୋରାପୁଟ ଆଦିବାସୀମାନେ ଭାରତଛାଡ଼ ଆନ୍ଦୋଳନ ବେଳେ ଅଦ୍ଭୁତ ବୀରତ୍ୱ ଦେଖାଇଥିଲେ । ସେମାନଙ୍କ ନେତୃତ୍ୱ ନେଇଥିଲେ ଲକ୍ଷ୍ମଣ ନାୟକ । ତାଙ୍କୁ ଗୋଟିଏ ମିଥ୍ୟା ମକଦ୍ଦମାରେ ଜଡ଼ିତ କରାଯାଇ ଓ ଦୋଷୀ ସାବ୍ୟସ୍ତ କରାଯାଇ ଫାଶୀଖୁଣ୍ଟରେ ଝୁଲାଇ ଦିଆଗଲା ।

ଉତ୍ତରାବଳୀ (ବ୍ୟାକରଣ)

୧. (କ) ଜାଲିଆନାୱାଲା ହତ୍ୟାକାଣ୍ଡ – ୧୯୧୯ ଏପ୍ରିଲ ୧୩ [ ]

(ଖ) ଗାନ୍ଧିଜୀଙ୍କ ଦାଣ୍ଡି ଯାତ୍ରା – ୧୯୩୦ ଏପ୍ରିଲ ୬ [ ]

(ଗ) ଇଞ୍ଚୁଡ଼ିରେ ଲବଣ ଆଇନ ଅମାନ୍ୟ – ୧୯୩୦ଏପ୍ରିଲ ୧୩ [ ]

(ଘ) ଭାରତ ଛାଡ଼ ଆନ୍ଦୋଳନ ଆରମ୍ଭ – ୧୯୪୨ ଅଗଷ୍ଟ ୯ [ ]

୨. (କ) ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ସଭାପତି–ଗୋପବନ୍ଧୁ ଦାସ [ ]

(ଖ) ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନରେ ଫାଶୀ ପାଇଥିଲେ–ଲକ୍ଷ୍ମଣ ନାୟକ [ ]

୩. ଅସହଯୋଗ ଆନ୍ଦୋଳନ – ଗୋପବନ୍ଧୁ ଦାସ [ ]

– ନବକୃଷ୍ଣ ଚୌଧୁରୀ [ ]

– ହରେକୃଷ୍ଣ ମହତାବ [ ]

ଲବଣ ସତ୍ୟାଗ୍ରହ – ଆଚାର୍ଯ୍ୟ ହରିହର [ ]

ଭାରତ ଛାଡ଼ ଆନ୍ଦୋଳନ – ଲକ୍ଷ୍ମଣ ନାୟକ [ ]

୭.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ

୧. ବିଭିନ୍ନ ଆନ୍ଦୋଳନରେ ପ୍ରସିଦ୍ଧ ହୋଇଥିବା ଠିକ୍ ସ୍ଥାନଟିକୁ ବାଛନ୍ତୁ –

ଲବଣ ଆଇନ୍ ଅମାନ୍ୟ ଆନ୍ଦୋଳନ କଟକ

ଇଞ୍ଚୁଡ଼ି

ଇରମା

ଭାରତ ଛାଡ଼ ଆନ୍ଦୋଳନରେ ଇଞ୍ଚୁଡ଼ି

ଇରମା

ପୁରୀ

୨. ଗାନ୍ଧୀଯୁଗର ସ୍ୱାଧୀନତା ସଂଗ୍ରାମ ପ୍ରଭୃତି କେବେ ଆରମ୍ଭ ହୋଇଥିଲା ‘✓’ ଚିହ୍ନ ଦେଇ

ଦେଖାଇ ଦିଅନ୍ତୁ ।

୧୮୫୭

୧୮୧୭

୧୯୨୧

୩. ନିମ୍ନଲିଖିତ କବିତାଂଶ ପଦ ସହିତ ପ୍ରବନ୍ଧ ବର୍ଣ୍ଣିତ ସ୍ୱାଧୀନତା ସଂଗ୍ରାମର କେଉଁ ତାରିଖ କଥା କୁହାଯାଇଛି, ବାଛି '✓' ଚିହ୍ନ ଦିଅନ୍ତୁ ।

ଜାନୁୟାରୀର ଛବିଶ ଏଇ
ସ୍ୱାଧୀନତାର ଶପଥ ଦିନ
ତାହାରି ଶୁଭ ଆଶିଷ ନେଇ
ଏ ଦେଶ ଆଜି ତମସାହୀନ

୧୯୫୦ ଜାନୁୟାରୀ ୨୬

୧୯୩୦ ଜାନୁୟାରୀ ୨୬

୧୯୨୦ ଜାନୁୟାରୀ ୨୬

୪. ପ୍ରବନ୍ଧରେ ପ୍ରଥମ ପାରାଗ୍ରାଫଟି ଭଲ ଭାବରେ ପଢ଼ନ୍ତୁ ଓ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଗୋଟଏ ପୂର୍ଣ୍ଣ ବାକ୍ୟରେ ଲେଖନ୍ତୁ ।

(କ) ବ୍ରିଟିଶ ସାମ୍ରାଜ୍ୟର ପ୍ରତୀକ କ'ଣ ?

(ଖ) ତାହା କେଉଁ ବର୍ଷ କେଉଁ ମାସ କେଉଁ ତାରଖରୁ ଭାରତର ପତାକା ସ୍ତମ୍ଭମାନଙ୍କରେ ଆଉ ଉଡ଼ିବାର ଦେଖାଗଲା ନାହିଁ ?

(ଗ) ତାହା କାହିଁକି ସେହି ଦିନଠାରୁ ଭାରତର ପତାକା ସ୍ତମ୍ଭମାନଙ୍କରୁ ବିଦାୟ ନେଲା ?

(ଘ) ଗାନ୍ଧୀ ଯୁଗର ସ୍ୱାଧୀନତା ସଂଗ୍ରାମ କେଉଁ ବର୍ଷ ଆରମ୍ଭ ହୋଇ କେଉଁ ବର୍ଷ ଶେଷ ହେଲା ?

୫. ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ଇତିହାସରେ ଗୋପବନ୍ଧୁ ଦାସଙ୍କର ଭୂମିକା ଉପରେ ଗୋଟିଏ ଅନୁଚ୍ଛେଦ (ପାରାଗ୍ରାଫ) ଲେଖନ୍ତୁ ।

୬. ଲବଣ ସତ୍ୟାଗ୍ରହରେ ଓଡ଼ିଶାର ଭୂମିକା ସମ୍ପର୍କରେ ସଂକ୍ଷେପରେ ଆଲୋଚନା କରନ୍ତୁ ।

୭. ନିମ୍ନଲିଖିତ ବାକ୍ୟମାନଙ୍କରୁ କର୍ତ୍ତା, କ୍ରିୟା ପଦଗୁଡ଼ିକ ବାକ୍ୟ କଡ଼ରେ ଥିବା କୋଠରୀରେ ଲେଖନ୍ତୁ ।

କଟକରେ ଗୋପବନ୍ଧୁ ଚୌଧୁରୀ ସେହି ଶପଥ ପାଠ କରାଇଲେ । କର୍ତ୍ତା କ୍ରିୟା

ଗାନ୍ଧିଜୀ କଂଗ୍ରେସ ପ୍ରତିନିଧି ଦଳର ନେତୃତ୍ୱ ନେଲେ । କର୍ତ୍ତା କ୍ରିୟା

ଆର ଉଇନ ଗାନ୍ଧୀଙ୍କ ସହିତ ଗୋଟାଏ ଅସ୍ଥାୟୀ ସନ୍ଧି ବା ଟୁସ କରି କ ଉ ଁ ।
କ୍ରିୟା

ରାଜବନ୍ଦୀମାନଙ୍କୁ ମୁକ୍ତ କରିଦେଲେ ।

କଂଗ୍ରେସ ଶାସିତ ପ୍ରଦେଶର ମୁଖ୍ୟମନ୍ତ୍ରୀମାନେ ଇସ୍ତଫା ଦେଇଦେଲେ । କର୍ତ୍ତା କ୍ରିୟା

ଦେଶର ଚାରିଆଡ଼େ ବିଦ୍ରୋହର ନିଆଁ ଜଳି ଉଠିଲା । କର୍ତ୍ତା କ୍ରିୟା

ଗାନ୍ଧିଜୀ ଗୋଲ ଟେବୁଲ ବୈଠକରେ ଯୋଗଦେଇ ଫେରିଲେ । କର୍ତ୍ତା କ୍ରିୟା

ଅଧ୍ୟାୟ ୮ 'ରେବତୀ' (କ୍ଷୁଦ୍ରଗଳ୍ପ)

ସଂରଚନା :

୮.୦ - ଉଦ୍ଦେଶ୍ୟ

୮.୧ - ଉପକ୍ରମ

୮.୧.୧. ଲେଖକଙ୍କ ପରିଚୟ

୮.୧.୨. ଫକୀରମୋହନଙ୍କ ସାହିତ୍ୟ

୮.୧.୩. ବିଷୟ ପ୍ରବେଶ

୮.୧.୪. ସହାୟକ ଗ୍ରନ୍ଥ ସୂଚୀ

୮.୨ ମୂଳପାଠର ପ୍ରଥମ ଭାଗ

୮.୨.୧ - ଶବ୍ଦାର୍ଥ

୮.୨.୨ - ପଠିତାଂଶର ଆଲୋଚନା

୮.୨.୩ - ମୂଳପାଠର ପ୍ରଥମାଂଶରୁ ପ୍ରଶ୍ନ

୮.୨.୪ - ମୂଳପାଠର ପ୍ରଥମାଂଶରୁ ବ୍ୟାକରଣ ପ୍ରଶ୍ନ

୮.୩ ମୂଳପାଠର ଦ୍ୱିତୀୟ ଭାଗ

୮.୩.୧ - ଶବ୍ଦାର୍ଥ

୮.୩.୨ - ପଠିତାଂଶର ଆଲୋଚନା

୮.୩.୩ - ମୂଳପାଠର ଦ୍ୱିତୀୟାଂଶରୁ ପ୍ରଶ୍ନ

୮.୩.୪. - ମୂଳପାଠର ଦ୍ୱିତୀୟାଂଶରୁ ବ୍ୟାକରଣ ପ୍ରଶ୍ନ

୮.୪ ମୂଳପାଠର ଶେଷ ଭାଗ

୮.୪.୧. - ଶବ୍ଦାର୍ଥ

୮.୪.୨ - ପଠିତାଂଶର ଆଲୋଚନା

୮.୪.୩ - ମୂଳପାଠର ଶେଷ ଅଂଶରୁ ପ୍ରଶ୍ନ

୮.୪.୪ - ମୂଳପାଠର ଶେଷ ଅଂଶରୁ ବ୍ୟାକରଣ ପ୍ରଶ୍ନ

୮.୫ ସଂପୂର୍ଣ୍ଣ ମୂଳପାଠ ଉପରେ ପ୍ରଶ୍ନ

୮.୫.୧ ସଂପୂର୍ଣ୍ଣ ମୂଳପାଠର ବ୍ୟାକରଣ ପ୍ରଶ୍ନ

୮.୬ ସାରାଂଶ

୮.୭ ପଠନ ଅଭ୍ୟାସ

୮.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର ।

୮.୯ ଆଦର୍ଶ ପ୍ରଶ୍ନାବଳୀ

୮.୦ ଉଦ୍ଦେଶ୍ୟ

ସାହିତ୍ୟ ହେଉଛି ସମାଜର ଦର୍ପଣ । ଏଥିରେ ଚଳନ୍ତି ସମୟର ପ୍ରବାହ ଦେଖିବାକୁ ମିଳେ । ବ୍ୟକ୍ତି ଜୀବନର ପ୍ରତିଟି ମୁହୂର୍ତ୍ତର ଜୀବନଚର୍ଚ୍ଚାକୁ ନେଇ ସାହିତ୍ୟ ଋଦ୍ଧିମନ୍ତ । ଏହାର ନାନ୍ଦନିକ ଆବେଦନ ଚିରକାଳ ଆନନ୍ଦଦାୟୀ ଓ ଶିକ୍ଷଣୀୟ । ଗଦ୍ୟ ଓ ପଦ୍ୟ–ସାହିତ୍ୟର ଦୁଇଟି ମୁଖ୍ୟ ବିଭବ । ପ୍ରାଚୀନ କାଳର କାବ୍ୟ ପରମ୍ପରା ପ୍ରତି ଆଗ୍ରହ, ଉନବିଂଶ ଶତାବ୍ଦୀ ବେଳକୁ କମି ଆସିଲା; ଏବଂ କ୍ଷୁଦ୍ରଗଳ୍ପ, ନାଟକ, ଉପନ୍ୟାସ, ପ୍ରବନ୍ଧ ପ୍ରଭୃତି ଆଧୁନିକ ଗଦ୍ୟକଳାର ଉନ୍ମେଷ ଓ ବିକାଶ ହେବାକୁ ଲାଗିଲା । ଟର୍ଚ୍ଚର ଆଲୁଅ ଅନ୍ଧାର କୋଠରୀର ଗୋଟିଏ ନିର୍ଦ୍ଦିଷ୍ଟ ଜାଗାକୁ ପକାଇ ଆଲୋକିତ କରିବା ପରି କ୍ଷୁଦ୍ରଗଳ୍ପ ସାଧାରଣତଃ କୌଣସି ଏକ ଘଟଣା, ଚରିତ୍ର ବା ମୁହୂର୍ତ୍ତକୁ ପାଥେୟ କରି ରଚିତ ହୋଇଥାଏ । ଏଣୁ, ଏହା ପ୍ରଭାବଶାଳୀ ଢ଼ଙ୍ଗରେ ପାଠକକୁ ଛୁଇଁଥାଏ । ଜୀବନ ଓ ଜୀବିକାର ଦାୟରେ ବ୍ୟସ୍ତ ମଣିଷ ପାଖରେ ସାହିତ୍ୟ ଚର୍ଚ୍ଚା ପାଇଁ ସମୟ ଅଳ୍ପ । ଅତଏବ, କ୍ଷୁଦ୍ରଗଳ୍ପ ସୀମିତ ସମୟ ଓ ସଂକ୍ଷିପ୍ତ କଳେବର ହେତୁ ପାଠକର ପଠନ ପିପାସାକୁ ତୃପ୍ତ କରିବାରେ ସକ୍ଷମ । ଜୀବନର ବିବିଧ ବର୍ଣ୍ଣମାଳାକୁ ତୋଳିଧରିବାର ସାମର୍ଥ୍ୟ କ୍ଷୁଦ୍ରଗଳ୍ପର ରହିଛି ।

୮.୧ ଉପକ୍ରମଣିକା

ପ୍ରାଚୀନ କାଳରେ ଲୋକକଥା, ଲୋକକାହାଣୀ, ପୁରାଣକଥାର ବେଶ୍ ଆଦର ଥିଲା । ତତ୍କାଳୀନ ଗ୍ରାମ୍ୟସମାଜରେ ଯୌଥପରିବାରର ଜେଜେବାପା, ଜେଜେମା', ଆଇମା'ଙ୍କ ପରି ବୟସ୍କ ମୁରବୀମାନେ ପ୍ରାୟ ପ୍ରତି ସନ୍ଧ୍ୟାରେ ଛୋଟ ପିଲାଙ୍କୁ କାହାଣୀ କହୁଥିଲେ । ଟୁଆଁଟୁଇଁ କଥା, ଶୁଆଶାରୀ କଥା, ଗୋପାଳ ଭାଣ୍ଡ, ଅବୋଲକରା କଥା, ରାଜାରାଣୀ କଥା, କଲୁରେଇବେଣ୍ଟ କଥା, ସାଧବପୁଅ କଥା ପ୍ରଭୃତିକୁ ପୀଢ଼ି ପରେ ପୀଢ଼ି ଶୁଣାଇ ଆସୁଥିଲେ । ଠିକ୍ ସେମିତି, ସଂସ୍କୃତ ଭାଷା ସାହିତ୍ୟରେ ହିତୋପଦେଶ, ପଂଚତନ୍ତ୍ର, ବେତାଳ ପଂଚବିଂଶତି ଆଦି ଅତି ଜନପ୍ରିୟ କାହାଣୀ ଥିଲା । ପାଶ୍ଚାତ୍ୟ ଜଗତରେ ମଧ୍ୟ ଆରବ୍ୟରଜନୀ କାହାଣୀମାଳା, ଗଲିଭରର ଭ୍ରମଣ କାହାଣୀ, ଇସପ୍ କାହାଣୀ ମାଳା ଲୋକପ୍ରିୟ ଥିଲା । ବିଭିନ୍ନ ସମାଜରେ ଏହିପରି ଗଳ୍ପଗୁଡ଼ିକ କେବଳ ମନୋରଞ୍ଜନର ମାଧ୍ୟମ ଥିଲା । ଏହା ଶିକ୍ଷଣୀୟ ହେବା ସହ ଅନୁସନ୍ଧିତ୍ସା ଓ ଆଗ୍ରହର ବାଟ ମଧ୍ୟ ଫିଟାଇବାରେ ସାହାଯ୍ୟ କରୁଥିଲା ।

ଆଧୁନିକ କ୍ଷୁଦ୍ରଗଳ୍ପର ଉତ୍ପତ୍ତି ଓ ବିକାଶ ଘଟିଛି ଗୋଟିଏ ନିର୍ଦ୍ଦିଷ୍ଟ, ଆର୍ଥିକ, ସାମାଜିକ ଓ ରାଜନୈତିକ ପୃଷ୍ଠଭୂମିରେ । ଫରାସୀ ଲେଖକ ପ୍ରାସ୍‌ପେର୍ ମେରେମେ, ଋଷିଆର ଆଲେକଜାଣ୍ଡାର ପୁଶକିନ୍, ଆମେରିକାର ଏଡ୍‌ଗାର ଆଲେନ୍ ପୋ ପ୍ରଭୃତିଙ୍କୁ ପାଶ୍ଚାତ୍ୟ ସାହିତ୍ୟରେ କ୍ଷୁଦ୍ରଗଳ୍ପର ଜନ୍ମଦାତା ଭାବରେ ଗ୍ରହଣ କରାଯାଏ । ଭାରତବର୍ଷରେ ହିନ୍ଦୀ

ଭାଷାରେ ପ୍ରେମଚାନ୍ଦ, ଅସମୀୟା ଭାଷାରେ ଲକ୍ଷ୍ମୀନାଥ ବେଜବରୁଆ, ବଙ୍ଗଳା ଭାଷାରେ ରବୀନ୍ଦ୍ରନାଥ ଠାକୁର, ବଙ୍କିମ୍ ଚନ୍ଦ୍ର, ଭୂଦେବ ମୁଖୋପାଧ୍ୟାୟ, ଓଡ଼ିଆ ଭାଷାରେ ଫକୀରମୋହନ ସେନାପତି ପ୍ରମୁଖ ବିଭିନ୍ନ ଭାଷାରେ କ୍ଷୁଦ୍ରଗଳ୍ପର ପରମ୍ପରା ଓ ଆଗ୍ରହକୁ ଆଗେଇ ନେଇଥିଲେ ।

୮.୧.୧ ଲେଖକଙ୍କ ପରିଚୟ

ଓଡ଼ିଆ ଭାଷା ସାହିତ୍ୟରେ ବ୍ୟାସକବି ଫକୀରମୋହନ ସେନାପତି ଅଗ୍ରପୂଜ୍ୟ । ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ମଲ୍ଲିକାଶପୁର ଗାଁରେ ପିତା ଲକ୍ଷ୍ମଣ ଚରଣ ସେନାପତି ଓ ମାତା ତୁଳସୀ ଦେବୀ ସେନାପତିଙ୍କ ଔରସରୁ ଖ୍ରୀ : ୧୮୪୩ ଜାନୁଆରୀ ୧୩ ତାରିଖ ମକର ସଂକ୍ରାନ୍ତିରେ ଜନ୍ମ ଗ୍ରହଣ କରିଥିଲେ ଏବଂ ଖ୍ରୀ : ୧୯୧୮ ଜୁନ୍ ୧୪ ରଜସଂକ୍ରାନ୍ତିରେ ପରଲୋକ ଗମନ କରିଥିଲେ । ଏଣୁ, ତାଙ୍କୁ ସଂକ୍ରାନ୍ତି ପୁରୁଷ ବୋଲି ମଧ୍ୟ ଅବହିତ କରାଯାଏ । ସେ ଥିଲେ ପ୍ରଥମ ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ "ରେବତୀ" ର ଲେଖକ । ମାତ୍ର, ଦେଢ଼ ବର୍ଷ ହେଲାବେଳକୁ ପିତା ଓ ତିନି ବର୍ଷ ହେଲା ବେଳକୁ ମାତାଙ୍କୁ ହରାଇ ଜେଜେମା' ଙ୍କ ଦ୍ୱାରା ପାଳିତ ହୋଇଥିଲେ । ତାଙ୍କର ପ୍ରକୃତ ନାମ ଥିଲା ବ୍ରଜମୋହନ । ମାତ୍ର, ପିଲାଦିନୁ ଅନେକ ସମୟରେ ଅସୁସ୍ଥ ରହୁଥିବାରୁ ଜେଜେମା' ତାଙ୍କୁ ମାନସିକ କରି ଫକୀରଙ୍କ ଶରଣାପନ୍ନ କରିଥିଲେ । ଏଣୁ ସେ ଫକୀରଙ୍କ ସମ୍ମାନାର୍ଥେ ପରବର୍ତ୍ତୀ କାଳରେ ଫକୀରମୋହନ ନାମରେ ପରିଚିତ ହେଲେ । ଶାରୀରିକ ଅସୁସ୍ଥତା ହେତୁ କିଂଚିତ ବିଳମ୍ବରେ ଅର୍ଥାତ ୯ ବର୍ଷ ବୟସରେ ଅକ୍ଷର ଶିଖିବା ଆରମ୍ଭ କରିଥିଲେ । ବୟସ ବଢ଼ିବା ସହ ସେ ମାତୃଭାଷା ଓଡ଼ିଆ ସହ ଫରାସୀ, ହିନ୍ଦୀ, ବଙ୍ଗଳା, ଇଂରାଜୀ, ସଂସ୍କୃତ ପ୍ରଭୃତି ବିବିଧ ଭାଷା ଶିକ୍ଷା କରି ପାରଦର୍ଶିତା ଲାଭ କରିଥିଲେ । ଆର୍ଥିକ ଅନଟନ ହେତୁ ଛାତ୍ର ଅବସ୍ଥାରେ ସେ ଅଝାଲ ସିଲେଇ ଠାରୁ ଆରମ୍ଭ କରି ବାଲେଶ୍ୱର ଜିଲ୍ଲାସ୍ତରରେ ଶିକ୍ଷକ, ବାଲେଶ୍ୱର କଲେକ୍ଟରେଟ୍‌ରେ କିଛି କାଳ ପାଇଁ କିରାଣୀ ଚାକିରି କରି ପରବର୍ତ୍ତୀ କାଳରେ ମିଶନ ସ୍କୁଲରେ ୧୮୭୧ ଯାଏଁ ଶିକ୍ଷକତା କରିଥିଲେ । ସେହି ସମୟରେ ଛାତ୍ରମାନେ ସମସ୍ତ ପାଠ ବଙ୍ଗଳା ଭାଷାରେ ପଢୁଥିଲେ । ତେଣୁ ଫକୀରମୋହନ ପାଠ୍ୟପୁସ୍ତକଗୁଡ଼ିକୁ ଓଡ଼ିଆରେ ଅନୁବାଦ କରିବା ଆରମ୍ଭ କରିଥିଲେ । ଏହି ସମୟରେ ସେ ତତ୍କାଳୀନ କଲେକ୍ଟର ଜନ୍ ବୀମ୍‌ସଙ୍କ ସହ ପରିଚିତ ହେଲେ ଏବଂ ତାଙ୍କୁ ବିଭିନ୍ନ ଭାରତୀୟ ଭାଷାର ତୁଳନାତ୍ମକ ବ୍ୟାକରଣ ରଚନାରେ ସାହାଯ୍ୟ କଲେ । ଫକୀରମୋହନଙ୍କ ପାଣ୍ଡିତ୍ୟରେ ମୁଗ୍ଧ ହୋଇ ବୀମସ୍ ସାହେବ ତାଙ୍କୁ ନୀଳଗିରି ଦ୍ୱିୱାନ୍ ପଦ ଦେଲେ ଏବଂ ନୀଳଗିରି, ଡ଼ମପଡ଼ା, ଢେଙ୍କାନାଳ, ଦଶପଲ୍ଲା, ପାଲଲହଡ଼ା, କେଉଁଝର ଓ ପୁଣି ଡ଼ମପଡାରେ ୧୮୭୧ ମସିହାରୁ ୧୮୮୬ ଯାଏଁ ସେ କାର୍ଯ୍ୟଭାର ତୁଲାଇଥିଲେ । ୧୮୯୬ ରୁ ୧୯୦୫ ଯାଏଁ ସେ କଟକରେ ଅବସ୍ଥାନ କରିଥିଲେ ଓ ବିଭିନ୍ନ ସାହିତ୍ୟିକ ଅନୁଷ୍ଠାନ ସହ ଜଡ଼ିତ ରହି ଭାଷା ଓ ସାହିତ୍ୟର ଉନ୍ନତିକଳ୍ପେ କାର୍ଯ୍ୟ କରିଥିଲେ । ୧୯୦୫ ରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ବାଲେଶ୍ୱରରେ ବସବାସ କରୁଥିଲେ । ଓଡ଼ିଆକୁ ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ପ୍ରଦାନରେ ସେନାପତିଙ୍କ ଭୂମିକା ମହତପୂର୍ଣ୍ଣ ଥିଲା ଓଡ଼ିଆ ଭାଷା ଓ ସାହିତ୍ୟର ସେ ଯଥାର୍ଥରେ ଗଣଜୀବନ ର ରୂପକାର ହୋଇପାରିଛନ୍ତି ।

୮.୧.୨ ଫକୀରମୋହନଙ୍କ ସାହିତ୍ୟ

ଫକୀରମୋହନଙ୍କ କଥା – ସାହିତ୍ୟ ହେଉଛି ତତ୍କାଳୀନ ଓଡ଼ିଶାର ଜୀବନଗାଥା । ପତ୍ରକୁଡ଼ିଆରୁ ପଲ୍ଲୀଜୀବନ ଗାଧୁଆ ଘୁଠରୁ ରାଣୀ ଅନ୍ତଃପୁର, ଗାଁ ଚଉପାଡ଼ୀରୁ ଜମିଦାରଙ୍କ କଚେରୀ, ରାମାଭଣ୍ଡାରୀ ଠୁ ରାମଚନ୍ଦ୍ର, ହରକଳା ଚମ୍ପା ଠୁ 'ରେବତୀ'ର ଜେଜେମା', କନ୍ୟାଦାନ ଠୁ କନ୍ୟାସୁନା, ଧୂଳିଆବାବା ଠୁ ରାଣ୍ଡିପୁଅ ଅନନ୍ତା ଯାଏଁ ତାଙ୍କ ଚାରିପଟେ ଆତଯାତ ହେଉଥିବା ସବୁ ଘଟଣା, ସବୁ ଚରିତ୍ରକୁ ବେଶ୍ ଭଲ ଭାବରେ ତଉଲି ପାରିଥିଲେ । ନିଜର ଦୀର୍ଘ କର୍ମମୟ ଜୀବନର ଦାୟରେ ଓଡ଼ିଶାର ବହୁ ଅଂଚଳରେ ଅବସ୍ଥାନ କରିଥିଲେ । ପ୍ରକୃତି ଓ ମଣିଷ ସହିତ ଅନ୍ତରଙ୍ଗ ହୋଇଥିଲେ । ଜଣେ ଶିକ୍ଷକ, ସମ୍ବାଦିକ, ଦେବାନ୍ ଓ ସାହିତ୍ୟିକ ଭାବରେ ସେ ଓଡ଼ିଶା ମାଟିକୁ, ଓଡ଼ିଆ ଭାଷାକୁ ଓ ମାଟିର ମଣିଷକୁ ଚିହ୍ନିଥିଲେ । ଓଡ଼ିଶାର ଜାତୀୟ ଜୀବନରେ ଉନବିଂଶ ଶତାବ୍ଦୀ ଯେଉଁ ପରିବର୍ତ୍ତନର ବାର୍ତ୍ତାକୁ ଆଣି ପହଁଚେଇଥିଲା, ତାକୁ ସେ ନିରବରେ ପର୍ଯ୍ୟବେକ୍ଷଣ କରୁଥିଲେ । ଇଂରାଜୀ ଶିକ୍ଷାପ୍ରାପ୍ତ ନବ୍ୟ ତରୁଣଗୋଷ୍ଠୀଙ୍କର ଆଚରଣରେ ପରିବର୍ତ୍ତନ, ମଦ୍ୟପାନ ପ୍ରତି ଆସକ୍ତି, ଇଂରେଜମାନଙ୍କ ପଦଲେହନ କରି ନିଜକୁ ପ୍ରତିଷ୍ଠିତ କରିବାର ମୋହ ସହିତ ସମାନ୍ତରାଳ ଭାବେ ଅଶିକ୍ଷା, କୁସଂସ୍କାର ମଧ୍ୟ ସାମାଜିକ ଜୀବନକୁ ଧ୍ୱସ୍ତ କରି ଦେଉଥିବାର ଦେଖିଥିଲେ । ପୁରାତନ ଓ ନୂତନ ଆଦର୍ଶର ସଘଂର୍ଷ ଭିତରୁ ଯେଉଁ ଆଶାର କିରଣ ଦିଶୁଥିଲା, ତାକୁ ସେ ନିଜ ରଚନାରେ ସାମିଲ କରିଥିଲେ । ନାରୀ ଶିକ୍ଷାର ପ୍ରସାର ସେଇପରି ଏକ ସ୍ୱାନ୍ତନାଜନକ ବିଷୟ ଥିଲା ତାଙ୍କ ପାଇଁ । କେବଳ ଗଳ୍ପଲେଖି ନୁହେଁ ବାସ୍ତବରେ ମଧ୍ୟ ବାଳିକାମାନଙ୍କ ଶିକ୍ଷାଲାଭ ପାଇଁ ବିଦ୍ୟାଳୟର ବ୍ୟବସ୍ଥା କରିଥିଲେ ଫକୀରମୋହନ । ଓଡ଼ିଆ ଭାଷାର ଘୋର ବିପତ୍ତି ସମୟରେ ଆଶାର ଆଲୋକ ନେଇ ଆଗେଇ ଆସିଥିଲେ । ରାଧାନାଥ ରାୟ ଓ ମଧୁସୁଦନଙ୍କ ପରି ସୁହୃଦୟମାନଙ୍କୁ ନେଇ, ବଙ୍ଗଳା ଭାଷାର ବଡ଼ଭାଇ ପଣିଆ, ଲର୍ଡ଼ ମ୍ୟାକେଲ୍‌ଙ୍କ ଶିକ୍ଷାନୀତି ଦ୍ୱାରା ଅନୁପ୍ରାଣିତ ଇଂରାଜୀ କିରାଣୀ ଗୋଷ୍ଠୀ ତିଆରି ଅଭିସନ୍ଧିରୁ ଓଡ଼ିଆଭାଷାକୁ ବଂଚେଇ ଆଗକୁ ନେବାରେ ସେ ଯଥାର୍ଥ ସେନାପତିର ଭୂମିକା ଗ୍ରହଣ କରିଥିଲେ । ତେପନ ବର୍ଷ ହେଲାବେଳକୁ ସେ ଲେଖନୀ ଧରିଥିଲେ, ୧୮୯୮ ରୁ ୧୯୧୮ ମଧ୍ୟରେ 'ଗଳ୍ପସ୍ୱଳ୍ପ' ନାମରେ ଗଳ୍ପସଂକଳନ, ଛ'ମାଣ ଆଠ ଗୁଣ୍ଠ, ମାମୁଁ, ଲଛମା, ପ୍ରାୟଶ୍ଚିତ ପରି ଚାରିଗୋଟି ଉପନ୍ୟାସ ରଚନା କରିଥିଲେ । ଆଦ୍ୟ ଜୀବନରେ ସେ ମହାଭାରତ, ରାମାୟଣ, ଉପନିଷଦ୍ ଆଦି ଅନୁବାଦ କରିଥିଲେ । ତାଙ୍କର 'ଆତ୍ମଜୀବନୀ ଚରିତ' ତତ୍କାଳୀନ ଓଡ଼ିଶାର ଏକ ଜୀବନ୍ତ ଦସ୍ତାବିଜ୍ । ଏଥିରେ ସେ ଓଡ଼ିଶାର ସାସ୍କୃତିକ, ରାଜନୈତିକ, ସାମାଜିକ ଜୀବନର ମାର୍ମିକ ଅଭିବ୍ୟକ୍ତି ବେଶ୍ ନିଖୁଣ ଭାବରେ ଆଙ୍କି ପାରିଛନ୍ତି ।। ୧୮୯୨ ରେ ଫକୀରମୋହନଙ୍କ ପ୍ରଥମ କାବ୍ୟ ସଂକଳନ "ଉତ୍କଳ ଭ୍ରମଣ" ପ୍ରକାଶିତ ହୁଏ । 'ପୁଷ୍ପମାଳା', ଉପହାର', ପ୍ରାର୍ଥନା, ଧୂଳି ପ୍ରଭୃତି ତାଙ୍କର ଅନ୍ୟାନ୍ୟ କାବ୍ୟକୃତ୍ତି ସହିତ ସେ ସଂସ୍କୃତରେ ମହାଭାରତ ଓ ରାମାୟଣକୁ ଓଡ଼ିଆରେ ଭାବାନୁବାଦ କରିଥିଲେ । ଏଥିପାଇଁ ତତ୍କାଳୀନ ବାମଣ୍ଡାର ରାଜା ତାଙ୍କୁ 'ସରସ୍ୱତୀ' ଉପାଧିରେ ଭୂଷିତ କରିଥିଲେ । ଏହାଛଡ଼ା ୧୮୬୮ ରେ ନିଜ ଚେଷ୍ଟାରେ ବାଲେଶ୍ୱର ଠାରେ 'ଉତ୍କଳ ପ୍ରେସ୍' ନାମରେ ଏକ

ଛାପାଖାନା ପ୍ରତିଷ୍ଠା କରିଥିଲେ ଯାହା ହେଉଛି ଓଡ଼ିଶାରେ ଦ୍ୱିତୀୟ ଛାପଖାନା । ଏଠାରୁ ସେ ଓଡ଼ିଆରେ ବିଭିନ୍ନ ପତ୍ରପତ୍ରିକା ଓ ସମ୍ବାଦପତ୍ର ସଂପାଦନା ଓ ପ୍ରକାଶନ କରିଥିଲେ । ତତ୍ ମଧ୍ୟରୁ 'ନବସମ୍ବାଦ', 'ବୋଧଦାୟିନୀ' 'ସମ୍ବାଦବାହିକା' ଆଦି ପ୍ରଧାନ । ଭାଷାର ଉନ୍ମେଷ ଓ ବିକାଶ ଦିଗରେ ଏହି ପତ୍ରପତ୍ରିକାଗୁଡ଼ିକର ଅବଦାନ ଅନସ୍ୱୀକାର୍ଯ୍ୟ । ଏହି ସମୟରେ ସେ ରାଧାନାଥ ଓ ମଧୁସୂଦନ ରାଓଙ୍କୁ ନିଜର ଘନିଷ୍ଠ ସହକାରୀ ଭାବରେ ପାଇଥଲେ । ପୁଣି ୧୮୬୭ ରେ 'ଉତ୍କଳ ଭାଷା ଉନ୍ନତି – ବିଧାନ ସଭା' ନାମରେ ଏକ ସଂଗଠନ ଗଢ଼ିଥିଲେ । 'ଉତ୍କଳ ସାହିତ୍ୟ ସମାଜରେ ୧୯୧୨ ଓ ୧୯୧୬ ବାର୍ଷିକ ଅଧିବେଶନରେ ସଭାପତିତ୍ୱ କରିଥିଲେ । ୧୯୧୫ ରେ ପଣ୍ଡିତ ଗୋପବନ୍ଧୁଙ୍କ ସତ୍ୟବାଦୀ ବନ ବିଦ୍ୟାଳୟ ପରିଦର୍ଶନ କରି ଅତି ଆନନ୍ଦିତ ହୋଇଥିଲେ । ଏହିପରି ଦୀର୍ଘ କର୍ମମୟ ଜୀବନର ବିସ୍ତୃତ ଅନୁଭୂତି ଓ ଅନୁଭବ ତାଙ୍କର ସାହିତ୍ୟ ସର୍ଜ୍ଜନା କ୍ଷେତ୍ରକୁ ଅଧିକ ବ୍ୟାପ୍ତ ଓ ଦୀପ୍ତ କରିବାରେ ସହାୟକ ହୋଇଥିଲା ।

୮.୧.୩ ବିଷୟ ପ୍ରବେଶ

ଫକୀରମୋହନ ତାଙ୍କ 'ଆତ୍ମଜୀବନୀ ଚରିତ'ରେ ଠାଏଁ ଲେଖିଛନ୍ତି 'ବୋଧ ଦାୟିନୀ' ପତ୍ରିକାରେ ସେ 'ଲଛମନିଆ' ନାମରେ ଗଳ୍ପଟିଏ ଲେଖି ପ୍ରକାଶ କରିଥିଲେ । ତେବେ, ବୋଧଦାୟିନୀର ୧୮୬୮ ରୁ ୧୯୭୧ ଜୁନ୍ ମଧ୍ୟରେ କେଉଁ ସଂଖ୍ୟାରେ ଏହି ଗଳ୍ପଟିଏ ବାହାରିଥିଲା ତାହା ସ୍ପଷ୍ଟ ନୁହେଁ । ଏଣେ ଗଳ୍ପଟି ମଧ୍ୟ ଉପଲବ୍ଧ ନୁହେଁ । ସେହିପରି ମଧୁସୂଦନଙ୍କ 'ଚନ୍ଦ୍ର ଓ ତାରା', 'ପ୍ରଣୟର ଅଦ୍ଭୁତ ପରିଣାମ' (୧୮୭୪), 'ହେମମାଳା' (୧୮୯୭), ରାଧାନାଥଙ୍କ 'ଇଟାଲୀୟ ଯୁବା' (୧୮୭୩) ପ୍ରଭୃତି କେତୋଟି ଲେଖାକୁ ଆମେ ଗଳ୍ପ ଭାବରେ ଗ୍ରହଣ କରିପାରିବା ନାହିଁ । ଏଣୁ, ଯଥାର୍ଥତଃ ଶ୍ରୀ ଧୂର୍ଜ୍ଜଟି ଛଦ୍ମନାମରେ ଫକୀରମୋହନ ଲେଖିଥିବା 'ରେବତୀ' ହିଁ ଓଡ଼ିଆ ଭାଷାର ପ୍ରଥମ ସାର୍ଥକ କ୍ଷୁଦ୍ରଗଳ୍ପ । ଏହା ୧୮୯୮ ମସିହା ଅକ୍ଟୋବର ମାସର 'ଉତ୍କଳ ସାହିତ୍ୟ' ପତ୍ରିକା (୨ୟ ବର୍ଷ, ୧୦ମ ସଂଖ୍ୟା, କାର୍ତ୍ତିକ ୧୩୦୬) ରେ ପ୍ରକାଶିତ ହୋଇଥିଲା । ଏହା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଦ୍ୱାରା ଲିଖିତ ଏକ କାଳଜୟୀ ଗଳ୍ପ । ଆଜିକାଲି ଦିନରେ ବି 'ରେବତୀ' ଗଳ୍ପର ପ୍ରାସଙ୍ଗିକତା ରହିଛି । ନାରୀ ଓ ପୁରୁଷ ଉଭୟ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ପରି ହୋଇଥିଲେ ହେଁ ନାରୀଶିକ୍ଷା, ସ୍ୱାଧୀନତା, ସ୍ୱାତନ୍ତ୍ର ଇତ୍ୟାଦି ବିବିଧ କ୍ଷେତ୍ରରେ ନାରୀ ଏ ଯାଏଁ ବି ସମ୍ପୂର୍ଣ୍ଣ ରୂପେ ପୁରୁଷ ସହିତ ସମକକ୍ଷ ହୋଇପାରିନାହିଁ । ଆଜି ବି 'ରେବତୀ'ମାନଙ୍କ ପ୍ରେମ, ସ୍ୱପ୍ନ ଓ ସଂଘର୍ଷକୁ ନେଇ ଆଧୁନିକ ଓଡ଼ିଆ ଗଳ୍ପ ଲେଖାଯାଉଛି । ଏକ ଶତାବ୍ଦୀରୁ ଉର୍ଦ୍ଧ୍ୱ ସମୟ ଧରି ଏବେବି 'ରେବତୀ' ପାଠକ ପ୍ରାଣକୁ ଆନ୍ଦୋଳିତ କରିବାର କ୍ଷମତା ରଖୁଛି । ଉନବିଂଶ ଶତାବ୍ଦୀର ଶେଷ ଭାଗରେ ଓଡ଼ିଶାର ସାମାଜିକ ଚିତ୍ତବିକ୍ଷୋଭର ବହୁଧା କାରଣ ଭିତରୁ ଅଶ୍ରୁମୁଖ 'ରେବତୀ'ର ଜନ୍ମ ।

ସେହିପରି ରେବତୀ ଗଳ୍ପରେ ଥିବା କେତୋଟି ଐତିହାସିକ ତଥ୍ୟକୁ ମଧ୍ୟ ଅଣଦେଖା କରାଯାଇପରିବ ନାହିଁ । ସେଗୁଡ଼ିକ ହେଲା –

କ) ଓଡ଼ିଶାରେ ଶିକ୍ଷାର ବିସ୍ତାର ପାଇଁ ସ୍କୁଲ ଡ଼େପୁଟି ଇନ୍‌ସପେକ୍ଟରଙ୍କ ଦ୍ୱାରା ବିଦ୍ୟାଳୟଗୁଡ଼ିକ ପ୍ରତିଷ୍ଠା ହୋଇଥିଲା । ନୂଆକରି ସୃଷ୍ଟି ହୋଇଥିବା ସ୍ୱତନ୍ତ୍ର ଇନ୍‌ସପେକ୍ଟର ପଦବୀରେ ୧୮୯୨ ଜୁନ୍ ୨୧ ତାରିଖରେ କବିବର ରାଧାନାଥ ରାୟ ଯୋଗ ଦେଇଥିଲେ । ଏଣୁ, ଗଳ୍ପରେ ଉଲ୍ଲେଖ ଥିବା ବିଦ୍ୟାଳୟଟି ୧୮୯୨ ଜୁନ୍ ୨୨ ତାରିଖ ପରେ ପ୍ରତିଷ୍ଠା ହୋଇଥିବ ।

ଖ) ସେହି ସମୟରେ ବାଳିକାମାନଙ୍କୁ ଶିକ୍ଷାଦେବା ପାଇଁ କଟକରେ ଏକ ବାଳିକା ବିଦ୍ୟାଳୟ; ଏବଂ ତାହା କଟକର ବାଳକ ବିଦ୍ୟାଳୟ ସହ ୧୮୬୩ ରୁ ୧୮୬୪ ମସିହା ଜୁନ୍ ମଧ୍ୟରେ ଗ୍ରାଣ୍ଟସ୍ ପାଇଥିବାର ତଥ୍ୟ ରହିଛି ।

ଗ) ରେବତୀର ପାଠପଢ଼ା ପାଇଁ ବାସୁଦେବ ପ୍ରଥମେ ସୀତାନାଥଙ୍କ ପ୍ରଥମ ପାଠ ବହିଟି ଆଣି ଦେଇଥିଲା । ୧୮୬୫ ମସିହାପରେ ଓ ୧୮୮୯ ମସିହା ପୂର୍ବରୁ ଏହି ପୁସ୍ତକଟି ପ୍ରକାଶିତ ହୋଇଥିଲା । ଏଣୁ, ୧୮୯୮ ରେ ଲେଖାହୋଇଥିବା କାହାଣୀରେ ଏହାର ବର୍ଣ୍ଣନା ତଥ୍ୟ ଦୃଷ୍ଟିରୁ ସତ୍ୟ ଅଟେ ।

ଘ) ସେହିପରି ମଧୁ ରାଓଙ୍କ ଛାନ୍ଦମାଳା ୧୮୮୦ -୮୧ ରେ ପ୍ରକାଶିତ ହୋଇଥିଲା । ତେଣୁ, ରେବତୀ ଶିକ୍ଷାରମ୍ଭର ଦୁଇବର୍ଷ ଭିତରେ ସ୍ପଷ୍ଟ ଓ ପ୍ରାଞ୍ଜଳ ଭାବରେ ଛାନ୍ଦମାଳାକୁ କଣ୍ଠସ୍ଥ କରିପାରିଥିଲା ବୋଲି ଉଲ୍ଲେଖ୍ୟରେ ମଧ୍ୟ ଅସ୍ୱାଭାବିକତା ନାହିଁ ।

ମଣିଷର ଭଲ ଓ ମନ୍ଦ ଉଭୟଦିଗର ଚମତ୍କାର ଚିତ୍ରଣ ଫକୀରମୋହନଙ୍କ ରଚନାର ବୈଶିଷ୍ଟ୍ୟ । ସମସାମୟିକ ସମାଜର ପ୍ରତିନିଧିତ୍ୱ କରୁଥିବାରୁ ତାଙ୍କର ଚରିତ୍ରମାନେ ପାଠକଙ୍କୁ ସବୁବେଳେ ଜୀବନ୍ତ ଓ ଭରଷାଯୋଗ୍ୟ ମନେହୁଅନ୍ତି । ଆଲୋଚ୍ୟ ରେବତୀ ଗଳ୍ପରେ ଜେଜେମା', ଶ୍ୟାମବନ୍ଧୁ, ବାସୁଦେବ ଓ ରେବତୀକୁ ଆମେ ଏଇ ଦୃଷ୍ଟିରୁ ଗ୍ରହଣ କଲେ ନିମ୍ନୋକ୍ତ ବୈଶିଷ୍ଟ୍ୟ ଗୁଡ଼ିକୁ ଅନୁଧ୍ୟାନ କରିପାରିବା ।

କ) **ଜେଜେମା'** – ତତ୍କାଳୀନ ସାମାଜିକ ରକ୍ଷଣଶୀଳତାର ପ୍ରତିନିଧି । ଏକମାତ୍ର ନାତୁଣୀକୁ ପ୍ରାଣଭରି ଭଲପାଉଥିଲେ ବି ତା'ର ପାଠପଢ଼ା ପ୍ରତି ତାଙ୍କର ଆଦୌ ସମର୍ଥନ ନାହିଁ । ସେ ନାରୀଶିକ୍ଷାର ଘୋର ବିରୋଧି । ବାସୁଦେବ ପ୍ରତି ସେ ସ୍ନେହ ବତ୍ସଳା । ତେବେ, ସେ ବାସୁର ରେବତୀକୁ ପାଠ ପଢ଼ାଇବାର ଇଚ୍ଛା ନେଇ ଅସନ୍ତୁଷ୍ଟ ହେଲେ ବି ତା' ସାମ୍ନାରେ ବିରୋଧ କରିନି । ପୁଣି, ରେବତୀ ଓ ବାସୁଦେବର ନୀରବ ପ୍ରେମ ଓ ଭବିଷ୍ୟତର ବିବାହ ପ୍ରତି ମଧ୍ୟ ତାଙ୍କର ସମର୍ଥନ ରହିଛି ।

ଖ) **ଶ୍ୟାମବନ୍ଧୁ**–ତତ୍କାଳୀନ ମଧ୍ୟବିତ୍ତ ସମାଜର ଜଣେ ସଫଳ ପ୍ରତିନିଧି । ସମୟର ସନ୍ଧିକ୍ଷଣରେ ତାଙ୍କର ଜୀବନଚର୍ଯ୍ୟା ଓ ମାନସିକତା ପୁରାତନ ସହ ନୂତନତାର ଏକ ଚମତ୍କାର ସମନ୍ୱୟ । ଜଣେ ସଚ୍ଚୋଟ କର୍ମଚାରୀ, ଜଣେ ସ୍ନେହୀ ଅଭିଭାବକ ଓ ଜଣେ ଆଧୁନିକ ମାନସିକତା ସମ୍ପନ୍ନ ନାଗରିକ ଭାବରେ ଫକୀରମୋହନ ତାଙ୍କୁ ଚିତ୍ରଣ କରିଛନ୍ତି । ଜେଜେମା'ଙ୍କୁ ସେ ଶ୍ରଦ୍ଧା ଓ ସମ୍ମାନ କରନ୍ତି । ଏଣେ ଝିଅକୁ ବି ପାଠ ପଢ଼େଇବାକୁ ଚାହାନ୍ତି ।

ଗ) **ବାସୁଦେବ** – ଜଣେ ସ୍ୱାଭିମାନୀ ଶିକ୍ଷିତ ନବ୍ୟତରୁଣ; ବୟସ ଅଳ୍ପ, କିନ୍ତୁ, ସ୍ୱାଭାବରେ ମାଛି କୁ ମ' ନ କହୁଥିବା ଏହି ତରୁଣର ପ୍ରେମ ଅନ୍ତଃସଲିଳା ଫଲ୍ଗୁ ପରି ଗଳ୍ପରେ ପ୍ରବାହମାନ । ରେବତୀ ପ୍ରତି ଆନ୍ତରିକ ପ୍ରେମ କେଉଁଠି ପ୍ରକାଶ୍ୟରେ ଦିଶିନାହିଁ । ରେବତୀର ସୁଲଳିତ କଣ୍ଠରୁ ଭଜନ ଶୁଣିବାରେ, ତାକୁ ପାଠ ପଢ଼େଇବାରେ, ତା'ର ଅପାର ଆନନ୍ଦ । ତା'ର ଦୈନନ୍ଦିନ କାର୍ଯ୍ୟଧାରାରୁ ହିଁ ତା'ର ନିରବ ପ୍ରେମର ଅଭ୍ୟାସ ମିଳେ ।

ଘ) **ରେବତୀ** – ଗୋଟିଏ ଛୋଟ, ସୁଖି ପରିବାରର ଏକମାତ୍ର ଦାୟାଦ । ସ୍ୱଭାବରେ ଶାନ୍ତ, ପାଠପଢ଼ାକୁ ନେଇ ତା'ର ବିଫଳ ଆଗ୍ରହ । ବାସୁଦେବ ପ୍ରତି ତା'ର ପ୍ରେମ ଅତି ସଂତର୍ପଣରେ ଗୋପନରେ ଲାଳିତ । ରେବତୀର ଭଜନ ଗାଇବାରେ,ମଧୁରାଓଙ୍କ ଛନ୍ଦମାଳାକୁ କଣ୍ଠସ୍ଥ କରିବାରେ, ପୁଣି, ବାପା ମାଙ୍କ ଅବର୍ତ୍ତମାନରେ ବାସୁଦେବ ପ୍ରତି ଅସହାୟ, ନିର୍ଭରଶୀଳତାରେ ଏବଂ ଶେଷରେ ବାସୁଦେବର ମୃତ୍ୟୁରେ ମ୍ରିୟମାଣ ହୋଇ ନିଜେ ମୃତ୍ୟୁପଥର ଯାତ୍ରୀ ହେବାରେ ପ୍ରେମର ପ୍ରଖର ସୁଅକୁ ପାଠକ ଖୁବ୍ ଅନୁଭବ କରିପାରେ ଏବଂ କାରୁଣ୍ୟରେ ଦ୍ରବୀଭୂତ ହୋଇଯାଏ ।

ଅତଏବ, ରେବତୀ ଏକ ଐତିହାସିକ ଉପାଦାନ ଥିବା ସାମାଜିକ ସଂସ୍କାରମୂଳକ ଗଳ୍ପ । ଯେଉଁଥିରେ ପ୍ରେମର ଧାରା ସ୍ୱଚ୍ଛ, ସଂଜତ ଓ ଶାଳୀନ । ପୁଣି, ଏହା ଏକ ବିୟୋଗାନ୍ତ କରୁଣ ଗଳ୍ପ । ଉନବିଂଶ ଶତାବ୍ଦୀର ଅନ୍ତିମ ପାଦରେ ପ୍ରଚାରିତ ତଥା ନିର୍ଯ୍ୟାତିତ ଜାତିପ୍ରାଣର ପୁଞ୍ଜିଭୂତ ବେଦନା, ତା'ର ସୁତୀବ୍ର ପ୍ରତିକ୍ରିୟା ଏବଂ ସର୍ବୋପରି ଏ ସବୁର ସତ୍ୟନିଷ୍ଠ ରୂପାୟନ ଫକୀରମୋହନଙ୍କ ଗଳ୍ପଗୁଚ୍ଛ । କାରଣ, ଆଧୁନିକ ସାହିତ୍ୟର ଉନ୍ମେଷ ପୂର୍ବରେ ଓଡ଼ିଆ ଜାତିୟତାବାଦ ଥିଲା ଓଡ଼ିଆ ଭାଷା ଓ ସାହିତ୍ୟଭିତ୍ତିକ । 'ରେବତୀ' ଏହାର ବ୍ୟତିକ୍ରମ ନୁହେଁ । ମାତ୍ର, ପୂର୍ଣ୍ଣାଙ୍ଗ ରୂପରେ ଫକୀରମୋହନଙ୍କ ପ୍ଲଟ ହେଉଛି ପରିସ୍ଥିତିକରଣ ବା 'Conditioning' ର ଅଙ୍ଗୀଭୂତ । ସେଥିପାଇଁ ସେଇ ସମୟର ଏକ ଫଟ୍ରୋଗ୍ରାଫିକ୍ ଚିତ୍ରଣ ଭାବରେ ଏହି ଗଳ୍ପକୁ ଗ୍ରହଣ କରାଯାଏ ।

୮.୧.୪ ସହାୟକ ଗ୍ରନ୍ଥସୂଚୀ –

କ) ଫକୀରମୋହନଙ୍କ ଆତ୍ମଜୀବନ ଚରିତ

ଖ) ରେବତୀ : ରେବତୀ – ଅସୀତ ମହାନ୍ତି (ସଂପାଦନା)

ଗ) ଦେଶ କାଳପାତ୍ର ଓ ମନୀଷୀ ଫକୀରମୋହନ
–ଡ଼ଃ ଜେ.ଭି, ବୋଲ୍‌ଟନ୍ (ଓଡ଼ିଶା ସାହିତ୍ୟ ଏକାଡ଼େମୀ ପ୍ରକାଶିତ)

୮.୨ ମୂଳପାଠର ପ୍ରଥମ ଭାଗ

"But Oft some shinning April morl
Is darkended is an hour
And blackest griefs over joyous home

Alas ! onseen may lower' Rev G.H. Gurney

କଟକ ଜିଲ୍ଲାର ହରିହରପୁର ପ୍ରଗଣା ମଧ୍ୟରେ ଗୋଟିଏ ମଫସଲ ଗ୍ରାମ, ନାମ ପାଟପୁର । ଗ୍ରାମ ମୁଣ୍ଡାମୁଣ୍ଡିରେ ଗୋଟିଏ ଘର । ଆଗିଲି-ପିଛିଲି ଚାରି ବଖରା, ଖଞ୍ଜା ପାଚିରୀ ବାଳିଆରେ ଢ଼ିଙ୍କିଶାଳ, ଅଗଣା ମଧ୍ୟରେ କୂଅ, ଆଗକୁ ଦାଣ୍ଡଦୁଆର, ପଛକୁ ବାଡ଼ିଦୁଆର । ଦାଣ୍ଡଦୁଆର ମେଲାଘରେ ଦାଣ୍ଡଲୋକ ବସାଉଠା କରନ୍ତି, ପ୍ରଜାମାନେ ଖଜଣା ଦେବାକୁ ଆସି ଏହିଠାରେ ବସନ୍ତି । ଶ୍ୟାମବନ୍ଧୁ ମହାନ୍ତି ଜମିଦାର ତରଫରୁ ଗ୍ରାମର କରଣ, ମାସକୁ ଦରମା ଦୁଇଟଙ୍କା, ଦରମା ଛାଡ଼ି ପାଉତି ବିଶୋଧନୀ, ବାହାଲହଣା ଇତ୍ୟାଦିରୁ ଦୁଇ ପଇସା ହାତ ପୈଠ ହୁଏ । ସବୁ ମିଶାଇଲେ ମାସକୁ ଚାରିଟଙ୍କାରୁ ଉଣା ହେବନାହିଁ, ସଂସାର ଏକରକମ ଚଳେ । ଏକରକମ କିଆଁ ? ବୋଇଲେ ଭଲ ଚଳେ । ଏଇଟା ହେଲା ନାହିଁ, ସେଇଟା ଘରେ ନାହିଁ, ଏପରି କଥା ଘରର କାହାରି ମୁହଁରୁ ଶୁଣାଯାଏ ନାହିଁ । ବାଡ଼ିରେ ଶାଗ, ମୁଗ ଚାଷ ଛାଡ଼ି ସଜନା ଦୁଇଗଛ । ଘରେ ଲଗାପଡ଼ିଆ, ବରଷ -ବିଆଣୀ ଗାଈ ଦୁଇଟା ବନ୍ଧା; ଦୁଧ ଟିକିଏ, ଚହ୍ଲା ମୁନ୍ଦାଏ ହାଣ୍ଡି ତଳେ ଲାଗିଥାଏ । ବୁଢ଼ୀ ଚଷୁ ମିଶାଇ ଘଷି ପାଡ଼ିଦିଏ, କାଠ କିଣା ବୋଧେ ନାହିଁ । ଜମିଦାର ସାଢ଼େ ତିନିମାଣ ଚଷିବାକୁ ଦେଇଛନ୍ତି : ଧାନ ବଳେ ନାହିଁ କି କମେ ନାହିଁ । ଶ୍ୟାମବନ୍ଧୁଟି ବଡ଼ ସିଧା ସଳଖ ଲୋକ, ପ୍ରଜାମାନେ ମାନନ୍ତି, ସୁଖପାନ୍ତି । ବାପରେ ଧନରେ କହି ଦୁଆର ଦୁଆର ବୁଲି ଖଜଣା ଅସୁଲ କରେ, କାହାରି ଠାରୁ ଅନ୍ୟାୟରେ ପଇସାଟିଏ ନିଏ ନାହିଁ । ପ୍ରଜାମାନେ ଖଜଣା ଦେଇ ପାଉତି ମାଗନ୍ତି ନାହିଁ; ସେ ଚାରିଆଙ୍ଗୁଳି ତାଳପତ୍ରରେ ଖଣ୍ଡେ ପାଉତି ଲେଖି ବଳେ ଚାଳରେ ଗୁଞ୍ଜି ଦେଇଯାଏ । ଜମିଦାର ପିଆଦା ଆସିଲେ ଗାଁ କୁ ଛାଡ଼େ ନାହିଁ; ଆପେ ହାତ ଓଠ ଧରି ଧୂଆଁଖିଆ ଦୁଇପଇସା ଅଣ୍ଟାରେ ଗୁଞ୍ଜି ଦେଇଯାଏ । ଜମିଦାର ପିଆଦା ଆସିଲେ ଗାଁ କୁ ଛାଡ଼େ ନାହିଁ; ଆପେ ହାତ ଓଠଧରି ଧୂଆଁଖିଆ ଦୁଇପଇସା ଅଣ୍ଟାରେ ଗୁଞ୍ଜିଦେଇ ବିଦାକରେ । ଶ୍ୟାମବନ୍ଧୁଙ୍କ ଘରେ ଖାଇବାକୁ କୁଟୁମ୍ବ ଚାରିଜଣ, ଆପେ ଦୁଇ ପରାଣୀ, ମା ବୁଢ଼ୀ, ଦଶ ବରଷର ଗୋଟିଏ ଝିଅ । ଝିଅର ନାମ ରେବତୀ । ଶ୍ୟାମବନ୍ଧୁ ସଞ୍ଜବେଳେ ପିଣ୍ଡାରେ ବସି "କୃପାସିନ୍ଧୁ ବନ୍ଦନା" ଗାଏ, ଆଉଆଉ ଭଜନ ଗାଏ, କେବେ କେବେ କାଠ ରୁଖାଟିଏ ଉପରେ ବଇଠାଟିଏ ଥୋଇ ଭାଗବତ ପଢ଼େ, ରେବତୀ ପାଖରେ ବସି ଶୁଣୁଥାଏ । ମୁହେଁ ମୁହେଁ ଢ଼ର ଭଜନ ଶିଖିଗଲାଣି, ତା ପିଲା ମୁହଁକୁ ଭଜନ ଗୁଡ଼ିକ ଖୁବ୍‌ମାନେ । ସଞ୍ଜବେଳେ ବାପା ପାଖରେ ବସି ଭଜନ ଗାଇଲେ ଗାଁର କୌଣସି କୌଣସି ଲୋକ ଆସି ଶୁଣନ୍ତି । ରେବତୀ ବାପା ପାଖରୁ ଗୋଟିଏ ଭଜନ ଶିଖିଥିଲା, ସେଇଟି ଗାଇଲେ ଶ୍ୟାମବନ୍ଧୁ ବଡ଼ ଖୁସି ହୁଏ । ପ୍ରତିଦିନ ଝିଅଟିକୁ ଗାଇବାକୁ କହେ, ରେବତୀ ଗାଏ -

'କା' ଆଗେ କରିବି ଗୁହାରି ?
ତୁମେ ନ ଚାହିଁଲେ ନାଥ ଗରିବ ଯିବ ସରି ।
କର ବା ନକର ନ୍ତାଣ ପଦେ ସମପିଛି ପ୍ରାଣ
ହୃଦେ ଅଛି ତବ ନାମ ଧରି ।
ତୁମ୍ଭ ବିନା ଏ ଜଗତ ଶୂନ୍ୟ ହେ ହରି ।
ଶୀତଳ କର ଜୀବନ ପ୍ରେମାମୃତ ଦାନ କରି ।

ଦୁଇ ବରଷ ତଳେ ସ୍କୁଲ ଡ଼େ: ଇନ୍‌ସପେକ୍‌ଟର ମଫସଲ ଗସ୍ତକୁ ଯିବା ସମୟରେ ପାଟପୁରରେ ରାତିଏ ରହିଯାଇଥିଲେ । ଗ୍ରାମର ମୁଖିଆ ମୁଖିଆ କେତେ ଜଣ ଲୋକ

କୁହାପୋଛା କରିବାରୁ ଦିପୋଟି ବାବୁ ଓଡ଼ିଶା ବିଭାଗର ଇନ୍‌ସପେକ୍‌ଟରଙ୍କ ଠାରୁ ରିପୋର୍ଟ କରି ଗୋଟିଏ ଅପର ପ୍ରାଇମେରୀ ସ୍କୁଲ ବସାଇ ଦେଇଛନ୍ତି । ଶିକ୍ଷକଙ୍କ ବେତନ ମାସକୁ ଚାରିଟଙ୍କା । ଏହି ଚାରିଟଙ୍କା ସରକାରରୁ ମିଳେ । ଏହାଛଡ଼ା ପ୍ରତି ପିଲା ମାସକୁ ଅଣାଏ ଲେଖାଏଁ ଦିଅନ୍ତି । ଶିକ୍ଷକଟି କଟକ ନର୍ମାଲ ସ୍କୁଲର ଅବଧାନ ବିଭାଗର ଉତ୍ତୀର୍ଣ୍ଣ ଛାତ୍ର, ନାମ ବାସୁଦେବ । ନାମଟି ଯେପରି ବାସୁଦେବ, ଲୋକଟା ମଧ୍ୟ ସେହିପରି ବାସୁଦେବ । ଟୋକାଟାର ଭିତର ବାହାର ସୁନ୍ଦର । ଗାଁ ମଝିରେ ଚାଲିଯିବା ବେଳେ ମୁଣ୍ଡଟେକି କାହାକୁ ଚାହେଁନାହିଁ । ବୟସ ଅନ୍ଦାଜ କୋଡ଼ିଏ । ସୁନ୍ଦର ରୂପ, ଯେମନ୍ତ ଗୋଟିଏ ଚାଉଳରେ ଗଢ଼ା । ପିଲାଦିନେ ପିହୁଳାରୋଗ ହୋଇଥିଲା । ତା ମା ମୁଣ୍ଡରେ ତତଲା ବୋତଲ ମୁହଁ ଚିହ୍ନ ଦେଇଥିଲା । ସେ ଚିହ୍ନ ଆଜିଯାଏ ଅଛି । ହେଲେ, ସେ ଚିହ୍ନ ତାକୁ ମାନେ । ବାସୁଦେବ ପିଲାକାଳରୁ ମା' ବାପା ଛେଉଣ୍ଡ, ମାମୁଁଘରେ ରହି ମଣିଷ ହୋଇଛି । ବାସୁଦେବ ଜାତିରେ କରଣ, ଶ୍ୟାମବନ୍ଧୁ ମଧ୍ୟ କରଣ । କେବେ ପୁନେଇ ଗୁରୁବାରରେ ଘରେ ପିଠା ପଣା ହେଲେ ଶ୍ୟାମବନ୍ଧୁ ପାଠଶାଳାକୁ ଯାଇ କହିଆସେ, "ବାପା ବସୁ ! ସଞ୍ଜବେଳେ ଟିକେ ଆମ ଘରକୁ ଯିବ, ତୁମ ମାଉସୀ ଡ଼ାକିଛନ୍ତି ।" ଏହିପରି ଯିବା ଆସିବାରେ ସେମାନଙ୍କ ମଧ୍ୟରେ ଗୋଟାଏ ମାୟା ଲାଗିଗଲାଣି । ରେବତୀ ବାସୁକୁ ଦେଖିଲେ କହେ, 'ଆହା, ମା' ଛେଉଣ୍ଡଟି କଣ ଖାଏ, କିଏ ତା ଖାଇବା ଦେଖୁଛି ।" ବାସୁ ପ୍ରତିଦିନ ସଞ୍ଜବେଳେ ଯାଇ ଶ୍ୟାମବନ୍ଧୁ ପାଖରେ ଘଡ଼ିଏ ଅଧେ ବସି ଆସେ ! ବାସୁକୁ ଦୂରରୁ ଦେଖିଲେ " ବାସୁ ଭାଇ ଅଇଲେ, ବାସୁଭାଇ ଅଇଲେ" ବୋଲି ରେବତୀ ପାଟିକରି ବାପାକୁ କହେ । ରେବତୀ ସଞ୍ଜବେଳେ ବାପ ପାଖରେ ବସି ପ୍ରତିଦିନ ପଠିତ ପୁରୁଣା ଭଜନ ଗୁଡ଼ିକ ବାସୁକୁ ଶୁଣାଏ । ବାସୁକୁ ସେହି ଗୀତ ନୂଆ ନୂଆ ପରି ଲାଗେ ଦିନ ଏକଥା ସେକଥା ପତ୍ତୁ ପତ୍ତୁ ଶ୍ୟାମବନ୍ଧୁ ଶୁଣିଲେ, କଟକରେ ଗୋଟିଏ ଝିଅ ସ୍କୁଲ ଅଛି, ସେଠାରେ ଝିଅମାନେ ପଢ଼ନ୍ତି, ଲୁଗାସିଆଁ ଶିଖନ୍ତି । ସେହିଦିନ ଠାରୁ ରେବତୀକୁ ପାଠ ପଢ଼ାଇବାକୁ ଶ୍ୟାମବନ୍ଧୁଙ୍କର ମନହେଲା ଏବଂ ଆପଣା ମନର କଥା ବାସୁଦେବକୁ କହିଲା । ବାସୁ ଶ୍ୟାମବନ୍ଧୁଙ୍କୁ ପିତୃତୁଲ୍ୟ ମନେକରି କହିଲା, "ଆଜ୍ଞା, ମୁଁ ସେହି କଥାଟା କହିବି କହିବି ହେଉଥିଲି ।" ଦୁଇଜଣଙ୍କର ପରାମର୍ଶରେ ରେବତୀକୁ ପାଠ ପଢ଼ାଇବାର ସ୍ଥିର ହେଲା । ରେବତୀ ପାଖରେ ବସି ଶୁଣୁଥିଲା, ଦୁଇ ଚିଲାରେ ଘର ଭିତରକୁ ଯାଇ ମାକୁ ଆଉ ଜେଜୀକୁ, "ମୁଁ ପାଠ ପଢ଼ିବି, ମୁଁ ପାଠ ପଢ଼ିବି" ଖବର ଦେଲା । ମା କହିଲେ, "ହଉ ହଉ ପଢ଼ିବୁ ।" ଜେଜୀ କହିଲେ ପାଠ କ'ଣ ଲୋ ! ମାଇକିନିଆ ଝିଅଟା ପାଠ କ'ଣ ? ରନ୍ଧାବଢ଼ା, ପିଠାପଣା କରି ଶିଖ, ଝୋଟିଦିଆ ଶିଖ, ଦିହମୁହାଁ ଶିଖ, ପାଠ କ'ଣ ?" ।

ରାତରେ ଶ୍ୟାମବନ୍ଧୁ ପିଣ୍ଡାରେ ଖଣ୍ଡେ ଆମ୍ବକାଠ ପିଢ଼ା ଉପରେ ବସି ଭାତ ଖାଉଛନ୍ତି, ରେବତୀ ସାଙ୍ଗରେ ବସି ଖାଉଛି । ବୁଢ଼ୀ ଆଗରେ ବସି ଭାତପୁଞ୍ଜାଏ ଆଣ, ଡ଼ାଲିପାଣି ଟିକିଏ ପକେଇ ଯା, ଲୁଣ ଟିକିଏ ପକେଇ ଯା, ଲୁଣ ଟିକିଏ ଦେ' ଇତ୍ୟାଦି କଥା ବୋହୁ ପ୍ରତି ଆଦେଶ କରୁଛନ୍ତି । କଥାରେ କଥାରେ ବୁଢ଼ୀ କହି ବସିଲେ, "ହରେ ଶ୍ୟାମ ! ରେବୀ ପାଠ ପଢ଼ିବ - ପାଠ କଣରେ, ତିରିଲା ଝିଅର ପାଠପଢ଼ା କଣ ? ଶ୍ୟାମବନ୍ଧୁ କହିଲେ "ହଉ କହୁଛି ତ ପତ୍ତୁ ।

ଝଙ୍କଡ଼ ପଟ୍ଟନାୟକ ଘର ଝିଅମାନେ ଯେ ଭାଗବତ ବୋଲିପାରନ୍ତି, ବୈଦେହୀଶ ବିଳାସ ଛାନ୍ଦ ଗାଆନ୍ତି ।" ରେବତୀ ଭାରି ଖପା ହୋଇ ଯାଇ ଜେଜୀକୁ ଗାଳିଦେଇ କହିଲା, 'ଯା ଲୋ ବୁଢ଼ୀ ଦୁଗୁରିଟା ।" ତାହା ବାଦ ଅଳି କରି ବାପାକୁ କହିଲା, "ନାଁ ବାପା, ମୁଁ ପାଠ ପଢ଼ିବି ।" ଶ୍ୟାମବନ୍ଧୁ କହିଲେ, "ହଁ ହଁ ତୁ ପଢ଼ିବୁ ।" ସେଦିନ କଥା ଏତିକି ।

ତହିଁ ଆଉଦିନ ଉପରଓଳି ବାସୁଦେବ ସୀତାନାଥ ବାବୁଙ୍କ ପ୍ରଥମପାଠ ଖଣ୍ଡିଏ ନେଇ ରେବତୀକୁ ଦେବାରୁ ସେ ବଡ଼ ଖୁସି ହୋଇ ବାପା ପାଖରେ ବସି କିତାପର ମୂଳ ପୁଡ଼ାଠାରୁ ଶେଷପୃଡ଼ାଯାଏ ଓଲଟାଇ ଓଲଟାଇ ଦେଖିଲା । ସେଥିରେ ହାତୀ, ଘୋଡ଼ା, ଗୋରୁ ଇତ୍ୟାଦିର ଛବି ଦେଖି ଭାରି ଖୁସି ହୋଇଗଲା । ରାଜାମାନେ ହାତୀ, ଘୋଡ଼ା ବାନ୍ଧି ଖୁସି ହୁଅନ୍ତି, କେହି ହାତୀ, ଘୋଡ଼ା ଚଢ଼ି ଖୁସି ହୁଏ, ଆମ ରେବୀ ଛବିଟା ଦେଖି । ରେବୀ ଧାଇଁ ଯାଇ ମାକୁ କିତାପର ଛବି ସବୁ ଦେଖେଇଲା ; ତାହା ବାଦ ଜେଜୀକୁ ଦେଖେଇଲା । ଜେଜୀ କିଂଚିତ ବିରକ୍ତ ହୋଇ କହିଲା, "ହଁ ଯା ଯା ।" ରେବୀ ତାକୁ 'ଦୂର ଦୂର' ଗାଳିଦେଇ ଫେରିଆସିଲା ।

୮.୨.୧ ଶବ୍ଦାର୍ଥ

ପ୍ରଗନା	–	କେତେଗୁଡ଼ିଏ ଗ୍ରାମର ସମଷ୍ଟି
ମୁଣ୍ଡାମୁଣ୍ଡି	–	ଶେଷମୁଣ୍ଡରେ
ଆଗଲି-ପିଛିଲି	–	ଆଗପଛ ହୋଇ
ଢ଼ିଙ୍କିଶାଳ	–	ଯେଉଁ ଚାଳିଆ ଘରେ ଢ଼ିଙ୍କି ରୁହେ
ମେଲାଘର	–	ବୈଠକଘର / ଆଧୁନିକ ଡ୍ରଇଂ ରୁମ୍
କରଣ	–	ଗୁମାସ୍ତା
ପାଉତି	–	ପ୍ରାପ୍ତି ସ୍ୱୀକାର ସୂଚକ ଲେଖା / ଗୁଜା/ ରସିଦ୍
ହାତପୈଠ	–	ହାତକୁ ଆସେ / ରୋଜଗାର ହୁଏ
ଲଗାପଡ଼ିଆ	–	ବର୍ଷେ ଛାଡ଼ି ବର୍ଷେ
କୁଟୁମ୍ବ	–	ପରିବାରର ସଦସ୍ୟ
କାଠ ରୁଖା	–	କାଠରେ ତିଆରି ଦୀପାସନ

୮.୨.୨ ପଠିତାଂଶର ଆଲୋଚନା

ପଠିତାଂଶରେ ଗାଳ୍ପିକ ଫକୀରମୋହନ ଶ୍ୟାମବନ୍ଧୁଙ୍କ ପରିବାରର ବିବରଣୀ ପ୍ରଦାନ କରିବା ସହିତ ତତ୍କାଳୀନ ସମାଜର ସାମାଜିକ ଜୀବନଧାରା, ଗ୍ରାମ୍ୟ ଅର୍ଥନୀତି, ଜମିଦାରିପ୍ରଥା, ଶିକ୍ଷାବ୍ୟବସ୍ଥା ଆଦିର ଏକ ସମ୍ୟକ୍ ଲେଖାଯୋଖା ପ୍ରଦାନ କରିଛନ୍ତି । ଏହା ସହିତ ତତ୍କାଳୀନ ସାମାଜିକ ବ୍ୟବସ୍ଥାରେ ନାରୀ ଶିକ୍ଷାପ୍ରତି ଅନ୍ଧବିଶ୍ୱାସ, ଆଦବକାଇଦା

କାଟକଣାକୁ ରେବତୀର ଜେଜୀ ମା ମାଧ୍ୟମରେ ପାଠକଙ୍କ ନିକଟରେ ଉପସ୍ଥାପନା କରିଛନ୍ତି ।

୮.୨.୩. ମୂଳପାଠର ପ୍ରଥମାଂଶରୁ ପ୍ରଶ୍ନ

୧) ଗୋଟିଏ ବା ଦୁଇଟି ବାକ୍ୟରେ ଉତ୍ତର ଦିଅ ।

କ) ଓଡ଼ିଆ ଭାଷାର ପ୍ରଥମ କ୍ଷୁଦ୍ରଗଳ୍ପର ନାମ କଣ ?

ଖ) ଏହି ଗଳ୍ପଟି କିଏ ଓ କେବେ ଲେଖିଥିଲେ ?

ଗ) ରେବତୀ ଗଳ୍ପରେ ଲେଖକଙ୍କ ଛଦ୍ମନାମ କ'ଣ ଥିଲା ?

ଘ) ଶ୍ୟାମ ବନ୍ଧୁଙ୍କ ବୃତ୍ତି କ'ଣ ଥିଲା ?

ଙ) ଜମିଦାରଙ୍କ ଟଙ୍କାକୁ ଶ୍ୟାମବାବୁ କିପରି ମଣନ୍ତି ?

୨) ଶୂନ୍ୟସ୍ଥାନ ପୂରଣ କର ।

କ) କଟକ ଜିଲ୍ଲାରେ ମଧ୍ୟରେ ଗୋଟିଏ ମଫସଲ ଗାଁ ପାଟପୁର ।

ଖ) ଶ୍ୟାମବାବୁ ମହାନ୍ତି ଜମିଦାର ତରଫରୁ ଗ୍ରାମର ।

ଗ) ଙ୍କ ଘରେ ଖାଇବାକୁ କୁଟୁମ୍ବ ଚାରିଜଣ ।

ଘ) ଶ୍ୟାମବନ୍ଧୁ ମହାନ୍ତି ସଞ୍ଜବେଳେ ପିଣ୍ଡାରେ ବସି ଭଜନ ଗାଏ ।

ଙ) ଶିକ୍ଷକଟି କଟକ ନିର୍ମାଲ ସ୍କୁଲର ଉତ୍ତୀର୍ଣ୍ଣ ଛାତ୍ର, ତାଙ୍କର ନାମ ।

ଚ) କଟକରେ ଗୋଟିଏ ଅଛି ।

ଛ) ବାସୁଦେବ ଙ୍କ ପ୍ରଥମ ପାଠ ଖଣ୍ଡିଏ ନେଇ ରେବତୀକୁ ଦେଲା ।

୮.୨.୪. ମୂଳପାଠର ବ୍ୟାକରଣ ପ୍ରଶ୍ନ -

କ) ନିମ୍ନଲିଖିତ ଶବ୍ଦଗୁଡ଼ିକରେ ପୁଂଲିଙ୍ଗ ବାଚକ ଶବ୍ଦଲେଖ ।

ଝିଅ, ବୁଢ଼ୀ, ମା, ଜେଜୀ, ମାଉସୀ, ଭାଇ

ଖ) ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥକ ଶବ୍ଦଲେଖ ।

ଆଗିଲି, ଦୂର, ପୁରୁଣା, ଆପଣା, ସୁନ୍ଦର, ସିଧା

ଗ) ପଠିତାଂଶରୁ ପାଞ୍ଚୋଟି ଯୁଗ୍ମଶବ୍ଦ ଲେଖ ।

ଘ) ନିମ୍ନଲିଖିତ ଶବ୍ଦଗୁଡ଼ିକର ତଦ୍ଧିତ ପ୍ରତ୍ୟୟ ନିର୍ଣ୍ଣୟ କର ।

ଚାଳିଆ, ଜମିଦାର, ଲୋକଟା, ଖଣ୍ଡିଏ

୮.୩ ମୂଳପାଠର ଦ୍ୱିତୀୟ ଭାଗ

ଆଜି ଦିନଟି ଭଲ - ଶ୍ରାପଂଚମୀ । ରେବତୀ ସକାଳୁ ବୁଢ଼ପାରି ଗାଧୋଇ ନୂଆ ଲୁଗା ଖଣ୍ଡିଏ ପିନ୍ଧି ଘର ବାହାର ହେଉଛି; ବାସୁ ଭାଇ ଆସିଲେ କିତାପ ପଢ଼ାଇ ଦେବ । ବୁଢ଼ୀ ଭୟରେ ବିଦ୍ୟାରମ୍ଭର ଆୟୋଜନ କିଛି ହୋଇନାହିଁ । ବେଳ ଛ ଘଡ଼ି ସମୟରେ ବାସୁ ଯାଇ ପଢ଼ାଇଦେଲା, ସ୍ୱରେ - ଅ, ସ୍ୱରେ - ଆ, ହ୍ରସ୍ୱ - ଇ, ଦୀର୍ଘ - ଈ, ହ୍ରସ - ଉ, ଦୀର୍ଘ -ଊ; ଇତ୍ୟାଦି । ପ୍ରତିଦିନ ପଢ଼ାଚାଲିଲା, ପ୍ରତିଦିନ ସଞ୍ଜବେଳେ ବସୁ ଯାଇ ପଢ଼େଇଦିଏ ।

ଦୁଇବରଷ ମଧ୍ୟରେ ରେବତୀ ଢ଼େର ପଢ଼ି ଗଲାଣି । ମଧୁରାଓଙ୍କ ଛାନ୍ଦମାଳା ପଢ଼ିଯିବାବେଳେ ତୁଣ୍ଡ୍ରେ ବାଟୁଳି ବାଜେ ନାହିଁ ।

ଦିନେ ରାତିରେ ଶ୍ୟାମବନ୍ଧୁ ବସି ଭାତ ଖାଇବା ବେଳେ ମା' ପୁଅ ଦୁଇଜଣ କଥାବାର୍ତ୍ତା ହେଲେ । ପୂର୍ବେ ବୋଧକରୁଁ କିଛି କଥା ହୋଇଥିଲା, ଆଜି ସେହି କଥାର ଉପସଂହାର ।

ଶ୍ୟାମବନ୍ଧୁ – କି ମା', ଭଲ ହେବ ନାହିଁ କି ?

ବୁଢ଼ୀ – ହଁ ଭଲ ହେବ;

ବୁଢ଼ୀ – ଘରେ ରହିବ ତ ?

ଶ୍ୟାମବନ୍ଧୁ – ଘରେ ନ ରହି କୁଆଡ଼େ ଯିବ ? ହଜାର ହେଲେ ମାମୁଁ ମାଇଁ ନା, ଆଉ କ'ଣ ?

ରେବତୀ ପାଖରେ ବସି ଭାତ ଖାଉଥିଲା, ଏ କଥାର ମର୍ମରେ କଣ ବୁଝିଲା ସେ ଜାଣେ ; ମାତ୍ର ସେହିଦିନଠାରୁ ତାହାର ଭାବଭଙ୍ଗୀ ଅନ୍ୟରକମ୍ ଦେଖୁଅଛୁ । ତାକୁ ବାପା ଆଗରେ ବାସୁ ଭାଇ ପଢ଼ାଇ ଦେଲେ କିପରି ଗୋଟାଏ ଲାଜ ମାଡ଼େ; ଅକାରଣ ସକାର ସବୁବେଳେ ହସମାଡ଼େ, ମୁଣ୍ଡ ତଳକୁ ପୋତିହୋଇ ଦୁଇ ଓଠ ବୁଜି ହସ ଲୁଚାଏ । ଏଣିକି ବାସୁ ପଢ଼ାଇଦେଲେ କେତେବେଳେ ତୁନି ତୁନି ପଢ଼େ, କେତେବେଳେ ଖାଲି ହୁଁ ହୁଁ କରେ; ପଢ଼ି ସାରିଲେ ପାଟି ବୁଜି ହସି ହସି ଘରକୁ ପଳାଇଯାଏ । ପ୍ରତିଦିନ ସଞ୍ଜବେଳେ ଦାଣ୍ଡଦୁଆର କବାଟକୁ ଧରି କାହାକୁ ଚାହିଁଥାଏ, ବାସୁ ଆସିଲେ ଘରକୁ ପଳାଏ, ପାଞ୍ଚ ଡ଼ାକରେ ବାହାରେ ନାହିଁ । ଏଣିକି ରେବତୀ ଦାଣ୍ଡକୁ କେବେ ବାହାରିଲେ ବୁଢ଼ୀ ଖପା ହୁଏ ।

ଦେଖୁ ଦେଖୁ ପଞ୍ଚମୀକୁ ପଞ୍ଚମୀ ଦୁଇ ବରଷ ହୋଇ ଗଲାଣି । ବିଧାତାଙ୍କର ବିଧାନ କାହାର ଦିନ ସମାନଭାବରେ ଯିବନାହିଁ । ଫଗୁଣମାସିଆ ଦିନ, କାହିଁ କିଛି ନାହିଁ, ଅଚାନକ କାହୁଁ ବାଡ଼ି ଆସିଲା, ସକାଳେ ଗ୍ରାମରେ ଶୁଣାଗଲ, ଗୁମାସ୍ତା ଶ୍ୟାମବନ୍ଧୁ ମହାନ୍ତିଙ୍କୁ ବାଡ଼ି ଧରିଛି । ମଫସଲ ଗାଁରେ ବାଡ଼ି ପଡ଼ିଲେ ତାଟି କବାଟ ପଡ଼ିଯାଏ । ବାଡ଼ି ବୁଢ଼ୀ ସତେପରା ଟୋକେଇଟିଏ କାଖେଇ ଦାଣ୍ଡରେ ମନୁଷ୍ୟ ଗୋଟାଉଛି, ଏପରି ସମସ୍ତେ ମଣନ୍ତି । ଦୁଆରକୁ କାହାରି ଆସିବାର ନାହିଁ । ମାଇକିନିଆ ଦୁଇଟା କଣ କରିବେ ? ପିଲାଟା ଡ଼ାକ ପାଡ଼ି ଘର ବାହାର ହେଉଛି । ବାସୁଦେବ ଶୁଣି ସ୍କୁଲ ଛାଡ଼ି ଧାଇଁଲା । ଡ଼ରନାହିଁ, ଭୟନାହିଁ, ଅପଣା ଶରୀର ପ୍ରତି ଭାବନା ନାହିଁ, ଶ୍ୟାମବନ୍ଧୁ ପାଖରେ ବସି ଗୋଡ଼ରେ ହାତ ବୁଲାଉଥାଏ, ପାଣି ଟୋପାଏ ମୁହଁରେ ଦେଉଥାଏ । ବେଳ ତିନି ପ୍ରହର ସମୟରେ ଶ୍ୟାମବନ୍ଧୁ ବାସୁ ମୁହଁ ଚାହିଁ ଖନେଇ ଖନେଇ କହିଲା, " ବାଁ -ସୁଁ ଏଁ-ବଁ ଆଁ-ଗଁ-ଲା ।" ବାସୁକୁ ଭୋ ଭୋ କରି ଡ଼କା ପଡ଼ିଲା । ଘରେ ଚହଳ ପଡ଼ିଗଲା । ରେବତୀ ଭୂଇଁରେ ଗଡୁଥାଏ, ଗ୍ରାମର ଲୋକେ ଶୁଣି କହିଲେ, ହୋଇଗଲା ପରା । ଦେଖୁଁ ଦେଖୁଁ ସଞ୍ଜବେଳକୁ କିଛିନାହିଁ । କଣ କରିବେ - ବାସୁଦେବଟା କାଲିକା ପିଲା, ଆଉ ଦୁଇଟା ଭୁଆସୁଣୀ । ଗ୍ରାମର ବନ ସେଠି ଧୋବା ଜଣେ ଜାଣିବା ଶୁଣିବା ଲୋକ, ତା'ଦେହକରେ ପଚାଶ କି ଷାଠିଏ ପାର କଲାଣି । କାଲି କହିଲେ ଯିବାକୁ ହେବ, ଆଜି ହେଲେ ଯିବାକୁ ହେବ, ଲୁଗାପଟା ଦି'ଖଣ୍ଡ ମଧ୍ୟ ମିଳିବାର ଭରସା ।

ଗାମୁଛାଟାଏ ଅଣ୍ଟାରେ ଭିଡ଼ିଦେଇ କୁରାଢ଼ୀଟାଏ କାନ୍ଧରେ ପକାଇ ହଜାର ହୋଇଗଲା । ଗ୍ରାମର କରଣ ସେହି ଘରକ ; ଶାଶୁ , ବୋହୂ, ବାସୁଦେବ ତିନିଜଣ ଧରାଧରି କରି କର୍ମ ଚଳାଇଲେ । ସେ ସମୟର କଥା ଗୁଡ଼ାକ ଲେଖିବାକୁ ଆଉ ହାତ ଚଳୁନାହିଁ । ଶ୍ମଶାନରୁ ଫେରି ଆସିବା ବେଳକୁ କୁଆଁତାରା ଉଇଁଲାଣି । ଘରେ ପଶିବା ମାତ୍ରକେ ରେବତୀ ମା' ପୋଖରୀପାଣି ଗଲା, ଦେଖୁଦେଖୁ ଦିନ ଦି' ପ୍ରହର ବେଳେ ହାଟ ହେଲା ରେବତୀ ମା' ନାହିଁ ।

ଦିନ ଚାଲିଯାଏ, କାହାରି ଲାଗି ଦିନ ବସି ରହେ ନାହିଁ । କାହାର ପାଲିଙ୍କି ଉପରେ ପାଟଛତା, କାହାର ବେଡ଼ି ଉପରେ କୋରଡ଼ା । ଦିନ ଯାଉଛି ସମସ୍ତଙ୍କର, ଯିବ ସମସ୍ତଙ୍କର । ଦେଖୁଁ ଦେଖୁଁ ତିନିମାସ କଟିଗଲାଣି । ଶ୍ୟାମବନ୍ଧୁ ଘରେ ଦୁଇ ଗୋଟି ଗାଈ ଥିଲେ, ତହବିଲ ବାକି ଟଙ୍କା ସକାଶେ ଜମିଦାର ଘରଲୋକ ଆସି ବାନ୍ଧିଘେରିଗଲେ । ଆମ୍ଭେମାନେ ଜାଣୁ ଜମିଦାରଘର ଟଙ୍କାକୁ ଶ୍ୟାମବନ୍ଧୁ ଶିବ ନିର୍ମାଲ୍ୟ ପରି ଜ୍ଞାନ କରେ, ଟଙ୍କାଟିଏ ଅସୁଲ ହେଲେ ଜମିଦାରୀ କଚେରୀରେ ପୈଠ ନ କରିବାଯାଏ ତାହାର ନିଦ ନାହିଁ । ମାତ୍ର, ତାହା ଉପରେ ଟଙ୍କା ଥାଉ ବା ନ ଥାଉ ଗାଈ ଦିଓଟି ବଡ଼ ଦୁଧିଆଳୀ, ଏକଥା ପୂର୍ବରୁ ଜମିଦାରଙ୍କୁ ଜଣାଥିଲା । ତା' ଛଡ଼ା ଜମିଦାର ଚଷିବାକୁ ଯେ ତିନିମାଣ ଜମି ଦେଇଥିଲେ, ତାହା ଛଡ଼େଇ ନେଲେଣି । ହଳିଆଟା ବା ଘରେ ଆଉ କିଆଁ ରହିବ ? ଦୋଳପୂର୍ଣ୍ଣିମା ଦିନ ସେ ଛାଡ଼ିଗଲା । ବଳଦ ଦୁଇଟା ସାଢ଼େ ସତର ଟଙ୍କାରେ ବିକା ଯାଇଥିଲା । ଦୁଇ ଜଣଙ୍କର କ୍ରିୟାରେ ଖରଚ ଯାଇ ଯାହା ବଳିଥିଲା, ସଟାବଟା କରି ମାସେ ଚଳିଲା । ଆଜି ଡ଼ାଳଟା, କାଲି ପିତଳଟା, ସଟାବଟା ବନ୍ଧାଛନ୍ଦାରେ ଆଉ ମାସେ ଗଲା । ବାସୁ ଦୁଇ ଓଳି ଦୁଆରକୁ ଆସେ ରାତି ଘଡ଼ିଏଯାଏଁ ଥାଏ, ଆଇ – ନାତୁଣୀ ଶୋଇବାକୁ ଗଲେ ବସାକୁ ଯାଏ । ବାସୁ କିଛି ଟଙ୍କା ପଇସା ଦେଲେ ଆଈ ବା ନାତୁଣୀ କେହି ନିଅନ୍ତି ନାହିଁ । ବଳେଇ ବଳେଇ କିଛି ଦେଲେ ତାହା ଠଣାରେ ପଡ଼ିଥାଏ । ବାସୁ ଜାଣିପାରି ଆଉ କିଛି ଦିଏ ନାହିଁ । ବୁଢ଼ୀ ପାଖରୁ ଗୋଟିଏ ଦୁଇଟି ପଇସା ନେଇ ସଉଦା କିଣି ଦିଏ, ସେହି ଦୁଇ ପଇସାର ସଉଦାରେ ଆଠ ଦଶଦିନ ଚଳିଯାଏ । ଘରର ଚାଳ ଉଡ଼ି ଗଲାଣି, ଛାଉଣି ଦରକାର । ବାସୁ ଦୁଇଟଙ୍କାର ନଡ଼ା କିଣି ବାଡ଼ିରେ ଗଦେଇ ଅଛି । ଶରଣ ହେବାରୁ ଛପର ବନ୍ଦି ହୋଇପାରିନାହିଁ । ବୁଢ଼ୀ ଏବେ ଆଉ ଦିନରାତି ବସି କାନ୍ଦେନାହିଁ । କେବଳ ସଞ୍ଜବେଳେ ବସି କାନ୍ଦେ । କାନ୍ଦି କାନ୍ଦି ତଳେ ପଡ଼ିଯାଏ, ସେହିଠାରେ ରାତିକାଟେ । ରେବତୀ ଧକେଇ ଧକେଇ ପାଖରେ ପଡ଼ିଯାଏ । ବୁଢ଼ୀଆଖିକି ଏବେ ଭଲ ଦିଶୁନାହିଁ; ବାୟାଣୀ ପରି ହୋଇଗଲାଣି । ଏବେ କାନ୍ଦିବାର ଉଣାକରି ରେବତୀକୁ ଗାଳିଦେବାକୁ ଆରମ୍ଭ କରିଛି । ଏତେ ଯେ ଦୁଃଖ, ଏତେ ଯେ ଦୁର୍ଦ୍ଦଶା ସବୁର ମୂଳ କାରଣ ରେବତୀ, ଏହା ସେ ମନ ମଧ୍ୟରେ ସ୍ଥିରସିଦ୍ଧାନ୍ତ କରି ସାରିଲାଣି । ରେବତୀ ପାଠ ପଢ଼ିବାରୁ ପୁଅ ମଲା, ବୋହୂ ମଲା, ହଳିଆ ଛାଡ଼ିଗଲା, ବଳଦ ବିକାଗଲା, ଜମିଦାରଘର ଗାଈ ମାନ୍ଦି ଘେନିଗଲା । ରେବତୀ କୁଲକ୍ଷଣୀ, ସେ କୁଢ଼ଙ୍ଗୀ, ସେ ଲକ୍ଷ୍ମୀହୁଡ଼ୀ । ବୁଢ଼ୀ ଆଖିକୁ ଯେ ଦିଶୁନାହିଁ, ତାହାର କାରଣ ରେବତୀର ପାଠପଢ଼ା । ବୁଢ଼ୀ ଗାଳିଦେବା ବେଳେ ରେବତୀ ଆଖିରୁ ଦୁଇଧାର ବହି ଯାଉଥାଏ, ଡ଼ରେ ବୁଢ଼ୀ ପାଖରେ ସେ ଛିଡ଼ା ହୋଇପାରେ ନାହିଁ । ବାଡ଼ି ଦୁଆରେ ନୋହିଲେ ଘର କୋଣରେ ମୁହଁ

ଘୋଡ଼ାଇ କାଠଟି ପରି ବସିଥାଏ । ବାସୁ ମଧ୍ୟ ଦୋଷୀ, କାରଣ ରେବତୀ ତ ଏତେଦିନ ଯାଏ ପଢ଼ି ନଥିଲା, ସେହି ଆସି ସିନା ପଢ଼ାଇଦେଲା । ମାତ୍ର ବୁଢ଼ୀ ବାସୁକୁ କିଛି କହିପାରେନାହିଁ, ବସୁ ନ ହେଲେ ଘର ଦଣ୍ଡେ ଅଚଳ, ପୁଣି ଜମିଦାର ଘର ଲଟ ଛିଡ଼ି ନାହିଁ । ଜମିଦାର ଘରଲୋକ ଆସି ଆଜି ଏ ହିସାବଟା, କାଲି ସେ ହିସାବଟା ମାଗେ । ବାସୁ ନହେଲେ ପାଞ୍ଜିବିଡ଼ାରୁ ପଢ଼ି ପତର କାଢ଼ିଦେବ କିଏ ? ବାସୁ ନ ଥିଲାବେଳେ ସେ ସହଜ କଥାରେ କେବେ କେବେ ଆପଣା ମନ୍ତବ୍ୟ ପ୍ରକାଶ କରିଥାଏ । ରେବତୀ ଆଉ ଏଣିକି ସେହି ଗୃହ ପ୍ରାଙ୍ଗଣ ସଂଚାରିଣୀ ଲୀଳାମୟୀ ପ୍ରତୀମା ନୁହେଁ, ତାହାର ପାଟି ଆଉ କେହି ଶୁଣି ନାହିଁ । ବାପା ମାଆ ଗଲା ପରେ ତାକୁ ଦାଣ୍ଡଦୁଆରେ ଆଉ କେହି ଦେଖିନାହିଁ । କେତେଦିନ ଯାଏ ଭୋ ଭୋ କରି ଡ଼ାକ ପାରୁଥିଲା, ଏବେ ଆଉ ପାଟି କରି କାନ୍ଦେ ନାହିଁ । ମାତ୍ର ଦିବାରାତ୍ର ତାହାର ବଡ଼ ବଡ଼ ଆଖି ଦୁଇଟି ସାନ ସାନ ନୀଳକଇଁ ପରି ପାଣିରେ ଢଳ ଢ଼ଳ ହେଉଥାଏ । ତାହାରି କ୍ଷୁଦ୍ରପ୍ରାଣ –ତହିଁରୁ ଅତିକ୍ଷୁଦ୍ର ମନଟି ଏକା ବେଳେକେ ଭାଙ୍ଗିଯାଇଛି । ତା ପକ୍ଷରେ ବର୍ତ୍ତମାନ ଦିନରାତି ସମାନ । ସୂର୍ଯ୍ୟରେ ଆଲୁଅ ନାହିଁ, ରାତିରେ ଅନ୍ଧକାର ନାହିଁ । ସମସ୍ତ ଜଗତ ଶୂନ୍ୟ । କେବଳ ପିତା ମାତାଙ୍କ ମୂର୍ତ୍ତି ହୃଦୟପୂର୍ଣ୍ଣ କରିଅଛି । ମା' ଏହିଠାରେ ବସିଛନ୍ତି, ବାପା ଚାଲିଯାଉଛନ୍ତି, ତାହା ଆଖିରେ କେବଳ ଏହି ଦୁଇଟା ଦିଶୁଅଛି । ବାପା ମାଆ ମରିଯାଇଛନ୍ତି, ଆଉ ସେମାନେ ଆସିବେ ନାହିଁ, ଏ କଥା ସେ ବିଶ୍ୱାସ କରିପାରୁନାହିଁ । ପେଟରେ ଭୋକ ନାହିଁ, ଆଖିରେ ନିଦ ନାହିଁ, ଦିବାନିଶି ଅନୁକ୍ଷଣ ପିତାମାତା ଧ୍ୟାନ । ଜେଜୀମା' ଡ଼ରରେ ଖାଇବାକୁ ବସେ । ଭୂଇଁରୁ ପ୍ରାୟ ଉଠେ ନାହିଁ । ଦେହରେ ହାଡ଼ ଚମ ଦୁଇଖଣ୍ଡ ଧୁତୁ ଧୁଡ଼ ହେଉଛି । କେବଳ ବାସୁଦେବ ଆସିଲେ ଉଠିବସେ, ବଡ଼ ବଡ଼ ଆଖି ଦୁଇଟା ଜଳଜଳ କରି ବାସୁକୁ ଚାହିଁଥାଏ । ସେତେବେଳେ ଆଉ କିଛି ଜ୍ଞାନ ନ ଥାଏ – ଆଖିରେ ବାସୁଦେବ, ଚିନ୍ତା ବାସୁଦେବ, ସମସ୍ତ ହୃଦୟଟା ବାସୁଦେବମୟ ।

ଶ୍ୟାମବନ୍ଧୁ ମରିବାର ଆଜକୁ ହାତଗଣତିରେ ପାଞ୍ଚମାସ, ଜ୍ୟେଷ୍ଠମାସିଆ ଦିନ, ଠିକ୍ ଦିନ ଦ୍ୱିପ୍ରହର ବେଳେ ବାସୁ ଦୁଆରେ ଡ଼ାକିଲା । ଏତେବେଳେ ସେ କୌଣସି ଦିନ ଆସେନାହିଁ । ବୁଢ଼ୀ କୁନ୍ଥେଇ ଯାଇ ଦୁଆରେ ଫିଟାଇ ଦେଲା । ବାସୁ କହିଲା – "ଜେଜୀମା (ବାସୁ ବୁଢ଼ୀକୁ ଜେଜୀମା ବୋଲି ବରାବର ଡ଼ାକେ) ଦିପୋଟି ଇନ୍‌ସେପେକ୍ଟର ହରିହରପୁର ଥାନାରେ ବସି ପାଠଶାଳା ପିଲାମାନଙ୍କୁ ପାଠ ପଚାରିବେ, ସବୁ ସ୍କୁଲ ପିଲାମାନେ ଯିବେ, ମୋ ପାଖକୁ ଚିଠି ଆସିଛି, ମୁଁ ପିଲାମାନଙ୍କୁ ନେଇ କାଲି ସକାଳେ ଯିବି, ପାଞ୍ଚ ଦିନ ଲାଗିବ ।" ରେବତୀ କବାଟ କଣରେ ଛିଡ଼ାହୋଇ ଶୁଣୁଥିଲା, ଲଥ୍ କରି ବସିପଡ଼ିଲା, ଭାଗ୍ୟେ କବାଟ ଧରିଥିଲା, ନୋହିଲେ ପଡ଼ିଯାଇଥାନ୍ତା । ବାସୁ ପାଞ୍ଚ ଦିନ ସକାଶେ ଚାଉଳ, ତେଲ, ଲୁଣ, ବାଇଗଣ କିଣି ଆଣି ଅଗଣାରେ ଥୋଇଦେଇ ବୁଢ଼ୀକୁ ଜୁହାରଟାଏ ହୋଇ ଶନିବାର ମୁହଁ ସଞ୍ଜବେଳେ ବାହାରିଲା । ବୁଢ଼ୀ କହିଲା, 'ବାପା, ଖରାରେ ବୁଲିବୁ ନାହିଁ, ଦେହପାଆକୁ ଚାହିଁବୁ, ବେଳରେ ଦିଟା ତୁଣ୍ଡରେ ଦେବୁ ।" ଏହା କହି ନିଶ୍ୱାସଟାଏ ପକାଇଲା । ରେବତୀ ଏକ ଧ୍ୟାନରେ ବସୁକୁ ଚାହିଁ ରହିଥାଏ, ଆଜିକା ଚାହାଣି ଅନ୍ୟ ରକମ । ଆଗେ ବାସୁ ଚାହିଁଲେ ମୁଣ୍ଡ ତଳକୁ ପୋତି

ଦେଉଥିଲା, ଆଜି ସେ ଭାବ ନାହିଁ, ଏକା ଧ୍ୟାନରେ ବାସୁକୁ ଚାହିଁରହିଛି । ବାସୁର ମଧ୍ୟ ଆଜି ଆଗକା ଚାହାଣି ନୁହେଁ । ଆଗେ ବାସୁର ଯେମନ୍ତ ଖୁବ୍ ଇଚ୍ଛା – ରେବତୀକୁ ଭଲକରି ଦେଖିବ, କିନ୍ତୁ ଅନାଇପାରେ ନାହିଁ । ଆଜି ଚାରି ଚକ୍ଷୁର ମିଳନ, ଆଖି ଫେରାଇବାକୁ କାହାରି ଆୟତ୍ତ ନାହିଁ, ବାସୁ ଚାଲି ଗଲଣି, ଆଉ ଦିନ ନାହିଁ, ଘର ବାହାର ଅନ୍ଧାର ପୂରିଗଲାଣି । ରେବତୀ ଯେପରି ଚାହିଁଥିଲା ସେହିପରି ଚାହିଁଅଛି । ବୁଢ଼ୀ ଡ଼ାକିବାରୁ ତାହାର ଚେତନା ହେଲା, ଘର ବାହାର ସମସ୍ତ ଅନ୍ଧକାରମୟ ।

୮.୩.୧. ଶବ୍ଦାର୍ଥ

କିତାପ	–	ବହି / ପୁସ୍ତକ
ଶେଷପୁଡ଼ା	–	ଶେଷପୃଷ୍ଠା
ତୁଣ୍ଡରେ ବାଟୁଳି ନବାଜିବା	–	ଅବିରାମ ଭବରେ କଥା କହିବା
ବାଡ଼ି ବୁଢ଼ୀ	–	ହଇଜା
ଡ଼କା ପଡ଼ିବା	–	ବଡ଼ ପାଟିରେ କାନ୍ଦିବା
ଲଟ	–	ଝାମେଲା
ପାଞ୍ଜିବିଡ଼ା	–	ତାଳପତ୍ରରେ ତିଆରି ପୋଥି ବିଡ଼ା
ପାଠଶାଳା	–	ବିଦ୍ୟାଳୟ
ଭୁଆସୁଣୀ	–	ନବବଧୂ, ବଢ଼ିଲା ଝିଅ ।
ପାଲିଙ୍କି ଉପରେ ପାଟଛତା	–	ସୁଖରେ ରହିବା
ପୈଠ କରିବା	–	ଜମାକରିବା

୮.୩.୨ ପଠିତାଂଶର ଆଲୋଚନା

ପଠିତାଂଶରେ ଗାଳ୍ପିକ ତତ୍କାଳୀନ ସମାଜର ନାରୀକୁ ନେଇ ଆଦବକାଇଦା ବା କଟକଣା, ରେବତୀର ଆଦ୍ୟ ଯୌବନରେ ବାସୁକୁ ନେଇ ମନସ୍ତତ୍ତ୍ୱକୁ ପ୍ରଥମେ ପ୍ରକାଶ କରିଛନ୍ତି । ଏହା ବ୍ୟତୀତ, ଏହି ବିଭାଗରେ ଫକୀରମୋହନ, ତତ୍କାଳୀନ ସମୟରେ ଓଡ଼ିଶାର ଗ୍ରାମ୍ୟ ପରିବେଶରେ ହଇଜା, ମହାମାରିର ପ୍ରକୋପ ଓ ତାହାକୁ ନେଇ ଅନ୍ଧବିଶ୍ୱାସ, ଜାତିପ୍ରଥା, ଇତ୍ୟାଦିର ନିଚ୍ଛକ ଚିତ୍ରକୁ ଉପସ୍ଥାପନ କରିଛନ୍ତି ।

୮.୩.୩ ମୂଳପାଠର ଦ୍ୱିତୀୟାଂଶ ରୁ ପ୍ରଶ୍ନ

କ) ଗୋଟିଏ ବା ଦୁଇଟି ବାକ୍ୟରେ ଉତ୍ତର ଦିଅନ୍ତୁ ।

୧) ଶ୍ରୀପଞ୍ଚମୀ ଦିନ କ'ଣ ହେଲା ?

୨) ରାତିଖାଇବା ସମୟରେ ଜେଜେମା' ଓ ଶ୍ୟାମବନ୍ଧୁଙ୍କ ମଧ୍ୟରେ କେଉଁ ବିଷୟରେ ବାର୍ତ୍ତାଳାପ ହୋଇଥିଲା ?

୩) ଫଗୁଣ ମାସରେ କ'ଣ ହେଲା ?

୪) ଜମିଦାର ଘର କ'ଣ ଘେନିଗଲେ ?

୫) ହଳିଆ କାହିଁକି ଛାଡ଼ିଗଲା ?

୬) କାନ୍ଦିବା ଉଣାକରି ଜେଜେମା' କ'ଣ କଲେ ?

୭) କେଉଁଠି ବସି ଦିପୋଟି ଇନିସ୍‌ପେକ୍‌ଟର ପିଲାଙ୍କୁ ପାଠ ପଢାରିବେ ବୋଲି ବାସୁ କହିଲା ?

୮) କେତେଦିନ ସକାଶେ ବାସୁଦେବ ସଉଦା କିଣି ରଖିଗଲା ?

ଖ) ଶୂନ୍ୟସ୍ଥାନ ପୂରଣ କର :

୧) ଆଜି ଦିନଟି ଭଲ .....

୨) ମଧୁରାଓଙ୍କ ..... ପଢ଼ିଯିବା ବେଳେ ତୁଣ୍ଡରେ ..... ବାଜେ ନାହିଁ ।

୩) ..... ସତେ ପରା ଟୋକେଇଟିଏ କାଖେଇ ମଣିଷ ଗୋଟାଉଛି ।

୪) କାହାର ..... ଉପରେ ପାଟଛତା କାହାର ..... ଉପରେ କୋରଡ଼ା ।

୫) ଶ୍ୟାମବନ୍ଧୁ ଘରେ ..... ଗୋଟି ଗାଇଥିଲା ।

୬) ଜମିଦାର ଘର ଟଙ୍କାକୁ ଶ୍ୟାମବନ୍ଧୁ ..... ପରି ଜ୍ଞାନକରେ ।

୭) ..... ହେବାରୁ ଛପରବନ୍ଦି ହୋଇପାରିନାହିଁ ।

୮) ରେବତୀ ..... ପୁଅ ମଲା, ବୋହୂ ମଲା, ହଳିଆ ଛାଡ଼ିଗଲା ।

୯) ରେବତୀ ଆଉ ଏଣିକି ସେହି ପ୍ରାଙ୍ଗଣ ସଂଚାରିଣୀ ..... ନୁହେଁ ।

୮.୩.୪. ମୂଳପାଠର ଦ୍ୱତୀୟାଂଶରୁ ବ୍ୟାକରଣ ପ୍ରଶ୍ନ :-

୧) କ) ନିମ୍ନଲିଖିତ ଶବ୍ଦଗୁଡ଼ିକର ବ୍ୟାସବାକ୍ୟ ସହ ସମାସର ନାମ ଲେଖନ୍ତୁ ।

ଶିବନିର୍ମାଲ୍ୟ, ଦଶଦିନ, ବାଡ଼ିଦୁଆର, ଦିବାରାତ୍ର, ବିଦ୍ୟାରମ୍ଭ

ଖ) ନିମ୍ନଲିଖିତ ଶବ୍ଦଗୁଡ଼ିକର ବିଶେଷ୍ୟ ବା ବିଶେଷଣ ପଦ ନିର୍ଣ୍ଣୟ କରନ୍ତୁ ।

ନୂଆ, ଭଲ, ମାମୁଁ, ଭାତ, କିତାପ

ଗ) ନିମ୍ନଲିଖିତ ଶବ୍ଦରେ ବନାନ ଅଶୁଦ୍ଧ ଥିଲେ ସଂଶୋଧନ କରନ୍ତୁ ।

କଥାବାର୍ତ୍ତା, ଶ୍ରିପଞ୍ଚମୀ, ଗୁମାସ୍ତା, ଶାଶୁ, ହୃଦୟପୂର୍ଣ୍ଣ

ଘ) ନିମ୍ନଲିଖିତ ପଦଗୁଡ଼ିକର ସନ୍ଧିବିଚ୍ଛେଦ କରନ୍ତୁ ।

ନିଶ୍ୱାସ, ବିଦ୍ୟାରମ୍ଭ, ମନ୍ତବ୍ୟ

୮.୪ ମୂଳପାଠର ଶେଷ ଭାଗ

ରେବତୀ ବସି ଦିନ ଗଣୁଛି, ଆଜି ଛ' ଦିନ । ବାପା ମା' ଗଲାଦିନୁ ଦାଣ୍ଡ ଦୁଆର ଦେଖି ନ ଥିଲା, ସକାଳୁଦାଣ୍ଡ ଦୁଆର ଆଗରେ ଦୁଇଥର ମୁହଁ ମାରି ଗଲାଣି ।ବେଳ ଅନ୍ଦାଜ୍ ଛ' ଘଡ଼ି, ହରିପୁରରୁ ସ୍କୁଲପିଲା ମାନେ ଫେରି ଆସିବାମାତ୍ରେ ଲୋକ ବୋଲାବୋଲି ହେଲେ - ହରିହରପୁରରୁ ଫେରି ଆସିବା ସମୟରେ ଗୋପାଳପୁରର ବରଗଛ ମୂଳରେ ପଣ୍ଡିତଙ୍କୁ ବାଡି

ଧରିଲା, ଚାରିଥର ପୋଖରୀପାଣି ହେଲା, ଅଧରାତି ବେଳେ ଚାଲିଗଲେ । ଗ୍ରାମ ଲୋକମାନେ ହାୟ ହାୟ କଲେ । ପୁଅ ଝିଅ ମା' ମାଇକିନିଆ ମାନେ ପାଟି କରି କାନ୍ଦି ପକାଇଲେ । କେହି କହିଲା – ଆହା କି ରୂପରେ ! କେହି କହିଲା – କି ଧୀରରେ ! କେହି କହିଲା – ଦାଣ୍ଡରେ ଚାଲି ଯାଉଥିବ ଯେ ମାଛିଟିକି ମର କହିବ ନାହିଁ ।

ରେବତୀ ଶୁଣିଲା, ବୁଢ଼ୀ ଶୁଣିଲା । ବୁଢ଼ୀ କାନ୍ଦି କାନ୍ଦି ତାହା କଣ୍ଠରୁଦ୍ଧ ହୋଇଗଲା, ଆଉ କାନ୍ଦି ପାରିଲା ନାହିଁ, ଶେଷରେ ଉଠି କହିଲା – "ଆହା ବାପ, ବିଦେଶକୁ ଆସି ଆପଣା ବୁଦ୍ଧିରେ ପ୍ରାଣ ହରାଇଲୁ ରେ ।" ଅର୍ଥାତ୍ ସେ ଦୂବୁଦ୍ଧି କରି ରେବତୀକୁ ପାଠ ପଢ଼ିଇବାରୁ ମରିଗଲା, ନୋହିଲେ କେଭେ ମରି ନଥାନ୍ତା । ଶୁଣିଲା ବେଳୁ ରେବତୀ ଘରେ ଯାଇ ପଡ଼ିଛି – ସୋର ଶବ୍ଦ ନାହିଁ । ସେ ଦିନଟା ଗଲା,ତହିଁ ଆର ଦିନ ସକାଳେ ବୁଢ଼ୀ ରେବତୀକୁ ପାଖରେ ନ ଦେଖିପାଟିକରି ଡ଼ାକିଲା, 'ଲୋ ରେବତୀ, ଲୋ ରେବୀ, ଲୋ ନିଆଁ, ଲୋ ଚୁଲି ! ବୁଢ଼ୀ ବାୟାଣୀ ପରି ହୋଇଗଲାଣି, କାନ୍ଦ ବୋବାଳି ନାହିଁ, କେବଳ ରାଗରେ ରେବତୀକୁ ଗାଳି ।" ପଡ଼ିଶା ଲୋକେ, ଦାଣ୍ଡ ଗଲା ଲୋକେ ଯେତେବେଳେ ଇଚ୍ଛା ସେତେବେଳେ ଶୁଣୁଛନ୍ତି, ଅଣ୍ଡାଳି ଅଣ୍ଡାଳି ଯାଇ ରେବତୀକୁ ପାଇଲା, ଡ଼ାକିଲା, ଜବାବ ନ ପାଇ ତା' ଦେହରେ ହାତ ବୁଲାଇ ଦେଖିଲା, ଭାରି ଜର, ଦେହରେ ନିଆଁ ବାହାରୁଛି, ଜ୍ଞାନନାହିଁ । ବୁଢ଼ୀ ଢ଼େର ବେଳ ଯାଏଁ ବସି କ'ଣ ପାଞ୍ଚିଲା । କ'ଣ କରିବ କାହାକୁ ଡ଼ାକିବ, ମନ ମଧ୍ୟରେ ଜଗତ ସଂସାର ଖୋଜିଲା, ପାଖରେ କାହାକୁ ଦେଖିଲା ନାହିଁ । କିଛି ସ୍ଥିର କରି ନପାରି ଖପା ହୋଇ କହିଲା, " ଯାହା ଆପଣାକିଆ, ତହିଁକି ଇଲାଜ କିଆଁ ?" ଅର୍ଥାତ୍ ତୁ ପାଠ ପଢ଼ିବାରୁ ଜର ହେଲା, ମୁଁ କଣ କରିବି ?

ଦିନ ଗଲା, ଦୁଇଦିନ ଗଲା, ତିନିଦିନ ଗଲା, ଚାରିଦିନ ଗଲା, ପାଞ୍ଚଦିନ ମଧ୍ୟ ଗଲା, ରେବତୀ ମାଟିରେ ଲାଗି ଯାଇଅଛି, ଆଖି ଫିଟାଇ ନାହିଁ, ଡ଼ାକିଲେ ଉତ୍ତର ନାହିଁ, ଡ଼ାକିଲେ ଉତ୍ତର ନାହିଁ, ଉଁ ଚୁଁ ହେବାକୁ ମଧ୍ୟ ନାହିଁ । ଆଜି ଛଦିନ, ରେବତୀ ସକାଳୁ ଦୁଇ ଚାରି ଥର ପାଟି କଲାଣି, ବୁଢ଼ୀ ପାଖକୁ ଗଲା, ଦେହରେ ହାତ ବୁଲାଇ ଦେଖିଲା; ଗୋଡ଼ ହାତ ଶୀତଳ, ଡ଼ାକିଲେ ହୁଁ ହୁଁ ଜବାବ ଦେଲା । କଟମଟ କରି ମୁହଁକୁ ଚାହୁଁଅଛି, କିଛି ନ ପଚାରିଲେ ମଧ୍ୟ କେତେ କଥା କହିପକାଉଛି । କୌଣସି କବିରାଜ ଦେଖିଲେ 'ତୃଷ୍ଣା ଦାହଃ ପ୍ରଳାପଶ୍ଚ' ଇତ୍ୟାଦି ଶ୍ଲୋକ ପଢ଼ି କହନ୍ତେ, "ସନ୍ନିପାତସ୍ୟ ଲକ୍ଷଣଂ ।" ମାତ୍ର, ବୁଢ଼ୀ କିଛି ଖୁସିହେଲା । ଦେହରେ ତାତି ନାହିଁ, କଥା କହୁ ନଥିଲା, ପାଟି ଫିଟାଇଲାଣି, ଚାହୁଁ ନଥିଲା, ଆଖି ଫିଟାଇଲାଣି, ପାଣି ପିଇବାକୁ ମାଗିଲାଣି, ଛ' ଦିନ ହେଲା ଜିଭରେ ପାଣି ଟୋପେ ବାଜି ନାହିଁ । ଚାରିଟା ପଥି ପେଟରେ ପଡ଼ିଲେ ଝିଅଟା ଉଠି ବସିବ । "ତୁ ଶୋଇଥା, ମୁଁ ଚାରିଟା ପଥି ରାନ୍ଧି ଆଣେ" ଏହା କହି ବୁଢ଼ୀ ବାହରକୁ ବାହରି ଆସିଲା । ପଥି ରାନ୍ଧିବ କଣ ? ଘରେ ପାଛିଆ କୁଣ୍ଢେଇ ହାଣ୍ଡି ଆଟିକା ସବୁ ଖୋଜିଲା; ମୁଠାଏ ଚାଉଳ ନାହିଁ । ନିଶ୍ୱାସଟାଏ ପକାଇ ବସିଲା । ବାସୁ ପାଞ୍ଚଦିନକୁ ଚାଉଳ ଡ଼ାଲି କିଣିଦେଇ ଯାଇଥିଲା, ସେଥିରେ ଦଶଦିନ କିଆଁ ଚଳିଗଲା, ବୁଢ଼ୀର ଦୃଷ୍ଟିଶକ୍ତି ଥିଲେ ବୁଝିପାରିଥାନ୍ତା । ବସି ବିଚାର କଲେ ବୁଦ୍ଧି ଦିଶେ । ଘରେ କଂସାବାସନ କିଛି ନାହିଁ;

ହାତରେ ଗୋଟିଏ କଣା ଢ଼ାଳ ପଡ଼ିଲା, ସେଇଟା ଧରି, ହରି ସା' ଦୋକାନକୁ ବାହାରିଲା । ହରି ସା' ଘର ଗ୍ରାମ ମଝିରେ ତାହାର ରୀତିମତ ଦୋକାନ ନାହିଁ, ଚାଉଳ, ଡ଼ାଲି, ଲୁଣ, ତେଲ ରଖିଥାଏ; କୌଣସି ଦିନ ବିଦେଶୀ ଲୋକ ପହଞ୍ଚିଗଲେ କିଣନ୍ତି - କେବେ ହେଲେ ଗ୍ରାମଲୋକଙ୍କର କିଛି ଦରକାର ହେଲେ କିଣନ୍ତି । ବୁଢ଼ୀ ଢ଼ାଳଟି ଧରି ହରି ସା' ଦୁଆରେ ପହଞ୍ଚିଲା । ହରି ସା' ବୁଢ଼ୀ ହାତରେ ଢ଼ାଳଟି ଦେଖି ବେଶ୍ ବୁଝିଗଲା । ବୁଢ଼ୀ ଆପଣାର ଅଭିପ୍ରାୟ ଜଣାଇବାରୁ ହରି ଢ଼ାଳଟା ହାତରେ ଧରି ଚାରିପାଖ ଦେଖି କହିଲା, 'ନାହିଁ ନାହିଁ ମୋ ଘରେ ଚାଉଳ ନାହିଁ, ଆଉ ଏ କଣା ଢ଼ାଳଟା ରଖି କିଏ ଚାଉଳ ଦେବ ।" ହରି ଘରେ ଯେ ଚଉଳ ନ ଥିଲା ତ ନୁହେଁ, ଦେବାକୁ ମଧ୍ୟ ଇଚ୍ଛା, ତେବେ ଶସ୍ତାରେ ନେବାର କଥା । ଚାଉଳ ନ ଥିବାର ଶୁଣି ବୁଢ଼ୀ ମୁଣ୍ଡରେ ତ ବଜ୍ର ପଡ଼ିଲା । କ'ଣ କରିବ ଝିଅଟା ଜରରୁ ଉଠିଛି, ତା' ମୁଁହରେ କ'ଣ ଦେବି ? ଘଡ଼ିଏ ବସିଗଲା; ବେଳ ବୁଡ଼ିଗଲାଣି; ହରିକୁ ଦୁଇଥର ଅନାଇଲା । ଯାଏଁ ଝିଅଟା କ'ଣ କରୁଛି ଦେଖେଁ । ଢ଼ାଳଟି ଧରି ଉଠୁଛି, ହରି କହିଲା, "ଦିଅ ଦିଅ, ଢ଼ାଳଟା ଦିଅ, ଦେଖେ ଘରେ କ'ଣ ଅଛି ।" ହରି ଢ଼ାଳଟା ରଖି ଚାରିମାଣ ଚଉଳ, ଅଧମାଣ ଜାଇ, କିଛି ଲୁଣ ଦେଲା । ବୁଢ଼ୀ ଚରି ଛ' ଜାଗା ବସି ଉଠି ଘରେ ପହଂଚିଲା । ଏ ପର୍ଯ୍ୟନ୍ତ ବୁଢ଼ୀ ଦାନ୍ତରେ ଦାନ୍ତକାଠି ବାଜି ନାହିଁ, ଦେହ ମନ କଥା କ'ଣ କହିବୁଁ ? ଘରେ ପହଂଚି ରେବତୀକୁ ଡ଼ାକିଲା । ତାହାର ବିଶ୍ୱାସ ରେବତୀ ଭଲ ହୋଇଗଲାଣି, ପାଣି କାଢ଼ିଦେବ, ସେ ଭାତ ରାନ୍ଧିବ । ରେବତୀ ଜବାବ ନ ଦେବାରୁ ସେ ଭାରି ଖପା ହୋଇଯାଇ ଡ଼ାକିଲା, "ଲୋ ରେବତୀ, ଲୋ ନିଆଁ, ଲୋ ଚୁଲି ।" ଜବାବ ନାହିଁ । ଏଣେ ରେବତୀର ସନ୍ନିପାତ ରୋଗ କ୍ରମଶଃ ବଢୁଛି, ଭୟାନକ ଯନ୍ତ୍ରଣା; ଦେହ କ୍ରମଶଃ ଶୀତଳ ହେଉଛି, ଜିଭ ଶୁଖିଗଲାଣି, ଭୟଙ୍କର ପିପାସା, ଜିଭଟା ଯେମନ୍ତ ଭିତରକୁ ଚଲିଯାଉଛି । ଥଣ୍ଡାକୁ ଯିବାର ଇଚ୍ଛା, ଘରଯାକ ଛାଡ଼ି, ବାହାକୁ ଆସିଲା, ସୁଖ ଲାଗିଲା ନାହିଁ । ବାଡ଼ିଦୁଆରକୁ ଆସି ପିଣ୍ଡାରେ ବସିଲା । ଦିନ ଶେଷ ହୋଇ ଆସିଲାଣି । ଖୁବ୍ ପବନ ବହୁଛି, ବାଡ଼କୁ ଆଉଜି ବସିଲା । ବାଡ଼ିଯାକ ଅନାଇଲା । ବାପା ଗଲା ବରଷ ଏହି କଦଳୀଗଛ ଲଗାଇଲେ, ଭଣ୍ଡା ବାହରିଲାଣି, ଦୁଇ ବରଷ ତଳେ ମା' ଗୋଟିଏ ପିଜୁଳି ଗଛ ବାଡ଼ିରେ ରୋଇଥିଲେ, ରେବତୀ ଧାଇଁ ଧାଇଁ କୂଅରୁ ଢ଼ାଳେ ପାଣି ସେ ଗଛରେ ଦେଇଥିଲା, ସେ ଗଛ କେଡ଼େଟିଏ ହେଲାଣି, ଫୁଲ ଧରିଲାଣି । ସେ ଗଛ ଦେଖି ମା' ମନରେ ପଡ଼ିଲେ । ବୁଦ୍ଧି ସ୍ଥିର ନାହିଁ, ମନ ଚଂଚଳ, ଲଗାଲଗି କିଛି କଥା ମନରେ ପଡୁ ନାହିଁ, ମାତ୍ର ମାତାର ଆନନ୍ଦମୟୀମୂର୍ତ୍ତୀ ଆଉ ମନକୁ ଛାଡୁନାହିଁ । ସଞ୍ଜ ଗଡ଼ିଗଲାଣି, ଗଛମୂଳରୁ ଢ଼ାଳ ଉଢ଼ାଳରୁ ଅନ୍ଧାର ବାହାରି ବାଡ଼ି ପୂରିଗଲାଣି, ଆଉ କିଛି ଦିଶୁନାହିଁ । ଆକାଶକୁ ଚାହିଁଲା, ପହରିକିଆ ତାରାଟିରୁ ଧକ ଧକ ହୋଇ କିରଣ ବାହାରୁଛି । ଏକ ଧ୍ୟାନରେ ରେବତୀ ସେହି ତାରାକୁ ଚାହିଁଅଛି, ଆଖିରେ ଆଉ ପଲକ ପଡୁନାହିଁ । ତାରାର ଆକାର କ୍ରମଶଃ ବଢ଼ିଯାଉଛି, ଚକ୍ରପରି ଆକାର ହୋଇଗଲାଣି, ଆହୁରି ବୃଦ୍ଧି, କ୍ରମଶଃ ଉଜ୍ଜ୍ୱଳ । ଆହା ! ଏ କି ମୂର୍ତ୍ତି ତାରା ମଧ୍ୟରେ ? ଶାନ୍ତିଦାୟିନୀ ପ୍ରେମମୟୀ ଆନନ୍ଦମୟୀ ମାତାଙ୍କର ଅଭୟ ମୂର୍ତ୍ତି ବସି ସ୍ନେହରେ କୋଳକୁ ନେବା ସକାଶେ ଡ଼ାକୁଛନ୍ତି । ମା' ଦୁଇଗୋଟି କିରଣ ହସ୍ତ ବଢ଼ାଇଦେଲେ । ସେହି

କିରଣ ଦିଓଟି ଆସି ଦୁଇ ଚକ୍ଷୁ ସ୍ପର୍ଶ କରି ହୃଦୟରେ ପ୍ରବେଶ କଲା । ସେହି ଅନ୍ଧକାର ମଧ୍ୟରେ ଆଉ କୌଣସି ଶବ୍ଦ ନାହିଁ । କେବଳ ନିଶ୍ୱାସ ଶବ୍ଦ । ସେ ଶବ୍ଦ କ୍ରମଶଃ ପ୍ରବଳ; ଖୁବ ଦୀର୍ଘ ନିଶ୍ୱାସ, ଶେଷରେ ମା' ମା', ଦୁଇଥର ଅସ୍ପଷ୍ଟ ଶବ୍ଦ ଶୁଭିଲା । ବାଡ଼ି ନିସ୍ତବ୍ଧ ନରବ । ଏବେ ବୁଢ଼ୀ ଘୁଷୁରି ଘୁଷୁରି ଯାଇ ରେବତୀ ଶୋଇବା ଜାଗା ଦେଖିଲା, କେହି ନାହିଁ । ଘରଯାକ, ବାହାର ଅଗଣା, ଢ଼ିଙ୍କି ତଳ ଢ଼ିଙ୍କିଲାଞ୍ଜ କାହିଁ ନାହିଁ ମନେକଲା, ଜର ଭଲ ହୋଇଗଲାଣି, ବାଡ଼ିରେ ବୁଲୁଥିବ । ସେହି ଡ଼ାକ, 'ଲୋ ରେବତୀ, ଲୋ ରେବି, ଲୋ ନିଆଁ, ଲୋ ଚୁଲି ।' ବାଡ଼ି ଦୁଆରକୁ ଗଲା, ଅଣ୍ଡାଳି ପିଣ୍ଡାକୁ ଉଠିଲା । ପିଣ୍ଡାଟା ଭୂମିଠାରୁ ଦୁଇହାତ ଉଚ୍ଚ; ହାତେ ଚଉଡ଼ା ।

'ମଲା ତୁ ଏଇଠି ବସିଛୁ ?' ଦେହରେ ହାତ ଦେଇ ବୁଢ଼ୀ ପ୍ରଥମେ ଚମକି ପଡ଼ିଲା, ଆଉ ଥରେ ଭଲକରି ଗୋଡ଼ ଠାରୁ ମୁଣ୍ଡଯାଏ ହାତ ବୁଲାଇଲା; ନାକରେ ହାତ ଦେଇ ଗୋଟିଏ ଉତ୍କଟ ଶବ୍ଦ କଲା, ସଙ୍ଗେ ସଙ୍ଗେ ପିଣ୍ଡାତଳେ ଦୁଲଦାଲ ଶବ୍ଦ !

ଶ୍ୟାମବନ୍ଧୁ ମହାନ୍ତି ଘରର କୌଣସି ପ୍ରାଣୀକୁ ଜଗତରେ ଆଉ କେହି ଦେଖି ନାହାନ୍ତି । ପଡ଼ୋଶୀମାନେ ରାତି ପହରକ ସମୟରେ ଶେଷ ଶବ୍ଦ ଶୁଣିଥିଲେ –

'ଲୋ ରେବତୀ, ଲୋ ରେବି, ଲୋ ନିଆଁ, ଲୋ ଚୁଲି ।'

୮.୪.୧. ଶବ୍ଦାର୍ଥ

ହଳିଆ – ଚାଷ କାମରେ ଯେ ସାହାଯ୍ୟ କରେ ।
ସଟାବଟା କରିବା – ଏପଟ ସେପଟ କରିବା / ଚଳେଇ ନେବା
ବଳେଇ ବଳେଇ – ଯାଚି ଯାଚି
ଠଣା – ମାଟିକାନ୍ଥରେ ଆବଶ୍ୟକ ଜିନିଷ ରଖିବାପାଇଁ ଛୋଟିଆ ସ୍ଥାନ
ଶରଣ ଲାଗିବା – ଶ୍ରବଣା ନକ୍ଷତ୍ର
କାଠ ପରି – ହଲଚଲ ନ ହୋଇ
ପଥ୍ୟ – ଔଷଧ
ଲକ୍ଷ୍ମୀବୁଢ଼ା – ଲକ୍ଷ୍ମୀଛଡ଼ା
ଇଲାଜ କରିବା – ଚିକିତ୍ସା କରିବା ।

୮.୪.୨ ପଠିତାଂଶର ଆଲୋଚନା

ମୂଳପାଠର ଶେଷ ଅଂଶରେ ଗାହ୍ନିକ ରେବତୀର ପିତାମାତାଙ୍କୁ ହରାଇସାରିବା ପରେ ପରେ ବାସୁ ପଣ୍ଡିତଙ୍କୁ ବାଡ଼ି ଧରିବା ପ୍ରସଙ୍ଗକୁ ଉପସ୍ଥାପନା କରି, ତତ୍‌କାଳୀନ ଗ୍ରାମ୍ୟ ଜୀବନର ମହାମାରିରେ ନିର୍ମମ ଚିତ୍ରକୁ ଉପସ୍ଥାପନା କରିଛନ୍ତି । ପୁନଃ, ଶିକ୍ଷାର ଅଭାବ ଓ ଅନ୍ଧବିଶ୍ୱାସ, କୁସଂସ୍କାର ପ୍ରାବଲ୍ୟ କିପରି ଚିକିତ୍ସା ବ୍ୟବସ୍ଥାକୁ ପ୍ରଭାବିତ କରିଛି, ତାହାର ରେଖାଚିତ୍ରଟିଏ ରଖିଛନ୍ତି । ପରିଶେଷରେ ଗାହ୍ନିକ ନାରୀଶିକ୍ଷା ପ୍ରତି ବୈମାତୃକ ମନୋଭାବକୁ ତାଙ୍କର ଶେଷ ଉକ୍ତି, 'ଲୋ ରେବତୀ, ଲୋ ନିଆଁ, ଲୋ ଚୁଲି'ରେ ରେ ଶେଷ କରିଛନ୍ତି ।

୮.୪.୩ ମୂଳପାଠର ଶେଷ ଅଂଶରୁ ପ୍ରଶ୍ନ

୧) ଗୋଟିଏ ବା ଦୁଇଟି ବାକ୍ୟରେ ଉତ୍ତର ଦିଅନ୍ତୁ ।

କ) ବାସୁଦେବଙ୍କ ମୃତ୍ୟୁ କେଉଁଠି ଓ କିପରି ହୋଇଥିଲା ?

ଖ) ବାସୁଦେବଙ୍କ ମୃତ୍ୟୁ ଖବର ଶୁଣି ରେବତୀର କ'ଣ ହେଲା ?

ଗ) ହରି ସା' କିଏ ? ଜେଜେ ମା ତାଙ୍କୁ କ'ଣ କହିଲେ ?

ଘ) ଜେଜେମା କାହିଁକି ପଥ୍ ରାନ୍ଧିବେ ବୋଲି ଭାବିଲେ ?

ଙ) ପଡ଼ୋଶୀ ଲୋକମାନେ ରାତି ପହରକ ସମୟରେ କ'ଣ ଶୁଣିଥିଲେ ?

୨) ଶୂନ୍ୟସ୍ଥାନ ପୂରଣ କର ।

କ) ହରିପୁରରୁ ଫେରି ଆସିବା ସମୟରେ ବରଗଛ ମୂଳରେ ପଣ୍ଡିତଙ୍କୁ ବାଡ଼ି ଧରିଲା ।

ଖ) ଦାଣ୍ଡରେ ଚାଲି ଯାଉଥିବ ଯେ ମର କହିବ ନାହିଁ ।

ଗ) ଯାହା ଆପଣାକିଆ, ତହିଁକି କିଆଁ ?

ଘ) ଚାରିଟା ପଥ୍ ପେଟରେ ପଡ଼ିଲେ ଉଠି ବସିବ ।

ଙ) ଘରେ ପାଛିଆ କୁଣ୍ଢେଇ ହାଣ୍ଡି ଆଟିକା ସବୁ ବାଜିଲା; ନାହିଁ ।

ଚ) ହରି ସା' ରଖ୍ ଚାରିମାଣ ଚାଉଳ, ଅଧମାଣ ଜାଇ, କିଛି ଲୁଣ ଦେଲା ।

୮.୪.୪ ମୂଳପାଠର ଶେଷ ଅଂଶରୁ ବ୍ୟାକରଣ ପ୍ରଶ୍ନ

୧କ) ପଠିତାଂଶରୁ ପାଞ୍ଚୋଟି ଦେଶଜ ଶବ୍ଦ ଲେଖ ।

ଖ) ନିମ୍ନଲିଖିତ କ୍ରିୟାରୂପକୁ ମିଶ୍ର କିୟାରେ ପରିଣତ କର ।

କାନ୍ଦିଲା, ଶୁଣୁଛନ୍ତି, ଧରିଲା, ଦେଖିଲା

ଗ) ନିମ୍ନଲିଖିତ ଶବ୍ଦଗୁଡ଼ିକର ତତ୍ସମ ଶବ୍ଦରୂପ ଲେଖ ।

କୁଅ, ଜିଭ, ସଂଜ, ବରଷ, ଭୂଇଁ

ଘ) ନିମ୍ନଲିଖିତ ପଦଗୁଡ଼ିକ, କେଉଁ ପ୍ରକାର ଅବ୍ୟୟ ପଦ ସୂଚାଇ ଦିଅ ।

ଲୋ, କଣ , ଅର୍ଥାତ, ହାୟ ହାୟ, ପର୍ଯ୍ୟନ୍ତ ।

୮.୫ ସଂପୂର୍ଣ୍ଣ ମୂଳପାଠ ଉପରେ ପ୍ରଶ୍ନ

୧) ଗୋଟିଏ ବା ଦୁଇଟି ବାକ୍ୟରେ ଉତ୍ତର ଦିଅ ।

କ) ରେବତୀ ଗଳ୍ପରେ ଫକୀରମୋହନ ସ୍ୱୟଂ କେଉଁ ଭୂମିକାରେ ଅଛନ୍ତି ?

ଖ) ରେବତୀର ସମୟ ପରିଧି ହିସାବ କଲେ କେତେ ହେବ ?

ଗ) ଗାଁରେ ନୂଆ ଚିନ୍ତାଧାରାର ପ୍ରବେଶ ଘଟିଲାଣି ବୋଲି କେଉଁ କଥାରୁ ଜଣାପଡ଼େ ?

ଘ) କେଉଁ ବିଷୟ ସବୁ ରେବତୀ ପଢ଼ି ସାରିଥିଲା ?

ଙ) ପିହୁଳା ରୋଗ ହେଲେ ଗାଁ ଗହଳିରେ ସେତେବେଳେ କିପରି ଚିକିତ୍ସା କରାଯାଉଥିଲା ?

ଚ) ଶରଣରେ କେଉଁ କାର୍ଯ୍ୟକରିବା ନିଷେଧ ଥିଲା ?

୮.୫.୧ ସଂପୂର୍ଣ୍ଣ ମୂଳପାଠର ବ୍ୟାକରଣ ପ୍ରଶ୍ନ

କ) ରୁଢ଼ି ଓ ପ୍ରବାଦର ଅର୍ଥ ବୁଝାଇ ଦିଅ

୧) ଗୋଟିଏ ଚାଉଳରେ ଗଢ଼ା

୨) ଶିବନିର୍ମାଲ୍ୟତୁଲ୍ୟ ଜ୍ଞାନ କରିବା

୩) ତୁଣ୍ଡରେ ବାଟୁଳି ନ ବାଜିବା

୪) ଚମ ଧୁଡୁ ଧୁଡୁ ହେବା

୫) ପୋଖରୀପାଣି ହେବା

୬) ଲଥ୍ କରି ବସିପଡ଼ିବା

୭) ମାଛିଟିକୁ ମର ନ କହିବା

ଖ) ଉପଯୁକ୍ତ ଶବ୍ଦ ଚୟନ କରି ସ୍ତମ୍ଭ ମିଳନ କର :

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ବେଢ଼ି	ପିଛିଲି
ପାଲିଙ୍କି	ଆଟିକା
ଆଗିଲି	ବଟା
ସଟା	ମୁଣ୍ଡି
ମୁଣ୍ଡା	କୋରଡ଼ା
ଲଗା	ପଣା
ପିଠା	ପଡ଼ିଆ
ମଧୁରାଓ	ଚକ୍ଷୁ
ଚାରି	ଛାନ୍ଦମାଳା
ଚାରିଟା	ପାଟଛତା
ହାଣ୍ଡି	ପଥି

ଖ) ନିମ୍ନଲିଖିତ ପଦଗୁଡ଼ିକର ବ୍ୟାସବାକ୍ୟ ସହ ସମାସର ନାମଲେଖ ।

ପ୍ରତିଦିନ, ପାଞ୍ଚଦିନ, କଂସାବାସନ, ଗ୍ରାମଲୋକ

୮.୬ ସାରାଂଶ

କଟକ ଜିଲ୍ଲାର ହରିପୁର ପ୍ରଗଣାରେ ମଫସଲ ଗ୍ରାମଟିଏ ପାଟପୁର । ଶ୍ୟାମବନ୍ଧୁ ମହାନ୍ତି ଜମିଦାରଙ୍କ ତରଫରୁ ଗ୍ରାମର କରଣ, ମାସକୁ ଦରମା ଦୁଇ ଟଙ୍କା କୁ ଉପୁରି ଦୁଇ ଟଙ୍କା । ଛୋଟ ପରିବାରରେ ସ୍ୱାମୀ-ସ୍ତ୍ରୀଙ୍କ ଛଡା ଗୋଟିଏ ଝିଅ ରେବତୀ, ବୟସ ଦଶ ବର୍ଷ ଆଉ ଜେଜେମା' । " ବାଡ଼ିରେ ଶାଗ, ଛାଡ଼ି ସଜନା ଦୁଇଗଛ । ଘରେ ଲଗା ପଡ଼ିଆ, ବରଷବିଆଣୀ ଗାଈ ଦୁଇଟା ବନ୍ଧା, ଦୁଧ ଟିକିଏ, ଚହ୍ଲା ମନ୍ଦାଏ ହାଣ୍ଡିତଳେ ଲାଗିଥାଏ । ବୁଢ଼ୀ ଚଷୁ ମିଶାଇ ଘଷି ତାଡ଼ିଦିଏ, କାଠ କିଣା ବାଧେ ନାହିଁ । ଜମିଦାର ସାଢ଼େ ତିନିମାଣ ଜମି ଚଷିବାକୁ ଦେଇଛନ୍ତି, ଧାନ ବଳେ ନାହିଁ କି କମେ ନାହିଁ ।" ଏମିତି ଏକ ହସ ଖୁସିର ଛୋଟିଆ ପରିବାରରେ ଶ୍ୟାମବନ୍ଧୁ ଯେତେବେଳେ ସନ୍ଧ୍ୟାରେ କୃପାସିନ୍ଧୁ ଜଣାଣ କି ଆଉ ଆଉ ଭଜନ ବୋଲନ୍ତି, ବାଳିକା ରେବତୀ ମନ ଦେଇ ଶୁଣେ ଏବଂ ତା'ର ମଧୁର କଣ୍ଠରେ ପ୍ରତିଦିନ ଭଜନ ଗାଇ ବାପାକୁ ଶୁଣାଏ । ବାପ, ଝିଅ ଉଭୟେ ଖୁସି ହୁଅନ୍ତି ।

ଦୁଇବର୍ଷ ପୂର୍ବେ ତାଙ୍କ ଗାଁରେ ଅପର ପ୍ରାଇମେରୀ ସ୍କୁଲଟିଏ ଖୋଲିଥିଲା । ସେଥିରେ ଶିକ୍ଷକ ଭାବରେ ଆସି ଯୋଗାଦିଏ କଟକ ନିର୍ମାଲ୍ୟ ସ୍କୁଲର ଅବଧାନ ବିଭାଗର ଉତ୍ତୀର୍ଣ୍ଣ ଛାତ୍ର ବାସୁଦେବ । ନାମ ଯେପରି ଗୁଣ ମଧ୍ୟ ସେହିପରି । ବାପ ମା' ଛେଉଣ୍ଡ ବାସୁଦେବକୁ ଭଲ ମନ୍ଦରେ ନିଜ ଘରକୁ ଖାଇବାକୁ ଡ଼ାକନ୍ତି ଶ୍ୟାମବନ୍ଧୁ । ରେବତୀ ବାସୁକୁ ମଧ୍ୟ ଭଜନ ଗାଇ ଶୁଣାଏ । " ଦିନେ ଏକଥା ସେକଥା ପତ୍ତୁ ପତ୍ତୁ ଶ୍ୟାମବନ୍ଧୁ ଶୁଣିଲେ କଟକରେ ଗୋଟିଏ ଝିଅ ସ୍କୁଲ ଅଛି । ସେଠି ଝିଅମାନେ ପଢ଼ନ୍ତି, ଲୁଗାସିଆଁ ଶିଖନ୍ତି । ସେ ଦିନ ଠାରୁ ରେବତୀକୁ ପାଠ ପଢ଼େଇବାକୁ ଶ୍ୟମବନ୍ଧୁର ମନ ହେଲା ।" ଏବଂ, ଏଇ ଦୁଇଜଣଙ୍କର ପରାମର୍ଶରେ ରେବତୀର ପାଠ ପଢ଼ିବା ଠିକଣା ହେଲା । ଜେଜୀ କହିଲା "ପାଠ କଣ ଲୋ ? ମାଇକିନିଆ ଝିଅଟା ପାଠ କଣ ? ରନ୍ଧାବଢ଼ା ଶିଖ, ପିଠାପଣା କରି ଶିଖ, ଝୋଟି ଦିଆ ଶିଖ, ଦହିମୁହାଁ ଶିଖ, ପାଠ କଣ ?

ହେଲେ ଏ ସବୁ ଭିତରେ ଶ୍ରୀପଞ୍ଚମୀ ତିଥିରେ ରେବତୀର ପାଠପଢ଼ା ଆରମ୍ଭ ହୁଏ । ବାସୁଦେବ ସୀତାନାଥ ବାବୁଙ୍କ ପ୍ରଥମ ପାଠ ଆଣିଦିଏ । ପ୍ରତିଦିନ ସଞ୍ଜବେଳେ ପାଠ ପଢ଼େଇଦିଏ । " ଦୁଇ ବର୍ଷ ଭିତରେ ରେବତୀ ଢ଼ର୍ ପାଠ ପଢ଼ିଗଲା । ମଧୁରାଓଙ୍କ ଛାନ୍ଦମାଳା ପଢ଼ିଯିବା ବେଳେ ତାର ତୁଣ୍ଡରେ ବାଟୁଳି ବାଜେନି ।" ଏ ଭିତରେ କାହାଣୀର ଆଉ ଗୋଟିଏ କବାଟ ଖୋଲେ । ବାସୁଦେବ ସହିତ ରେବତୀର ବିଭାଘର କଥା ଚର୍ଚ୍ଚାହୁଏ । ବାପା ଓ ଜେଜେମା' ର କଥା ଶୁଣିଲା ଦିନୁ ରେବୀର ମନରେ ପ୍ରେମର ବୀଜଟିଏ ଅଙ୍କୁରିତ ହେଲାଣି । କିଶୋରୀ ବାଳିକାର ଏଇ ନମ୍ର ପ୍ରେମର ଆବେଦନ ବେଶ୍ ସଂଜତ, ସୁଶୀଳ, ମଧୁର । ହେଲେ ବିଧିର ବିଧାନ, ସବୁ ଖୁସି ଭିତରେ ଫଗୁଣମାସିଆ ଅଚାନକ କାହୁଁ ବାଡ଼ି ଆସିଲା, ସକାଳୁ ଶୁଣାଗଲା ଗୁମାସ୍ତା ଶ୍ୟାମବନ୍ଧୁ ମହାନ୍ତିଙ୍କୁ ବାଡ଼ି ଧରିଛି । ବେଳ ତିନି ପ୍ରହର ବେଳକୁ ବାସୁଦେବ ମୁହଁକୁ ଚାହିଁ ଖନେଇ ଖନେଇ ' ବାଁ-ସୁଁ-ଏଁ- ବଁ-ଆଁ -ଗିଁଲା' କହି ଜୀବ ଛାଡ଼ିଲେ । ତାଙ୍କପରେ

ପରେ ରେବତୀର ମା' ବି ସେଇଦିନ ବାଡ଼ିରେ ପରପାରିକୁ ଚାଲିଗଲେ । ଘରକୁ ଦୁର୍ଦ୍ଦିନ ମାଡ଼ିଆସିଲା । ଘରେ ଯାହାଥିଲା ବନ୍ଧା ଛନ୍ଦା କରି ଆଈ ନାତୁଣୀ ଚଳନ୍ତି । ବାସୁ କିଛି ଟଙ୍କା ପଇସା ଦେଲେ ନିଅନ୍ତି ନାହିଁ । ଘରର ଚାଳ ଉଡ଼ିଗଲାଣି । କାନ୍ଦି କାନ୍ଦି ବୁଢ଼ି ଆଖିକୁ ଦିଶୁନି । "ଏତେ ଦୁଃଖ ଏତେ ଯେ ଦୁର୍ଦ୍ଦଶା ସବୁର ମୂଳ କାରଣ ହେଉଛି ରେବତୀ, ଏହା ସେ ମନ ମଧ୍ୟରେ ସ୍ଥିରସିଦ୍ଧାନ୍ତ କରି ସାରିଲାଣି । ରେବତୀ ପାଠ ପଢ଼ିବାରୁ ପୁଅ ମଲା, ବୋହୂ ମଲା, ହଳିଆ ଛାଡ଼ିଗଲା, ବଳଦ ବିକାଗଲା, ଜମିଦାର ଘର ଗାଈ ବାନ୍ଧିନେଲେ, ରେବତୀ କୁଲକ୍ଷଣୀ, ସେ କୁଢ଼ଙ୍ଗୀ, ସେ ଲକ୍ଷ୍ମୀଛାଡ଼ି ।"

ଶ୍ୟାମବନ୍ଧୁ ମରିବାର ହାତ ଗଣତିରେ ପାଞ୍ଚମାସ ପରେ ଦିନେ ଖରାବେଳେ ବାସୁ ଆସି ଖବର ଦିଏ ସେ ହରିପୁର ଥାନାକୁ ପିଲାଙ୍କୁ ନେଇ ଯିବ । ସେଠାରେ ସ୍କୁଲର ଡ଼େପୁଟି ଇନିସପେକ୍ଟର ପାଠ ପଚାରିବେ । ଏଣୁ ପାଞ୍ଚଦିନ ମାଫିକେ ଚାଉଳ, ଲୁଣ, ତେଲ, ବାଇଗଣ, ସଉଦା କିଣି ଆଣେ । ଏତେ ଦିନ ଯାଏ ରେବତୀ ବାସୁର ଆଗମନକୁ ନୀରବରେ ସତୃଷ୍ଣ ଭାବରେ ଅପେକ୍ଷା କରି ରହୁଥିଲା । ସେଦିନ କିନ୍ତୁ ଅପଲକ ନୟନରେ ବାସୁକୁ ଚାହିଁରହିଛି । "ଆଜି ଚାରି ଚକ୍ଷୁର ମିଳନ, ଆଖି ଫେରେଇବାରେ କାହରି ଆୟତ ନାହିଁ ।" ହେଲେ ଏଥରବି ଭାଗ୍ୟ ରେବତୀକୁ ଧୋକ୍କା ଦିଏ, ଛ ଦିନ ପରେ ଗୋପାଳପୁର ବରଗଛ ମୂଳରେ ବାସୁ ପଣ୍ଡିତ ବାଡ଼ିରେ ଚାଲିଗଲେ ବୋଲି ଖବର ପହଞ୍ଚେ । ଏଥର ରେବତୀ ଆଉ ଭୂଇଁରୁ ଉଠେନାହିଁ । ଛଦିନ ଭିତରେ ପ୍ରବଳ ଜ୍ୱର ସନ୍ନିପାତର ରୂପନିଏ । ଜେଜେମା ଜାଣିପାରେ ନାହିଁ । କଣା ଢ଼ାଳ ନେଇ ହରି ସା' ଦୋକାନରୁ ଚାଉଳ ଜାଇ ଆଣି ପଥ୍ୟ ରାନ୍ଧିବ ବୋଲି ରେବତୀକୁ ଖୋଜିଲା । ରେବତୀ କୂଅରୁ ପାଣି କାଢ଼ିଦେଲେ ସେ ଭାତ ରାନ୍ଧିବ ବୋଲି, ହେଲେ ସେତେବେଳକୁ ରେବତୀ ଆଉ ଜୀବନରେ ନାହିଁ । ଆଉ ରେବତୀ ର ପ୍ରାଣହୀନ ଶରୀର ଦେଖି ଜେଜେମା' ର ପ୍ରାଣପକ୍ଷୀ ବି ଉଡ଼ିଗଲା । ପଡ଼ୋଶୀମାନେ ରାତି ପହରକ ସମୟରେ ଶେଷ ଡାକ ଶୁଣିଥିଲେ – "ଲୋ ରୋବତୀ, ଲୋ ରେବୀ, ଲୋ ନିଆଁ, ଲୋ ଚୁଲି ....." ।

ଫକୀରମୋହନଙ୍କ କ୍ଷୁଦ୍ରଗଳ୍ପରେ କଥାଭାଗ ବା କାହାଣୀ ସବୁବେଳେ ଆକର୍ଷଣୀୟ । ଘଟଣା ଓ ଚରିତ୍ରମାନଙ୍କ ମଧ୍ୟରେ ସୁନ୍ଦର ସମନ୍ୱୟ ରକ୍ଷାକରି ସେ କାହାଣୀର ପଞ୍ଜରା ତିଆରି କରନ୍ତି । 'ରେବତୀ' ଗଳ୍ପରେ ଲେଖକ ନିଜେ ତୃତୀୟ ପକ୍ଷ ଭାବରେ ଉପସ୍ଥିତ ରହି ଯାହା ଦେଖୁଛନ୍ତି, ତାହାକୁ ବର୍ଣ୍ଣନା କରିବା ଛଳରେ କାହାଣୀକୁ ଗତିଶୀଳ କରାଇଛନ୍ତି । ତତ୍କାଳୀନ ଓଡ଼ିଶାର ଏକ ପକ୍ଷରେ ନାରୀକୁ ଶିକ୍ଷିତ କରି ସଭ୍ୟତାର ନୂତନ ଆଲୋକରେ ଆଲୋକିତ କରିବାପାଇଁ ପ୍ରଚେଷ୍ଟା ଚାଲିଥିଲା ବେଳେ ଅନ୍ୟପକ୍ଷରେ ରୂଢ଼ିବାଦୀ ସମାଜରେ ନାରୀକୁ ଅସୂର୍ଯ୍ୟଂପଶ୍ୟା କରି ଘରକୋଣରେ ଆବଦ୍ଧ କରି ରଖିବା–ଏଇ ଦୁଇ ଚିନ୍ତାଧାରାର ଦ୍ୱନ୍ଦ୍ୱ, ସଂଘର୍ଷ ଓ ପରିଣତିରେ ନାଟକୀୟତା ବଜାୟ ରଖିଛି ରେବତୀର କାହାଣୀ କ୍ରମ ।

୮.୭ ପଠନ ଅଭ୍ୟାସ

କ) ନିମ୍ନଲିଖିତ ପରିଚ୍ଛେଦକୁ ପଢ଼ ଓ ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

ଦେଖୁ ଦେଖୁ ପଞ୍ଚମୀ କୁ ପଞ୍ଚମୀ ଦୁଇବରଷ ହୋଇଗଲାଣି । ବିଧାତାଙ୍କର ବିଧାନ

କାହାର ଦିନ ସମାନ ଭାବରେ ଯିବନାହିଁ । ଫୁଗୁଣ ମାସିଆ ଦିନ, କାହିଁ କିଛି ନାହିଁ, ଅଚାନକ କାହୁଁ ବାଡ଼ି ଆସିଲା, ସକାଳେ ଗ୍ରାମରେ ଶୁଣାଗଲା, ଗୁମାସ୍ତା ଶ୍ୟାମବନ୍ଧୁ ମହାନ୍ତିଙ୍କ ବାଡ଼ି ଧରିଛି । ମଫସଲ ଗାଁରେ ବାଡ଼ି ପଡ଼ିଲେ ତାଟି କବାଟ ପଡ଼ିଯାଏ । ବାଡ଼ି ବୁଢ଼ୀ ସତେପରା ଟୋକେଇଟିଏ କାଖେଇ ଦାଣ୍ଡରେ ମନୁଷ୍ୟ ଗୋଟାଉଛି, ଏପରି ସମସ୍ତେ ମଣନ୍ତି । ଦୁଆରକୁ କାହାରି ଆସିବାର ନାହିଁ । ମାଇକିନିଆ ଦୁଇଟା କ'ଣ କରିବେ ? ପିଲାଟା ଡ଼ାକ ପାଡ଼ି ଘରବାହାର ହେଉଛି । ବାସୁଦେବ ଶୁଣି ସ୍କୁଲ ଛାଡ଼ି ଧାଇଁଲା । ଡ଼ରନାହିଁ, ଭୟନାହିଁ, ଆପଣା ଶରୀର ପ୍ରତି ଭାବନା ନାହିଁ, ଶ୍ୟାମବନ୍ଧୁ ପାଖରେ ବସି ଗୋଡ଼ରେ ହାତ ବିଲାଉଥାଏ, ପାଣି ଟୋପାଏ ପାଟିରେ ଦେଉଥାଏ । ବେଳ ତିନିପ୍ରକାର ସମୟରେ ଶ୍ୟାମବନ୍ଧୁ ବାସୁ ମୁହଁ ଚାହିଁ ଖନେଇ ଖନେଇ କହିଲା, "ବାଁ-ସୁଁ ଏଁ-ବଁ ଆଁ-ଗଁ-ଲା ।" ବାସୁକୁ ଭୋ ଭୋ କରି ଡ଼କା ପଡ଼ିଲା । ଘରେ ଚହଳ ପଡ଼ିଗଲା । ରେବତୀ ଭୂଇଁରେ ଗଡୁଥାଏ, ଗ୍ରାମର ଲୋକେ ଶୁଣି କହିଲେ, ହୋଇଗଲା ପରା । ଦେଖୁଁ ଦେଖୁଁ ସଞ୍ଜବେଳକୁ କିଛି ନାହିଁ । କ'ଣ କରିବେ - ବାସୁଦେବଟା କାଲିକା ପିଲା, ଆଉ ଦୁଇଟା ଭୁଆସୁଣୀ । ଗ୍ରାମର ବନ ସେଠି ଧୋବା ଜଣେ ଜାଣିବ ଶୁଣିବା ଲୋକ, ତା' ଦେହକରେ ପଚାଶ କି ଷାଠିଏ ପାର କଲାଣି । କାଲି କହିଲେ ଯିବାକୁ ହେବ, ଆଜି ହେଲେ ଯିବାକୁ ହେବ, ଲୁଗାପଟା ଦିଖଣ୍ଡ ମିଳିବାର ଭରସା । ଗାମୁଛାଟାଏ ଅଣ୍ଟାରେ ଭିଡ଼ିଦେଇ କୁରାଢ଼ୀଟାଏ କାନ୍ଧରେ ପକାଇ ହାଜର ହୋଇଗଲା । ଗ୍ରାମର କରଣ ସେହି ଘରକ; ଶାଶୁ, ବୋହୂ ଓ ବାସୁଦେବ ତିନିଜଣ ଧରାଧରି କରି କର୍ମ ଚଳାଇଲେ । ସେ ସମୟର କଥା ଗୁଡ଼ାକ ଲେଖିବାକୁ ଆଉ ହାତ ଚଳୁ ନାହିଁ । ଶ୍ମଶାନରୁ ଫେରି ଆସିବା ବେଳକୁ କୁଆଁତାରା ଉଇଁଲାଣି । ଘରେ ପଶିବା ମାତ୍ରକେ ରେବତୀ ମା' ପୋଖରୀପାଣି ଗଲା, ଦେଖୁଦେଖୁ ଦିନ ଦି'ପ୍ରହର ବେଳେ ଗ୍ରାମରେ ହାଟ ହେଲା ରେବତୀ ମା' ନାହିଁ ।

୧) କେଉଁ କଥାକୁ ଉପଲକ୍ଷ୍ୟ କରି ପଞ୍ଚମୀ କୁ ପଞ୍ଚମୀ ଦୁଇବରଷ ହୋଇଗଲାଣି ବୋଲି କୁହାଯାଇଛି ।

୨) କେଉଁ ସମୟରେ ଗାଁକୁ ବାଡ଼ି ଆସିଲା ?

୩) ଶ୍ୟାମବନ୍ଧୁ ଓ ତାଙ୍କ ପତ୍ନୀଙ୍କ ମୃତ୍ୟୁ କେମିତି ହେଲା ?

୪) ମୃତ୍ୟୁପୂର୍ବରୁ ସେ ବାସୁଦେବଙ୍କୁ କଣ କହିଲେ ?

୫) ବନ ସେଠି କିଏ ?

୬) ଗ୍ରାମରେ କରଣ କେତେ ଘର ଥିଲେ ?

୭) ମୃତାହ କର୍ମ ସାରି ଫେରିବା ବେଳକୁ କେତେ ସମୟ ହେଲାଣି ?

୧୦) କିଏ କିଏ ମିଶି ଶ୍ୟାମବନ୍ଧୁର ସଂସ୍କାର କଲେ ?

୮.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

୮.୮.୧ ମୂଳପାଠର ପ୍ରଥମାଂଶ ପ୍ରଶ୍ନର ଉତ୍ତର

୧. କ) ଓଡ଼ିଆ ଭାଷାର ପ୍ରଥମ କ୍ଷୁଦ୍ରଗଳ୍ପର ନାମ ରେବତୀ ଅଟେ ।

ଖ) ଫକୀରମୋହନ ସେନାପତି ୧୮୯୮ ମସିହାରେ 'ଉତ୍କଳ ସାହିତ୍ୟ' ପତ୍ରିକାର

ଅକ୍ଟୋବର ସଂଖ୍ୟା (୨ୟ ବର୍ଷ ଦଶମ ସଂଖ୍ୟା କାର୍ତ୍ତିକ, ୧୩୦୬) ରେବତୀ ଗଳ୍ପଟି ଲେଖିଥିଲେ ।

ଗ) ରେବତୀ ଗଳ୍ପରେ ଲେଖକଙ୍କ ଛଦ୍ମନାମ 'ଶ୍ରୀ ଧୂର୍ଜଟି' ଥିଲା ।

ଘ) ଶ୍ୟାମବନ୍ଧୁ ବୃତ୍ତିରେ ଜମିଦାରଙ୍କ ଗୁମାସ୍ତା ଥିଲେ ।

ଙ) ଜମିଦାରଙ୍କ ଟଙ୍କାକୁ ଶ୍ୟାମବନ୍ଧୁ ଶିବନିର୍ମାଲ୍ୟ ତୁଲ୍ୟ ମଣନ୍ତି ।

୨) ଶୂନ୍ୟସ୍ଥାନ ପୂରଣ କର'ର ଉତ୍ତର

କ) ହରିହରପୁର ପ୍ରଗନା

ଖ) କରଣ

ଗ) ଶ୍ୟାମବନ୍ଧୁ

ଘ) କୃପାସିନ୍ଧୁ ବନ୍ଦନା

ଙ) ବାସୁଦେବ

ଚ) ଝିଅ ସ୍କୁଲ

ଛ) ସୀତାନାଥ ବାବୁ

୮.୮.୨ ମୂଳ ପାଠ ପ୍ରଥମାଂଶର ବ୍ୟାକରଣ ପ୍ରଶ୍ନର ଉତ୍ତର

କ)

ସ୍ତ୍ରୀଲିଙ୍ଗ		ପୁଂଲିଙ୍ଗ
ଝିଅ	–	ପୁଅ
ବୁଢ଼ୀ	–	ବୁଢ଼ା
ମା	–	ବାପା
ଜେଜୀ	–	ଜେଜେ
ମାଉସୀ	–	ମଉସା
ଭାଇ	–	ଭଉଣୀ

ଖ) ବିପରୀତାର୍ଥକ ଶବ୍ଦ

ଆଗିଲି	–	ପିଛିଲି
ଦୂର	–	ପାଖ
ପୁରୁଣା	–	ନୂଆ
ଆପଣା	–	ପର
ସୁନ୍ଦର	–	କୁତ୍ସିତ, ଅସୁନ୍ଦର
ସିଧା	–	ବଙ୍କା

(ଗ) ପାଞ୍ଚୋଟି ଯୁଗ୍ମଶବ୍ଦ :-

ମୁଣ୍ଡାମୁଣ୍ଡି, ବସାଉଠା, କୁହାପୋଛା, ଦାଣ୍ଡଦୁଆର, ତିରିଲାଝିଅ, ବାହାଲହଣା

ଘ) ଚାଳିଆ = ଚାଳ + ଇଆ

ଜମିଦାର = ଜମି + ଦାର

ଲୋକଟା = ଲୋକ + ଟା

ଖଣ୍ଡିଏ = ଖଣ୍ଡ + ଇଏ

୮.୮.୩ ମୂଳ ପାଠର ଦ୍ୱିତୀୟାଂଶ ପ୍ରଶ୍ନରୁ ଉତ୍ତର

କ) ୧) ଶ୍ରୀପଞ୍ଚମୀ ଦିନବେଳ ଛ' ଘଡ଼ି ସମୟରେ ବାସୁଦେବ ଯାଇ 'ଫଳା' ଶିଖାଇ ରେବତୀର ପାଠପଢ଼ା ଆରମ୍ଭକଲା ।

୨) ରେବତୀ ଓ ବାସୁଦେବଙ୍କ ବିବାହ ସଂପର୍କରେ ମା' ପୁଅ କଥାବାର୍ତ୍ତା ହେଉଥିଲେ ।

୩) ଫଗୁଣ ମାସରେ ଗାଁରେ ବାଡ଼ି ଲାଗିଲା ଓ ସେଥିରେ ରେବତୀର ବାପା ଓ ମାଙ୍କର ମୃତ୍ୟୁହେଲା ।

୪) ଶ୍ୟାମବନ୍ଧୁ ଘରେ ଦୁଇଟି ଗାଈ ଥିଲେ । ତହବିଲ ଟଙ୍କା ବାକିଅଛି କହି ଜମିଦାରଙ୍କ ଲୋକ ଗାଈ ଦୁଇଟିକୁ ବାନ୍ଧି ଘେନିଗଲେ ।

୫) ଜମିଦାର ଚଷିବାକୁ ଯେ ତିନିମାଣ ଜମି ଦେଇଥିଲେ ତାହା ଛଡ଼େଇନେଲେ ।ଏଣୁ ଦୋଳପୂର୍ଣ୍ଣିମା ଦିନ ହଳିଆ ଛାଡ଼ିଗଲା ।

୬) କାନ୍ଦିବା ଉଣାକରି ରେବତୀକୁ ଗାଳିଦେବାକୁ ଆରମ୍ଭକଲେ । କାରଣ, ସେ ଭାବୁଥିଲେ ରେବତୀ ପାଠ ପଢ଼ିବାରୁ ପୁଅମଲା, ବୋହୂମଲା, ହଳିଆ ଛାଡ଼ିଗଲା, ବଳଦ ବିକାଗଲା, ଜମିଦାର ଘର ଗାଈ ବାନ୍ଧି ଘେନିଗଲା ।

୭) ଦିପୋଟି ଇନିସ୍‌ପେକ୍ଟର ହରିହରପୁର ଥାନାରେ ବସି ପିଲାଙ୍କ ପାଠ ପଚାରିବେ ବୋଲି ବାସୁଦେବ ଜେଜେମାଙ୍କୁ କହିଲା ।

୮) ପାଞ୍ଚ ଦିନ ସକାଶେ ବାସୁଦେବ ଆଇ ନାତୁଣୀଙ୍କ ପାଇଁ ସଉଦା କିଣି ରଖିଯାଇଥିଲେ ।

ଖ) ଶୂନ୍ୟସ୍ଥାନ ପୂରଣ କର ଉତ୍ତର

୧) ଶ୍ରୀ ପଞ୍ଚମୀ

୨) ଛାନ୍ଦମାଳା, ବାଟୁଳି

୩) ବାଡ଼ିବୁଢ଼ୀ

୪) ପାଲିଙ୍କି, ବେଡ଼ି

୫) ଦୁଇ

୬) ଶିବନିର୍ମାଲ୍ୟ

୭) ଶରଣ

୮) ପାଠ ପଢ଼ିବାରୁ

୯) ଲୀଳାମୟ ପ୍ରତିମା

୮.୮.୪ ବ୍ୟାକରଣ ପ୍ରଶ୍ନର ଉତ୍ତର

୧କ) ବ୍ୟାସବାକ୍ୟ ସମାସ

ଶିବନିର୍ମାଲ୍ୟ – ନିର୍ମାଲ୍ୟ ଶିବଙ୍କ ପରି – କର୍ମଧାରୟ (ରୂପକ)

ଦଶଦିନ – ଦଶଟି ଦିନର ସମାହାର – ଦ୍ୱିଗୁ ସମାସ

ବାଡ଼ିଦୁଆର – ବାଡ଼ିକୁ ଦୁଆର – ଦ୍ୱିତୀୟା ତତ୍‌ପୁରୁଷ

ଦିବାରାତ୍ର – ଦିବା ଓ ରାତ୍ର – ଦ୍ୱନ୍ଦ୍ୱ ସମାସ

ବିଦ୍ୟାରମ୍ଭ – ବିଦ୍ୟର ଆରମ୍ଭ – ଷଷ୍ଠୀ ତତ୍‌ପୁରୁଷ ।

ଖ) ନୂଆ – (ବିଶେଷଣ)

ଭଲ – (ବିଶେଷଣ)

ମାମୁଁ – (ବିଶେଷ୍ୟ)

ଭାତ – (ବିଶେଷ୍ୟ)

କିତାପ– (ବିଶେଷ୍ୟ)

ଗ) କଥାବାର୍ତ୍ତା , ଶ୍ରୀ ପଞ୍ଚମୀ, ଗୁମାସ୍ତା, ଶାଶୂ, ହୃଦୟପୂର୍ଣ୍ଣ ।

ଘ) ନିଶ୍ୱାସ = ନିଃ + ଶ୍ୱାସ

ବିଦ୍ୟାରମ୍ଭ = ବିଦ୍ୟା + ଆରମ୍ଭ

ମନ୍ତବ୍ୟ = ମନ୍ + ତବ୍ୟ

୮.୮.୫ ମୂଳପାଠର ଶେଷ ଅଂଶ ପ୍ରଶ୍ନର ଉତ୍ତର

୧) ଗୋଟିଏ ବା ଦୁଇଟି ବାକ୍ୟରେ ଉତ୍ତର

କ) ହରିପୁରରୁ ଫେରିବା ବାଟରେ ବାଡ଼ି ରୋଗରେ ଆକ୍ରାନ୍ତ ହୋଇ ଗୋପାଳପୁରର ବରଗଛ ମୂଳରେ ବାସୁଦେବଙ୍କ ମୃତ୍ୟୁ ହେଲା ।

ଖ) ବାସୁଦେବର ମୃତ୍ୟୁ ଖବର ଶୁଣି ରେବତୀକୁ ଭୀଷଣ ଜ୍ୱର ହେଲା ।

ଗ) ହରି ସା' ଗ୍ରାମର ଦୋକାନୀ ଥିଲା । କଣାଢ଼ାଳଟିଏ ଦେଇ ଜେଜେମା' ତାଙ୍କୁ ସଉଦା ଦେବାପାଇଁ କହିଲେ ।

ଘ) ଜ୍ୱରରେ ପଡ଼ି ଛ' ଦିନ ଧରି କିଛି ଖିଆପିଆ କରି ନଥିବାରୁ ଚାରିଟା ପଥି ପେଟରେ ପଡ଼ିଲେ ରେବତୀ ଉଠି ବସିବ ବୋଲି ଭାବି ଜେଜେମା' ପଥି ରାନ୍ଧିବ ବୋଲି ଭାବିଲା ।

ଙ) ପଡ଼ୋଶୀ ଲୋକମାନେ ରାତି ପହରକ ସମୟରେ ବୁଢ଼ୀର 'ଲୋ ରେବତୀ, ଲୋ ରେବି, ଲୋ ନିଆଁ, ଲୋ ଚୁଲି" ଡ଼ାକ ଶୁଣିଥିଲେ ।

୨) ଶୂନ୍ୟସ୍ଥାନ ପୂରଣ କରନ୍ତୁ

କ) ଗୋପାଳପୁର

ଖ) ମାଛିଟିକୁ

ଗ) ଇଲାଜ

ଘ) ରେବତୀ

ଙ) ମୁଠାଏ ଚାଉଳ

ଚ) କଣାଢ଼ାଳଟା

୮.୮.୬ ପଠନ ଅଭ୍ୟାସ ଅନ୍ତର୍ଗତ ପ୍ରଶ୍ନାବଳୀର ଉତ୍ତର

୧) ରେବତୀର ପାଠପଢ଼ା ଆରମ୍ଭକୁ ଉପଲକ୍ଷ୍ୟ କରି ପଞ୍ଚମୀ କୁ ପଞ୍ଚମୀ ଦୁଇବରଷ ହୋଇଗଲାଣି ବୋଲି କୁହାଯାଇଛି ।

୮.୮.୭ ବ୍ୟାକରଣ ପ୍ରଶ୍ନର ଉତ୍ତର

୧କ) ବାଡ଼ି, ପୋଖରୀ, ଗଛ, ଡ଼ାଳ, ଫାଙ୍କ

ଖ) କାନ୍ଦିଲା – କ୍ରନ୍ଦନ କଲା

ଶୁଣୁଛନ୍ତି – ଶ୍ରବଣ କରୁଛନ୍ତି

ଧରିଲା – ଧାରଣ କଲା

ଦେଖିଲା – ଦର୍ଶନ କଲା

ଗ) କୂଅ – କୂପ

ଜିଭ – ଜିହ୍ୱା

ସଞ୍ଜ – ସନ୍ଧ୍ୟା

ଭୂଇଁ – ଭୂମି

ବରଷ – ବର୍ଷ

ଘ) ଲୋ – ସମ୍ବୋଧନ ସୂଚକ ଅବ୍ୟୟ ପଦ

କ'ଣ – ପ୍ରଶ୍ନବାଚକ ଅବ୍ୟୟ ପଦ

ଅର୍ଥାତ – ହେତୁବୋଧକ ଅବ୍ୟୟ ପଦ

ପର୍ଯ୍ୟନ୍ତ – କାଳବୋଧକ ଅବ୍ୟୟ ପଦ ।

୧) କ) ଦ୍ୱିତୀୟ ପୁରୁଷ ଭୂମିକାରେ ରହି ଆଖିରେ ଦେଖିଥିବା ପରି କାହାଣୀଟି ପାଠକମାନଙ୍କ ଆଗରେ ବର୍ଣ୍ଣନା କରିଛନ୍ତି ।

ଖ) ରେବତୀର ସମୟ ପରିଧି ଦୁଇବର୍ଷ ପାଞ୍ଚମାସ ଏଗାର ଦିନ ଅଟେ ।

ଗ) ଦୁଇବର୍ଷ ପୂର୍ବେ ପାଟପୁର ଗାଁରେ ଅପର ପ୍ରାଇମେରୀ ସ୍କୁଲଟିଏ ଖୋଲିଥିଲା । ସେଥିରେ ଶିକ୍ଷକ ଭାବରେ ବାସୁଦେବ ଆସି ଯୋଗଦେଲେ । ଏହି ଘଟଣାରୁ ଜଣାଯାଏ ଯେ ଗାଁରେ ନୂଆ ଚିନ୍ତାଧାରାର ପ୍ରବେଶ ଘଟିଲାଣି ।

ଘ) ମଧୁରାଓଙ୍କ ଛାନ୍ଦମାଳା, ସୀତାନାଥ ବାବୁଙ୍କ ପ୍ରଥମ ପାଠ ଇତ୍ୟାଦିକୁ ପଢ଼ି କଣ୍ଠସ୍ଥ କରିସାରିଥିଲା ।

ଙ) ପିହୁଳା ରୋଗ ହେଲେ ଗାଁ ଗହଳିରେ ସେତେବେଳେ ମୁଣ୍ଡରେ ତତଲା ବୋତଲମୁହଁ ଚିହ୍ନଦେଇ ଚିକିତ୍ସା କରାଯାଉଥିଲ ।

ଚ) ଶରଣ ସମୟରେ ଛପରବନ୍ଦି କାର୍ଯ୍ୟକରିବା ନିଷେଧ ଥିଲା ।

୮.୫ କ) ରୂଢ଼ି ଓ ପ୍ରବାଦର ଅର୍ଥର ଉତ୍ତର ।

୧) ଅତି ସୁନ୍ଦର

୨) ଶିବ ଠାକୁରଙ୍କ ପ୍ରସାଦ ପରି ଭାବିବା

୩) ଅବିରାମ ଭାବରେ କଥା କହିବା

୪) ବାର୍ଦ୍ଧକ୍ୟ ହେତୁ ଚମ ଲୋଚା କୋଚା ହୋଇଯିବା ।

୫) ହଇଜାରେ ଆକ୍ରାନ୍ତ ହେବା

୬) ନିରାଶ ବା ଅସହାୟ ମନେକରିବା

୭) ଅତି ସୁଶୀଳ ସ୍ୱଭାବ

ଖ) ଉପଯୁକ୍ତ ଶବ୍ଦ ଚୟନ କରି ସ୍ତମ୍ଭ ମିଳନର ଉତ୍ତର :

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ବେଡ଼ି	କୋରଡ଼ା
ପାଲିଙ୍କି	ପାଟଛତା
ଆଗିଲି	ପିଛିଲି
ସଟା	ବଟା
ମୁଣ୍ଡା	ମୁଣ୍ଡି
ଲଗା	ପଡ଼ିଆ
ପିଠା	ପଣା
ମଧୁରାଓ	ଛାନ୍ଦମାଳା
ଚାରି	ଚକ୍ଷୁ
ଚାରିଟା	ପଥି
ହାଣ୍ଡି	ଆଟିକା

ଗ) ପ୍ରତିଦିନ – ଦିନକୁ ଦିନ – ଅବ୍ୟୟୀଭାବ ସମାସ

ପାଞ୍ଚଦିନ – ପାଞ୍ଚଦିନର ସମାହାର – ଦ୍ୱିଗୁ ସମାସ

କଂସାବାସନ – କଂସାରେ ତିଆରି ବାସନ – ମଧ୍ୟପଦଲୋପୀ କର୍ମଧାରୟ

ଗ୍ରାମଲୋକ – ଗ୍ରାମର ଲୋକ – ଷଷ୍ଠୀ ତତ୍‌ପୁରୁଷ

ଆଦର୍ଶ ପ୍ରଶ୍ନାବଳୀ

କ) ପଠିତ 'ରେବତୀ' ଗଳ୍ପର ଅନୁକରଣରେ ଗ୍ରାମ୍ୟ ଅର୍ଥବ୍ୟବସ୍ଥା ସଂପର୍କରେ ଲେଖ ।

ଖ) ରେବତୀ ଗଳ୍ପରେ ରେବତୀ କେଉଁସବୁ ପାଠ ପଢ଼ିବା କଥା କୁହାଯାଇଛି ?

ଗ) ବାସୁଦେବର ଚରିତ୍ର ସଂପର୍କରେ ସଂକ୍ଷିପ୍ତ ପରିଚୟ ଦିଅ ।

ଘ) ବୁଢ଼ୀ ରେବତୀକୁ କାହିଁକି ଗାଳି ଦେଉଥିଲା ?

***

ଅଧ୍ୟାୟ ୯ କବି ସଚ୍ଚିଦାନନ୍ଦ ରାଉତରାୟ

ସଂରଚନା:

୯.୦ - ଉଦ୍ଦେଶ୍ୟ

୯.୧ - ଉପକ୍ରମ

୯.୧.୧ - ବିଷୟ ପ୍ରବେଶ

୯.୧.୨ - ସହାୟକ ଗ୍ରନ୍ଥ

୯.୨ - ମୂଳ ପାଠର ପ୍ରଥମ ଭାଗ

୯.୨.୧ - ଶବ୍ଦାର୍ଥ

୯.୨.୨ - ପଠିତାଂଶର ଆଲୋଚନା

୯.୨.୩ - ମୂଳପାଠର ପ୍ରଥମାଂଶରୁ ପ୍ରଶ୍ନ

୯.୨.୪ - ମୂଳପାଠର ପ୍ରଥମାଂଶରୁ ବ୍ୟାକରଣ ପ୍ରଶ୍ନ

୯.୩ - ମୂଳପାଠର ଦ୍ୱିତୀୟ ଭାଗ

୯.୩.୧ - ଶବ୍ଦାର୍ଥ

୯.୩.୨ - ପଠିତାଂଶର ଆଲୋଚନା

୯.୩.୩ - ମୂଳପାଠର ଦ୍ୱିତୀୟାଂଶରୁ ପ୍ରଶ୍ନ

୯.୩.୪ - ମୂଳପାଠର ଦ୍ୱିତୀୟାଂଶରୁ ବ୍ୟାକରଣ ପ୍ରଶ୍ନ

୯.୪. - ମୂଳପାଠର ତୃତୀୟ ଭାଗ

୯.୪.୧ - ଶବ୍ଦାର୍ଥ

୯.୪.୨ - ପଠିତାଂଶର ଆଲୋଚନା

୯.୪.୩ - ମୂଳପାଠର ତୃତୀୟାଂଶରୁ ପ୍ରଶ୍ନ

୯.୪.୪ - ମୂଳପାଠର ତୃତୀୟାଂଶରୁ ବ୍ୟାକରଣ ପ୍ରଶ୍ନ

୯.୫ - ମୂଳପାଠର ଚତୁର୍ଥ ଭାଗ

୯.୫.୧ - ଶବ୍ଦାର୍ଥ

୯.୫.୨ - ପଠିତାଂଶର ଆଲୋଚନା

୯.୫.୩ - ମୂଳପାଠର ଚତୁର୍ଥାଂଶରୁ ପ୍ରଶ୍ନ

୯.୫.୪ - ମୂଳପାଠର ଚତୁର୍ଥାଂଶରୁ ବ୍ୟାକରଣ ପ୍ରଶ୍ନ

୯.୬ - ସାରାଂଶ

୯.୭ - ପଠନ ଅଭ୍ୟାସ

୯.୮ - ଆତ୍ମପରୀକ୍ଷଣ ମୂଳକ ପ୍ରଶ୍ନାବଳୀର ଉତ୍ତର

୯.୯ - ଆଦର୍ଶ ପ୍ରଶ୍ନାବଳୀ

ignou THE PEOPLE'S UNIVERSITY

୯.୦ ଉଦ୍ଦେଶ୍ୟ

କବିତା କବି ଆତ୍ମାର ବିରଳ ଅନୁଭବର ପରିପ୍ରକାଶ । ପୃଥିବୀର ଦୃଶ୍ୟମୟ ଜଗତ ଓ ଘଟଣା କବି ଆତ୍ମାରେ ଯେଉଁ ପ୍ରଭାବ ବା ଆଲୋଡ଼ନ ସୃଷ୍ଟି କରେ ତାହାକୁ ନେଇ ସୃଷ୍ଟି ହୁଏ କବିତା । ତେଣୁ, କବିତା ମଧ୍ୟରେ ରହିଥାଏ ସମାଜର ଚିତ୍ର ଓ କବି ହୃଦୟର ପ୍ରତିକ୍ରିୟା । ଏକ କବିତା ଅଧ୍ୟୟନ ସମୟରେ କବି ଦୃଷ୍ଟିକୋଣରୁ ଦେଖିହୁଏ ସମକାଳୀନ ସମାଜ ବ୍ୟବସ୍ଥା ଓ ତାକୁ ନେଇ କବିଙ୍କର ଆଶା ବା ଆଶାଭଙ୍ଗର ଚିତ୍ର । କବିତା କେବଳ କଳ୍ପନାର ଚିତ୍ର ଆଙ୍କେ ନାହିଁ; ସମାଜର ବାସ୍ତବଚିତ୍ର ମଧ୍ୟ ସେଥିରେ ପ୍ରକାଶିତ ହୋଇଥାଏ । ସେହି ଚିତ୍ରକୁ ପାଠକ ହୃଦୟରେ ଗଭୀର ଭାବରେ ଆଙ୍କି ଦେବା ନିମିତ୍ତ ସେ ପ୍ରୟୋଗ କରେ ଉପମା, ରୂପକ ଓ ଚିତ୍ରକଳ୍ପ । ଉପମା, ରୂପକ ଓ ଚିତ୍ରକଳ୍ପର ବ୍ୟବହାର ଦ୍ୱାରା କବି ଭାବନା ମାର୍ମିକ ଭାବରେ ପାଠକ ହୃଦୟକୁ ସଂକ୍ରମିତ ହୁଏ । ଏଣୁ କବିତା ଅଧ୍ୟୟନ ଦ୍ୱାରା ସମସାୟିକ ସମାଜର ଦୃଶ୍ୟପଟ ସଂପର୍କରେ ଜ୍ଞାନ ଆହରଣ କରିବା ସହ କବିଙ୍କ ଦୃଷ୍ଟିକୋଣର ପରିଚୟ ମିଳିଥାଏ । ସମାଜକୁ ଜାଣିବା ନିମିତ୍ତ ଏହା ଏକ ପ୍ରକୃଷ୍ଟ ମାଧ୍ୟମ । କବିତା ଅଧ୍ୟୟନ ଦ୍ୱାରା ବ୍ୟକ୍ତିର ମାନସ ଜଗତ, ତାହାର ସମାଜିକ ସଂର୍ସଗ ଓ ପୃଥିବୀର ପରିବର୍ତ୍ତିତ ରୂପ ସଂପର୍କରେ ସବିଶେଷ ଜ୍ଞାନ ଆହରଣ କରାଯାଇଥାଏ ।

୯.୧ ଉପକ୍ରମ

ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ଇତିହାସରେ କବି ସଚ୍ଚିଦାନନ୍ଦ ରାଉତରାୟ ଏକ ମାଇଲଖୁମ୍ଭ । ସ୍ୱାଧୀନତା ପୂର୍ବ ଓ ପରବର୍ତ୍ତୀ ସମୟରେ ଦୀର୍ଘ ସାତ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ସେ ସାହିତ୍ୟ ସାଧନା କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି । ସେ ଥିଲେ ଏକାଧାରରେ କବି, ଗାଳ୍ପିକ, ଔପନ୍ୟାସିକ, ପ୍ରାବଂଧିକ ଓ ଆତ୍ମଜୀବନୀ ଲେଖକ । ଉଭୟ ଗଦ୍ୟ ଓ ପଦ୍ୟରେ ସେ ଆଙ୍ଗିକ ଓ ଆତ୍ମିକରେ ଅନେକ ପରୀକ୍ଷା ନିରୀକ୍ଷା କରିଛନ୍ତି । ବିଶେଷତଃ କବିତାରେ ନୂତନ ନୂତନ ପ୍ରସଙ୍ଗ ଓ ଶୈଳୀର ବ୍ୟବହାର ନିମିତ୍ତ ସେ ଅନେକ ପ୍ରଶଂସିତ ହୋଇଛନ୍ତି । କାବ୍ୟିକ ବାକ୍ ବିନ୍ୟାସ, ନୂତନ ଗଦ୍ୟ ଛନ୍ଦ, ଉପମା ଓ ରୂପକଳ୍ପର ନବ ନବ ବିନ୍ୟାସ ତାଙ୍କ କବିତାର ନାନ୍ଦନିକ ମୂଲ୍ୟବୋଧକୁ ସର୍ବଦା ଉଚ୍ଚକୋଟୀର କରିବାରେ ସହାୟକ ହୋଇଛି । ପ୍ରଗତିବାଦୀ ଚେତନାର ସାର୍ଥକ କାବ୍ୟିକ ପରିପ୍ରକାଶ ବାଜିରାଉତ, କୋଣାର୍କ, ଝଡ଼ ପରି କାବ୍ୟ କବିତାରେ ପ୍ରକାଶିତ ହୋଇଥିବା ସମୟରେ କବିଙ୍କ ପଲ୍ଲିପ୍ରାଣତା "ପଲ୍ଲିଶ୍ରୀ" କବିତା ସଙ୍କଳନରେ ପ୍ରତିଫଳିତ ହୋଇଛି । କବିଙ୍କ ଲେଖନୀରୁ ପାଥେୟ-୧୯୩୨, ପୂର୍ଣ୍ଣିମା-୧୯୩୩, ବାଜିରାଉତ-୧୯୩୮, ପଲ୍ଲିଶ୍ରୀ-୧୯୪୦, ପାଣ୍ଡୁଲିପି-୧୯୪୭, ଅଭିଯାନ-୧୯୪୮, ହସନ୍ତ-୧୯୪୮, ଅଭିଜ୍ଞାନ -୧୯୪୮, ଭାନୁମତୀର ଦେଶ-୧୯୪୯, ସ୍ୱଗତ-୧୯୫୮,

ଏସିଆର ସ୍ୱପ୍ନ -୧୯୬୯, କବିତା-୧୯୬୨, କବିତା-୧୯୬୯, କବିତା-୧୯୭୧, କବିତା-୧୯୭୪, କବିତା-୧୯୮୩, କବିତା-୧୯୮୫, କବିତା-୧୯୮୭, କବିତା-୧୯୯୦, କବିତା-୧୯୯୪ ଓ କବିତା-୨୦୦୪ ଆଦି କାବ୍ୟ ଓ କବିତା ସଂକଳନ ପ୍ରକାଶିତ ହୋଇଛି । ଏହାବ୍ୟତୀତ ସେ ଗଳ୍ପ, ଉପନ୍ୟାସ, ସାହିତ୍ୟ ଆଲୋଚନା ପୁସ୍ତକ ଏବଂ ନିଜ ଆତ୍ମଜୀବନୀ 'ଉତ୍ତର କକ୍ଷ' (ପ୍ରଥମ ଓ ଦ୍ୱିତୀୟ ଭାଗ) ରଚନା କରିଛନ୍ତି । ଏହି କବିତା ସଂକଳନ ଗୁଡ଼ିକରେ ସଂକଳିତ ହୋଇଥିବା କବିତାରାଜି କବି ଆତ୍ମାର ନବ ନବ ଭାବନାରାଜିର ସ୍ମାରକୀ ହୋଇ ରହିଛି । ଜୀବନ ପ୍ରତି ଗଭୀର ମମତ୍ୱବୋଧ ଏବଂ ପୃଥିବୀ ପ୍ରତି ଗଭୀର ଆଶାବାଦର ଦୃଷ୍ଟିକୋଣ ନେଇ ଏହି କବିତା ଗୁଡ଼ିକ ପାଠକ ହୃଦୟକୁ ବିମଳ କାବ୍ୟରସରେ ଆହ୍ଲାଦିତ କରିଥାଏ ।

ନିଜର ସାହିତ୍ୟ ସାଧନା ନିମିତ୍ତ କବି ସଚ୍ଚିଦାନନ୍ଦ ରାଉତରାୟ ଜାତୀୟ ଓ ଆର୍ନ୍ତଜାତୀୟ ସମ୍ମାନର ଅଧିକାରୀ ହୋଇପାରିଥିଲେ । ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନ-୧୯୬୪, ପଦ୍ମଶ୍ରୀ ଉପାଧି-୧୯୬୨, ଜ୍ଞାନପୀଠ ପୁରସ୍କାର-୧୯୮୬, ସୋଭିୟେତ ଦେଶ ନେହେରୁ ପୁରସ୍କାର-୧୯୬୫ ଏବଂ ସମ୍ମାନ ଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ଫେଲୋସିପ୍-୧୯୬୬ରେ ପ୍ରଦାନ କରାଯାଇଥିଲା ।

ଓଡ଼ିଶାର ଏହି ବରେଣ୍ୟ ସାହିତ୍ୟିକ ଖୋର୍ଦ୍ଧା ନିକଟସ୍ଥ ଗୁରୁଜଙ୍ଗ ଗ୍ରାମରେ ୧୯୧୬ ମସିହା ମେ' ମାସ ୧୩ ତାରିଖରେ ଜନ୍ମଗ୍ରହଣ କରିଥିଲେ ଓ ୨୦୦୪ ମସିହା ଅଗଷ୍ଟ ମାସ ୨୧ ଦିନ ଇହଧାମ ତ୍ୟାଗ କରିଥିଲେ ।

ତାଙ୍କର ନିରବଚ୍ଛିନ୍ନ ସାହିତ୍ୟ ସାଧନା ନିମିତ୍ତ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କବିଙ୍କୁ ସମ୍ମାନଜନକ ଡି.ଲିଟ୍ ଉପାଧିରେ ଭୂଷିତ କରିଛନ୍ତି ।

୯.୧.୧ ବିଷୟ ପ୍ରବେଶ

କବି ସଚ୍ଚିଦାନନ୍ଦ ରାଉତରାୟଙ୍କ "ବାଜିରାଉତ" କାବ୍ୟ ଗ୍ରନ୍ଥଟି ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ଏକ ଅମଳିନ ସୃଷ୍ଟି । ଏକ ଐତିହାସିକ ଘଟଣାର ପଟ୍ଟଭୂମିରେ ରଚିତ ଏହି କାବ୍ୟଟିରେ କବିଙ୍କ ଜାତୀୟବାଦୀ ଚେତନା ଓଡ଼ିଆ କାବ୍ୟ ସାହିତ୍ୟକୁ ଏକ ନୂତନ ଦିଗନ୍ତ ପ୍ରଦାନ କରିଥିଲା । ଏଥିରେ ବାକ୍ ବିନ୍ୟାସର ପ୍ରୟୋଗ, ଦେଶପ୍ରେମର ଅନନ୍ୟ ପରିପ୍ରକାଶ, ଗଦ୍ୟ ଛନ୍ଦ ଓ ଔପନିବେଶିକ ଶାସନ ବ୍ୟବସ୍ଥା ପ୍ରତି ପ୍ରତିକ୍ରିୟାଶୀଳ ଦୃଷ୍ଟିଭଙ୍ଗୀ କାବ୍ୟଟିକୁ ଅନୁପମ କାବ୍ୟ ସୌନ୍ଦର୍ଯ୍ୟରେ ରିଦ୍ଧିମନ୍ତ କରିଛି । ୧୯୩୮ ମସିହାରେ ଢେଙ୍କାନାଳର ଭୂବନ ଗ୍ରାମ ନିକଟରେ ବ୍ରାହ୍ମଣୀ ନଈରେ ଇଂରେଜ ଗୁଳିରେ ଶହୀଦ ହୋଇଥିଲେ ବାଜି ରାଉତ । ପ୍ରଜାମଣ୍ଡଳ ଆନ୍ଦୋଳନର ଏହି ଅଗ୍ରଦୂତ ବାଜି ରାଉତକୁ ନାୟକ କରି ଏହି କାବ୍ୟଟି ରଚନା କରିଛନ୍ତି କବି ସଚ୍ଚିଦାନନ୍ଦ ରାଉତରାୟ । ଏହି ଘଟଣା ସଂପର୍କରେ ନିଜେ କବି "ବାଜିରାଉତ" କାବ୍ୟଗ୍ରନ୍ଥରେ ଲେଖିଛନ୍ତି- "ଗଛ କାଟିଲ ପରି ଗୋଟିକ ପରେ ଗୋଟିଏ ବୀର ଶହୀଦ ଭୂଇଁରେ ଲୋଟି ପଡ଼ିଲେ । ବାଜିରାଉତ, ହୁରୁଷି ପ୍ରଧାନ, ରଘୁ ନାୟକ, ଗୁରି ନାୟକ, ନଟ

ମଳିକ, ଲକ୍ଷଣ ମଳିକ ଏବଂ ଫଗୁ ସାହୁ ସର୍ଦାର ହୋଇ ତଳେ ପଡିଗଲେ । ଗଲେ.../ ଅନ୍ଧାରୀ ମୁଲକର ସେଇ ନିଚ୍ଛାଟିଆ ରାତିରେ ସାତ ସାତଟା ମଣିଷ ଦିହର ଗରମ ଲୁହରେ ଅଂଧାରୀ କାଳିଆ ନଈପାଣି ହଠାତ୍ ସେଦିନ ଲାଲ ହୋଇ ଉଠିଥିଲା । ସେଦିନ ସେ ଭୟାବହ ଚିତାର ଲାଲ ଜିଭ ତଳେ ବସି ମୋ ମନରେ ଯେଉଁ ଅସଂଲଗ୍ନ ଭାବନାର ଉଦ୍ରେକ ହୋଇଥିଲା, ତାରି ସ୍ମରଣରେ ପରେ ଏ କବିତାଟି ରଚିତ ହୋଇଥିଲା ଏବଂ ୯/୩/୪୧ ତାରିଖରେ କଟକରୁ ଏହାର ପ୍ରଥମ ସଂସ୍କରଣ ପ୍ରକାଶ ପାଇଥିଲା" ।

୯.୧.୨ ସହାୟକ ଗ୍ରନ୍ଥ

୧) ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ : (ପ୍ରଥମ ଖଂଡ), ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର - ୧୪, ଓଡ଼ିଶା ।

୨) ସବୁଜରୁ ସାଂପ୍ରତିକ, ନିତ୍ୟାନନ୍ଦ ଶତପଥୀ, ଗ୍ରନ୍ଥମନ୍ଦିର, କଟକ ।

୯.୨ ମୂଳ ପାଠର ପ୍ରଥମାଂଶ

ଏକ

ନୁହେ ବଂଧୁ, ନୁହେ ଏହା ଚିତା,
ଏ ଦେଶ ତିମିର ତଳେ
ଏ ଅଲିଭା ମୁକତି ସଳିତା ।
ନୁହେ ଏହା ଜଳିଯିବା ପାଇଁ
ଏହାର ଜନମ ଏଥି ଜାଳି ପୋଡ଼ି
ଦବାକୁ ଧସାଇ ॥
ଉଆଁସ ପାଚିରି ଘେରା
ଏ ଅଂଧାରି ଅମୁହାଁ ଦେଉଳେ
ପ୍ରେତାୟିତ ଅଂଧ ରାତି
ମଥା ପିଟେ ଯାର ବେଦୀ ମୂଳେ
ଏ ତାହାର ଶେଷ ଦୀପାୟନ;
ସଂଜର ତୁଳସୀ ମୂଳେ
ପ୍ରଦୀପର ନିରୁକ୍ତ ବେଦନ,
ଜଳି ଉଠି କ୍ଷଣକ ସକାଶେ
ସାର୍ଥକ କରଇ ଯଥା 'ଚିରଂତନେ'
ମଂଦ ଉପହାସେ,
ସେହିପରି ତାହା

ସଂକ୍ଷିପ୍ତ ଜୀବନ ଦେଇ ଜୀବନର ଅତିରିକ୍ତ ଯାହା
ଗର୍ଭେ ତାର ହେଇଚି ଜନମ,
ତାହାରି ବଂଦନା କରେ ଆୟୁଷ୍ମାନ
ଶିଖା ପ୍ରିୟତମ ! !
ଏ ଶିଖା ଦେଇଚି ଆଜି
ଇତିହାସେ ହାତ ଟେକି ଦାନ
ଶତାବ୍ଦୀର ଶ୍ରେଷ୍ଠ ଫୁଲ,
ମୁକୁଳିତ 'ମୃତ୍ୟୁହୀନ' ପ୍ରାଣ ॥
ନିରନ୍ନ ଏ ଜନତାକୁ ଦେଇଚି ଏ
ତାହାର ଚାଳକ,
କ୍ଷୁଦ୍ର ଏକ ନାଉରି ବାଳକ
ବାହିବାକୁ ଏ ଦେଶର ତରୀ,
ଭିଡ଼ି ନାଇ ଘାଟେ ନାଆ
ନାଉରିଆ ପାରେ କିରେ ମରି ?
ଆଜି ତାର ବାଣୀ
ଶୀତଳ ଧମନୀ ତଳେ ପଠାଇଚି ଅପୂର୍ବ ଆହ୍ୱାନୀ ।
ଜ୍ୱଳଂତ ଏ ଲେଲିହାନ, ସ୍ୱାହାହୀନ ଶିଖାର ଅନଳେ
ଜୀବନର ମାଲ୍ୟ ଥରେ, ମରଣର ଚାରୁ ସ୍ୱୟଂବରେ
ରଚିବାକୁ ସୃଷ୍ଟିର ଭୂମିକା;
ଉଷାର ଗୋପନ ଅର୍ଥ ରଜନୀର ଲୁପ୍ତ ପାଦଟୀକା
ରଖେ ଯଥା ଧରି
ଆପଣା ମୃତ୍ୟୁରେ ଫୁଟେ ଆଜି ସେ ତ ଝରି ସେଇପରି ॥
ପଛୁ କିଏ ଡାକୁଚି ତୁହାଇ
ରହ ରହ ଆରେ ଶିଶୁ,
ଛିଡ଼ା ହୁଅ ବାରେ, ଯାଆ ନାଇ ।
ଅଛି ଝଡ଼, ଅଛି ରାଜା
ଅଛି ପୁଣି ରାଜାର ସଇନ,
ଗରଜୁଚି କଳା ମେଘ, ଝଡ଼ ରାତି,
ହୋଇ ନାଇ ଦିନ ।
ଫୁଲି ଫୁଲି ନାଚେ ନଈ ପାଣି,
ଅନ୍ଧାରରେ ଖାଲ, ବିଲ କିଛିଇ ତ
ହେଉ ନାଇ ଜାଣି ।

ଶାଳବନୁ ମହାବଳ ରଡ଼ି
ଭାସି ଆସେ ବଣ ବିଲେ ଖେଳାଇ ଯେ
ଭୟର ନହଡ଼ି ॥
ଉଲୂକର ଆରଣ୍ୟ ନିଃଶ୍ୱାସ
ଆର୍ଦ୍ରକରେ ପାହାଡ଼ର ଶିଳାମୟ ଆଗ୍ନେୟ ବିଶ୍ୱାସ ।
ଛିଡ଼ା ହୁଅ, ଅଛି ଆରେ ରାଣ
ସମ୍ମୁଖର ଯାତ୍ରା-ପଥେ ଶୁଣ ପଛୁ କରୁଣ ଆହ୍ୱାନ ।
ଏଡ଼ିକି ସେ 'ଅମାନିଆ ପିଲା'
ଫଉଜର ଗୁଳି, ଗୁଳା, ରଜା, ଝଡ଼ କିଛି ନ ମାନିଲା ।
ଧୂଳି ଖେଳ ଛାଡ଼ି
ଗୁଳି ଆଗେ ଜୀବନକୁ ହସି ହସି ଦେଲା ସିନା ବାଢ଼ି ॥
ଝଡ଼ ଠାରୁ ସେ ଯେ ବଡ଼
ମେଘ ଠାରୁ ଆଉରି ସେ କଳା,
ସାନ ଦେହେ ଖେଳେ ତାର
ଜୀବନର ଅଲିଭା ଚପଳା ।
ରାତି ପରି ହୁଏ ବାଟବଣା
ପଥ ଭୁଲି ଏଣେ ତେଣେ ବୋହିଯାଏ
ସେ ପରା ଝରଣା ! !
ଛୋଟ ପୁଣି ଏଡ଼େ ସେ ବିରାଟ !
ଜୀବନ ପାରିଲା ନାଇ ରଖି ତାକୁ
ମୃତ୍ୟୁ ତାରେ ଛାଡ଼ିଦେଲା ବାଟ ।
ଲୁହାର ଫଉଜ ଗଲେ ଫାଟି,
ମାଟିର କଂକାଳ ସେ ଯେ କାହିଁ ଗଲା ?
ମାଟି ଖାଲି ମାଟି ! !
ଏଦେଶର ମାଟି
ତାହାକୁ ସେ ଭଲପାଏ,
ତାହା ଲାଗି ନୂଆ ବାରବାଟି
ଗଢ଼ିଲା ସେ ହାଡ଼ ମାଂସେ,
ନିଃଶ୍ୱାସରେ ଦେଲା ଜୀବନ୍ୟାସ
ହଳଦିଘାଟରୁ ବଡ଼ ଗଢ଼ିଗଲା
ଦେଶ ଇତିହାସ ।
ଲହୁ ଢ଼ାଳି ତହିଁ ପରେ ଲେଖିଲା ସେ

ମୁକତିର ଛବି
ଛବି ନୁହେ, ତୁଳୀ ନୁହେ, ନୁହେ ରଂଗ
ସେ ରକ୍ତ କରବୀ ! !
ଏ ମାଟିର ସ୍ତନ୍ୟ ପିଇ ଗାଇଲା ସେ
ଏ ମାଟିର ଜୟ
ବିଶ୍ୱର ଦୁରଂତ ଶିଶୁ
ମୃତ୍ତିକାର ଚିର ସ୍ତନଂଧୟ !
ଚଂପକ ସମ ସେ ଯେ
ସତ୍ତରଭ ରଖି୍ ଗଲା ମରି
ମରଣ ପାରିଲା ନାଇ କଦାପି ତ
ଛୋଟ ତାକୁ କରି ।
ପଦଚିହ୍ନ ତାର
ଶମଶାନେ କଲା ତୀର୍ଥ,
ଦେବାଳୟ ହେଲା ଶବାଗାର ॥
ସେ ତ ରୂପକାର
ଏ ପତିତ ଦଗ୍ଧ ମୃତ୍ତିକାର ।
ନିଗାଡ଼ି ଆପଣା ତନୁ, ନିଃଶେଷି ସେ ନିଜ ରକ୍ତ ଜଳ
ଧରଣୀରେ କରିଚି ଉର୍ବର ।
ଯାହା କିଛି ଅସୁଂଦର, ଯା' ବିକଟ ଅଭଦ୍ର ମଳିନ
ଜୀବନର ସମାରୋହେ ଯାହା କରେ କ୍ଲୀବ, କ୍ଲାଂତ, ଦୀନ,
ସବୁ ଦଳି ସେ ରକ୍ତ ଯୌବନ
ସଜାଇଚି ଏଥି ଆଜି 'ସୁଂଦର'ର ଚାରୁ ସିଂହାସନ ॥
ଯା କିଛି କୁସି୍ତ ଏଥି, ଅଶୋଭନ, ଅଶ୍ଳୀଳ, ଆବିଳ
ଜୀବନର ଛନ୍ଦ ସାଥେ ନାହିଁ ଯାର ଏତେ ଟିକେ ମେଳ,
ପ୍ରତିବାଦ କରଇ ଯା' ଚିର
ସକଳ ସ୍ୱପ୍ନର ଏଥି, ମଣିଷରେ କରଇ ସ୍ଥବିର,
ଦୂର କରି ତାର କଳା ଛାଇ
ଲୋଡ଼ିଚି ସେ ଏ ଧରାରେ ଆଣିବାକୁ ଅଚକିତେ ବାହି
ସୃଜନର ନୂଆ ଭାଗିରଥୀ
କ୍ରାଂତିର ସାରଥି ।
ଜନତାର ସେ ଯେ ମୂକ କବି
ତାହାରି ବନ୍ଦନା ଗାଏ ମେଘମୁକ୍ତ ଅନାଗତ ରବି ।

ପୂର୍ଣ୍ଣିମାର ସୁଦୀର୍ଘ ଗୌରବ
ଆଜି ଏଥି ତମିସ୍ରାରେ
ଗାଏ ବନ୍ଧୁ ତାର ମୁଗ୍ଧ ସ୍ତବ ॥
ମାଳଂଚର ନବୀନ ଅଂକୁର
ତାହାରି ଶୋଣିତପୁଷ୍ଟ ମୃତ୍ତିକାର
ଗଂଧେ ଲଭେ ସୁର
ଆଗଂତୁକ ଘାସର ସଭାରେ
ତାହାରି ଚଂଚୁର ପୀତ ଫୁଟି ଉଠେ
ନୂତନ ଆଭାରେ ।
ଯେତେ ପତ୍ରଫୁଲ
ଫୁଟିବ ଏ ଧରଣୀରେ,
ମୃତ୍ତିକାର ଶାଖାରେ ମୁକୁଳ,
ତୁମକୁ ତା' କରିବ ସ୍ମରଣ ।
ଅଧୁନା-କ୍ଷୟିଷ୍ଣୁ ତବ ତନୁ ତୀରେ
ତାହାର ତୋରଣ
ଚୁମିବ ଆକାଶ,
ତବ ପଚମାନ ଦେହେ ଖୋଜେ ତାହା
ଜନ୍ମ ଅବକାଶ ॥
ପଳାଶ-ପିଚ୍ଛିଳ ବନେ
ବସଂତର ପୁଷ୍ପିତ ବିଳାସେ
ତୁମରି ରକ୍ତର ରାଗ
ଅବିରର ରଂଗ ଅଧିବାସେ
ଉଠିବ ଉକୁଟି,
ବିଧବା ବନର ପଥ ସୀମଂତେ ତା'
ଉଠିବଇ ଫୁଟି
ସିନ୍ଦୂରର ପରି
ରକ୍ତ-ତାରା ! ତୁମ ନାମ ସ୍ମରି ॥
ତୁମ ଦୀର୍ଘଶ୍ୱାସ
ନିର୍ଝରର କଂପ୍ର ବୁକେ ଆଣିଦେବ ତରଂଗର ପ୍ରାସ ।
ଅଜଣା ସେ ପ୍ରତ୍ୟୁଷର ତୀରେ
କେଉଁ ଅନାଗତ କବି ଫୁଟାଇବ
ତାହାକୁ ବାଣୀରେ ?

କେଉଁ ଚିତ୍ରକର
ତବ ତନୁପୁଷ୍ଟ ଏଇ ସୌଂଦର୍ଯ୍ୟରେ କରିବ ମୁଖର ?
ଆଜି ଏଥି 'ସୁନ୍ଦର'ର ପଥ
ମଳିନର ହ୍ରେଷା ରବେ ହୋଇଅଛି ରୁଦ୍ଧ, ପ୍ରତିହତ ।
ଶୋଷଣର ନିର୍ମମ ସ୍ୟଂଦନ
ପିଷ୍ଟ କରେ ଜୀବନର ଲତାୟିତ ଚାରୁ ପଦ୍ମବନ ।
ଅନଶନେ, ଅନଟନେ ଶତ
ମଣିଷ ପାସୋରି ଅଛି ସତ୍ୟ ଶିବ ସୁନ୍ଦରର ପଥ ।
ମ୍ଲାନ ତାର କ୍ଷୀଣ ଦୃଷ୍ଟି ପଥେ
କ୍ଷିୟମାନ ଲାବଣ୍ୟର ଦଗ୍ଧ କ୍ଷେତେ ଖର ଘୂର୍ଣ୍ଣି ରଥେ
କେଉଁ ପ୍ରେତ ମେଲେ ଧୂମ୍ର-ପୁଚ୍ଛ ?
ଫୁଲର ଫସଲ ତାର ନଷ୍ଟ କରେ ପଂଗପାଳ ତୁଚ୍ଛ ।
'ସୁନ୍ଦର'ର ଛିନ୍ନ ଧ୍ୱଜା ତଳୁ
ତେଣୁ ତୁମେ ନେଇ ଟେକି ନିଜ ହାତେ ପୀଡ଼ନ କବଳୁ ॥
ଅନାଗତ ସୃଷ୍ଟିର ଗୌରବେ
'ସୁନ୍ଦର'ର ନବ ଜନ୍ମୋତ୍ସବେ
ଝରା ବକୁଳର କବି ! ବାଜୁଅଛି ତୁମରି ସ୍ୱାଗତ
ଉଚ୍ଚାରେ ଆଗାମୀ କାଳ ସେଇ ମଂତ୍ର ଆଜି ଯେ ସ୍ୱଗତ ॥
ତେଣୁ ତ ଫାଲ୍‌ଗୁନି !
ବୃଷ-ସ୍କଂଧେ ତବ ଅଗ୍ନି-ତୂଣୀ
ଟଙ୍କାରଇ ରାତ୍ରିର ପ୍ରାଚୀରେ,
ଜୟର ସ୍ପର୍ଧିତ ଶଙ୍ଖ ବାଜେ ଦୂରେ
ଉଷାର ଶିବିରେ ॥
ଭାଙ୍ଗିବାର କବି !
ଗଢ଼ିବାର ପର୍ବ ଶେଷ ଗାଇଲ କି
ମରଣ -ଭୈରବୀ ?
ନିଜର ଶୋଣିତ ରାଗେ ଲେଖିଗଲ ଏ ଯେଉଁ କବିତା
ସଂଧାର ତୋରଣେ ଥରେ ତାହା ଦେଖି ଭୟରେ ସବିତା
ହେ ଅମର ମୃତ୍ୟୁର ଶିଳିପି !
କରୁଣ ସ୍ୱଗତେ ଥିଲ ରଚି ଯେଉଁ କ୍ଷୀଣ ପାଂଡୁଲିପି,
ମରଣର କଂଠେ ଆଜି ଲିଭିଚି ତା ଅମରଣ ରୂପ,
ପଶ୍ଚାତେ ରହୁ ଗୋ ପଡ଼ି ଦଗ୍ଧ ଶବ; ବ୍ୟର୍ଥ ଭସ୍ମସ୍ତୂପ ।

ଶୂନ୍ୟଚାରୀ ବଳାକାର ସମ
ମେଘର ନିଥର ହ୍ରଦେ ହାଣ ଡେଉ, ଉର୍ମିର ବଲ୍ଲମ ॥

୯.୨.୧ ଶବ୍ଦାର୍ଥ

ମୃତ୍ତିକା	–	ମାଟି
ତନୁ	–	ଶରୀର
ତିମିର	–	ଅନ୍ଧାର
ବିକଟ	–	କଦାକାର
ଉଆଂସୁ	–	ଅମାବାସ୍ୟା
ସ୍ଥବିର	–	ସ୍ଥିର
ଉଲୂକ	–	ପେଚା
ଉର୍ମି	–	ତରଙ୍ଗ
ଚପଳା	–	ବିଜୁଳି

୯.୨.୨ ପଠିତାଂଶର ଆଲୋଚନା

କବି ସଚ୍ଚିଦାନନ୍ଦ ରାଉତରାୟ ବାଜିରାଉତଙ୍କ ଚିତାକୁ ଦେଖି ଭାବପ୍ରବଣ ହୋଇ ଉଠିଛନ୍ତି । ତାଙ୍କ ମତରେ ଏ ଚିତା, ଚିତା ନୁହେଁ, ଏହା ଏକ ମୁକ୍ତି ଦୀପ । ପରାଧୀନତାରୁ ମୁକ୍ତ କରିବାର ପଥ । ଏହି ଅଲିଭା ସଳିତା ଜଳି ପୋଡ଼ି ଶେଷ ହେବ ନାହିଁ ବରଂ ସମସ୍ତ ଅନ୍ୟାୟ ଅତ୍ୟାଚାରକୁ ଧ୍ୱଂସ କରିଦେବ । ଆଜି ଚାରିଆଡ଼େ ପରାଧୀନତାର ଅମା ଅନ୍ଧକାର ବ୍ୟାପି ରହିଛି । ସମସ୍ତ ଓଡ଼ିଶା ଏକ ଅନ୍ଧାରୀ ଅମୁହାଁ ଦେଉଳ ପରି ଅବହେଳିତ ହୋଇ ରହିଛି । ଚାରିଆଡ଼େ ମେଘ, ଝଡ଼ ଏବଂ ଅନ୍ଧାର । ମହାବଳ ଓ ଉଲୂକର ରଡ଼ିରେ ଏହା ଅଧିକ ଭୟଙ୍କର ଜଣା ପଡୁଚି । ଏ ସମସ୍ତଙ୍କୁ ପ୍ରତିହତ କରି ଅମାନିଆ ବାଜିରାଉତ ଧୂଳି ଖେଳ ଛାଡ଼ି ଫଉଜର ଗୁଳି ଆଗରେ ନିଜ ଜୀବନକୁ ବାଜି ରଖିଦେଇଛି । ତାହାର ଆତ୍ମ ବଳିଦାନ ଏ ପୃଥିବୀକୁ ସ୍ୱାଧୀନ ଓ ସୁନ୍ଦର କରି ଗଢ଼ି ତୋଳିବ । ଏ ପୃଥିବୀର ସମସ୍ତ ପୁତ୍ର ଫୁଲ ତାଙ୍କୁ ସ୍ମରଣ କରିବେ । ନିଜର ଶୋଣିତ ଦେଇ ସେ ଯେଉଁ ମୁକ୍ତିର କବିତା ଲେଖି ଦେଇଛନ୍ତି ତାହା ଚିରଦିନ ଅମର ହୋଇ ରହିବ । ଏହି କବିତା ସତେ ଯେପରି ଗଢ଼ିବାର ମଙ୍ଗଳ ସଙ୍ଗୀତ । ରାତ୍ରୀଶେଷ ଉଷାର ଶିବିରରେ ଏ ମଙ୍ଗଳଗାନ ସତେ ଯେପରି ଆଗାମୀ ସମାଜର ଅଭିନନ୍ଦନ । ବାଜିରଉତ ସତେ ଯେପରି ମୁକ୍ତିର ଅଲିଭା ସଳିତା ।

୯.୨.୩ ମୂଳପାଠର ପ୍ରଥମାଂଶରୁ ପ୍ରଶ୍ନ

କ) କବି କାହାକୁ ମୁକତି ସଳିତା କହିଛନ୍ତି ?

ଖ) ଶିଖା କାହାର ବନ୍ଦନା କରେ ?

ଗ) ନାଉରିଆ କାହିଁକି ମରିପାରେନି ?

ଘ) ମାଟିର ଜୟ କିଏ ଓ କିପରି ଗାଇଛି ?

୯.୨.୪ ମୂଳପାଠର ପ୍ରଥମାଂଶରୁ ବ୍ୟାକରଣ ପ୍ରଶ୍ନ

କ) ନିମ୍ନଲିଖିତ ଶବ୍ଦ ଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ ।
ମୁକ୍ତି, ସଂକ୍ଷିପ୍ତ, ଜୀବନ, ଭୟ, ବନ୍ଧୁ

ଖ) ନିମ୍ନଲିଖିତ ଶବ୍ଦ ଗୁଡ଼ିକର ସନ୍ଧି ବିଚ୍ଛେଦ କରନ୍ତୁ ।
ଦୀପାୟନ, ନିରନ୍ନ, ଶବାଗାର

ଗ) ନିମ୍ନଲିଖିତ ଶବ୍ଦଗୁଡ଼ିକର ସମପର୍ଯ୍ୟାୟବାଚୀ ଶବ୍ଦ ଲେଖନ୍ତୁ ।
ଉଷା, ଉର୍ମି, ବଲ୍ଲୁମ

ଘ) ନିମ୍ନଲିଖିତ ଶବ୍ଦଗୁଡ଼ିକର ଶୁଦ୍ଧ ରୂପ ଲେଖନ୍ତୁ ।
ବେଦି, ଶୀଖା, ବାଣି, ପାଦଟିକା

୯.୩ ମୂଳପାଠର ଦ୍ୱିତୀୟଭାଗ

ବାଜିରାଉତ କାବ୍ୟର ଶେଷାଂଶ

<u>ପାଞ୍ଚ</u>

ପୋଛ ମାତା ପୋଛ ଅଶ୍ରୁ ରାଶି,
ତୁମରି ସ୍ତନର ଜୟ ଗାଏ ଆଜି
ଚରାଚରବାସୀ ।
ତୁମର ଯା ଥିଲା ଦିନେ
ବିଶ୍ୱ ତାରେ କରିଚି ନିଜର,
ନିଖିଳର ଗର୍ଭେ ଆଜି ଶିଶୁ ତବ
ଲଭେ ଜନ୍ମାଂତର ।
ନବ ନବ ଆଗଂତୁକ ମେଳେ
ଫେରି ଆସେ ବୀର ଶିଶୁ
ରୂପହୀନ ଅଦେହର ଖେଳେ ।
ଶତ ଶତ ନବାଗତ ଦେହେ
ନିଅ ତାକୁ ଖୋଜି କୋଳେ
ଦିଅ ଚୁମା ଗାଲେ ତାର ସ୍ନେହେ ।
ନିତି ନିଶା, ଉଷା ଉଦୟନେ
ତାର ଜନ୍ମ ଏ ଦେଶର କୋଟି ମନେ,
ନିଭୃତ ସପନେ ।

ଶେଷହୀନ ମୁକତି ସମରେ
କୋଟି ନବାଗତ ସୈନ୍ୟ ଶିବିର ଯେ
ତାର ନାମ ସ୍ମରେ,
ଲଭିବାକୁ ଶକ୍ତିର ଅମିୟ;
କ୍ଷତ ଠାରୁ ଆପଣାର
ମୃତ୍ୟୁଠାରୁ ବଳି ସେ ତ ପ୍ରିୟ ! !
କେଉଁ ଦୂର କ୍ଷୁଦ୍ର ପଲ୍ଲିଗ୍ରାମେ
ହେ ଜନନୀ ପେଟ ପୋଷ ଧାନ କୁଟି
ନିଶି ଶେଷ ଯାମେ,
ଢ଼ିଙ୍କି ଗାତେ କରାଂଗୁଳି ଚାଳି
ଜରାରେ ଶିଥିଳ ତନୁ ବାରେ ବାରେ
କାହା କଥା ଭାଳି
ଭୂଇଁ ତଳେ ଲୋଟିପଡ଼େ ହେଳେ
କାନେ ତବ ମାତା ମାତା
ରୋଳ ଅବା ବାଜେ ବେଳେବେଳେ,
ମାଆ ମାଆ ଡାକି ଯାଏ କେହୁ
ସେଇ ଡାକ, ସେଇ ଧ୍ୱନି
କେହି ନାଇ, ବତାସର ଢ଼ଉ ! !
ନିଦ୍ରାହୀନ ଚକ୍ଷୁ ତଟୁ ଝରି
ଖସିପଡ଼େ ମ୍ଳାନ ବାସେ ଦୁଇ ଗୋଟି ଲୋତକର କଳି ।
ଅକରୁଣ ରାତ୍ରିର ବତାସ
ହେଳାରେ ଉଡାଇ ନିଏ ତବ ଚୂର୍ଣ୍ଣ
ବୁକୁର ନିଃଶ୍ୱାସ ।
ହୃଦୟର ସେ ସଂବାଦ
ବେଦନାର ମରୁରେ ମିଳାଏ ॥
ଆଜି ମାତା ପଡ଼େ କି ଗୋ ମନେ
ଶ୍ରାବଣର କୃଷ୍ଣ ମେଘ ଛୁଇଁ ଯେବେ
ଦୂର ଆମ୍ର ବନେ
ଝର ଝର ପଡୁଥିଲା ଖସି
ଆକାଶର କଳା ଛାଇ ନଦୀ ଜଳେ
ନାଚୁଥିଲା ହସି,
ଶତ ବଜ୍ର ଡାକୁଥିଲା ଠାରି ,

ସନ୍ଧ୍ୟାର ନେପଥ୍ୟେ ଯଥା
କା'ର କ୍ଷିପ୍ର ଖର କରତାଳି !
ପଥଭୁଲା ରାଜହଂସ ପରି
ନଦୀଜଳେ ଯାଉଥିଲା ଅତି ଧୀରେ
ଭାସି ତାର ତରୀ,
ତୁମେ ତେବେ କୁଟୀର ଦୁଆରେ
କାନପାତି ବସୁଥିଲ କେଉଁପରି ସଂଜ ଅନ୍ଧକାରେ
ପ୍ରତାରକ ପଦଧ୍ୱନି ଗଣି
କଟାଇ ଦେଇନ ତୁମେ
କେତେ ସଂଜ ପ୍ରହର ଜନନୀ ! !
ତାହାପରେ .....
ବାହୁଡ଼ି ସେ ଆସୁଥିଲା ପୁଣି ଯେବେ ଘରେ
ଘୋଡାଇ ଆପଣା ବାହୁ
ଘର ତାକୁ ଆସୁଥିଲ ରଖି,
ଶାବକରେ ଯଥା ବନ ପକ୍ଷୀ ।
ବତାସର ନିଃଶ୍ୱାସରୁ ପ୍ରଦୀପରେ
ଯଥା ରକ୍ଷା କରେ,
ତୁମେ ତ ସେପରି
ରଖୁଥିଲ ଢ଼ାଙ୍କି ତାକୁ ନିଜ ଭୁଜ
ପଲ୍ଲବ ଆବରି ।
ଆହୁରି କି ମନେପଡ଼େ ଆଜି
ଅସ୍ତ ଗୋଧୂଳିର ଶଙ୍ଖ
ବନେ ବନେ ଯେବେ ଉଠେ ବାଜି,
ହେମନ୍ତର ବିଷର୍ଣ୍ଣ ସନ୍ଧ୍ୟାରେ,
ମହୁମାଛି ଫେରେ ଘରେ,
ନାରୀକେଳ ଗଛର ଶାଖାରେ
ଜନଗଣନାର ସଭା ତାହାଂକର ବସେ ସାରା କ୍ଷଣ,
ଫୁଲର ସାମ୍ରାଜ୍ୟକୁ ଫେରି
ଆସିଛନ୍ତି ଆଜି କେତେ ଜଣ,
ଗଣିବାର ପାଇଁ,
ତୁମର ପଂଜର ତଳେ କି ବେଦନା
କରେ ହାଇ ହାଇ ! !

ପୁଣି ଯେବେ ଗ୍ରାମର ଦେଉଳେ
ଚାନ୍ଦର ରେଶମୀ ଜାଲ
ଜଡ଼ିଯାଏ କନକ ତ୍ରିଶୂଳେ ।
ସ୍ମରଣେ ତୁମର କାହାର ପେଲବ ତନୁ
ନଷ୍ଟଚନ୍ଦ୍ର ପରି ଦୁତୀୟାର
ଜାଗି ବାରେ ନିଭିଯାଏ ପୁଣି,
ସିକ୍ତ ଆଖି ସରୋବରେ
ଯାଏ ଘନ ଅଶ୍ରୁ ରେଣୁ ବୁଣି ॥
ଗ୍ରାମ ଶେଷେ ଜନହୀନ ପଥ
ନ ଯିବାକୁ ଏକା ତାକୁ ଯେ ବାଟରେ ଦିଅନ୍ତି ଶପଥ
ଆଜି ସେଥି ବାଦୁଡ଼ିର ଦଳ
ଆପଣା ଭୋଜନଶାଳେ ରାତି ଜାଗେ,
ନୈଶ କଳରୋଳ
ଭାସି ଆସେ ଦୂରୁ,
ଖେତ ଜଗୁଆଳ କାଶେ ବହୁ ଦୂରେ
ଫସଲ ଖେତରୁ ॥
ନଈ ବାଁକେ ମତ୍ସ୍ୟଜୀବୀଗଣ
ରାତିର ଆହାର ତହିଁ କରୁଛନ୍ତି
ନିରବେ ରନ୍ଧନ ।
ଶର ବନେ ଉଠେ କଳା ଧୂଆଁ
ଡାଆଣି ଆଲୁଅ ଥରେ ବଣ ଦାଢ଼େ
ଜହ୍ନ-ରାତି-ଜୁଆ ।
ଆଜି ମାତା ଲାଗେ କି ଗୋ ଡର
ପଥଭୁଲା ଶିଶୁ ଲାଗି ଆଜି ତୁମେ
ମାଗ କି ଗୋ ବର
ଗ୍ରାମଦେବୀ ଶୀତଳାର ପାଦେ ?
ଆଜିକି କାଛେଣି ଯାଚ
ନିଜ ମନେ ମାଆର ପ୍ରମାଦେ ।
ଭଂଗା ତବ ପଂଜରର ତଳେ
ହେ ଜନନୀ ! ଯେ ବେଦନା ମୁହୁର୍ମୁହୁଃ
ଚିତା ସମ ଜଳେ
ଉପହାର ଦିଅ ମୋତେ ତାର
ନିରମିବି ଶିଳା-ଲିପି ମୁହିଁ ଏକ ତାହାରି କଂକାଳେ ।

ବେଦନାର ବିରାଟ ମିନାର
ମୁଁ ଗଢ଼ିବି ନିଜ ହାତେ
ବୁକୁ ପରେ ସେ ମହା ବ୍ୟଥାର ॥
ହେ ଜନନି ! ହେ ଗର୍ଭଧାରିଣି !
ଅଭିମାନ ତେଜ ଗୋ ମାନିନି !
ଏ ଜାତିର ଉଦାର ସ୍ମରଣେ
ଶିଶୁ ତବ ବଡ଼ ହୁଏ
ତିଳେ ତିଳେ ଜିଣି ଗୋ ମରଣେ ।
ଆଜି ତାର ଶୁଭ ଅଭିଷେକ,
ଏ ଜାତିର ଘରେ ଘରେ,
ଢ଼ାଳ ମାତା ମଙ୍ଗଳ ନିଷେକ ॥
ପ୍ରତି ଜୟ ପରାଜୟ ବେଳେ
ତାହାରି ଅଭୁଲା ସ୍ମୃତି ଏ ଦେଶର
ପ୍ରତି ମନେ ଖେଳେ ।
ଜୟେ ସେହୁ ଦିଏ ଦଂଭ,
ପରାଜୟେ ଦେଇଯାଏ ଆଶା
ସେ ନୁହେଁ ତୁମର ଖାଲି,
ସେ ଯେ ମାତା ବିଶ୍ୱର ପିପାସା ॥
ନୁହେ ସେ ତ କେବଳ ସନ୍ତାନ
ସେ ଯେ ଚିର ମୁକ୍ତି-ବୀଜ
ଜନତାର ଶୁଭ ଅନୁଷ୍ଠାନ !!

୯.୩.୧ ଶବ୍ଦାର୍ଥ

ଅଶ୍ରୁ – ଲୁହ
ନିଶା – ରାତ୍ରୀ
ବିଶ୍ୱ – ପୃଥିବୀ
ଉଷା – ସକାଳ
ନବାଗତ – ନୂତନ
ଯାମେ – ପ୍ରହର
ଶାବକ – ପକ୍ଷୀଛୁଆ
ନାରୀକେଳ – ନଡ଼ିଆ
ପେଲବ – କୋମଳ
ପିପାସା – ଶୋଷ

୯.୩.୨ ପଠିତାଂଶର ଆଲୋଚନା

ବାଜିରାଉତଙ୍କ ଅବର୍ତ୍ତମାନରେ କବି ଗଭୀର ମର୍ମାହତ ହୋଇପଡିଛନ୍ତି । ନିଜକୁ ସମବେଦନା ପ୍ରଦାନ କରିବା ପାଇଁ ସେ ଉତ୍କଳ ମାତାଙ୍କୁ ପୁତ୍ର ବାଜିରାଉତଙ୍କ ତିରୋଧାନରେ ଦୁଃଖ ନକରି ଅଶ୍ରୁ ପୋଛିବା ନିମିତ୍ତ କହିଛନ୍ତି । କାରଣ ବାଜିରାଉତଙ୍କୁ ସମଗ୍ର ବିଶ୍ୱବାସୀ ନିଜର କରିନେଇଛନ୍ତି । ସେ ସମଗ୍ର ବିଶ୍ୱର ବୀର ଶିଶୁ ଦେହରେ ମିଶି ଲୀଳା ଖେଳା କରୁଛନ୍ତି । ତାକୁ ସ୍ନେହ କରିବାର ସମୟ ଆସିଯାଇଛି । ସମଗ୍ର ବୀର ସମାଜ ଆଜି ତାର ନାମ ଶ୍ରଦ୍ଧାରେ ଉଚ୍ଚାରଣ କରୁଛନ୍ତି । ତୁମର ମାତୃ ସ୍ନେହରେ ସେ ବଢ଼ିଥିଲା । ପକ୍ଷୀଟିଏ ତା ଶାବକଙ୍କୁ ଯେପରି ନିଜ ପକ୍ଷ ମଧ୍ୟରେ ରଖି ନିରାପତ୍ତା ପ୍ରଦାନ କରିଥାଏ, ତୁମେ ମଧ୍ୟ ତାକୁ ସେହିପରି ବଢ଼ାଇଥିଲା । ସେ ତୁମକୁ ଛାଡ଼ି ଚାଲିଯାଇଥିବାରୁ ଆଜି ସମସ୍ତ ପୃଥିବୀ କାରୁଣ୍ୟମୟ । ସମସ୍ତଙ୍କ ଆଖିରୁ ଅନବରତ ଲୁହ ଧାର ଖସୁଛି । ତଥାପି ସେ ଆଜି ସମସ୍ତଙ୍କ ଅଭୁଲା ସ୍ମୃତି ହୋଇ ରହିଯାଇଛି । ସମଗ୍ର ବିଶ୍ୱ ତାକୁ ନେଇ ଗର୍ବ କରୁଛି । ସିଏ କେବଳ ତୁମର ସନ୍ତାନ ନୁହେଁ; ଚିର-ମୁକ୍ତି- ବୀଜ ଜନତାର ଶୁଭ ଅନୁଷ୍ଠାନ । ତାହାରି ନିମିତ୍ତ ଆଜି ସମଗ୍ର ଓଡ଼ିଶା ଗର୍ବ କରେ । ସେ ବାଲୁତ ନୁହେଁ, ଏକ ବିରାଟ ଅନୁଷ୍ଠାନ ।

୯.୩.୩ ମୂଳପାଠର ଦ୍ୱିତୀୟାଂଶରୁ ପ୍ରଶ୍ନ

କ) ବାଜିରାଉତ କପରି ଜନ୍ମାନ୍ତର ଲାଭ କରିଛି ?

ଖ) ବାଜିରାଉତ ନାମ ଆଜି କାହିଁକି ସ୍ମରଣ କରାଯାଉଛି ?

ଗ) ମାଆ ମାଆ କିଏ ଡାକେ ?

ଘ) ହେମନ୍ତର ବିଷର୍ଣ୍ଣ ସନ୍ଧ୍ୟାରେ କାହା କଥା ମନେ ପଡ଼େ ?

ଙ) ଆଜି କାହାର ଶୁଭ ଅଭିଷେକ ?

୯.୩.୪ ମୂଳପାଠର ଦ୍ୱିତୀୟାଂଶରୁ ବ୍ୟାକରଣ ପ୍ରଶ୍ନ

କ) ନିମ୍ନଲିଖିତ ପଦ ଗୁଡ଼ିକରୁ ବିଶେଷଣ ପଦ ଚିହ୍ନିତ କରନ୍ତୁ ।

୧. ଫେରି ଆସେ ବୀର ଶିଶୁ

୨. ଶ୍ରାବଣର କୃଷ୍ଣ ମେଘ ଛୁଇଁ ଯେବେ

୩. ଆକାଶର କଳା ଛାଇ ନଦୀ ଜଳେ

ଖ) ନିମ୍ନଲିଖିତ ଶବ୍ଦ ଗୁଡ଼ିକର ସନ୍ଧି ବିଚ୍ଛେଦ କରନ୍ତୁ ।

ଜନ୍ମାନ୍ତର, କରାଂଗୁଳି, ଶୁଭାଭିଷେକ

ଗ) ନିମ୍ନଲିଖିତ ଶବ୍ଦ ଗୁଡ଼ିକର ତଦ୍ଧିତ ପ୍ରତ୍ୟୟ ଲେଖନ୍ତୁ ।

ଯେବେ, ନଦୀ, ଜଗୁଆଳ

ଘ) ନିମ୍ନଲିଖିତ ଶବ୍ଦ ଗୁଡ଼ିକର ପ୍ରତିଶବ୍ଦ ଲେଖ ।

କ୍ଷୁଦ୍ର, ପଲ୍ଲୀ, ମେଘ, ଭୂଇଁ, ଲୋତକ

୯.୪ ମୂଳପାଠର ତୃତୀୟଭାଗ

"ଛୋଟ ମୋର ଗାଆଁଟି । କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ପଲ୍ଲିଶ୍ରୀ କବିତା ସଙ୍କଳନରୁ ଗୃହୀତ । ଏହି କବିତାଟିରେ କବି ନିଜ ଗ୍ରାମର ବର୍ଣ୍ଣନା କରିଛନ୍ତି ଯାହା ସମସ୍ତ ଓଡ଼ିଆ ପାଠକ ସମାଜକୁ ଅଭିଭୂତ କରିଛି । ଏହା କବିତାର ଏକ ବହୁପାଠକୀୟ କବିତା । ଏହାର ଛନ୍ଦ, ଶବ୍ଦ ସଂଯୋଜନା, ଗୀତିମୟତା, ପ୍ରକୃତି ବର୍ଣ୍ଣନା, ସୌନ୍ଦର୍ଯ୍ୟବୋଧ ଓ ରସମୟତା ଅତି ପ୍ରଭାବଶାଳୀ । ୧୯୪୧ ମସିହାରେ କବିତାଟି ଉଚିତ ହୋଇଥିଲେ ହେଁ ଏହା ଏବେବି ପାଠକ ପ୍ରାଣକୁ ଆଚ୍ଛନ୍ନ କରିବାରେ ସକ୍ଷମ ହୋଇଥାଏ ।

ସହାୟକ ଗ୍ରନ୍ଥସୂଚୀ

୧. ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ, (ପ୍ରଥମ ଭାଗ) ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭବନେଶ୍ୱର- ୧୪ ଓଡ଼ିଶା ।

୨. ସବୁଜରୁ ସାଂପ୍ରତିକ, ନିତ୍ୟାନନ୍ଦ ଶତପଥୀ, ଗ୍ରନ୍ଥମନ୍ଦିର, କଟକ ।

କବି ସଚ୍ଚିଦାନନ୍ଦ ରାଉତରାୟଙ୍କ କବିତା

"ଛୋଟ ମୋର ଗାଆଁଟି"

ଛୋଟ ମୋର ଗାଆଁଟି
ଭୂଗୋଳ ପୋଥି - ପତରେ ପଛେ ନ ଥାଉ ତାର ନାଆଁଟି ।
ମାଟିର ସେଇ ସରଗ ମୋର,
ସେଇଠି ଅଛି ମୋ ଷଠୀ ଘର ।
ଜଳିବ ପୁଣି ସେଇଠି ଶେଷେ
ମୋହରି ଚିତା ନିଆଁଟି ।
ଛୋଟ ମୋର ଗାଆଁଟି !
ଜନମି ତାର ଏଂତୁଡିଶାଳେ
ବୁଲିଚି କେତେ ତା ତୋଟାମାଳେ ।
ପାଂଚଟି ମୋର ପଂଜରା କାଠି,
(ଶେଷେ) ସେଇଠି ହବ ଡାହାଟି ।
ଛୋଟ ମୋର ଗାଆଁଟି !
ତାହାରି ଜଳ ରକତ ହୋଇ
ଶିରାରେ ବହେ ଯେସନ ନଈ,
ନିଃଶ୍ୱାସେ ମୋ ତାହାରି ବାୟୁ
ଚଲାଏ ପ୍ରାଣ-ନାହାଟି
ଛୋଟ ମୋର ଗାଆଁଟି !

ତାହାରି ଫୁଲ, ଶାଗୁଆ ଲତା
କଣ୍ଠେ ମୋର ଦେଲା ଯେ କଥା,
ଆଖିରେ ଦେଲା ଚାହାଣି ନୂଆ
(ତାର) ଫଗୁଣ ଉଷା ପାହାନ୍ତି ।
ଛୋଟ ମୋର ଗାଆଁଟି !

ଝରଣା ତାର କଲା ଯେ କବି,
ନୟନେ ଦେଲା ରୂପର ଛବି,
ବୁହାଇଦେଲା ସପନ ଢ଼ଉ
ପଥର ବୁକେ ନିହାତି ।
ଛୋଟ ମୋର ଗାଆଁଟି !

ତାହାରି ଲଟା, ତାହାରି ବଣ,
ତା' ଗାଈଗୋଠ ମୁରଲୀ-ସ୍ୱନ,
ଫସଲକଟା ମଧୁର ଗାନ
ସକଳ ମୋର ସାହାଟି ।
ଛୋଟ ମୋର ଗାଆଁଟି !

ଆଲୁଅ ତାର କି ମନୋହର !
ଅଂଧକାର ତାଠାରୁ ଭଲ,
ଜୀବନ ପଥେ ସକଳ ତାର
ଫିଟାଏ ନୂଆ ରାହାଟି ।
ଛୋଟ ମୋର ଗାଆଁଟି !

ଦୁନିଆ କଣେ ଚାଂଖଡେ ଥାନ,
ଅତି ସେ ଛୋଟ, ନିହାତି ସାନ,
ତଥାପି ଭାଳେ ଛବିଟି ଦୁରୁଁ
ଥରେ ମୁଁ ତାର ଚାହାଂତି ।
ଛୋଟ ମୋର ଗାଆଁଟି !

ଖୁଦର ତାର ଉଦର ତଳେ
କେତେ ଯେ ରଥୀ ଜନମ ନେଲେ ।
(କେତେ) ନାଉଁଆ ଲୋକେ ଅଇଲେ ଗଲେ
ଆଜି ସେ ସବୁ କାହାଂନ୍ତି ?
ଛୋଟ ମୋର ଗାଆଁଟି !

ପେଟରେ ପେଟେ ମାମଲା ବୁଦ୍ଧି
ଜନମିଥିଲେ ହରି ସୁବୁଦ୍ଧି,
ସାଥିକୁ ତାଙ୍କ ଗୋଦର ଗୋଡ଼

ମଂତ୍ରୀ ଛଣି ମହାନ୍ତି ।
ଛୋଟ ମୋର ଗାଆଁଟି !
ଖଣ୍ଡିଆ କାନ୍ଥେ ଗାଆଁଟା ହେଲା
ଡିହରେ ନାଚେ ବିଲୁଆ ପିଲା,
ଉଚ୍ଛନ୍ନ ହେଲେ; ଆସାମ ଗଲେ
ଘରେ ତ ଚାଷୀ ନାହାନ୍ତି,
ଛୋଟ ମୋର ଗାଆଁଟି !
ପ୍ରତାପଶାଳୀ ସାମଂତରାୟ
ଗାଁରେ କଲେ ଏମଂତ ରାୟ,
ଦେଏଣା ଭାରେ ସକଳେ ହାୟ
ରେଗୁଂନ ଭୂଇଁ ଧାଆଂତି ।
ଛୋଟ ମୋର ଗାଆଁଟି !
ଗାଁରେ ଥିଲେ କପିଳ ନଂଦେ
ଚାଲିଲେ ଭୂଇଁ ଲସେ ଯେ ଖଂଦେ ।
ସବୁ କଥାରେ ମୁରବି ସାଜି
ହଲାଉଥିବେ ବାହାଟି ।
ଛୋଟ ମୋର ଗାଆଁଟି !
ସରବାକାର ଅଗାଧୁ ଷଂଢ଼
ଗାଧୋଇ ସାରି ଦିଅନ୍ତି ଦଂଡ ।
ପୋଷିଲେ ଜଣେ, ଶୋଷନ୍ତି ପଣେ
କଲମ-କାଠି ଛୁଆଂତି ।
ଛୋଟ ମୋର ଗାଆଁଟି !
ଚଉକିଦାର ଗୋବରା ଭୋଇ
ଚିଲମ ଟାଣି ରାତିଟା ଶୋଇ
ସକାଳୁ କହେ " ବୁଲାଇଦେଲି
ଚୋରକୁ କାଲି ଭୂଆଁଟି ।"
ଛୋଟ ମୋର ଗାଆଁଟି !
ଆବର ଥିଲା ଜଟିଆ ବୁଢ଼ୀ
ପିଲାଠୁ ବଡ଼ ସବୁରି ଖୁଡୀ,
କା ଘରେ କେତେ ମୂଷାର ଗାତ,
ସବୁ ତା ଜିଭେ ଥୁଆଟି ।
ଛୋଟ ମୋର ଗାଆଁଟି !

ମୁହଁଟା ତାର କାତିରୁ ଦାଢ଼,
ପଣତ କାନି ଛୁଆଇଁ ବାଢ଼,
ଲଗାଇ କଳି, ଝୁଣିବ ହାଡ଼,
ଡାକିବ କେତେ କୁହାଟି ।
ଛୋଟ ମୋର ଗାଆଁଟି !

ଗାଁର ପୁଣି ବାଗୁଡୁ ଖେଳେ
କେଲୁଆ, ନିଧି, ଅଇଁଠା ମେଳେ
କେତେ କେ ଜୀଏ, କେତେ କେ ମରେ
ମରେନା ଖାଲି କାଆଟି,
ଛୋଟ ମୋର ଗାଆଁଟି !

ଗାଁର ଶେଷେ ଏକଣା ଘରେ
ବଉଳ ଫୁଲ ଯେଉଁଠି ଝରେ,
ଥିଲା ଯେ ପୁଣି ବିଧବା ଏକ
ବାଲୁତ ତାର ଛୁଆଟି,
ଛୋଟ ମୋର ଗାଆଁଟି ।

ହବିଷ ଖାଇ ଚଉରା ମୂଳେ
ନିତି ସେ ଆସି ପ୍ରଣତି ଢ଼ାଳେ,
ଆକାଶଦୀପ ହୋଇ ଯେ ଜଳେ
ଭୋକିଲା ତାର 'ସାହା'ଟି
ଛୋଟ ମୋର ଗାଆଁଟି !

ଏସବୁ କଥା ଛବିଟି ପରି
ପ୍ରବାସେ ମନେ ଉଠଇ ଝଳି ।
ଇଚ୍ଛା ହୁଏ ମାଟିରେ ତାର
ଶିରଟି ଥରେ ନୁଆଁତି ।
ଛୋଟ ମୋର ଗାଆଁଟି ।

୯.୪.୧ ଶବ୍ଦାର୍ଥ

ଷଠୀଘର – ସନ୍ତାନ ଜନ୍ମ ହେବାର ଛଅ ଦିନର କର୍ମ
ବୁକେ – ଛାତି
ସ୍ୱନ – ଧ୍ୱନି

ମନୋହର - ସୁନ୍ଦର

ହବିଷ - ଘୃତାନ୍ନ

ପ୍ରବାସ - ବିଦେଶ

୯.୪.୨ ପଠିତାଂଶର ଆଲୋଚନା

ନିଜ ଗାଁ ମାଟି ସର୍ବଦା ନିଜକୁ ଅତି ପ୍ରିୟ ଲାଗିଥାଏ । ଏହିପରି ଏକ ସାର୍ବଜନୀନ ଓ ସର୍ବକାଳୀନ ସତ୍ୟ ଉପରେ "ଛୋଟ ମୋର ଗାଁଟି" କବିତା ରଚନା କରିଛନ୍ତି କବି ସଚ୍ଚିଦାନନ୍ଦ ରାଉତରାୟ । ନିଜ ଜନ୍ମମାଟି ଏକ ଅଖ୍ୟାତ ପଲ୍ଲୀ ଓ ତାହା ବିଶ୍ୱ ମାନଚିତ୍ରରେ ସ୍ଥାନ ପାଇନଥିଲେ ହେଁ ତାହା ନିଜ ପାଇଁ ସ୍ୱର୍ଗ ତୁଲ୍ୟ ହୋଇଥାଏ । କାରଣ ସେଇଠାରେ ଷଠୀଘର ହୋଇଥାଏ ଏବଂ ସେଇ ଗାଁର ଶ୍ମଶାନରେ ଚିତା ଜଳିଥାଏ । ଜୀବନ ଓ ମରଣର ସାକ୍ଷୀ ନିଜ ଗାଁ । ତାହାର ଜଳ ରକ୍ତ ହୋଇ ଧମନୀରେ ପ୍ରବାହିତ ହୁଏ । ତାହାର ବାୟୁ ନିଶ୍ୱାସ ଭାବରେ ଆତଜାତ ହୁଏ । ତାହାର ଗଛ ଲତା କଣ୍ଠରେ ଭରି ଦିଏ ନୂଆ ନୂଆ କଥା । ତାହାର ଆଲୁଅ ମନୋହର ହୋଇଥିବା ସମୟରେ ଅନ୍ଧକାର ଆହୁରି ଭଲ ଲାଗିଥାଏ । ସେଇ ଗାଁଟି ହିଁ ଜୀବନର ପଥ ଦେଖାଇଥାଏ । ସେଇ ଗାଁରେ ମାମଲତକାର ହରି ସୁବୁଦ୍ଧି, ପ୍ରତାପଶାଳୀ ସାମନ୍ତରାୟ ଏବଂ ମୁରବି କପିଳ ନନ୍ଦ ବାସ କରନ୍ତି । ଚଉକିଦାର ଗୋବରା ଭୋଇ ରାତିରେ ଚିଲମ ଟାଣି ଶୋଇ ପଡ଼େ ଏବଂ ସକାଳୁ ଚୋରକୁ ତଡ଼ିଦେଲି ବୋଲି କହି ଲୋକମାନଙ୍କୁ ଭୂଆଁ ବୁଲାଇଥାଏ । ସେହିପରି ଗାଁର ଜଟିଆ ବୁଢ଼ିକୁ ସାନରୁ ବଡ଼ ସମସ୍ତେ ଖୁଡ଼ି ଡାକନ୍ତି । ତାପାଖରେ ସମସ୍ତଙ୍କ ଘରର ସବୁ ଖବର ରହିଥାଏ । ଗାଁ ଶେଷରେ ବିଧବା ମା'ଟି ତା ବାଲୁତ ଛୁଆକୁ ଧରି ରହେ । ପ୍ରତ୍ୟେକ ଦିନ ହବିଷ ଖାଇ ଚଉରା ମୂଳେ ପ୍ରଣତି କରି ମଙ୍ଗଳ ମନାସ କରୁଥାଏ । ପ୍ରବାସରେ ଥାଇ ଏ ଦୃଶ୍ୟ ମନେ ପଡିଲେ ଇଚ୍ଛାହୁଏ ଯାଇ ତା ମାଟିରେ ମୁଣ୍ଡ ନୁଆଁଇ ପ୍ରଣାମ କରନ୍ତି ।

୯.୪.୩ ମୂଳପାଠର ତୃତୀୟାଂଶରୁ ପ୍ରଶ୍ନ

କ) କାହାର ଜଳ ଶିରାରେ ରକତ ହୋଇ ବହେ ?

ଖ) କାହାର ଆଲୁଅ ମନୋହର ?

ଗ) ସାମନ୍ତରାୟ କଣ କରନ୍ତି ?

ଘ) ଜଟିଆ ବୁଢ଼ି କିପରି କଳି ଲାଗେ ?

ଙ) ଆକାଶଦୀପ ହୋଇ କିଏ ଜଳେ ?

୯.୪.୪ ମୂଳପାଠର ତୃତୀୟାଂଶରୁ ବ୍ୟାକରଣ ପ୍ରଶ୍ନ

କ) ଶୂନ୍ୟସ୍ଥାନ ପୂରଣ କରନ୍ତୁ ।

୧) ତାହାରି..... ରକତ ହୋଇ
ଶିରାରେ ବହେ ..... ନଈ

୨) ପ୍ରତାପଶାଳୀ .....
ଗାଁରେ ..... ଏମନ୍ତ ରାୟ,

୩) ହବିଷ ଖାଇ ..... ମୂଳେ
ନିତି ସେ ..... ପ୍ରଣତି ଢ଼ାଳେ

ଖ) ନିମ୍ନଲିଖିତ ଶବ୍ଦ ଗୁଡ଼ିକର ବିପରୀତ ଶବ୍ଦ ଲେଖନ୍ତୁ ।
ଶେଷ, ନୂଆ, ରୂପ, ମଧୁର, ବିଧବା

ଗ) ନିମ୍ନଲିଖିତ ପଦ ଗୁଡ଼ିକରୁ ବିଶେଷ୍ୟ ପଦ ଚିହ୍ନିତ କରନ୍ତୁ ।
୧. ପ୍ରତାପଶାଳୀ ସାମଂତରାୟ
୨. ଗାଁରେ ଥିଲେ କପିଳ ନନ୍ଦ
୩. ଆବର ଥିଲା ଜଟିଆ ବୁଢ଼ୀ

୯.୫ ମୂଳପାଠର ଚତୁର୍ଥଭାଗ

କବି ସଚ୍ଚିଦାନନ୍ଦ ରାଉତରାୟଙ୍କ 'କୋଣାର୍କ' ଓଡ଼ିଆ କାବ୍ୟ ସାହିତ୍ୟର ଇତିହାସରେ ଅନ୍ୟ ଏକ ମାଇଲଷ୍ଟମ୍ଭ । ଓଡ଼ିଶାର ଐତିହ୍ୟ, ସ୍ଥାପତ୍ୟ ଓ କଳାର ପରିଚୟ ନେଇ ସମଗ୍ର ବିଶ୍ୱର ପ୍ରସିଦ୍ଧି ଲାଭ କରିଛି କୋଣାର୍କର ସୂର୍ଯ୍ୟ ମନ୍ଦିର । ବହୁ କବି, ଶିଳ୍ପୀ ଦାର୍ଶନିକ ତାକୁ ଦେଖି ବିମୁଗ୍ଧ ହୋଇ ତାହାର ପ୍ରଶଂସା କରିଛନ୍ତି । କବି ସଚ୍ଚି ରାଉତରାୟ କୋଣାର୍କ ମନ୍ଦିରକୁ ଦେଖି ଅତି ସ୍ପର୍ଶକାତର ଓ ସମ୍ବେଦନଶୀଳ ହୋଇପଡ଼ିଛନ୍ତି । ଅନ୍ୟ ସମସ୍ତେ ତାହାର ପାଷାଣ ଦେହରେ କଳାର ସୌନ୍ଦର୍ଯ୍ୟ ଦେଖୁଥିବା ସମୟରେ କବି ସେହି ସ୍ଥାନରେ କୋଟି କୋଟି ଶିଳ୍ପୀଙ୍କ ଦୁଃଖ ଓ ଯାତନାକୁ ଉପଲବ୍ଧି କରିଛନ୍ତି । ସାଧାରଣ ଦର୍ଶକଟିଏ ପାଷାଣ ଦେହରେ କିପରି ରସର ଝରଣା ଝରି ଆସିଛି ତାହା ଦେଖୁଥିବା ସମୟରେ କବି ମୂଲିଆର ଆଖି ନେଇ ସ୍ତୂପୀଭୂତ ଅବସାଦ ଓ ବେଦନାକୁ ଉପଲବ୍ଧି କରିଛନ୍ତି । ଅସଂଖ୍ୟ ମିସ୍ତ୍ରୀ, କମାର, ବଢ଼େଇ କିପରି ନିଜ ରକ୍ତ ନିଗାଡ଼ି କୋଣାର୍କ ମନ୍ଦିର ତିଆରିଛନ୍ତି ଅଥଚ ସେମାନଙ୍କ ଦୁଃଖ ଓ ବେଦନା କାହାକୁ ଗୋଚର ନୁହେଁ । ସମସ୍ତେ ମନ୍ଦିରର କାରୁକାର୍ଯ୍ୟ ଓ ତାକୁ ନିର୍ମାଣ କରାଇଥିବା ରାଜାଙ୍କର ଜୟଗାନ କରିଛନ୍ତି । କେବଳ ରାଜାଙ୍କର ନାମ ଅମର ହୋଇବ ବୋଲି ଲକ୍ଷେ ବେନାମୀ ଜୀବନଙ୍କୁ ନେଇ ଶ୍ମଶାନଟିଏ ତିଆରି କରାଯାଇଛି । ଏଇ ମନ୍ଦିର ତଳେ କୋଟି କୋଟି ବିଶ୍ୱ ମହାରଣା ଓ ଶିବେଇ ସାମନ୍ତ ଶୋଇଛନ୍ତି । ସେମାନଙ୍କ ବ୍ୟଥା ଓ ବେଦନା ମନ୍ଦିରରେ ରୂପାୟିତ ହୋଇନାହିଁ କେବଳ ଆଭିଜାତ୍ୟ ଭରା ନଗ୍ନନଟୀର ଚିତ୍ରରେ ମନ୍ଦିର ଗାତ୍ର ପୂର୍ଣ୍ଣ । ସାମ୍ୟବାଦୀ ଚେତନାର ସମ୍ଭୁଜଳ ପରିପ୍ରକାଶ 'କୋଣାର୍କ' କବିତା ।

ସହାୟକ ଗ୍ରନ୍ଥସୂଚୀ

୧) ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ, (ପ୍ରଥମ ଭାଗ), ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୧୪ ଓଡ଼ିଶା ।

୨) ସବୁଜର ସାଂପ୍ରତିକ, ନିତ୍ୟାନନ୍ଦ ଶତପଥୀ, ଗ୍ରନ୍ଥମନ୍ଦିର, କଟକ-୨ ।

କବି ସଚ୍ଚିଦାନନ୍ଦ ରାଉତରାୟଙ୍କ "କୋଣାର୍କ" କବିତା

ତୁମେ ଦେଖିଅଛ ଶିଳାରେ ତାର ତ
ରମ୍ୟ କଳାର ରୂପ,
ମୁଁ ଦେଖିଚି ତହିଁ କୋଟି କଙ୍କାଳ
ଭଗ୍ନ ବୁକୁର ସ୍ତୂପ ।
ତୁମେ ଦେଖିଅଛ ଫୁଟିଚି କିପରି
କଳାର କାଉଁରୀ ଲାଗି,
ରାତ୍ରିର କଳା ଯବନିକା ପରେ
ସ୍ୱର୍ଣ୍ଣ ଉଷାର ଛବି ।
ଦେଖିଚ କିପରି କବିତା ଫୁଟିଚି
ପାଷାଣର ମୂକ ଦେହେ,
ତଂଦ୍ରାମଗନ ଅଳସ ସପନେ
ବୁଡ଼ିଚ ନିବିଡ଼ ସ୍ନେହେ ।
ତୁମେ ଚାଖିଅଛ ରସର ଝର୍ଣା
ଚାରୁ ମନ୍ଦିର ତଳେ
ଗଣ୍ଡୁଷ ଭରି ପିଇଚ ପୀୟୁଷ
ନିଭାଇ ତୃଷ୍ଣାନଳେ ।
ମୁଁ ଫେରିଚି ହାୟ ଦୀନ ବେରସିକ
ତାହାରି ସିଂହଦ୍ୱାରୁ,
ପୁଞ୍ଜିତ ବ୍ୟଥା ଅବସାଦ ଗୁରୁ
ବଳିଅଛି ହୃଦଭାରୁ ।
ମୂଲିଆର ଆଖି ନେଇ
ମୁଁ ଦେଖିଚି ସେଇ ମନ୍ଦିର ରୂପ ବ୍ୟଥାର ଆରତି ଦେଇ ।
ମୁଁ ଦେଖିଚି ସେଇ ଶିଳାର କବରେ
କେତେ କାରିଗର ଛାତି,
ତିଳେ ତିଳେ ହାୟ ଲଭିଲା ସମାଧି,
ସହିଲା କଷଣ ତାତି ।
କେତେ ମଜଦୁର ଗର୍ଦଭ ପରି
ବହି ବହି ଶିଳାଭାର,
ବଙ୍କା କଲେଟି ନିଜ ମେରୁହାଡ଼
ହିସାବ କି ଅଛି ତାର ?
କେତେ ଯେ ବଟାଳି, ନିହାଣ ମୁଗୁର

ରଜାର ହୁକୁମ ମାନି,
କଳାମୁଗୁନିର ଦିହରୁ ରକତ
ପୋଷେ ପୋଷେ କଲା ପାଣି ।
କେତେ ଯେ ବଢ଼େଇ, ମିସ୍ତ୍ରୀ, କମାର
ଶୋଣିତ ଗଲାରେ ମିଳି ।
ସାଗରର ଲୁଣି ପାଣି ସେ କତାକୁ
ଲୁଣ ପରି ଦେଲା ଗିଳି ।
ଦେଖିଲା ଜଗତ ବିରାଟ ଦେଉଳ !
ଘୋଷିଲା ରାଜାର ଜୟ,
ପଂଡିତ କହେ ଦେଶର କୁଆଡ଼େ
ଲେଖା ଏଥି ପରିଚୟ ।
କେ ରସିକ କହେ ସୁନ୍ଦରୀ ନଟୀ
ଲୀଳାୟିତ ନୀବୀବଂଧ
ସ୍ୱତଃ ଶ୍ଳଥ ତାର କାଞ୍ଚୁଲି ତଳେ
ପଦ୍ମ କୋରକ ଛନ୍ଦ !
କିଏ ଦେଖେ ନାଗକନ୍ୟାର ଗଳେ
ରତି-ଚ୍ୟୁତ ବନମାଳା
ଯକ୍ଷ ବଧୂର କବରୀରେ କିଏ
ଶତ ରାତ୍ରିର ଜ୍ୱାଳା-
ଅନୁଭବେ ନିରଂତର,
ଜାଣିବାକୁ କିଏ ଲୋଡିଚି କି କେବେ
ଇତିହାସ ମଣିଷର ?
ପଚାରିନି କିଏ କେତେ ବା ଜୀବନ
ସେ ଲାଗି ହୋଇଚି କ୍ଷୟ,
କେତେ ବା ବାରିଶି, କରତ, କୁଠାର
ଲଭିଅଛି ପରାଜୟ ।
କେତେ କ୍ଷୁଧାତୁର ମଣିଷ ଖାଇଚି
କ୍ଷୁଧାରେ ସେ ଦିନ ମାଟି,
ରମ୍ୟ କଳାର ଦରବାରରେ ତାର
କିଛି ନାଇ ପରିପାଟୀ !
ନାଇ ତା ଚରଣଲିପି,
ଶିଳ୍ପ ରହିଚି, ନାଇ ନାଇ ସେଠି କଳାକାର ବା ଶିଳିପୀ ।

ଧନ୍ୟ ଆମର ଶିଳ୍ପ ଚାତୁରୀ !
ଧନ୍ୟ ଲଳିତ କଳା !
ରଜାର ସୁନାମ ପ୍ରଚାରର ଲାଗି
କୋଟି ବୁକେ ବାଜେ ଶଳା ।
ଅମର ହୋଇବ କାଳର କବଳେ
ଯେଣୁ, ଜଣକର ନାମ,
ଲକ୍ଷ ବେନାମି ଜୀବନରେ ତେଣୁ
ଗଢ଼ା ହେଲା ଶମଶାନ ।
ଏ ଭାବପ୍ରବଣ ଜାତି,
ଏବେ ବି ଗରବେ ଚାହିଁ ତା କବରେ
ଫୁଲାଏ ଆପଣା ଛାତି ।
କୋଟିକୋଟି ବିଶ୍ୱ ମହାରଣା, ପୁଣି
ଶିବେଇ ସାଂମତ କେତେ,
ଏଇ ମନ୍ଦିର ତଳେ ଶୋଇଛନ୍ତି,
କଳାର ଫସଲ କ୍ଷେତେ ।
ଗଢ଼ିବାକୁ ଏଇ ମନ୍ଦିର କଲା
ଶ୍ରମିକ ରକ୍ତ ଦାନ,
କୃଷକ ଦେଲା ତା' କନକ ଶସ୍ୟ,
ରାଜକୋଷେ ଅକଳନ ।
ଅଥଚ କଳାର ଦରବାରେ ନାଇ
ତାଙ୍କ ବ୍ୟଥାର ସ୍ଥାନ
ହାସ୍ୟ ବା ଲୁହ, ଅଥବା କେଉଁଠି
ଫସଲ-କଟାର ଗାନ ।
ତୋରଣେ ତୋରଣେ ନନ୍ଦନ ଶିରୀ,
ଯକ୍ଷ-ପୁରୀର ଲତା,
କେଉଁଠି କି ଅଛି ମାଟିର ଶସ୍ୟ,
ଧାନର ବିଜୁଳିଛଟା ?
ଆଭିଜାତ୍ୟର ବରାଦରେ ସେଠି
ସାଆଁତିଆ ରୁଚି ଛାଂଚେ,
ନଗ୍ନ ନଟୀର ନଧର ଚରଣ
ଚପଳ ଛଂଦେ ନାଚେ ।
ସେଠି ଅଛି ଖାଲି ଫୁଲର ଫସଲ

ସପନର ନୀଳ ଢ଼େଉ,
ହୀରାର ସୂର୍ଯ୍ୟ ପାହାନ୍ତି ପହରେ
ପ୍ରଣାମ ତା' ନେଉ ନେଉ
କହିଯାଏ ଧରା କାନେ–
ଜୀବନର ଯେତେ କ୍ଷତ, ଅପମାନ,
ଗାଇ ନାଇ କିଏ ଗାନେ ।
ରମ୍ୟ କଳାର ଲୀଳା !
କିଛି ତ କହିନି ମଣିଷର କଥା,
କହିବାର ଯାହା ଥିଲା ।

୯.୫.୧ ଶବ୍ଦାର୍ଥ

ଶିଳା – ପଥର
ରମ୍ୟ – ସୁନ୍ଦର
ଝରୁ – ସୁନ୍ଦର
କଷଣ – କଷ୍ଟ
ଗର୍ଦ୍ଦଭ – ଗଧ
ଶୋଣିତ – ରକ୍ତ
ନଟୀ – ନର୍ତ୍ତକୀ
ନୀବୀ – ନାଭି
ପରିପାଟୀ – ବେଶ ପୋଷାକ
ଚରଣ – ପାଦ

୯.୫.୨ ପଠିତାଂଶର ଆଲୋଚନା

ଓଡ଼ିଆ କାବ୍ୟ ସାହିତ୍ୟରେ ପ୍ରଗତିବାଦୀ ଚେତନାର ସଫଳ ପରିପ୍ରକାଶ "କୋଣାର୍କ" କବିତା । କବି 'କୋଣାର୍କ'ର ରମ୍ୟ ମୂର୍ତ୍ତି ମଧ୍ୟରେ ଦେଖିଛନ୍ତି ଶିଳ୍ପୀମାନଙ୍କ ଦୁଃଖ ଓ ଦୈନ୍ୟ । କୋଣାର୍କ ମନ୍ଦିରର ଶିଳାରେ ସାଧାରଣ ଦର୍ଶକଟିଏ ରସର ଝରଣା ପ୍ରବାହିତ ହେଉଥିବା ଦେଖୁଥିବା ସମୟରେ କବି ସେହି ମନ୍ଦିର ମଧ୍ୟରେ ସମାଧି ଲଭିଥିବା ଶିଳ୍ପୀମାନଙ୍କ ଦୁଃଖ ଓ ଅବସାଦକୁ ସ୍ମରଣ କରିଛନ୍ତି । ରାଜାଙ୍କ ସୁନାମ ନିମିତ୍ତ ଶିଳ୍ପୀକୁଳଙ୍କ ଶ୍ମଶାନରେ ଏ ରମ୍ୟ ମନ୍ଦିର ନିର୍ମିତ ହୋଇଛି । ଏହି ରମ୍ୟ ମନ୍ଦିର ତଳେ କୋଟି କୋଟି ବିଶ୍ୱୁ ମହାରଣା ଓ ଶିବେଇ ସାମନ୍ତ ଦେହ ତ୍ୟାଗ କରିଛନ୍ତି । କୃଷକର ସୁବର୍ଣ୍ଣ ଶସ୍ୟର ଦାନରେ ଏହି ମନ୍ଦିର ନିର୍ମିତ ହୋଇଛି । ମାତ୍ର ସେଠାରେ କୃଷକର ବ୍ୟଥା, ଲୁହ ଅବା ଆନନ୍ଦର ଚିତ୍ର ନାହିଁ । ସାମନ୍ତବାଦୀ ସଂସ୍କୃତିର ରୂପ କୋଣାର୍କ ଦେହରେ ଅଙ୍କିତ ହୋଇଛି । ଜୀବନର କ୍ଷତ, ଅପମାନ ବଦଳରେ ସେଠାରେ ରହିଛି ଫୁଲର ଫସଲ ଓ ସପନର ନୀଳ ଢ଼େଉର ଚିତ୍ର । କବିତାଟିର ପ୍ରତ୍ୟେକ ପାଦରେ ସାମନ୍ତବାଦୀ ସଂସ୍କୃତି ସଂପର୍କରେ ଏକ ପ୍ରତିକ୍ରିୟାର ଚିତ୍ର ଦେଖିବାକୁ ମିଳିଥାଏ ।

୯.୫.୩ ମୂଳପାଠର ଚତୁର୍ଥାଂଶରୁ ପ୍ରଶ୍ନ

କ) କବି ରମ୍ୟ କଳା ମଧ୍ୟରେ କେଉଁ ରୂପ ଦେଖିଛନ୍ତି ?

ଖ) କେଉଁମାନେ ଶିଳାତଳେ କବର ନେଇଛନ୍ତି ?

ଗ) କୋଣାର୍କ ମନ୍ଦିର କାହର ଜୟଗାନ କରେ ?

ଘ) କାହାର ଚରଣ-ଲିପି କୋଣାର୍କରେ ସ୍ଥାନ ପାଇନାହିଁ ?

ଙ) କେଉଁଠାରେ ଫୁଲର ଫସଲ ଓ ସପନର ନୀଳ ଢ଼ଉ ରହିଛି ?

୯.୫.୪ ମୂଳପାଠର ଚତୁର୍ଥାଂଶରୁ ବ୍ୟାକରଣ ପ୍ରଶ୍ନ

କ) ନିମ୍ନଲିଖିତ ଶବ୍ଦଗୁଡ଼ିକରେ ବ୍ୟବହୃତ ଉପସର୍ଗ ଗୁଡ଼ିକୁ ଚିହ୍ନିତ କରନ୍ତୁ ।
ଅବସାଦ, ପରିପାଟୀ, ପରିଚୟ, ଅନୁଭବ

ଖ) ନିମ୍ନଲିଖିତ ପଦଗୁଡ଼ିକରୁ ବିଶେଷଣ ପଦ ଚିହ୍ନିତ କରନ୍ତୁ ।
୧. ରାତ୍ରୀର କଳା ଯବନିକା ପରେ ସ୍ୱର୍ଣ୍ଣ ଉଷାର ଛବି ।
୨. ତୁମେ ଚାଖିଅଛ ରସର ଝର୍ଣ୍ଣା, ଚାରୁ ମନ୍ଦିର ତଳେ
୩. କଳା ମୁଗୁନିର ଦିହରୁ ରକତ ପୋଷେ ପୋଷେ କଲା ପାଣି ।

ଗ) ନିମ୍ନଲିଖିତ ଶବ୍ଦ ଗୁଡ଼ିକର ସନ୍ଧି ବିଚ୍ଛେଦ କରନ୍ତୁ ।
କ୍ଷୁଧାତୁର, ତୁଷ୍ଣାନଳେ, ହୃଦଭାରୁ,

ଘ) ନିମ୍ନଲିଖିତ ଶବ୍ଦ ଗୁଡ଼ିକର ବିପରୀତ ଅର୍ଥବୋଧକ ଶବ୍ଦ ଲେଖନ୍ତୁ
ଅକଳନ, ଦାନ, ଅପମାନ

୯.୬ ସାରାଂଶ

କବି ସଚ୍ଚିଦାନନ୍ଦ ରାଉତରାୟ ଓଡ଼ିଆ କାବ୍ୟ ସାହିତ୍ୟର ଇତିହାସରେ ଜଣେ ପ୍ରଥିତଯଶା କବି । ନୂତନ ଭାବଚେତନା ଓ କାବ୍ୟଭଙ୍ଗିରେ ସେ ଓଡ଼ିଆ କାବ୍ୟ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି । ତାଙ୍କ କବିତାରେ ବିଭିନ୍ନ ଚେତନାର ପରିପ୍ରକାଶ ଦେଖିବାକୁ ମିଳିଥାଏ । ଏହି ପାଠରେ ଅନ୍ତର୍ଗତ ହୋଇଥିବା "ବାଜିରାଉତ" କାବ୍ୟର ପ୍ରଥମାଂଶ ଓ ଶେଷାଂଶରେ ତାଙ୍କ ଜାତୀୟବାଦୀ ଚେତନାର ପରିପ୍ରକାଶ ଘଟିଛି । ଇଂରେଜ ସାରକାରଙ୍କ ସାମ୍ରାଜ୍ୟବାଦୀ ଶାସନ ବିରୁଦ୍ଧରେ ଓଡ଼ିଶାର ପୁରପଲ୍ଲୀରେ ଯେଉଁ ଆନ୍ଦୋଳନ ହୋଇଥିଲା ତାହାର ପୃଷ୍ଠଭୂମିରେ ରଚିତ ହୋଇଛି "ବାଜିରାଉତ" କାବ୍ୟ । ଉପନିବେଶ ଶାସନ ବିରୋଧୀ ଚେତନା ଓ ବୈପ୍ଳବିକ ଚିନ୍ତାଧାରା ଅତି ଭଗ୍ର ଭାବରେ ଏହି କାବ୍ୟରେ ପ୍ରକାଶିତ ହୋଇଛି । ଢ଼େଙ୍କାନାଳ ଜିଲ୍ଲାର ଭୂବନ ଗ୍ରାମ ନିକଟରେ ଘଟିଥିବା ଏକ ସତ୍ୟ ଘଟଣାର ଆଧାରରେ କାବ୍ୟଟି ରଚିତ ହୋଇଛି । ସେହିପରି "ଛୋଟ ମୋର ଗାଁଟି" ମଧ୍ୟ ତାଙ୍କର ଏକ ବହୁ ପ୍ରଶଂସିତ ଓ ପଠିତ କବିତା । ନିଜ ଗ୍ରାମର ପ୍ରାକୃତିକ ଶୋଭା ତଥା ଗ୍ରାମ ଦୃଶ୍ୟର ବର୍ଣ୍ଣନା ଓଡ଼ିଶାରେ ସମସ୍ତ ଗ୍ରାମର ଦୃଶ୍ୟ ସହ

ପ୍ରାୟତଃ ମିଶିଯାଏ । ପ୍ରତ୍ୟେକ ପାଠକ ଏହି କବିତାଟି ମଧ୍ୟରେ ନିଜ ଗ୍ରାମର ଦୃଶ୍ୟ ଦେଖିପାରିଥାଏ । ଅତି କାବ୍ୟିକ ଆବେଗରେ ରଚିତ ଏ କବିତାଟି ଅତ୍ୟନ୍ତ ରସାଳ । ପ୍ରକୃତିପ୍ରେମ ଓ ନିଜ ଗାଁ ମାଟି ପ୍ରତି ଗଭୀର ଆକର୍ଷଣ ଏହି କବିତାଟିର ଆକର୍ଷଣୀୟ ବିଭବ । "କୋଣାର୍କ" କବିତାରେ କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ସାମ୍ୟବାଦୀ ଚେତନାର ସର୍ବଶ୍ରେଷ୍ଠ ପରିପ୍ରକାଶ ଘଟିଛି । ନୂତନ ଆଙ୍ଗିକ ଓ କାବ୍ୟ ଭାଷାରେ ଏହି କବିତା ଗରିମାମୟ ହୋଇ ଉଠିଛି । ଓଡ଼ିଆ ଜାତିର ପରିଚୟ ଭାବରେ ଛିଡ଼ା ହୋଇଥିବା କମନୀୟ କୋଣାର୍କ ମନ୍ଦିର ନିର୍ମାଣ ପଶ୍ଚାଦରେ ରହିଥିବା ଶିଳ୍ପୀ କୁଳର ବେଦନା ଓ ଯଂତ୍ରଣାକୁ କବି ସଚ୍ଚି ରାଉତରାୟ ଅତି ମାର୍ମିକ ଭାବରେ ଉପସ୍ଥାପନ କରିଛନ୍ତି । ସାମନ୍ତବାଦୀ ସାମ୍ରାଜ୍ୟରେ ଘଟୁଥିବା ଶୋଷଣ ଓ ଅତ୍ୟାଚାର ବର୍ଣ୍ଣନା ଭିତରେ ସାଧାରଣ ଜନତାର ମର୍ମବାଣୀ ଏହି କବିତାଟି ଉଚ୍ଚାରିତ ହୋଇଛି । ଏହିପରି ବିଭିନ୍ନ ଚେତନାର କବିତା ରଚନା କରି କବି ସଚ୍ଚିଦାନନ୍ଦ ରାରତରାୟ ଓଡ଼ିଆ କବିତା ଭଣ୍ଡାରକୁ ସମୃଦ୍ଧ କରିଛନ୍ତି ।

୯.୭ ପଠନ ଅଭ୍ୟାସ

(କ) ଏ ଦେଶର ମାଟି
ତାହାକୁ ସେ ଭଲପାଏ,
ତାହା ଲାଗି ନୂଆ ବାରବାଟି
ଗଢ଼ିଲା ସେ ହାଡ଼ ମାଂସେ,
ନିଃଶ୍ୱାସରେ ଦେଲା ଜୀବନ୍ୟାସ
ହଳଦିଘାଟରୁ ବଡ଼ି ଗଢ଼ିଗଲା
ଦେଶ ଇତିହାସ ।
ଲହୁ ଢ଼ାଳି ତହିଁ ପରେ ଲେଖିଲା ସେ
ମୁକତିର ଛବି
ଛବି ନୁହେ, ତୂଳୀ ନୁହେ, ନୁହେ ରଂଗ
ସେ ରକ୍ତ କରବୀ !!

୧) ବାଜିରାଉତ କାହାକୁ ଭଲପାଏ ?

୨) କିଏ ହଳଦୀଘାଟରୁ ବଡ଼ ଇତିହାସ ଗଢ଼ିଗଲା ?

୩) କଣ ଢ଼ାଳି ମୁକ୍ତିର ଛବି ଲେଖାହେଲା ?

୪) ମୁକ୍ତିର ଛବିଙ୍କୁ କେଉଁ ଫୁଲ ସହ ତୁଳନା କରାଯାଇଛି ?

(ଖ) ଛୋଟ ମୋର ଗାଆଁଟି
ଭୂଗୋଳ ପୋଥିପତରେ ପଛେ ନ ଥାଉ ତାର ନାଆଁଟି ।
ମାଟିର ସେଇ ସରଗ ମୋର,

ସେଇଠି ଅଛି ମୋ ଷଠୀଘର ।
ଜଳିବ ପୁଣି ସେଇଠି ଶେଷେ
ମୋହରି ଚିତା ନିଆଁଟି ।
ଛୋଟ ମୋର ଗାଆଁଟି !
ଜନମି ତାର ଏଂତୁଡ଼ିଶାଳେ
ବୁଲିଚି କେତେ ତା ତୋଟାମାଳେ ।
ପାଂଚଟି ମୋର ପଂଜରା କାଠି,
(ଶେଷେ) ସେଇଟି ହବ ଡାହାଟି ।
ଛୋଟ ମୋର ଗାଆଁଟି !

୧) ମାଟିର ସରଗ କିଏ ?

୨) କେଉଁଠି ଷଠୀଘର ଥାଏ ?

୩) କେଉଁଠି କବି ବୁଲନ୍ତି ?

୪) କେଉଁଠି କବି ଦାହ ହେବେ ?

(ଗ) ତୁମେ ଚାଖିଅଛ ରସର ଝର୍ଣା
ଚାରୁ ମଂଦିର ତଳେ
ଗଂଡୁଷ ଭରି ପିଇଚ ପୀୟୁଷ
ନିଭାଇ ତୁଷ୍ଣାନଳେ ।
ମୁଁ ଫେରିଚି ହାୟ ଦାନ ବେରସିକ
ତାହାରି ସିଂହଦ୍ୱାରୁ,
ପୁଂଜିତ ବ୍ୟଥା ଅବସାଦ ଗୁରୁ
ବଳିଅଛି ହୃଦଭାରୁ ।
ମୂଲିଆର ଆଖି ନେଇ –
ମୁଁ ଦେଖିଚି ସେଇ ମଂଦିର ରୂପ ବ୍ୟଥାର ଆରତି ଦେଇ ।

୧) ଚାରୁ ମନ୍ଦିରରୁ କଣ ଚାଖିଅଛି ?

୨) ଗଂଡୁଷ ଭରି କ'ଣ ପିଇଚ ?

୩) କବି ସିଂହଦ୍ୱାରରୁ କିପରି ଫେରିଛନ୍ତି ?

୪) କବି କେଉଁ ଆଖି ନେଇ କୋଣାର୍କ ମନ୍ଦିର ଦେଖିଛନ୍ତି ?

୯.୮ ଆତ୍ମପରୀକ୍ଷଣ ମୂଳକ ପ୍ରଶ୍ନାବଳୀର ଉତ୍ତର

୯.୨.୩ ମୂଳପାଠର ପ୍ରଥମାଂଶ ପ୍ରଶ୍ନର ଉତ୍ତର

(କ) କବି ବାଜି ରାଉତଙ୍କ ଚିତାକୁ ମୁକୁଟି ସଳିତା କହିଛନ୍ତି ।

(ଖ) ଶିଖା ବାଜି ରାଉତଙ୍କ ବନ୍ଦନା କରେ ।

(ଗ) ଦେଶ ତରୀ ବହୁଥିବାରୁ ନଉରିଆ ମରିପାରେନି !

(ଘ) ମାଟିର ଜୟ ବାଜିରାଉତ ଗାଇଛନ୍ତି । ଆପଣା ତନୁକୁ ମାଟିରେ ମିଶାଇ ସେ ମାଟିକୁ ଉର୍ବର କରି ଯାଇଛନ୍ତି । ମୃତ୍ତିକାର କ୍ଷୀର ପିଇ ନିଜ ଜୀବନକୁ ବାଜି କରି ସେ ଏହି ମାଟିରୁ ଦୀନ, ଅଶ୍ଳୀଳତା ଓ ଆବିଳତା ଆଦି ଦୂର କରିବାକୁ ଚେଷ୍ଟା କରିଛନ୍ତି । ଏହିପରି ଭାବରେ ସେ ମାଟିର ଜୟ ଜୟକାର ଗୀତ ଗାଇଛନ୍ତି ।

୯.୨.୪ ମୂଳପାଠର ପ୍ରଥମାଂଶ ବ୍ୟାକରଣ ପ୍ରଶ୍ନର ଉତ୍ତର

(କ) ବଂଧନ, ବିଶଦ, ମୃତ୍ୟୁ, ସାହସ, ଶତ୍ରୁ ।

(ଖ) ଦୀପ+ଆୟନ, ନିଃ+ଅନ୍ନ, ଶବ+ଆଗାର ।

(ଗ) ଉଷା - ସକାଳ, ଉର୍ମି-ଢ଼େଉ, ବଲ୍ଲମ- ବର୍ଚ୍ଛା ।

(ଘ) ଦେବୀ, ଶିଖା, ବାଣୀ, ପାଦଟୀକା ।

୯.୩.୩ ମୂଳପାଠ ଦ୍ୱିତୀୟାଂଶ ପ୍ରଶ୍ନର ଉତ୍ତର

(କ) ବିଶ୍ୱର ସମସ୍ତ ଶିଶୁଙ୍କ ମଧ୍ୟରେ ବାଜିରାଉତ ଜନ୍ମଲାଭ କରିଛି ।

(ଖ) ଶେଷହୀନ ମୁକ୍ତି ସମରରେ ଜୟ ଲାଭ ନିମିତ୍ତ ବାଜିରାଉତ ନାମକୁ ସ୍ମରଣ କରାଯାଏ ।

(ଗ) ବାଜିରାଉତ ମାଆ ମାଆ ଡାକେ ।

(ଘ) ହେମନ୍ତର ବିଷର୍ଣ୍ଣ ସନ୍ଧ୍ୟାରେ ବାଜି ରାଉତର କଥା ମନେପଡ଼େ ।

(ଙ) ମୁକ୍ତି-ବୀଜ ବାଜି ରାଉତର ଶୁଭ ଅଭିଷେକ

୯.୩.୪ ମୂଳପାଠର ଦ୍ୱିତୀୟାଂଶ ବ୍ୟାକରଣ ପ୍ରଶ୍ନର ଉତ୍ତର

(କ) ୧-ବୀର ୨- କୁଷ୍ଠ ୩- କଳା

(ଖ) ଜନ୍ମ +ଅତଂର, କର+ଆଙ୍ଗୁଳି, ଶୁଭ+ ଅଭିଷେକ

(ଗ) ଯଦ୍ +ବେ=ଯେବେ 'ବେ' ପ୍ରତ୍ୟୟ ନଦ+ଈ = ନଦୀ- ଈ ପ୍ରତ୍ୟୟ

ଜଗା + ଉଆଳ = ଜଗୁଆଳ-ଉଆଳ ପ୍ରତ୍ୟୟ

(ଘ) କ୍ଷୁଦ୍ର-ଛୋଟ, ପଲ୍ଲୀ-ଗ୍ରାମ, ମେଘ-ବର୍ଷା, ଲୋତକ -ଅଶ୍ରୁ ।

୯.୪.୩ ମୂଳପାଠର ତୃତୀୟାଂଶ ପ୍ରଶ୍ନର ଉତ୍ତର

(କ) ଗାଁ ମାଟିର ଜଳ କବିଙ୍କ ଶିରାରେ ରକ୍ତ ହୋଇ ବହିଥାଏ ।

(ଖ) ଗାଁର ଆଲୁଅ ମନୋହର ।

(ଗ) ଗ୍ରାମର ପ୍ରତାପଶାଳୀ ସାମନ୍ତରାୟଙ୍କ କର ଭାର ସହି ନପାରି ଅନେକ ଲୋକ ରେଙ୍ଗୁନ ଚାଲିଯାଆନ୍ତି ।

(ଘ) ବାଡ଼ରେ ପଣତ କାନି ଛୁଆଁଇ ଦେଇ ଜଟିଆ ବୁଢ଼ି କଳି ଆରମ୍ଭ କରେ ।

(ଙ) ଗାଁର ବିଧବା ମହିଳାଟିର ସ୍ୱାମୀ ଆକାଶ ଦୀପ ହୋଇ ଜଳୁଥାଏ ।

୯.୪.୪ ମୂଳପାଠର ତୃତୀୟାଂଶ ବ୍ୟାକରଣଗତ ପ୍ରଶ୍ନର ଉତ୍ତର

(କ) ୧- ଜଳ/ ଯେସନ

୨- ସାମନ୍ତରାୟ/ କଲେ

୩- ଚଉରା / ଆସି

(ଖ) ଶେଷ -ଆରମ୍ଭ, ନୂଆ-ପୁରୁଣା, ରୂପ- କୁରୂପ,

ମଧୁର-ତିକ୍ତ, ବିଧବା-ସଧବା

(ଗ) ସାମନ୍ତରାୟ, କପିଳ ନନ୍ଦ, ଜଟିଆ ବୁଢ଼ୀ

୯.୫.୩ ମୂଳପାଠର ଚତୁର୍ଥାଂଶ ପ୍ରଶ୍ନର ଉତ୍ତର

(କ) କବି କୋଣାର୍କର ରମ୍ୟ କଳା ମଧ୍ୟରେ ଶିଳ୍ପୀକୁଳଙ୍କ ଭଗ୍ନବୁକୁର ସ୍ତୁପକୁ ଦେଖିଛନ୍ତି ।

(ଖ) ଶିଳ୍ପୀ ଓ କାରିଗରମାନେ ଶିଳାତଳେ କବର ନେଇଛନ୍ତି ।

(ଗ) କୋଣାର୍କ ମନ୍ଦିର ରାଜାଙ୍କର ଜୟଗାନ କରେ ।

(ଘ) କଳାକାର ବା ଶିଳ୍ପୀଙ୍କ ଚରଣ-ଲିପି କୋଣାର୍କରେ ସ୍ଥାନ ପାଇନାହିଁ ।

(ଙ) କୋଣାର୍କ ମନ୍ଦିରରେ ଚିତ୍ରକଳାରେ ଫୁଲର ଫସଲ ଓ ସପନର ନୀଳ ଢେଉ ରହିଛି ।

୯.୫.୪ ମୂଳପାଠର ଚତୁର୍ଥାଂଶ ବ୍ୟାକରଣ ପ୍ରଶ୍ନର ଉତ୍ତର

(କ) ଅବ, ପରି, ଅନୁ

(ଖ) ୧-କଳା, ସ୍ୱର୍ଣ୍ଣ ୨- ଝରୁ ୩ -କଳା

(ଗ) କ୍ଷୁଧା +ଆତୁର , ତୃଷ୍ଣା+ଅନଳ, ହୃଦୟ+ଭାର

(ଘ) ଅକଳନ -କଳନ

ଦାନ – ଗ୍ରହଣ

ଅପମାନ–ସମ୍ମାନ

୯.୯ ଆଦର୍ଶ ପ୍ରଶ୍ନାବଳୀ

(କ) ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର ପ୍ରଦାନ କରନ୍ତୁ ।

୧) କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ରଚିତ କାବ୍ୟ ଓ କବିତା ସଂକଳନ ଗୁଡ଼ିକର ନାମ ଲେଖନ୍ତୁ ।

୨) କବି ସଚ୍ଚିଦାନନ୍ଦ ରାଉତରାୟଙ୍କ କାବ୍ୟ କବିତା ଗୁଡ଼ିକ କେଉଁ କେଉଁ ଦୃଷ୍ଟିଭଙ୍ଗି ନେଇ ରଚିତ ହୋଇଛି ଲେଖନ୍ତୁ ।

୩) ବାଜି ରାଉତ କାବ୍ୟ ଗ୍ରଂଥଟି ଓଡ଼ିଆ କାବ୍ୟ ସାହିତ୍ୟର ଇତିହାସରେ କାହିଁକି ଗୁରୁତ୍ୱପୂର୍ଣ୍ଣ ଦର୍ଶାନ୍ତୁ ।

୪) "ଛୋଟ ମୋର ଗାଁଟି" କବିତାରେ କବିଙ୍କ ପ୍ରକୃତି ପ୍ରେମ କିପରି ପ୍ରକାଶିତ ଉଲ୍ଲେଖ କରନ୍ତୁ ।

୫) "କୋଣାର୍କ" କବିତାରେ କବି କେଉଁ ଆଖି ନେଇ କୋଣାର୍କ ମନ୍ଦିରକୁ ଦେଖିଛନ୍ତି ଦର୍ଶାନ୍ତୁ ।

(ଖ) ଭାବ ସଂପ୍ରସାରଣ କରନ୍ତୁ ।

ଅଲିଭା ମୁକତି ସଳିତା, ସେ ଯେ ଚିର ମୁକ୍ତି-ବୀଜ,
ତାହାରି ଜଳ ରକତ ହୋଇ, ଧନ୍ୟ ଆମର ଶିଳ୍ପ ଚାତୁରୀ ।

(ଗ) ନିମ୍ନଲିଖିତ ଶବ୍ଦ ଗୁଡ଼ିକର ସନ୍ଧି ବିଚ୍ଛେଦ କରନ୍ତୁ ।

ଶବାଗାର, ସରବାକାର, ତଂନ୍ଦ୍ରାଗମନ, ଲୀଳାୟିତ ।

(ଘ) ନିମ୍ନଲିଖିତ ଶବ୍ଦଗୁଡ଼ିକର ବ୍ୟବହୃତ ଉପସର୍ଗ ଗୁଡ଼ିକୁ ଚିହ୍ନିତ କରନ୍ତୁ ।

ଅନୁଭବ, ପରିପାଟୀ, ନିରନ୍ନ, ବିକଟ, ବିଧବା ।

(ଙ) ବିପରୀତ ଶବ୍ଦ ଲେଖନ୍ତୁ ।

ତିମିର, ଏକ, ଶୀତଳ, ଦିନ, କ୍ଷୁଦ୍ର ।

***

ଅଧ୍ୟାୟ ୧୦ "ଦିଲ୍ଲୀ ଚିଠି" (ଉଦ୍‌ବୋଧନ)

ସଂରଚନା

୧୦.୦ ଉଦ୍ଦେଶ୍ୟ

୧୦.୧ ଉପକ୍ରମ

୧୦.୧.୧ – ବିଷୟ ପ୍ରବେଶ

୧୦.୧.୨ – ସହାୟକ ଗ୍ରନ୍ଥ

୧୦.୨ ମୂଳପାଠର ପ୍ରଥମ ଭାଗ

୧୦.୨.୧ – ଶବ୍ଦାର୍ଥ

୧୦.୨.୨ – ପଠିତାଂଶର ଆଲୋଚନା

୧୦.୨.୩ – ମୂଳପାଠର ପ୍ରଥମାଂଶରୁ ପ୍ରଶ୍ନ

୧୦.୨.୪ – ମୂଳପାଠର ପ୍ରଥମାଂଶରୁ ବ୍ୟାକରଣ ପ୍ରଶ୍ନ

୧୦.୩ ମୂଳପାଠର ଦ୍ୱିତୀୟ ଭାଗ

୧୦.୩.୧ – ଶବ୍ଦାର୍ଥ

୧୦.୩.୨ – ପଠିତାଂଶର ଆଲୋଚନା

୧୦.୩.୩ – ମୂଳପାଠ ଦ୍ୱିତୀୟାଂଶରୁ ପ୍ରଶ୍ନ

୧୦.୩.୪ – ମୂଳପାଠର ଦ୍ୱିତୀୟାଂଶରୁ ବ୍ୟାକରଣ ପ୍ରଶ୍ନ

୧୦.୪ ମୂଳପାଠର ଶେଷ ଭାଗ

୧୦.୪.୧ – ଶବ୍ଦାର୍ଥ

୧୦.୪.୨ – ପଠିତାଂଶର ଆଲୋଚନା

୧୦.୪.୩ – ମୂଳପାଠର ତୃତୀୟାଂଶରୁ ପ୍ରଶ୍ନ

୧୦.୪.୪ – ମୂଳପାଠର ତୃତୀୟାଂଶରୁ ବ୍ୟାକରଣ ପ୍ରଶ୍ନ

୧୦.୫ ସଂପୂର୍ଣ୍ଣ ମୂଳପାଠ ଉପରେ ପ୍ରଶ୍ନ

୧୦.୬ ସାରାଂଶ

୧୦.୭ ପଠନ ଅଭ୍ୟାସ

୧୦.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

୧୦.୯ ଆଦର୍ଶ ପ୍ରଶ୍ନାବଳୀ

୧୦.୦ ଉଦ୍ଦେଶ୍ୟ

ଚିଠି ଲେଖା ବା ପତ୍ରଲିଖନ ଭାବପ୍ରକାଶର ଏକ ବଳିଷ୍ଠ ମାଧ୍ୟମ । ପତ୍ରରେ କେବଳ ପତ୍ରଦାତାର ଦୁଃଖ, ସୁଖ, ସମସ୍ୟା, ଶ୍ରଦ୍ଧା ଇତ୍ୟାଦି ପ୍ରକାଶ ପାଇନଥାଏ – ଏଥିରେ ଯୁଗଧର୍ମ, ସମାଜନୀତି, ପରଂପରାବୋଧ, ଆଦର୍ଶ ଜୀବନାନୁଭୂତି, ନୀତିନିଷ୍ଠ ପ୍ରେରଣା ଓ ସାଂସ୍କୃତିକ ମୂଲ୍ୟବୋଧର ବଳଶାଳୀ ଦିଗଗୁଡ଼ିକ ପ୍ରତିଫଳିତ ହୋଇଥାଏ । ତେଣୁ, ଏହି ପାଠର ଉଦ୍ଦେଶ୍ୟ ହେଉଛି କୁନ୍ତଳାକୁମାରୀଙ୍କ "ଦିଲ୍ଲୀଚିଠି" ମାଧ୍ୟମରେ :-

- ଚିଠିଲେଖା ସଂପର୍କରେ ଏକ ମୋଟାମୋଟି ଧାରଣା ପ୍ରଦାନ କରିବା;
- କୁନ୍ତଳାକୁମାରୀଙ୍କର ଜନ୍ମଭୂମିପ୍ରତି ରହିଥିବା ଅନ୍ତରଙ୍ଗ ମର୍ମବ୍ୟଥାକୁ ଉପସ୍ଥାପନ କରିବା;
- ଓଡ଼ିଆ ଜାତିକୁ ଜାଗ୍ରତ କରିବାରେ 'ସହକାର' ଭଳି ସାହିତ୍ୟ ପତ୍ରିକାଗୁଡ଼ିକର ଭୂମିକା ନିର୍ଦ୍ଧାରଣ କରିବା;
- ବୃହତ୍ ଉତ୍କଳର ସମୃଦ୍ଧ ସାଂସ୍କୃତିକ ପରଂପରାକୁ ମନେପକାଇବା;
- ଉତ୍କଳର ପତ୍ୟେକ ନରନାରୀ ଓ ତରୁଣତରୁଣୀ ଜାତି, ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଘରକୋଣରୁ ବାହାରି ଜାତୀୟତାର ମନ୍ତ୍ରରେ ଉଦ୍‌ବୋଧିତ ହେବାକୁ ନିବେଦନ କରିବା ।

୧୦.୧ ଉପକ୍ରମ

ଚିଠିଲେଖା ଏକ କଳା; ଯୋଗାଯୋଗର ଅନ୍ୟତମ ବଳିଷ୍ଠ ମାଧ୍ୟମ । ଯେତେବେଳେ ବକ୍ତା ତାହାର ଭାବକୁ ଅନ୍ୟମାଧ୍ୟମରେ ପ୍ରକାଶ କରିବାରେ ପର୍ଯ୍ୟାପ୍ତ ସୁଯୋଗ ପାଏନାହିଁ, ତାହାକୁ ସେ ତାହାର ଅଭିଳଷିତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଲେଖିକରି ଉପସ୍ଥାପନ କରିଥାଏ । ଏହିଠାରୁ ହିଁ ଆରମ୍ଭ ହୁଏ ଚିଠିଲେଖା ବା ପତ୍ରଲିଖନ ପରଂପରା । ଏହି ଚିଠି ଲେଖିବା ମାଧ୍ୟମରେ ବ୍ୟକ୍ତି ତାହାର ଚିନ୍ତା ଓ ଚେତନା, ଭାବ ଓ ଭାବନାର ପରିପ୍ରକାଶ ସହିତ ସମାଜର ନାନା ସମସ୍ୟା ଓ ତା'ର ସମାଧାନ, ସାଂସ୍କୃତିକ ଉତ୍ଥାନ ଓ ପତନ, ଧର୍ମ, ଦର୍ଶନ ଆଦିକୁ ପତ୍ରକାର ବା ଚିଠିଲେଖକ ପାଠକର ଉଦ୍ଦେଶ୍ୟରେ ଉପସ୍ଥାପନ କରିଥାନ୍ତି । ବିଶ୍ୱରେ ଖ୍ରୀ.ପୂ. 500 ରେ ପର୍ସିଆର ରାଣୀ ଆଟୋଶା (Atossa) ତାଙ୍କର କନ୍ୟା ସାଇରସ୍ (Syrus) କୁ ଲେଖିଥିବା ଚିଠିକୁ ପ୍ରଥମ ହାତଲେଖା ଚିଠି ଭାବରେ ଗ୍ରହଣ କରାଯାଇପାରେ ।

ବର୍ତ୍ତମାନ ଯାନ୍ତ୍ରିକ ସମ୍ବାଦପ୍ରେରଣ, ଟେଲିଫୋନ୍, ଇଣ୍ଟରନେଟ୍ ଓ ଇ-ମେଲ୍ ଯୁଗରେ ଚିଠିଲେଖା ପରଂପରାର ଆବଶ୍ୟକତା ତଥାପି ଅମଳିନ ରହିଛି । ପୁନଃ, ନାନ୍ଦନିକ, ରସଧର୍ମ ଓ ଗୁଣବିଭବରେ ରଦ୍ଧିମନ୍ତ ପତ୍ରଲିଖନ କୌଶଳରେ କେବଳ ପତ୍ରଦାତାର ଦୁଃଖ, ସୁଖ, ସମସ୍ୟା, ଅଭାବ, ପ୍ରସ୍ତାବ, ଅଭିଯୋଗ, ଅଭିମତ, ପରାମର୍ଶ, କ୍ରୋଧ, ମମତା ଶ୍ରଦ୍ଧା ଇତ୍ୟାଦି ପ୍ରକାଶ ପାଇନଥାଏ,- ଏଥିରେ ଯୁଗଧର୍ମ, ସମାଜନୀତି, ପରଂପରାବୋଧ, ଆଦର୍ଶ ଜୀବନାନୁଭୂତି, ନୀତିନିଷ୍ଠ ପ୍ରେରଣା ଓ ସାଂସ୍କୃତିକ ମୂଲ୍ୟବୋଧର ବଳଶାଳୀ ଦିଗଗୁଡ଼ିକ ପ୍ରତିଫଳିତ

ହୋଇଥାଏ । ଏହିକ୍ରମରେ ଇନ୍ଦିରାଗାନ୍ଧୀଙ୍କ ପାଖକୁ ପଣ୍ଡିତ ଜବାହାରଲାଲଙ୍କ ଚିଠି, ମୃଣାଳିନୀ ଦେବୀଙ୍କ ପାଖକୁ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଚିଠି, କବି ଜନ୍ ବୀମ୍‌ସଙ୍କ ପତ୍ରାବଳି, ଗଙ୍ଗାଧର-ରାଧାନାଥଙ୍କ ଚିଠି ଦିଆନିଆ ଇତ୍ୟାଦିକୁ ପ୍ରାମାଣିକ ଦିଲିଲ୍ ଭାବରେ ସ୍ୱୀକାର କରି ପଠନ କରାଯାଇପାରେ । ଏହିସବୁ ଯୁଗପୁରୁଷଙ୍କ ଚିଠି ବ୍ୟକ୍ତିଗତ ହୋଇଥିଲେ ମଧ୍ୟ, ଏଥିରୁ ସମୟର ପ୍ରାଣସ୍ପନ୍ଦନ, ନୈତିକ ମାନବିକତାବୋଧର ଆଦର୍ଶ, ଭବିଷ୍ୟତସଂପନ୍ନ ଦୃଷ୍ଟିଭଙ୍ଗୀ, ତଥା ଜାତୀୟ ଓ ଆନ୍ତର୍ଜାତୀୟ ଅବବୋଧ ଇତ୍ୟାଦିକୁ ଉପଲବ୍ଧି କରାଯାଇଥାଏ । ଆଲୋଚ୍ୟ "ଦିଲ୍ଲୀଚିଠି (୧)", ଉତ୍କଳ ଭାରତୀ କୁନ୍ତଳାକୁମାରୀ ସାବତଙ୍କ ଦ୍ୱାରା ଲିଖିତ ।

ଗୋଟିଏ ଜାତିର ଗୌରବୋଜ୍ଜଳ ଅତୀତର କୀର୍ତ୍ତିରାଜି ସମ୍ବଳିତ ସଂସ୍କୃତି, ସାହିତ୍ୟ, ଧର୍ମ, କଳା, ସ୍ଥାପତ୍ୟ, ପରମ୍ପରା ଓ ଜୀବନଶୈଳୀର ଆଲେଖ୍ୟ ଉତ୍ତର ପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଥିଲେ, ସେଗୁଡ଼ିକୁ ସେ ଜାତିର ଐତିହ୍ୟ କୁହାଯାଏ । ପ୍ରାଚୀନ ଓ ମଧ୍ୟଯୁଗର ଓଡ଼ିଶା – ଉତ୍କଳ, କଳିଙ୍ଗ, କଙ୍ଗୋଡ଼, କୋଶଳ, ଉଡ୍ର ଆଦି ନାମରେ ପରିଚିତ ଥିଲା । ପୁରାତନ କାଳରୁ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରି ଆସିଛି । ଭାରତର ଐତିହ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିବା ଓଡ଼ିଶାର ନିଜର ବହୁ ମୂଲ୍ୟବାନ ଐତିହ୍ୟ ରହିଛି । ଓଡ଼ିଶାର ଐତିହ୍ୟରେ ଜଗନ୍ନାଥ ଚେତନାର ମାହାତ୍ମ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯୁଗ ଯୁଗ ଧରି ଉତ୍କଳର ସାମାଜିକ, ସାଂସ୍କୃତିକ ଓ ଧାର୍ମିକ କ୍ଷେତ୍ରର ଜଗନ୍ନାଥଙ୍କୁ ସ୍ନେହ, ପ୍ରେମ, ଭାତୃଭାବର ପ୍ରତୀକରୂପେ ତଥା ଜୀବନର ଦିଗଦର୍ଶନଭାବେ ଜଗତର ନାଥ ବା ସମଗ୍ର ବିଶ୍ୱର ପ୍ରଭୁ ଭାବରେ ସମ୍ମାନିତ କରାଯାଏ । ସେ କେବଳ ଓଡ଼ିଶାର ଧର୍ମୀୟ ଦେବତାଭାବେ ପୂଜିତ ହୁଅନ୍ତି ନାହିଁ; ବରଂ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମଗ୍ର ସମାଜର ସଂଯୋଜକ, କଲ୍ୟାଣକାରୀ ଓ ରକ୍ଷାକର୍ତ୍ତା ଭାବେ ବିବେଚିତ ହୋଇଥାଆନ୍ତି । ପୁରାତନ ଓଡ଼ିଶା ବା କଳିଙ୍ଗର ଅଧିବାସୀମାନେ ବୋଇତରେ ସମୁଦ୍ର ପଥ ଦେଇ ବାଲି, ଜାଭା, ସୁମାତ୍ରା, ଦ୍ୱୀପପୁଞ୍ଜ ତଥା ଅନ୍ୟାନ୍ୟ ଦକ୍ଷିଣ ପୂର୍ବ ଏସୀୟ ଦେଶମାନଙ୍କ ସହିତ ବାଣିଜ୍ୟ କରିବାରେ ଥିଲେ ସର୍ବପ୍ରଥମ । ଏହି ବାଣିଜ୍ୟ ଫଳରେ ଓଡ଼ିଆମାନଙ୍କର ଉକ୍ତ ଦେଶଗୁଡ଼ିକ ସହିତ ସାଂସ୍କୃତିକ ସମ୍ପର୍କ ସ୍ଥାପିତ ହୋଇଥିଲା ଏବଂ ସେଠାରେ ଓଡ଼ିଶାବାସୀଙ୍କର ସମ୍ମାନ ବୃଦ୍ଧି ପାଇଲା । ଚତୁର୍ଥ -ପଞ୍ଚମ ଶତାବ୍ଦୀର ଗୁପ୍ତଯୁଗରେ ରଚିତ କାଳୀଦାସଙ୍କ ରଘୁବଂଶମ୍‌ରେ କଳିଙ୍ଗର ରାଜାଙ୍କୁ ମହୋଦଧିପତି ଭାବେ ଚିତ୍ରିତ କରାଯାଇଛି । କୁନ୍ତଳାକୁମାରୀ ତାଙ୍କର ଦିଲ୍ଲୀଚିଠି ମାଧ୍ୟମରେ ଉତ୍କଳୀୟଙ୍କୁ ଏହିସବୁ ସାମାଜିକ, ସାଂସ୍କୃତିକ ଓ ଧାର୍ମିକ ଐତିହ୍ୟକୁ ମନେପକାଇ ସେମାନଙ୍କୁ ପୁନଃ ଆତ୍ମଜାଗରଣ କରିବାକୁ ପ୍ରବର୍ତ୍ତାଇଛନ୍ତି । ଜାତୀୟତାର ଭାବଧାରାରେ ଉଦ୍‌ବୁଦ୍ଧ ହେବାକୁ ଅଭିମନ୍ତ୍ରିତ କରିଛନ୍ତି । ହିମାଳୟ ତଳେ ମହୋଦଧୀ କୂଳର ସେହି ଗୌରବଜ୍ୱଳ ଓଡ଼ିଆଜାତିକୁ ନିଜର ଅଧିକାର ପାଇବାପାଇଁ ସଂଗ୍ରାମ କରିବାକୁ ଆହ୍ୱାନ ଦେଇଛନ୍ତି ।

ଲେଖକ ପରିଚୟ :

ଓଡ଼ିଆ ସାହିତ୍ୟରେ ଜାତୀୟବାଦି ଲେଖିକା ଭାବେ ନାରୀକବି କୁନ୍ତଳାକୁମାରୀ ସାବତଙ୍କ ସ୍ଥାନ ସ୍ୱତନ୍ତ୍ର । ଖ୍ରୀ ୧୯୦୦ରେ ଜନ୍ମ ଲାଭ କରି ଖ୍ରୀ. ୧୯୩୮ରେ ମୃତ୍ୟୁବରଣ କରିଥିବା

ଏହି ସାହିତ୍ୟିକ ବ୍ୟକ୍ତିଗତ ଜୀବନରେ ଜଣେ ସମାଜସେବୀ, ସଂଗଠିକା ଓ ଡାକ୍ତର ଭାବେ ଜନମାନସରେ ଯେତିକି ପରିଚିତ ହୋଇପାରିଥିଲେ, ତାହାଠାରୁ ଅଧିକ ଅଧିକ ନିକଟବର୍ତ୍ତୀ ହୋଇଥିଲେ ତାଙ୍କର ସୃଜନଶୀଳ ବ୍ୟକ୍ତିତ୍ୱ ଯୋଗୁଁ । ସେତେବେଳେ ପ୍ରକାଶ ପାଉଥିବା ମାସିକ ପତ୍ରିକା ସହାକାରର ସେ ନିୟମିତ ଲେଖିକା ଥିଲେ । ପ୍ରାୟ ପ୍ରତି ସଂଖ୍ୟାରେ ତାଙ୍କର ଲିଖିତ "ଦିଲ୍ଲୀଚିଠି" ପ୍ରକାଶିତ ହେଉଥିଲା । କୁନ୍ତଳାକୁମାରୀ ସାହିତ୍ୟକ୍ଷେତ୍ରରେ ଏକାଧାରରେ ଜଣେ ଗୀତିକବି, ଔପନ୍ୟାସିକ ଓ ଗଦ୍ୟସାହିତ୍ୟର ସ୍ରଷ୍ଟା ଥିଲେ । ତାଙ୍କର କବିତାବଳୀ ଆଧ୍ୟାତ୍ମିକ ଚେତନାର ସ୍ପର୍ଶରେ ଅତୀନ୍ଦ୍ରିତ ପ୍ରେମ-ପ୍ରୀତିର ପ୍ରକାଶକରୂପେ ପାଠକକୁ ବିମୋହିତ କରିଥାଏ । ତାଙ୍କ ରଚିତ 'ଅଞ୍ଜଳି' (୧୯୨୨), 'ଅର୍ଚ୍ଚନା' (୧୯୨୭), 'ଉଚ୍ଛ୍ୱାସ' (୧୯୨୪), 'ଭ୍ରାନ୍ତି'(୧୯୨୩), 'ସ୍କୁଲିଙ୍ଗ' (୧୯୨୯), 'ଆହ୍ୱାନ' (୧୯୩୦), 'ପ୍ରେମଚିନ୍ତାମଣି' (୧୯୩୦), 'ପରଶମଣି'(୧୯୨୭), 'କାଳିବୋହୂ'(୧୯୨୭) ପ୍ରଭୃତି ଗୀତି କବିତା ଓ ଗଦ୍ୟ ରଚନାରେ ଭାଷାର ପ୍ରାଞ୍ଜଳତା ଏବଂ ଆବେଗର ଗଭୀରତା ପ୍ରକଟିତ ହୋଇଅଛି । ତାଙ୍କର ସାହିତ୍ୟ ସ୍ୱଦେଶପ୍ରୀତି ଓ ଭକ୍ତିଭାବର ପରାକାଷ୍ଠା ଏବଂ ମାନବିକତାର ଅନନ୍ତ ମହିମାରେ ସୁମଣ୍ଡିତ ହୋଇଥିବା ଦେଖାଯାଏ । ଏପରିକି ତାଙ୍କର ତତ୍କାଳୀନ ଉଦ୍‌ବୋଧନ ମୂଳକ ଲେଖା କିପରି ସମଭାବାପନ୍ନ ଚିନ୍ତାମାନସକୁ ଆଲୋଡ଼ିତ କରିଥିଲା, ତାହା ଶ୍ରୀ ଗୋଦାବରୀଶ ମହାପାତ୍ରଙ୍କ ୨୬.୦୬.୧୯୨୬ ତାରିଖର ଚିଠିରୁ ସ୍ପଷ୍ଟ ପ୍ରତିପନ୍ନ ହୁଏ । ଏହି ଚିଠିରେ ଗୋଦବରୀଶ କୁନ୍ତଳାଙ୍କୁ ସମ୍ବୋଧନ କରି ଲେଖିଥିଲେ- "ଉତ୍କଳ ସାହିତ୍ୟାକାଶରେ ଆପଣ କେବଳ ତାରାରୂପେ ନରହି ଲଞ୍ଜାତାରାରୂପେ ତୁମୁଳ ପରିବର୍ତ୍ତନ ଘଟାଇବେ ବୋଲି ମୁଁ ଆଶାକରେ । ସେହି ଭୀଷଣ ପରିବର୍ତ୍ତନର ମୁହୂର୍ତ୍ତରେ ଆମେମାନେ ଯେତେଦୂର ପାରୁ ବିଜୟ ଢକ୍କା ବଜାଇବାକୁ ପଛାଇବୁ ନାହିଁ ।" ଆଉ, ଏହି ଚିଠି ହିଁ ହୁଏତ କୁନ୍ତଳାଙ୍କୁ ତାଙ୍କର ଦିଲ୍ଲୀଚିଠି ମାଧ୍ୟମରେ ଉତ୍କଳୀୟଙ୍କୁ ଜାଗ୍ରତ କରିବାକୁ ପ୍ରେରଣା ଦେଇଥିବ । ସମସାମୟିକ ସହିତ୍ୟ ଆନ୍ଦୋଳନରେ ତାଙ୍କ ପ୍ରତିଷ୍ଠିତ "ଭାରତୀ ତପୋବନ ସଂଘ" ଏକ କ୍ରାନ୍ତିକାରୀ ପଦକ୍ଷେପ । ତାଙ୍କ ରଚିତ 'ରଘୁ ଅରକ୍ଷିତ', 'ନଅତୁଣ୍ଡି' ଭଳି ଉପନ୍ୟାସ ଓଡ଼ିଆ ଶିକ୍ଷିତ, ମଧ୍ୟବିତ୍ତ ଶ୍ରେଣୀର ଚିତ୍ର ପ୍ରଦାନ କରିଥାନ୍ତି । ଭାବର କୋମଳତା, ପରିବେଷଣ ରୀତିର ସରସତା ଓ ବର୍ଣ୍ଣନାଭଙ୍ଗୀର ସ୍ୱଚ୍ଛନ୍ଦଧାରା ତାଙ୍କ ସାହିତ୍ୟ ସୃଷ୍ଟିର ପ୍ରାଣପ୍ରକାଶକ ରୀତି । କୁନ୍ତଳାକୁମାରୀଙ୍କର ମାନବ ପ୍ରୀତି ଓ ଉତ୍କଳପ୍ରୀତି ତାଙ୍କ ସାହିତ୍ୟରେ ପରିଲକ୍ଷିତ । ଅଳ୍ପ ବୟସରେ ତାଙ୍କର ତିରୋଧାନ ବାସ୍ତବରେ ଓଡ଼ିଆ ସାହିତ୍ୟରେ ଏକ ନିଷ୍ଠୁର ଶୂନ୍ୟତା ସୃଷ୍ଟି କରିଥିଲା । ତାଙ୍କର ରଚିତ କବିତାରେ ଜଣେ ଏକକ ନାରୀକଣ୍ଠର ଏହି ସ୍ୱର-ସମ୍ଭାର ଓ ଦେଶାତ୍ମବୋଧ ସେ ସମୟରେ ଓଡ଼ିଶାବାସୀଙ୍କୁ ଯେ ବହୁତ ଚମକୃତ କରିଦେଇଥିବ, ଏଥିରେ ସନ୍ଦେହ ନାହିଁ ।

୧୦.୧.୧ ବିଷୟ ପ୍ରବେଶ

କୁନ୍ତଳାକୁମାରୀଙ୍କ "ଦିଲ୍ଲୀଚିଠି", ସହକାର ସାହିତ୍ୟ ପତ୍ରିକାର ଦ୍ୱାଦଶ ଓ ତ୍ରୟୋଦଶ ଭାଗରେ ୧୯୩୧ରୁ ୧୯୩୬ ମସିହା ମଧ୍ୟରେ ପ୍ରକାଶିତ ହେଉଥିଲା । ଅନୁରୂପଭାବେ

କୁନ୍ତଳାକୁମାରୀଙ୍କ ଜନ୍ମ ଓ ମୃତ୍ୟୁ (୧୯୦୧-୧୯୩୮) ସମୟ, ସମଗ୍ର ଓଡ଼ିଆଙ୍କପାଇଁ ଥିଲା ଏକ ସନ୍ଧିକ୍ଷଣ । ୧୯୦୩ରେ ଉତ୍କଳ ସମ୍ମିଳନୀର ଜନ୍ମ', ୧୯୧୫ରେ ଗାନ୍ଧୀଜୀଙ୍କର ଭାରତ ପ୍ରତ୍ୟାବର୍ତ୍ତନ, ୧୯୨୦ରେ ଅସହଯୋଗ ଆନ୍ଦୋଳନ, ୧୯୩୦ରେ ଲବଣ ସତ୍ୟାଗ୍ରହ, ୧୯୩୦ ଓ ୧୯୩୩ରେ ଗୋଲ୍‌ଟେବୁଲ ବୈଠକ ଯେଉଁଥିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସଂପର୍କରେ ଆଲୋଚନା ଓ ସିଦ୍ଧାନ୍ତ ଗ୍ରହଣ ଏବଂ ଶେଷରେ ୧୯୩୬ରେ 'ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ' ଇତ୍ୟାଦି କୁନ୍ତଳାଙ୍କର ଜୀବନ ଓ ସାହିତ୍ୟକୁ ପ୍ରଭାବିତ କରିଥିଲା ।

ଓଡ଼ିଶା ସେତେବେଳକୁ ବିଭିନ୍ନ ପ୍ରଦେଶରେ ଅନ୍ତର୍ଭୁକ୍ତ ଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ, ଭାଷା ଓ ସାହିତ୍ୟର ସମସ୍ୟା ଦୂରୀକରଣ ଥିଲା ତତ୍‌କାଳୀନ ଓଡ଼ିଶାର ଜାତୀୟ ଦାବୀ । ଜଣେ ସଚେତନ ନାଗରିକ, ତଥା ଦରଦୀ ହୃଦୟ ବିଶିଷ୍ଟ ଲେଖିକାଭାବେ କୁନ୍ତଳାକୁମାରୀ ଏହାର ବ୍ୟତିକ୍ରମ ନଥିଲେ । ଓଡ଼ିଶାର କଲ୍ୟାଣ ନିମନ୍ତେ ତାଙ୍କର ସ୍ୱଦେଶବତ୍ସଳ ପ୍ରାଣ ସତତ ଆକୁଳିତ ଥିଲା । ଦେଶ ମିଶ୍ରଣ ଆନ୍ଦୋଳନକୁ ସଫଳ କରିବା ପାଇଁ ସେ ଓଡ଼ିଶାବାସୀଙ୍କୁ ସଙ୍ଗଠିତ କରିବା ଉଦ୍ଦେଶ୍ୟରେ ତାଙ୍କର ପ୍ରେରଣାଦାୟୀ ଲେଖନୀ ଚଳନା କରିଥିଲେ । ଓଡ଼ିଆ ଭାଷାଭାଷୀ ଅଞ୍ଚଳର ମିଶ୍ରଣ ବା ସ୍ୱତନ୍ତ୍ର ରାଜ୍ୟ ଗଠନ ଦାବୀ ତତ୍‌କାଳୀନ ଓଡ଼ିଶାର ମୁଖ୍ୟ ରାଜନୈତିକ ସ୍ୱପ୍ନ ଥିଲା । ସେତେବେଳକୁ ଅନେକ ପ୍ରାନ୍ତରେ ଭାଷାସୂତ୍ରରେ ରାଜ୍ୟ ଗଠନର ଆନ୍ଦୋଳନ ମୁଣ୍ଡ ଟେକିଥିଲା । ଭାରତ ସରକାରଙ୍କ ନିକଟରେ ଓଡ଼ିଶାର ଏହି ଦାବୀ ସରକାରଙ୍କ ନିକଟରେ ଉପସ୍ଥାପିତ ହେବାସତ୍ତ୍ୱେ ବାରମ୍ବାର ଉପେକ୍ଷିତ ହେଉଥିଲା । କୁନ୍ତଳାକୁମାରୀ ଅଲୋଚ୍ୟ ଦିଲ୍ଲୀଚିଠିରେ ଦେଶବାସୀଙ୍କୁ ହତୋତ୍ସାହିତ ନହୋଇ ପୁନଃ ପ୍ରାଣଶକ୍ତି ସଞ୍ଚାରିତ କରି ଏକ ହେବାର ଆହ୍ୱାନ ଦେଇଛନ୍ତି । ତାଙ୍କ ମତରେ ବ୍ୟକ୍ତିର ମୃତ୍ୟୁ ଅଛି, ବୀର ଉତ୍କଳୀୟଙ୍କ ମୃତ୍ୟୁ ଘଟିଥାଇପାରେ, ମାତ୍ର ଇତିହାସ ଜୀବିତ । ତେଣୁ, ଆମକୁ ସମସ୍ତ ବୈଷମ୍ୟର ଉର୍ଦ୍ଧ୍ୱରେ ଏକ ହେବାକୁ ପଡ଼ିବ । ତାଙ୍କର ପ୍ରତ୍ୟେକ ଲେଖାରେ ଭରି ରହିଛି ଗଭୀର ଆତ୍ମବିଶ୍ୱାସ, ଆନ୍ତରିକତା ଓ ବିଶେଷଭାବେ ପ୍ରାଣ-ସଞ୍ଚାରୀ ଶକ୍ତି, ଯାହା ନିଷ୍କ୍ରିୟକୁ ସକ୍ରିୟ, ସୁପ୍ତକୁ ଜାଗ୍ରତ, ନିର୍ଜୀବ ଓ ନିଶ୍ଚେଷ୍ଟକୁ ସଜୀବ କରିତୋଳେ ।

ଆଲୋଚ୍ୟ "ଦିଲ୍ଲୀଚିଠି" ମାଧ୍ୟମରେ ପତ୍ରାକାର କୁନ୍ତଳାକୁମାରୀ ଦିଲ୍ଲୀରୁ ଓଡ଼ିଶାର ସହକାର ପତ୍ରିକା ସଂପାଦକଙ୍କୁ ଜାତୀୟ ସଂଗ୍ରାମରେ ଓ ଉତ୍କଳର ଭାଗ୍ୟ ଗଠନରେ ତାଙ୍କଭଳି ପତ୍ରିକାର ଭୂମିକା ଓ କର୍ତ୍ତବ୍ୟକୁ ମନେପକାଇଦେବା ସହିତ, ଉତ୍କଳୀୟ ନରନାରୀ, ରାଜା ପ୍ରଜା ସମସ୍ତଙ୍କ ଭିତରେ ଆତ୍ମଜାଗରଣର ପ୍ରାଣ ଭରିଦେବାକୁ ଉଦ୍‌ବୋଧନ ଦେଇଛନ୍ତି । ଉତ୍କଳୀୟଙ୍କୁ ନିଜର ଦୋଷ, ଦୁର୍ବଳତା, ଜଡ଼ତା ଓ ସ୍ୱାର୍ଥପରତାକୁ ଫିଙ୍ଗିଦେଇ ଏକତା ବନ୍ଧନରେ ଆବଦ୍ଧ ହୋଇ ସଂଗଠିତ ହେବାକୁ ଆହ୍ୱାନ ଦେଇଛନ୍ତି ।

କୁନ୍ତଳାକୁମାରୀଙ୍କର ମାନବ ପ୍ରୀତି ଓ ଉତ୍କଳପ୍ରୀତି ସାହିତ୍ୟର ପ୍ରତିଟି କ୍ଷେତ୍ରରେ ପରିଲକ୍ଷିତ । ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନ, ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ, ଖଣ୍ଡିତ ଉତ୍କଳ ପ୍ରଦେଶ ଗଠନରେ ତିରସ୍କାର ପ୍ରକାଶ ତଥା ଉତ୍କଳର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସେ ଯେପରି

ଭାବେ ଉତ୍କଳୀୟଙ୍କୁ ଆବାହନ କରିଛନ୍ତି, ସେହିପରି ଭାରତର ଦୁର୍ଦ୍ଦଶା, ପରାଧୀନତାରେ ବ୍ୟଥିତ ମଧ୍ୟ ହୋଇଛନ୍ତି । ଦିଲ୍ଲୀଚିଠିରେ ତାଙ୍କର ଭାରତୀୟତା ବୋଧ ସ୍ପଷ୍ଟ । ଉତ୍କଳରେ କଂଗ୍ରେସ ଅଧିବେଶନ ହେବାକଥା ଜାଣି କୁନ୍ତଳାକୁମାରୀ ଉତ୍କଳବାସୀଙ୍କୁ ତାଙ୍କର ଏହି ପ୍ରଥମ ଦିଲ୍ଲୀଚିଠିରେ ସଚେତନ କରିଛନ୍ତି । ଜାତୀୟ କଂଗ୍ରେସକୁ ସଫଳ କରିବା ପାଇଁ ନିବେଦନ କରିଛନ୍ତି ।

୧୦.୧.୨ ସହାୟକ ଗ୍ରନ୍ଥ

- କୁନ୍ତଳାକୁମାରୀ ଗ୍ରନ୍ଥାବଳୀ (ଗଦ୍ୟସାହିତ୍ୟ), ସଂପାଦନା : ସାବିତ୍ରୀ ଦାଶ ଓ ଗୌରାଙ୍ଗଚରଣ ଦାଶ, ନବଦିଗନ୍ତ, ବିନୋଦବିହାରୀ, କଟକ, ପ୍ରଥମ ସଂସ୍କରଣ, ୨୦୦୮ ।
- ଓଡ଼ିଶାର ନେତ୍ରୀ, ଲେଖକ : ଡକ୍ଟର ଗୋପାଳକୃଷ୍ଣ ଶ୍ରୀଚନ୍ଦନ, ପ୍ରକାଶକ: ଓଡ଼ିଶା ଲେଖକ ସମବାୟ ସମିତି ଲିଃ., ଭୁବନେଶ୍ୱର, ପ୍ରଥମ ପ୍ରକାଶ - ୨୦୦୮, ଆଇ.ଏସ୍.ବି.ଏନ୍.: ୮୧-୮୬୫୨୪-୫୭-୬ ।
- ସବୁଜରୁ ସାଂପ୍ରତିକ, ଡକ୍ଟର ନିତ୍ୟାନନ୍ଦ ଶତପଥୀ, ପ୍ରକାଶକ:ଗ୍ରନ୍ଥମନ୍ଦିର, କଟକ, ତୃତୀୟ ପ୍ରକାଶ : ୧୯୯୪ ଆଇ.ଏସ୍.ବି.ଏନ୍.: ୮୧-୭୪୦୩-୦୦୨-୬

୧୦.୨ ମୂଳପାଠର ପ୍ରଥମ ଭାଗ

ସଂପାଦକ ମହାଶୟ,

ନମସ୍ତେ !

ସୁଦୂର ଦିଲ୍ଲୀରେ ଥାଇ ସହକାରଟିକୁ ବେଳେବେଳେ ଦେଖିଲେ ସେହି ପୁରୁଣା ଲକ୍ଷ୍ମୀନାରାୟଣ ସାହୁଙ୍କର ଚଟି ବହି ସହକାରଟି ମନେ ପଡ଼ିଯାଏ, ଯାହକୁ ଦେଖି ଦିନେ କବିତାଟିଏ ଲେଖିଥିଲି-

ସହକାର !
ସହକାର ତୁ କାହାର ?
କରେ ମୁଁ ମନେ ବିଚାର
କହ କିପାଁ ତୋ' ଶ୍ରୀ ଅଙ୍ଗେ ଏ ଶୋଭାସମ୍ଭାର ?

ସାନ ରସାତଳରୁଟି ବସନ୍ତ ସମାଗମରେ - ଆଜି ବସନ୍ତ କୋକିଳଙ୍କର ଆରାମ କୁଞ୍ଜ, ବିନୋଦବାଟିକା ! ଦ୍ୱିତୀୟାର ଚାନ୍ଦଟି ପୂର୍ଣ୍ଣଚନ୍ଦ୍ର ହୁଏ, ସାନ କଢ଼ଟି ଫୁଟନ୍ତା ଗୋଲାପ ହୁଏ, ମାତ୍ର ଯେ ବୁଢ଼ା, ପୁରୁଣା - ଯେ ଯୌବନ-ଦ୍ରୋହୀ, ସେ ମରିବ- ନିଶ୍ଚୟ ମରିବ । ସହକାର ନିତ୍ୟ ନୂତନ ! ନିତ୍ୟ ଅଗ୍ରଗାମୀ ତେଜୋବାନ୍ । ସାନ ଅସ୍ତିତ୍ୱରୁ ନିଜର ମହତ୍ତ୍ୱରେ ଗତ ଦଶବର୍ଷରେ ଏହା ଅସାଧ୍ୟ ସାଧନ କରିଛି । କେତେ କ୍ଷଣିକ ଉଲ୍‌କା ହଠାତ୍ ଉଇଁ ହଠାତ୍ ଲିଭି ଯାଇଛନ୍ତି, ମାତ୍ର ଏ ସାନ ଚନ୍ଦ୍ରମାଟି ବଢ଼ି ବଢ଼ି ଆଜି ପରମସୁନ୍ଦର ପୂର୍ଣ୍ଣଚନ୍ଦ୍ର ।

ଦିନେ ସହକାର କୋ-ଅପରେଟିଭ୍ ସୋସାଇଟିର ମୁଖପତ୍ର ରୂପେ, ସାନ ଶିଶୁଟି ପରି ଲାଜଲାଜ ଲୁଚୁଲୁଚୁ ହୋଇ ବାହାରିଥିଲା । ଆଜି ସେ ସାହିତ୍ୟ ପତ୍ରିକାର ଶୀର୍ଷରେ ଆଜି ସହକାର-

ଉତ୍କଳର ପ୍ରାଣାସନେ
ଅଭିଷେକ ଆଜି ତରୁଣ ରାଜାର,
ପ୍ରେମ ହେବ ଆଭରଣେ ।

ସହକାର ଆଜି ତରୁଣ ଉତ୍କଳର ମୁଖପତ୍ର- ତରୁଣତରୁଣୀଙ୍କ ଆଦରର ଧନ - ତରୁଣ କବିଙ୍କର - ଦେଶ ସେବୀଙ୍କର - ତରୁଣ କର୍ମୀଙ୍କର ଲୀଳାନିକେତନ ! ମୁଁ ପ୍ରାଣର ସହିତ ସହକାରକୁ ସ୍ୱାଗତ କରୁଛି । ମୋର ଆନନ୍ଦ ଅଭିନନ୍ଦନ ସୁଦୂର ଦିଲ୍ଲୀର 'ଭାରତୀ ତପୋବନରୁ' ଜଣାଉଛି; ସହକାର ଉତ୍କଳର ଗର୍ବ ଗୌରବର ସାମଗ୍ରୀ ହେଉ । 'ପ୍ରବାସୀ', 'ବସୁମତି', 'ଭାରତବର୍ଷ' ଘେନି ବଙ୍ଗ ଯେପରି ଗର୍ବିତ, 'ଚାନ୍ଦ', 'ସରସ୍ୱତୀ', 'ମାଧୁରୀ', 'ସୁଧା', 'ହଂସ' ଘେନି ଉତ୍ତର ହିନ୍ଦୁସ୍ଥାନ (ସଂଯୁକ୍ତ ପ୍ରାନ୍ତ) ଯେପରି ଗୌରବାନ୍ୱିତ, ଉତ୍କଳ-ଗଙ୍ଗା ଗୋଦାବରୀ ଅଞ୍ଚଳ-ଚିଲିକା ଲହରୀ ଚଞ୍ଚଳା-ନୀଳ ଜଳୋଧିନିଚୋଳା-ତାଳତମାଳକୁନ୍ତଳା-କଳିଙ୍ଗ' ସେହିପରି କାନନକାନ୍ତି ସହକାର ଯୋଗୁଁ ଦର୍ପିତ, ଦୀପିତ, ଚିତ୍ରିତ, ପବିତ୍ରିତ ହେଉ ।

ଦେଶରେ ମହା ସଂଗ୍ରାମ ଚାଲିଛି । ଦେଶ ଆଜି ଜୀବନ ମରଣର ସନ୍ଧିସ୍ଥଳରେ । ଏପରି ସମୟରେ ଦଳେ ସାହିତ୍ୟ-ବାନାଧାରୀ ଦେଶଦ୍ରୋହୀ ଉତ୍କଳ ସାହିତ୍ୟର ଯେ ଅପବ୍ୟବହାର କରି, ଉତ୍କଳ ଭାଷାର ଚିରନ୍ତନ ଗୌରବ ଖର୍ବକରି, ଜାତିକୁ ହୀନ କରିବାରେ ବଦ୍ଧ ପରିକର, ଅତୀତରେ ସେମାନେ ଆମର ହଜାର ଉପକାର କରିଥିଲେ ସୁଦ୍ଧା, ଆମେ ଆଜି ଆଉ ତାହା ମାନିବାକୁ ପ୍ରସ୍ତୁତ ନୋହୁଁ । ଅମୃତ ତାଟିଆରେ ଟୋପାଟିଏ ବିଷଦେଇ ତାଟିଆକ ଅମୃତ ପିଆଇ ସୁଦ୍ଧା ଜୀବନ ନେଲାଭଳି, ହୀନ ବଞ୍ଚକ ହାତରୁ ଉତ୍କଳ ଭାରତୀ, ମା ସାରଳେ, ରକ୍ଷାକର ! ତାଙ୍କରି ଦାଉରୁ ଦେଶଟି ଧ୍ୱଂସ ହେଲା ସିନା !

ଜାତି ନାମରେ, ସାହିତ୍ୟ ନାମରେ, ଧର୍ମ ନାମରେ, ଦେଶ ସମାଜ ନାମରେ ଏତେ ଅତ୍ୟାଚାର ! ଏପରି ସାହିତ୍ୟକୁ ତରୁଣ ଉତ୍କଳର ନିଶ୍ଚୟ ପୋଡ଼ି ଜାଳି, 'ହୋଲି' କରିଦେବା ଉଚିତ୍ । କାଠଯୋଡ଼ୀର ନଈ ବାଲିରେ ସେପରି ସାହିତ୍ୟର "ପ୍ରତିଗୁଡ଼ିଏ" ଦାହ କରିଦେବା ନିହାତି ଦରକାର । ଏ ସାହସ ଅଛି କେବଳ ସହକାରର । ହୀନ, କୁତ୍ସିତ ପୁରାତନକୁ ଦଳି ମାଡ଼ି ଉପରକୁ ଉଠିବା କ୍ଷମତା ଅଛି ଯୁବକ ସହକାରର ।

ନିର୍ଭୀକ ସହକାର ! ଉଠ, ବିଜୟ ବଜ୍ରଭେରୀ ବଜାଅ । ଉତ୍କଳ ସାହିତ୍ୟ ତୁମଦ୍ୱାରା ଗୌରାବାନ୍ୱିତ ହେଉ । ତରୁଣ ଉତ୍କଳର ଭାଗ୍ୟ ଗଠନ ତୁମେ କର ।

ଏ ବର୍ଷ ଉତ୍କଳର କଂଗ୍ରେସ ବର୍ଷ । ଏ କଂଗ୍ରେସ ବର୍ଷରେ ତୁମର ଅନେକ କାମ, ଅକଳନ୍ତା କାମ । ଆଜି ଠୁଁ ଲାଗିପଡ଼ । ଉତ୍କଳର କନ୍ଦରା କନ୍ଦରା ପର୍ଯ୍ୟନ୍ତ ପ୍ରତିଧ୍ୱନି କରି ପକାଅ । ତୁମ କଲମ ଟାଣରେ ଉତ୍କଳର ପୁରପଲ୍ଲୀ ହଲାଇଦିଅ । ଘର ଘର ଚମକାଇ ଦିଅ । ଜାଗ୍ରତ କର ଉତ୍କଳ ପ୍ରାଣ, ସ୍ପନ୍ଦିତ କର ଉତ୍କଳ ଧମନୀ - ଉତ୍କଳକୁ ବିଶ୍ୱର ବିରାଟ ଦୁଆରେ -

ହିନ୍ଦୁସ୍ଥାନର ମହାଅଭିଯାନରେ ପ୍ରସ୍ତୁତ କର ।

"ଉତ୍କଳ ଉତ୍କଳ ବୋଲି କେ ଚିହ୍ନିଛି କାହିଁ
ଅମର ଲେଖନୀ ତବ ଦେଉ ତା ଚିହ୍ନାଇ –
ଅଙ୍ଗ ବଙ୍ଗ ତୈଲଙ୍ଗ ପଞ୍ଜାବ ବମ୍ବେ ଆଗେ
ଉତ୍କଳର ତୂର୍ଯ୍ୟନାଦ ଶୁଣାଅ ସରାଗେ ।
ଜନ୍ମମାଟି ଜଗନ୍ନାଥ – କି ଲାଜ କି ଭୟ
ଜଗନ୍ନାଥ ଯାର ସାହା, ସେତ ମୃତ୍ୟୁଞ୍ଜୟ"

୧୦.୨.୧ ଶବ୍ଦାର୍ଥ

କାନନକାନ୍ତି –ସବୁଜିମା
କନ୍ଦରାକନ୍ଦରା– ଗିରିଗହ୍ୱର
ଖାଣ୍ଟି –ବିଶୁଦ୍ଧ
ନିତ୍ୟ–ଚିରନ୍ତନ /ସର୍ବଦା
କୋକିଳ– କୋଇଲି

୧୦.୨.୨ ପଠିତାଂଶର ଆଲୋଚନା

ପଠିତାଂଶକୁ ଉତ୍କଳଭାରତୀ କୁନ୍ତଳାକୁମାରୀ 'ସହକାର' ପତ୍ରିକାର ସଂପାଦକଙ୍କୁ ସଂବୋଧନ କରି ଆରମ୍ଭ କରିଛନ୍ତି । ଏହି ଭାଗରେ ପତ୍ରାକାର ସହକାର କିପରି ସାହିତ୍ୟ ପତ୍ରିକାର ଶୀର୍ଷରେ ପହଞ୍ଚିପାରିଛି, ତାହାକୁ ଦର୍ଶାଇବା ସହିତ ଉତ୍କଳର ସାହିତ୍ୟକୁ ଆହୁରି ଅଧିକ ଗୌରବାନ୍ୱିତ କରିବାକୁ, ଆହ୍ୱାନ ଦେଇଛନ୍ତି । ବିଶ୍ୱ ଦରବାରରେ ଉତ୍କଳର ତୂର୍ଯ୍ୟନାଦକୁ ଶୁଣାଇବାକୁ ସହକାର ଭଳି ସାହିତ୍ୟ ପତ୍ରିକାଗୁଡ଼ିକୁ ପ୍ରସ୍ତୁତ ହେବାପାଇଁ କହିଛନ୍ତି ।

୧୦.୨.୩ ମୂଳପାଠର ପ୍ରଥମାଂଶରୁ ପ୍ରଶ୍ନ

(କ) କୁନ୍ତଳାକୁମାରୀ କେଉଁ ପତ୍ରିକାର ସଂପାଦକଙ୍କୁ ସଂବୋଧନ କରି ଦିଲ୍ଲୀଚିଠି (୧) ଲେଖିଥିଲେ ?

(ଖ) କେଉଁ କେଉଁ ସାହିତ୍ୟ ପତ୍ରିକା ପାଇଁ ବଙ୍ଗ ଓ ଉତ୍ତର ହିନ୍ଦୁସ୍ଥାନ ଗୌରବାନ୍ୱିତ ?

(ଗ) ଦେଶର ମହାସଂଗ୍ରାମ ବେଳେ, ଉତ୍କଳର ସାହିତ୍ୟକୁ କିପରି ଅପବ୍ୟବହାର କରାଯାଉଥିଲା ?

(ଘ) କାହାର ମୃତ୍ୟୁ ନିଶ୍ଚୟ ?

(ଙ) କିଏ ମୃତ୍ୟୁଞ୍ଜୟ ?

(ଚ) ସହକାର ଉତ୍କଳରେ କାହାର ଆଦରର ଧନ ଥିଲା ?

୧୦.୨.୪ ମୂଳପାଠର ପ୍ରଥମାଂଶ ବ୍ୟାକରଣ ପ୍ରଶ୍ନ

(କ) ନିମ୍ନଲିଖିତ ଶବ୍ଦରେ ବନାନ ଅଶୁଦ୍ଧ ଥିଲେ ସଂଶୋଧନ କରନ୍ତୁ ।

ଅଗ୍ରଗାମି, ଉକ୍ତଳ, ପୁରପଲ୍ଲୀ, ହିନ୍ଦୁସ୍ତାନ, ଗୋଦାବରି, ବଶୁମତୀ

(ଖ) ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ ।
ସାନ, ପୁରୁଣା, ସାଧ୍ୟ, ନୂତନ, ଆନନ୍ଦ, ବିଷ

(ଗ) ନିମ୍ନଲିଖିତ ଶବ୍ଦରେ ଥିବା ପର-ପ୍ରତ୍ୟୟଗୁଡ଼ିକୁ ଚିହ୍ନାଇ ଦିଅନ୍ତୁ ।
ଫୁଟନ୍ତା, କ୍ଷଣିକ, ସାହିତ୍ୟ, ଦ୍ରୋହୀ

(ଘ) ପଠିତ ପାଠରୁ ପାଞ୍ଚୋଟି ଯୋଡ଼ି ଶବ୍ଦର ଉଦାହରଣ ଦିଅନ୍ତୁ ।

(ଙ) ନିମ୍ନଲିଖିତ ପଦ ଗୁଡିକର ବିଶେଷ ପଦ ନିରୂପଣ କରନ୍ତୁ ।
ଦର୍ପିତ, ଚିତ୍ରିତ, ପବିତ୍ରିତ, ଆନନ୍ଦିତ, ସ୍ପନ୍ଦିତ

୧୦.୩ ମୂଳପାଠର ଦ୍ୱିତୀୟ ଭାଗ

ଭାଇ ସହକାର ! ଦିଲ୍ଲୀ ବସି ଏ ଦିବାସ୍ୱପ୍ନଟି ଦେଖୁନାହଁ । ଏ ପାଗଳର ପ୍ରଳାପ ନୁହେଁ । ଏହା ଖାଣ୍ଟି ସତ୍ୟ । ଏଥର "ଉତ୍କଳରେ କଂଗ୍ରେସ, ହିନ୍ଦୁ ଆତ୍ମାର ସର୍ବସ୍ୱ 'ଜଗନ୍ନାଥଜୀ'ରେ କଂଗ୍ରେସ" । ବୁଢ଼ୀ ବିଧବା ବ୍ରାହ୍ମଣଠୁ, ପାନବାଲା-ଟାଙ୍ଗାବାଲା ଆଦି କରି ଚୁଡ଼ା ଚାଉଳ ବାନ୍ଧିଲେଣି । କଂଗ୍ରେସ ଦେଖିବେ- ପତିତପାବନବାନା ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବେ । ଭାଇ ! ଏହାପାଇଁ ପ୍ରସ୍ତୁତ ଅଛଟି ? ଓଡ଼ିଆର ଲାଜ ରହିବଟି ।

ଗୋଟିଏ ନିବେଦନ - ଉତ୍କଳର ଏ "ଓଡ଼ିଆ"ନାଆଁଟାକୁ ମାରି ତଡ଼ିଦିଅ । ଆମେ ବିରାଟ କଳିଙ୍ଗର ଅଧିବାସୀ । ଆମେ 'କଳିଙ୍ଗ', ଆମେ ହୀନ ଓଡ଼ିଆ ବୋଲି କାହିଁକି କହୁଛୁ - ଲେଖିବୁ ? ତୁମ କଲମ ଜୋରରେ ହଟାଅ - ମହାନଦୀରେ ଓଡ଼ିଆ ନାଆଁଟା ବୁଡ଼େଇ ଦିଅ, ପୁନରୁଦ୍ଧାର କର କଳିଙ୍ଗକୁ - ବିରାଟ ବିଶ୍ୱବିମୋହନ କଳିଙ୍ଗକୁ । କଳିଙ୍ଗ କାହିଁକି ଅତୀତ ଇତିହାସର ସମ୍ବଳ ହେବ ? ଏଥିରେ ଜବରଦସ୍ତ ଆନ୍ଦୋଳନ କରି ଦେଶର ନାମକୁ ବଦଳାଅ - ସରକାରୀ କାଗଜ ପତ୍ରରୁ ସୁଦ୍ଧା କାଟ ଓଡ଼ିଶାର ନାମ । ଲେଖ - "କଳିଙ୍ଗ", କଳିଙ୍ଗ -କେଶରୀ ତରୁଣ ଉତ୍କଳ । ତୁମେ କାହିଁକି ଓଡ଼ିଆ କୁଲି ହେବ ? ତୁମେ ତ ତେଜୋମୟ କଳିଙ୍ଗ ଯୁବକ ! ତୁମେ ତ କଳିଙ୍ଗ-କାନନର- "ଶେରେ ବଦ୍ଧର ।"

ରାଜପୁତ ମରିଛି- ଇତିହାସ ତ ତାର ମରିନାହିଁ ! କଳିଙ୍ଗ ଏକାବେଳେ ମରିନାହିଁ । ବଳହୀନ ରୁଗ୍‌ଣ ହୋଇପଡ଼ିଛି ସିନା ! ତାର ଚିକିତ୍ସା କର । ସେ ନବବଳରେ ଉଠି ଠିଆ ହେଉ । ବିଶାଳ କଳିଙ୍ଗର ସ୍ୱପ୍ନ ଦେଖ - ଗଞ୍ଜାମ, ସିଂହଭୂମି, ମେଦିନୀପୁର, କାନ୍ଥି, ଫିଲଝର, ଜୟପୁର, ବସ୍ତର - ସବୁତ କଳିଙ୍ଗ ।

- ବୋର୍ଣ୍ଣିଓ, ବାଲି, ଜାଭା, ଲଙ୍କା,
ବାଜିଥିଲା ତହିଁ ସମର ଢ଼କ୍‌କା,
କୀର୍ତ୍ତୀ କଳିଙ୍ଗ ଜଗତ ଶଙ୍କା
ତାମ୍ରଲିପ୍ତ ବୋଇତ-ବାହୀ,
ଚାଲୁଥିଲେ ବୀର ଅନୀକିନୀ ।

ଜଗାଅ ସେ ପୁରୁଣା ଦେଶପ୍ରେମ, ଦେଶଗର୍ବ, ମାତୃଭୂମି ମମତା କଳିଙ୍ଗର କୁଟୀର କୁଟୀରେ । ସରକାର ଆମକୁ ଆମାଲଗାମେସନ୍ (ଦେଶମିଶ୍ରଣ) ଦେଉ ନ ଦେଉ – ଆମ ଆଗେ ମିଶି ଗୋଟାଏ ହୋଇଯିବା । ସରକାର ତେଣିକି ଗାଲରେ ହାତ ଦେଇ ବସି ଭାବୁଥାଉ । ଦେଶ ମିଶ୍ରଣ ହେବ ? ନା ଦିଲ୍ଲୀକା ଲଡୁ କିଏ କାହାକୁ ଦେଲାଣି ? ପ୍ରାଣର ଆଗ ମିଶ୍ରଣ ହେଉ । ଆସେମ୍ବଲି ଗୋଲଟେବୁଲ ଭିତରେ ଦେଶ ମିଶ୍ରଣ ଦେବତା କଣ ଲୁଚି ବସିଛନ୍ତି ? କଳିଙ୍ଗର ପ୍ରାଣରେ ଅଛି– ଆମର ସେହି ଆରାଧ୍ୟ ଦେବୀ । ଆମର ଶ୍ରୀ ବିରଜା ଉତ୍କଳର ଠାକୁରାଣୀ । କୁଳାଙ୍ଗାରଙ୍କର କୁହୁକରେ ସେ ଭୁଲିକରି ବାହାରି ପଡ଼ିବେନାହିଁ । ଆମ ଅପୂଜା ଠାକୁରାଣୀ ଚାହୁଁଛନ୍ତି ପ୍ରାଣ – ନୈବେଦ୍ୟ । 'ସତ୍ୟ ସମାଚାର' ପରି ଭଣ୍ଡାଚାର ଦ୍ୱାରା – ପଣ୍ଡା ପୂଜା ଦ୍ୱାରା ଦେବୀଦର୍ଶନ ସମ୍ଭବନୁହେଁ । ମଶାଣି ମଡ଼ା ଉପରେ – ଅତଡ଼ା ଖସା ବ୍ରାହ୍ମଣୀ ବୈତରଣୀର ସର୍ବଗ୍ରାସୀ ପ୍ରଳୟ ବଢ଼ି ଉଛୁଳା କୂଳରେ ଯେଉଁ ନବୀନ ସାଧକ ଯୁବକ କାପାଳିକ ବସି, ସାଧନାକରି ରକ୍ତ ବଳି ଢ଼ାଳିବ – ସେହି ଦେଖିବ ଉତ୍କଳର ସିଂହବାହିନୀ ଦେବୀକୁ । ତାର ଅରିତ୍ରାସା – ରକ୍ତଭୂଷା – ରକ୍ଷୋନାଶା ରସନା । ତା'ର ନେତ୍ରରୁ ପ୍ରଳୟ ଅଗ୍ନି ବାହାରି କୋଟି କଙ୍କାଳମାଳାକୁ ଭସ୍ମ କରିଦେଇଛି ।

୧୦.୩.୧ ଶବ୍ଦାର୍ଥ

ନିର୍ମାୟା	–	ମାୟା ଶୂନ୍ୟ
ନୈବେଦ୍ୟ	–	ଦେବତାଙ୍କ ଭୋଗ
ପା	–	ପାଦ ବା ଚରଣ
ତରୁଣତରୁଣୀ	–	ଯୁବକଯୁବତୀ
କୂଳ	–	ତୀର

୧୦.୩.୨ ପଠିତାଂଶର ଆଲୋଚନା

ଆଲୋଚ୍ୟ ଅଂଶରେ କୁନ୍ତଳାକୁମାରୀ ତାଙ୍କର କଳ୍ପନା ନେତ୍ରରେ ଦେଶମିଶ୍ରଣର ସ୍ୱପ୍ନ ଦେଖିଛନ୍ତି । ଜନମାନସରେ ଯୁଗଯୁଗରୁ ସଞ୍ଚିତ ହୀନମନ୍ୟତା ଦୂର କରିବାକୁ ଉପଦେଶ ଦେଇଛନ୍ତି । ଉତ୍କଳୀୟଙ୍କୁ କଳିଙ୍ଗ କେଶରୀ ଭାବେ ଅଭିହିତ କରି, ଆତ୍ମବଳ ଓ ଆତ୍ମଜାଗୃତିର ମନ୍ତ୍ରୋଚାରଣ କରିଛନ୍ତି । ଉତ୍କଳୀୟଙ୍କ ମନରେ ଦେଶପ୍ରେମ ଓ ମାତୃଭୂମି ପ୍ରତି ମମତା ଜାଗ୍ରତ କରାଇବାକୁ ପ୍ରୟାସ କରିଛନ୍ତି ।

୧୦.୩.୩ ମୂଳପାଠର ଦ୍ୱିତୀୟାଂଶରୁ ପ୍ରଶ୍ନ

(କ) ବିରାଟ କଳିଙ୍ଗର ସୀମା ନିର୍ଦ୍ଧାରଣ କର ।

(ଖ) କୁନ୍ତଳାକୁମାରୀଙ୍କ ଦୃଷ୍ଟିରେ ଦେଶର ମିଶ୍ରଣ କିପରି ସମ୍ଭବ ହୋଇପାରିବ ?

(ଗ) ଉତ୍କଳର ସିଂହବାହିନୀ ଦେବୀଙ୍କୁ କେଉଁ ସାଧକମାନେ ଦର୍ଶନ କରିପାରିବେ ?

(ଘ) ଉତ୍କଳବାସୀଙ୍କ ମନରେ ଥିବା ହୀନମନ୍ୟତାକୁ ଦୂର କରିବାରେ ସହକାରର କିପରି ଭୂମିକା ରହିଛି ?

(ଙ) 'ମହାପ୍ରସାଦ' ଶବ୍ଦର ଅର୍ଥ ଲେଖ ।

୧୦.୩.୪ ମୂଳପାଠର ଦ୍ୱିତୀୟାଂଶରୁ ବ୍ୟାକରଣ ପ୍ରଶ୍ନ

(କ) ନିମ୍ନଲିଖିତ ଶବ୍ଦରେ ବନାନ ଅଶୁଦ୍ଧ ଥିଲେ ସଂଶୋଧନ କରନ୍ତୁ ।
ରକ୍ତଭୂସା, ହିନ, କୀର୍ତ୍ତି, ଜଗର୍ନାଥ, ପୁରୁଷଉତ୍ତମ

(ଖ) ନିମ୍ନଲିଖିତ ଶବ୍ଦଗୁଡ଼ିକରେ ଥିବା ଉପସର୍ଗଗୁଡ଼ିକୁ ଲେଖନ୍ତୁ ।
ଅଧିବାସୀ, ପ୍ରଳାପ, ଦୁର୍ବଳ, ନିର୍ମାୟା

(ଗ) ନିମ୍ନଲିଖିତ ଶବ୍ଦଗୁଡ଼ିକୁ ସନ୍ଧିବିଚ୍ଛେଦ କରନ୍ତୁ ।
ଦୁର୍ବଳ, ନିର୍ମାୟା, ପୁରୁଷୋତ୍ତମ

(ଘ) ନିମ୍ନଲିଖିତ ଶବ୍ଦଗୁଡ଼ିକର ତିନୋଟି ଲେଖାଏ ପର୍ଯ୍ୟାୟବାଚୀ ଶବ୍ଦ ଲେଖନ୍ତୁ ।
ଅଗ୍ନି, ଘର, ନେତ୍ର

(ଙ) ନିମ୍ନଲିଖିତ କ୍ରିୟାପଦର ପ୍ରେରଣାର୍ଥକ ରୂପ ଲେଖନ୍ତୁ ।
ବଦଳିବା, ହଟିବା, ବୁଡ଼ିବା, ବାନ୍ଧିବା, ଜାଗିବା

୧୦.୪ ମୂଳପାଠର ଶେଷ ଭାଗ

ଉଠ ଭଗୀରଥ ! ଆଣ ଗଙ୍ଗାଜଳ ! ଆସ କଳିଙ୍ଗର ପ୍ରତାପ, ପୁରୁଷୋତ୍ତମ, କପିଳେନ୍ଦ୍ର, ମୁକୁନ୍ଦ, ଖାରବେଳ, ଐର ! ତୁମର ଅସିଧାରରେ ହୀନ, ଦୁର୍ବଳ, ଆବର୍ଜନାର ସଂସ୍କାରକରି ଚାଲିଯାଅ । ଏତେ ବିଳାତି ଦଳରେ ଆମର ପାଟ ପଲ୍ଲକଗୁଡ଼ାକ ପୋତି ହୋଇ ମେଲେରିଆର ଘର ହେଲାଣି । କଳିଙ୍ଗ କୃଷକ – ଚାଷୁଣୀ, ମାଲୁଣୀ ! ଉଠ, ଏ ତୁମ କାମ – ତୁମେ ସିନା ଆବର୍ଜନା ସଫା କରିବ କଳିଙ୍ଗର ଶକ୍ତିଶାଳିନୀ ରମଣୀ ! ଏ ବିଳାତି ଦଳକୁ ତୁମେ ଏକସଙ୍ଗେ କାଢ଼ି, ଫିଙ୍ଗି, ଦଳିଦେବ ।

ଘର କୋଣରେ ଲୁଚିବସିଛ ? ଘର କୋଣରେ ଲୁଚିବା ସମୟ ନୁହେଁ । ସାରା ଭାରତଟା ତୁମ ଦୁଆରେ ଅତିଥୀ । ଲକ୍ଷ୍ମୀ ଠାକୁରାଣି, ଉଠ, ରାନ୍ଧ । ତୁମେ ପରଷିଲେ ଭାରତ ଖାଇବ, ଭୋକୀ, ଶୋଷୀ ଭାରତ । ତୁମ ମହାପ୍ରସାଦଲାଗି ତୁମ ଦୁଆରକୁ ଆସୁଛି– ତୁମେ ତାକୁ କଅଣ ଉପାସରେ ଫେରାଇଦେବ ?

ଉତ୍କଳର ଠାକୁର ରାଜା । ଲକ୍ଷେ ରାଜାର ମଉଡ଼ମଣି । ତୁମ ରାଜ୍ୟ ଆଜି ନାରଖାର, ଜଗନ୍ନାଥଙ୍କର ପରୀଚ୍ଛା ହୋଇ ତୁମେ ଭିକାରୀ ହେଲ କିପରି ? ତୁମର ବୀର ଶ୍ରୀ ବୀରବର ପ୍ରତାପ କ'ଣ କଥାର କଥା !

ନିମ୍ବକାଠ ଜଗନ୍ନାଥ ! ଜାଣିଲି, ତୁ ନିହାତି କାଠଟାଏ । ଆମେ ଏତେ ଦଶା ହେଲୁଣି, ତୁ

କାଠମୂର୍ତ୍ତି ସିଂହାସନରେ ବସି କଣ ଆମ ମରଣ ଦେଖି, ଆମ ସର୍ବନାଶ ଦେଖି, ଆନନ୍ଦରେ ଭୋଗରାଗ ହେଉଛୁ । ନିର୍ମାୟା ମହାପୁରୁଷ, ତୁ ଜଗନ୍ନାଥ ଥାଉ ଭାରତ ଅନାଥ । ତୋ କୃପାସିଂହାସନ ଟଳୁନାହିଁ ? ଭାରତ ସେଥିପାଇଁ 'ପା' ଲାଗି ଆସିଛି, ଏଥର ଗୋଡ଼ ଧରି ପଡ଼ିବ । ତୁ କୃପା କର ବା ନ କର । ତୋରି ଗୋଡ଼ତଳେ ଆମରି ଭାଗ୍ୟ ପରୀକ୍ଷା । ଏଥର ହିନ୍ଦୁ ଜାତି ଉଠିବ, ନୋହିଲେ ମହାସିନ୍ଧୁରେ ବୁଡ଼ିବ । ନାମ ରହିଯିବ ଜଗନ୍ନାଥ ୟା କଲେ । ଦାରୁବ୍ରହ୍ମ !

ଶୁଣ ଆମ ଜଣାଣ !
ଅବା ଘେନ ଏ ନିର୍ମାଖୀ ପ୍ରାଣ ।
ଯାଉ ଜୀବନ ଥାଉ ଆନ –
ଯାଉ ସଂପଦ ଥାଉ ମାନ ।
ବୀର ଭଗତ ହେଲା ପ୍ରାଣ –
ରଖି ଗୁମାନ, ବାନ୍ଧି ଟାଣ ।

ଆମେ ମରିବୁ, କିନ୍ତୁ ଆମ ହକ୍ ଛାଡ଼ିବୁନାହିଁ । ଦୁର୍ବଳ ! ବଳବାନକୁ ଭୟକର ନାହିଁ । ନିର୍ଦ୍ଧନ ! ଧନୀ ଗୋଡ଼ତଳେ ଜୁହାରକୁ ଜୀବନର ସର୍ବସ୍ୱ ଭାଳନାହିଁ । ମଜୁରିଆ ଭାଇ ! ତୁମ ମାଲିକ ଏଥର ଚେତିଲାଣି । ନିରସ୍ତ, ଆତ୍ମବଳ ତୁମର ମହାନ୍ ଅସ୍ତ୍ର । ନାରୀ, ପୋଥି ପାଞ୍ଜି ପୋଡ଼– ଆପଣାପାଇଁ ନୂଆ ଆଇନ ଗଢ଼ । ତୁମେ ଦେଶର ଶକ୍ତି, ତୁମ ଅତ୍ୟାଚାରୀ ତୁମଠି ଡରିଲେଣି । ତୁମେ ମୃତ୍ୟୁଞ୍ଜୟୀ ସାବିତ୍ରୀ, ତୁମେ ଦୈତ୍ୟଦଳନା ଦଶଭୁଜା, ତୁମେ ତ ଦେବତା, ତୁମେ ତ ମହାରଣଚଣ୍ଡୀ ଚାମୁଣ୍ଡୀ, ତୁମେ ତ ଅନ୍ନଦା ଲକ୍ଷ୍ମୀ, ତୁମେ ତ ସେବାର ସୁଭଦ୍ରା । ଉତ୍କଳୀୟେ ! ଜାଗ । ସହକାରର ମଧୁର ପଞ୍ଚମ ତୁମ ପ୍ରାଣରେ ବସନ୍ତର ବୀଣା ବଜାଉ । ତୁମେ ଉଠ, ତୁମେ ଉଠିଲେ, ଘର ଉଠିଲା, ଘର ଉଠିଲେ ଗାଁ ଉଠିଲା, ଗାଁ ଉଠିଲେ ଦେଶ ଉଠିଲା । ଶତ ସୁନାମଣି, କୋକିଳା, ସରୋଜିନୀ, ସରଳା, ତମା, ମାଳତୀ, ତୁମେ ଏ ଦେଶକୁ ଉଦ୍ଧାର କର । ଏ ତୁମର ହାତର କଥା ।

୧୦.୪.୧ ଶବ୍ଦାର୍ଥ

ଚାଷୁଣୀ – ଚାଷ କାମ କରୁଥିବା ବ୍ୟକ୍ତିର ସ୍ତ୍ରୀ
ଶୋଷୀ – ପିପାସାଯୁକ୍ତ, ଶୋଷ ଲାଗୁଥିବା ବ୍ୟକ୍ତି
ତାଟିଆ – କଟରା
ପାଞ୍ଜି – ଦିବସ ଓ କାଳଜ୍ଞାପନ ଗ୍ରନ୍ଥ
ଅକଳନ୍ତା – କଳନାର ବାହାରେ

୧୦.୪.୨ ପଠିତାଂଶର ଆଲୋଚନା

ଆଲୋଚ୍ୟ ଅଂଶରେ ପତ୍ରାକାର କୁନ୍ତଳାକୁମାରୀ ଉତ୍କଳୀୟଙ୍କୁ ତାଙ୍କର ଗୌରବଜ୍ୱଳ ଇତିହାସକୁ ମନେପକାଇ ଦେବାକୁ ପ୍ରୟାସ କରିଛନ୍ତି । ଉତ୍କଳର ମହାରାଜା ଐର ଖାରବେଳ, କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଦେବ ଓ ମୁକୁନ୍ଦ ଦେବ ଇତ୍ୟାଦିଙ୍କ ଶୌର୍ଯ୍ୟ ଓ ବୀରତ୍ୱକୁ

ସ୍ମରଣ କରାଇ, ତତ୍‌କାଳୀନ ସମାଜରେ ଭରି ରହିଥିବା ହୀନମନ୍ୟତ ଓ ଦୁର୍ବଳତାର ଆବର୍ଜନାକୁ ସଫା କରିଦେବାକୁ ଆହ୍ୱାନ ଦେଇଛନ୍ତି । ଉକ୍‌ଳର ନରନାରୀ, କୃଷକ, ରମଣୀ ସଭିଙ୍କୁ ଘରକୋଣରୁ ବାହାରି ଜାତୀୟତାର ମନ୍ତରେ ଉଦ୍‌ବୋଧିତ ହେବାକୁ ନବେଦନ କରିଛନ୍ତି ।

୧୦.୪.୩ ମୂଳପାଠର ତୃତୀୟାଂଶରୁ ପ୍ରଶ୍ନ

(କ) କେଉଁମାନେ କଳିଙ୍ଗ କେଶରୀ ?

(ଖ) କେଉଁ ନାରୀମାନେ ଭାରତର ସ୍ୱାଧୀନତା ସଂଗ୍ରାମ ଓ ସାମାଜିକ ଆନ୍ଦୋଳନର ନେତ୍ରୀଭାବେ ସୁପରିଚିତ ?

(ଗ) ନିରସ୍ତ୍ର ବ୍ୟକ୍ତିର ମହାନ୍ ଅସ୍ତ୍ରଟି କ'ଣ ?

(ଘ) ଲକ୍ଷେ ରାଜାର ମଉଡ଼ମଣି କିଏ ?

(ଙ) କୁନ୍ତଳାକୁମାରୀଙ୍କ ଦୃଷ୍ଟିରେ ଦେଶ କିପରି ଉଠିବ ?

୧୦.୪.୪ ମୂଳପାଠର ତୃତୀୟାଂଶରୁ ବ୍ୟାକରଣ ପ୍ରଶ୍ନ

(କ) ନିମ୍ନଲିଖିତ ଶବ୍ଦରେ ବନାନ ଅଶୁଦ୍ଧ ଥିଲେ ସଂଶୋଧନ କର–
ସରୋଜିନି, ଦାରୁବର୍ହ୍ମ, ସର୍ବଶ୍ୱ, ଶକ୍ତୀଶାଳିନୀ, ରମଣୀ

(ଖ) ନିମ୍ନଲିଖିତ ଶବ୍ଦଗୁଡ଼ିକର ଅର୍ଥ ଲେଖ ।
ଅନ୍ନଦା, ପରୀଚ୍ଛା, ଭଗତ, ମଜୁରିଆ, ହକ୍

(ଗ) ନିମ୍ନଲିଖିତ ଶବ୍ଦଗୁଡ଼ିକୁ ସନ୍ଧିବିଚ୍ଛେଦ କର–
ଦୁର୍ବଳ, ନିର୍ମାୟା, ପୁରୁଷୋତ୍ତମ

(ଘ) ନିମ୍ନଲିଖିତ ଶବ୍ଦଗୁଡ଼ିକର ଗୋଟିଏ ଲେଖାଏ ପର୍ଯ୍ୟାୟବାଚୀ ଶବ୍ଦ ଲେଖ ।
ହାତ, ନାରୀ, ଜୁହାର

୧୦.୫ ସଂପୂର୍ଣ୍ଣ ମୂଳପାଠ ଉପରେ ପ୍ରଶ୍ନ

୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କରନ୍ତୁ ।

(କ) ସତ୍ୟ-ସମାଚାର କ'ଣ ?

(ଖ) ହିନ୍ଦୁ ଆତ୍ମାର ସର୍ବସ୍ୱ କିଏ ?

(ଗ) କୁନ୍ତଳାକୁମାରୀ ଉକ୍‌ଳର କେଉଁନାମକୁ ପୁନରୁଦ୍ଧାର କରିବା କଥା କହିଛନ୍ତି ?

(ଘ) ନାରୀ ଶକ୍ତିର ବୈଶିଷ୍ଟ୍ୟ କ'ଣ ?

(ଙ) ଜଗନ୍ନାଥଙ୍କ ବିଗ୍ରହ କେଉଁକାଠରେ ତିଆରି ?

(ଚ) ଜାତି, ଧର୍ମ, ସାହିତ୍ୟ, ଦେଶ, ସମାଜ ନାମରେ ଅତ୍ୟାଚାର କରୁଥିବା ଅସାହିତ୍ୟକୁ କ'ଣ କରିବା ଉଚିତ ?

(ଛ) କଂଗ୍ରେସ ଦେଖିବାକୁ ଉକ୍‌ଳର କେଉଁମାନେ ପ୍ରସ୍ତୁତ ହୋଇଥିଲେ ?

୨. ମୂଳପାଠର ଅନୁସରଣରେ ନିମ୍ନଲିଖିତ ବାକ୍ୟଗୁଡ଼ିକରେ ଥିବା ଶୂନ୍ୟସ୍ଥାନ ପୂରଣ କରନ୍ତୁ ।

(କ) ସହକାର ଆଜି ତରୁଣ ଉତ୍କଳର ---------- ।

(ଖ) ଦ୍ୱିତୀୟାର ଚାନ୍ଦଟି ପୂର୍ଣ୍ଣଚନ୍ଦ୍ର ହୁଏ, ସାନ ----------ଟି ଫୁଟନ୍ତା ଗୋଲାପ ହୁଏ ।

(ଗ) ତୁମ କଲମ ଜୋରରେ ହଟାଅ-ମହାନଦୀରେ ----------ନାଆଁଟା ବୁଡ଼େଇ ଦିଅନ୍ତୁ ।

(ଘ) ଏତେ ----------ରେ ଆମର ପାଟ ପଲ୍ଲବଗୁଡ଼ାକ ପୋତି ହୋଇ ମେଲେରିଆର ଘର ହେଲାଣି ।

(ଙ) ଆମେ ଏତେ ଦଶା ହେଲୁଣି, ତୁ କାଠମୂର୍ତ୍ତି ----------ରେ ବସି ଆମ ମରଣ ଦେଖି, ଆମ ସର୍ବନାଶ ଦେଖି, ଆନନ୍ଦରେ ଭୋଗରାଗ ହେଉଛୁ ।

୩. ନିମ୍ନଲିଖିତ ଶବ୍ଦଗୁଡ଼ିକ ସଂପର୍କରେ ସଂକ୍ଷିପ୍ତ ଟିପ୍ପଣୀ ଲେଖନ୍ତୁ ।

(କ) ଦାରୁବ୍ରହ୍ମ

(ଖ) ମହାପ୍ରସାଦ

(ଗ) ଉତ୍କଳର ଠାକୁର ରାଜା

(ଘ) ଶ୍ରୀ ବିରଜା

୧୦.୫.୧ ବ୍ୟାକରଣ ପ୍ରଶ୍ନ

(କ) ନିମ୍ନଲିଖିତ ଶବ୍ଦଗୁଡ଼ିକର ବ୍ୟାସବାକ୍ୟ ସହ ସମାସର ନାମ ଲେଖନ୍ତୁ ।

ପୂର୍ଣ୍ଣଚନ୍ଦ୍ର, ଅସାଧ୍ୟ, ଦେଶଦ୍ରୋହୀ, ଦଶବର୍ଷ, ଜଗନ୍ନାଥ, କୁଳାଙ୍ଗାର, ଭଣ୍ଡାଚାର, ଲକ୍ଷ୍ମୀନାରାୟଣ

(ଖ) ନିମ୍ନଲିଖିତ ଶବ୍ଦଗୁଡ଼ିକର ସନ୍ଧିବିଚ୍ଛେଦ କରନ୍ତୁ ।

ତପୋବନ, ପ୍ରାଣାସନ, ସଂଯୁକ୍ତ, ତେଜୋବାନ୍, ଜଗନ୍ନାଥ, ପୁନରୁଦ୍ଧାର, ସମ୍ବଳ

(ଗ) ପଠିତାଂଶରୁ ଗୋଟିଏ ସରଳବାକ୍ୟ ଓ ଗୋଟିଏ ଜଟିଳ ବାକ୍ୟର ଉଦାହରଣ ଦିଅନ୍ତୁ ।

(ଘ) ପଠିତାଂଶରୁ ପାଞ୍ଚୋଟି ତତ୍ସମ ଶବ୍ଦର ଉଦାହରଣ ଦିଅନ୍ତୁ ।

(ଙ) ପଠିତାଂଶରୁ ତିନୋଟି ତଦ୍ଭବ ଶବ୍ଦର ଉଦାହରଣ ଦିଅନ୍ତୁ ।

(ଚ) ପଠିତାଂଶରୁ ତିନୋଟି ବୈଦଶିକ ଶବ୍ଦର ଉଦାହରଣ ଦିଅନ୍ତୁ ।

(ଛ) ନିମ୍ନଲିଖିତ ଶବ୍ଦଗୁଡ଼ିକର ତଦ୍ଧିତ ପ୍ରତ୍ୟୟ ନିର୍ଣ୍ଣୟ କରନ୍ତୁ ।

ଦ୍ରୋହୀ, କର୍ମୀ, ପ୍ରବାସୀ, ପାନବାଲା, ଟାଙ୍ଗାବାଲା

(ଜ) ପଠିତାଂଶରୁ ନିମ୍ନଲିଖିତ ଶବ୍ଦଗୁଡ଼ିକର ସ୍ତ୍ରୀଲିଙ୍ଗ ବାଚକ ଶବ୍ଦ ଲେଖନ୍ତୁ ।

ତରୁଣ, ବୁଢ଼ା, ଠାକୁର, ଚଷା, ବ୍ରାହ୍ମଣ

୧୦.୬ ସାରାଂଶ

ଆଲୋଚ୍ୟ 'ଦିଲ୍ଲୀଚିଠି'କୁ କୁନ୍ତଳାକୁମାରୀ ସହକାର ପତ୍ରିକାର ସଂପାଦକଙ୍କୁ ଲେଖିଥିଲେ ଏବଂ ଏହା ସହକାର ପତ୍ରିକାରେ ୧୯୩୧ରୁ ୧୯୩୬ ମସିହା ମଧ୍ୟରେ ପ୍ରକାଶିତ

ହୋଇଥିଲା । ଦିଲ୍ଲୀଚିଠିରେ କୁନ୍ତଳାକୁମାରୀ ନିଜ ଜନ୍ମଭୂମିରୁ ପ୍ରାୟ ୧୪୦୦ କି.ମି ଦୂରରେ ରହିଥିବା ଜଣେ ନାରୀର ଭୂମିପ୍ରତି ରହିଥିବା ଅନ୍ତରଙ୍ଗ ମର୍ମବ୍ୟଥାକୁ ବ୍ୟକ୍ତ କରିଛନ୍ତି । କୁନ୍ତଳାକୁମାରୀ ୧୯୨୯ ମସିହାରେ କଟକ ଛାଡ଼ି ଦିଲ୍ଲୀକୁ ଆପଣାର ଘର କରି ନେଇଥିଲେ ବି, ଉତ୍କଳ ପ୍ରାଣତା ତାଙ୍କ ହୃଦୟରୁ ଲିଭିନାହିଁ । ସେ ଦିଲ୍ଲୀରେ ନିଜକୁ ବହୁ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡ଼ିତ କରିଥିଲେ; ହିନ୍ଦୀ ଓ ବଙ୍ଗଳା ଭଳି ଭାଷା ସାହିତ୍ୟିକମାନଙ୍କ ଗହଣରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ଏହି ଦିଲ୍ଲୀଚିଠି କୁନ୍ତଳାଙ୍କର ଉତ୍କଳଗତପ୍ରାଣର ଅଭିପ୍ରକାଶ ସହିତ ମହାଭାରତୀୟତା ଭିତରେ ବିଶ୍ୱବୋଧର ଅନୁଭବ । ତେଣୁ, କୁନ୍ତଳାକୁମାରୀଙ୍କର ଏହି ଚିଠି ସାଧାରଣ ଚିଠିଟିଏ ନୁହେଁ, ଏହା ଜଣେ ଓଡ଼ିଆର ଆତ୍ମସମୀକ୍ଷାମୂଳକ ଆଲୋଚନା ।

ପଠିତ ଦିଲ୍ଲୀଚିଠି (୧) ହେଉଛି ଏକ ଉଦ୍‌ବୋଧନମୂଳକ ଚିଠି । ଏଥିରେ ଓଡ଼ିଆ ଜାତିକୁ ଜାଗ୍ରତ କରିବାର ପ୍ରତିଶ୍ରୁତି ରହିଛି । ଏହି ଚିଠି ପତ୍ରକାର ସହକାର ପତ୍ରିକାର ସଂପାଦକଙ୍କୁ ସଂବୋଧନ କରି ଆରମ୍ଭ କରିଛନ୍ତି । ଏଥିରେ ସେ ଜାତି, ସାହିତ୍ୟ, ଧର୍ମ, ଦେଶ ଓ ସମାଜନାମରେ ଅତ୍ୟାଚାର କରୁଥିବା ଅସାହିତ୍ୟକୁ ପୋଡ଼ି ଜାଳି, ହୀନ ଓ କୁତ୍ସିତ ପୁରାତନକୁ ଦଳି, ମାଡ଼ି ନଷ୍ଟ କରିଦେବାକୁ ଉଦ୍‌ବୋଧନ ଦେଇଛନ୍ତି ।

ଓଡ଼ିଶାରେ ହେବାକୁଥିବା କଂଗ୍ରେସ ସମ୍ମିଳନୀକୁ ସଫଳ କରିବା ପାଇଁ ସେ ପ୍ରତ୍ୟେକ ଉତ୍କଳୀୟଙ୍କୁ ଆହ୍ୱାନ ଦେଇଛନ୍ତି । ଏହା ଓଡ଼ିଶା ପାଇଁ ସମ୍ମାନର ପ୍ରଶ୍ନ । ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବ୍ୟକ୍ତିଙ୍କ ମନରେ ଉତ୍କଳ ସଂପର୍କରେ ଏକ ମହତ ଭାବ ସୃଷ୍ଟି କରିବା ହିଁ ତାଙ୍କର ଏକାନ୍ତ କାମନା । ତାଙ୍କର ଜାତିପ୍ରୀତି ଉତ୍କଳର ସୀମା ଅତିକ୍ରମ କରି ଭାରତ ଏପରିକି ବିଦେଶ ପର୍ଯ୍ୟନ୍ତ ବିସ୍ତୃତ । କେତେବଳେ ପତ୍ରାକାର ଭାବପ୍ରବଣ ହୋଇ କଳ୍ପନା ନେତ୍ରରେ ଦେଶ ମିଶ୍ରଣର ସ୍ୱପ୍ନ ଦେଖିଛନ୍ତି ତ କେତେବେଳେ ଅତ୍ୟନ୍ତ ଦୃଢ଼ତା ସହକାରେ ଏହା ଆମର 'ହକ୍ ବା ଦାବୀ' ବୋଲି କହିଛନ୍ତି ।

ଜନମାନସରେ ଯୁଗଯୁଗରୁ ସଂଚିତ ହୀନମନ୍ୟତାକୁ ଦୂର କରିବା ଏକ ଜାତୀୟ କର୍ତ୍ତବ୍ୟ । କୁନ୍ତଳା ଉଦ୍‌ବୋଧନ ଦେଇଛନ୍ତି ମହାନ ଉତ୍କଳର ପ୍ରତ୍ୟେକ ନରନାରୀ, ପାନବାଲା-ଟାଙ୍ଗାବାଲା, ସମସ୍ତଙ୍କୁ ଓଡ଼ିଆ କୁଲିଭଳି କୁତ୍ସିତ ମାନସିକତାକୁ ହଟାଇ ତେଜୋମୟ କଳିଙ୍ଗ ଯୁବକର ହେବାକୁ ଆହ୍ୱାନ ଦେଇଛନ୍ତି । ତେଣୁ, ସେ ଉତ୍କଳୀୟଙ୍କୁ ଲକ୍ଷ୍ୟକରି କହିଛନ୍ତି, 'ତୁମେ ତ ତେଜୋମୟ କଳିଙ୍ଗ ଯୁବକ । ତୁମେ ତ କଳିଙ୍ଗ କେଶରୀ, ଶେରେ ବବ୍ଧର' । ଉତ୍କଳର ଅତୀତ ଗୌରବ, ଐତିହ୍ୟକୁ ସ୍ମରଣ କରିଛନ୍ତି । ସୁଦୂର ଦିଲ୍ଲୀରୁ ସହକାରର ସଂପାଦକଙ୍କୁ ବାରମ୍ବାର ପତ୍ରଲେଖି ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ସଂପର୍କରେ ଉତ୍ସାହିତ କରିଛନ୍ତି । ଗଞ୍ଜାମ, ସିଂହଭୂମିରୁ ବସ୍ତର ପର୍ଯ୍ୟନ୍ତ ବୃହତ୍ କଳିଙ୍ଗର ସେହି ତାମ୍ରଲିପ୍ତ ବୋଇତ-ବାହୀ ଗୌରବମୟ ନୌବାଣିଜ୍ୟ ପରଂପରାକୁ ମନେପକାଇ ଦେଇଛନ୍ତି । ସେହି ପୁରୁଣା ଦେଶପ୍ରେମ, ଦେଶଗର୍ବ ଓ ମାତୃଭୂମି ପ୍ରତି ମମତାକୁ ଘରେ ଘରେ, ପ୍ରତ୍ୟେକ ଉତ୍କଳୀୟର ପ୍ରାଣରେ ଜାଗ୍ରତ କରିବାପାଇଁ ନିବେଦନ କରିଛନ୍ତି ।

ଉତ୍କଳୀୟ ମହାନ ସାଂସ୍କୃତିକ ପରଂପରାର ବାହକ କଳିଙ୍ଗ କୃଷକ, ଚାଷୁଣୀ, ମାଲୁଣୀ ଉତ୍କଳର ରମଣୀ ସଭିଙ୍କୁ ଘରକୋଣରୁ ବାହାରି ଜାତୀୟତାର ମନ୍ତ୍ରରେ ଉଦ୍‌ବୋଧିତ ହେବାକୁ ନିବେଦନ କରିଛନ୍ତି । ସେ ଉତ୍କଳର ଠାକୁରରାଜାଙ୍କୁ ତାଙ୍କର ପ୍ରତାପ ମନେପକାଇ ଦେଇଛନ୍ତି, ହିନ୍ଦୁ ଆତ୍ମାର ସର୍ବସ୍ୱ ଜଗନ୍ନାଥଙ୍କୁ କୃପା କରିବାପାଇଁ ହିନ୍ଦୁ ଜାତିର ଜାଗ୍ରତ ପାଇଁ ପ୍ରାର୍ଥନା କରିଛନ୍ତି । ତେଣୁ, ତାଙ୍କରି ଭାଷାରେ – "ଆମେ ମରିବୁ, କିନ୍ତୁ ଆମର ହକ୍ ଛାଡ଼ିବୁନାହିଁ । ଦୁର୍ବଳ ! ବଳବାନକୁ ଭୟ କର ନାହିଁ । ନିର୍ଦ୍ଧନ ! ଧନୀ ଗୋଡ଼ତଳେ ଜୁହାରକୁ ଜୀବନର ସର୍ବସ୍ୱ ଭାଳନାହିଁ ।"

ଉତ୍କଳର ନାରୀଙ୍କୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି- "ନାରୀ, ପୋଥି ପାଞ୍ଜି ପୋଡ଼- ଆପଣାପାଇଁ ନୂଆ ଆଇନ ଗଢ଼ ତୁମେ ଦେଶର ଶକ୍ତି, ତୁମ ଅତ୍ୟାଚାରୀ ତୁମଠି ଡରିଲେଣି । ତୁମେ ମୃତ୍ୟୁଞ୍ଜୟୀ ସାବିତ୍ରୀ, ତୁମେ ଦୈତ୍ୟଦଳନା ଦଶଭୁଜା, ତୁମେ ତ ଦେବତା, ତୁମେ ତ ମହାରଣଚଣ୍ଡୀ ଚାମୁଣ୍ଡୀ, ତୁମେ ତ ଅନ୍ନଦା ଲକ୍ଷ୍ମୀ, ତୁମେ ତ ସେବାର ସୁଭଦ୍ରା । ଉତ୍କଳୀୟେ ! ଜାଗ" । ଏହି ଜାଗ୍ରତ କରିବାରେ ସହକାର ପତ୍ରିକା ବିଶେଷ ଭୂମିକା ଗ୍ରହଣ କରୁ । ତେଣୁ, କୁନ୍ତଳା ପରିଶେଷରେ ନିଜର ଅନ୍ତରାତ୍ମାର ମର୍ମବାଣୀ ଉପସ୍ଥାପନ କରି କହିଛନ୍ତି- ଦେଶର ଉତ୍‌ଥାନ ତୁମ ହାତର କଥା ।

ଅତଏବ, କୁନ୍ତଳାକୁମାରୀଙ୍କର ଏହି ଦିଲ୍ଲୀଚିଠି ଆତ୍ମିକ ଦୃଷ୍ଟିରୁ ଯେପରି ସମୃଦ୍ଧ, ଆଙ୍ଗିକ ଦୃଷ୍ଟିରୁ ମଧ୍ୟ ଅନୁରୂପ ମନ୍ତବ୍ୟ ଧର୍ମୀ । ଏହି ଚିଠିରେ ପତ୍ରକାରଙ୍କ ଜ୍ଞାନ ବା ବୁଦ୍ଧିର ପରିଚୟ ଅପେକ୍ଷା ହୃଦୟ ବା ପ୍ରାଣର ସ୍ପର୍ଶ ଅଧିକ । ଆଲୋଚ୍ୟ ଦିଲ୍ଲୀଚିଠିରେ ରହିଛି ଗୀତିକବିତାର ଭାବାବେଗ ଓ ଉଚ୍ଛ୍ୱାସ । ଚିଠିଟି ସଂକ୍ଷିପ୍ତ ହେଲେ ବି, ଏହାର ସ୍ୱତଃସ୍ଫୂର୍ତ୍ତତା, ସ୍ୱଚ୍ଛନ୍ଦତା ଓ ସାବଲୀଳତା ଏହାକୁ ପାଠକଙ୍କ ନିକଟରେ ଅଧିକ ଶିଳ୍ପଧର୍ମୀ ଓ ଜୀବନ୍ତ କରିପାରିଛି ।

୧୦.୭. ପଠନ ଅଭ୍ୟାସ

(୧) ନିମ୍ନଲିଖିତ ପରିଚ୍ଛେଦଟିକୁ ପଢ଼ ଏବଂ ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ବା ଦୁଇଟି ବାକ୍ୟରେ ପ୍ରଦାନ କର ।

"ଜଗାଅ ସେ ପୁରୁଣା ଦେଶପ୍ରେମ, ଦେଶଗର୍ବ, ମାତୃଭୂମି ମମତା କଳିଙ୍ଗର କୁଟୀରେ କୁଟୀରେ । ସରକାର ଆମକୁ ଆମାଲଗାମେସନ୍ (ଦେଶମିଶ୍ରଣ) ଦେଉ ବା ନଦେଉ – ଆମେ ଆଗେ ମିଶି ଗୋଟାଏ ହୋଇଯିବା । ସରକାର ତେଣିକି ଗାଲରେ ହାତଦେଇ ବସି ଭାବୁଥାଉ । ଦେଶ ମିଶ୍ରଣ ହେବ ? ନା' ଦିଲ୍ଲୀକା ଲଡୁ କିଏ କାହାକୁ ଦେଲାଣି ? ପ୍ରାଣର ଆଗ ମିଶ୍ରଣ ହେଉ । ଆସେମ୍ବଲି ଗୋଲଟେବୁଲ ଭିତରେ ଦେଶ ମିଶ୍ରଣ ଦେବତା କଣ ଲୁଚି ବସିଛନ୍ତି ? କଳିଙ୍ଗର ପ୍ରାଣରେ ଅଛି- ଆମର ସେହି ଆରାଧ୍ୟ ଦେବୀ । ଆମର ଶ୍ରୀ ବିରଜା ଉତ୍କଳର ଠାକୁରାଣୀ । କୁଳାଙ୍ଗାରଙ୍କର କୁହୁକରେ ସେ ଭୁଲିକରି ବାହାରି ପଡ଼ିବେନାହିଁ । ଆମ ଅପୂଜା ଠାକୁରାଣୀ ଚାହୁଁଛନ୍ତି ପ୍ରାଣ – ନୈବେଦ୍ୟ । 'ସତ୍ୟ-ସମାଚାର' ପରି ଭଣ୍ଡାଚାର ଦ୍ୱାରା- ପଣ୍ଡାପୂଜାଦ୍ୱାରା

ଦେବୀଦର୍ଶନ ସମ୍ଭବନୁହେଁ । ମଶାଣି ମଡ଼ା ଉପରେ – ଅତଡ଼ା ଖସା ବ୍ରାହ୍ମଣୀ ବୈତରଣୀର ସର୍ବଗ୍ରାସୀ ପ୍ରଳୟ ବଢ଼ି ଉଛୁଳା କୂଳରେ ଯେଉଁ ନବୀନ ସାଧକ ଯୁବକ କାପାଳିକ ବସି, ସାଧନାକରି ରକ୍ତ ବଳି ଢ଼ାଳିବ – ସେହି ଦେଖିବ ଉତ୍କଳର ସିଂହବାହିନୀ ଦେବୀଙ୍କୁ । ତାର ଅରିତ୍ରାସା – ରକ୍ତଭୂଷା–ରକ୍ଷୋନାଶା ରସନା । ତା'ର ନେତ୍ରରୁ ପ୍ରଳୟ ଅଗ୍ନି ବାହାରି କୋଟି କଙ୍କାଳମାଳାକୁ ଭସ୍ମ କରିଦେଇଛି । ଉଠ ଭଗୀରଥ ! ଆଣ ଗଙ୍ଗାଜଳ ! ଆସ କଳିଙ୍ଗର ପ୍ରତାପ, ପୁରୁଷୋତ୍ତମ, କପିଳେନ୍ଦ୍ର, ମୁକୁନ୍ଦ, ଖାରବେଳ, ଐର ! ତୁମର ଅସୀଧାରରେ ହୀନ, ଦୁର୍ବଳ, ଆବର୍ଜନାର ସଂସ୍କାରକରି ଚାଲିଯାଅ । ଏତେ ବିଲାତି ଦଳରେ ଆମର ପାଟ ପଲ୍ଲବଗୁଡ଼ାକ ପୋତି ହୋଇ ମେଲେରିଆର ଘର ହେଲାଣି । କଳିଙ୍ଗ କୃଷକ – ଚାଷୁଣୀ, ମାଲୁଣୀ ! ଉଠ, ଏ ତୁମ କାମ – ତୁମେ ସିନା ଆବର୍ଜନା ସଫା କରିବ କଳିଙ୍ଗର ଶକ୍ତିଶାଳିନୀ ରମଣୀ ! ଏ ବିଲାତି ଦଳକୁ ତୁମେ ଏକସଙ୍ଗେ କାଢ଼ି, ଫିଙ୍ଗି, ଦଳିଦେବ ।

(କ) କଳିଙ୍ଗର କୁଟୀରରେ କ'ଣ ଜଗାଇବାକୁ ପଡିବ ?

(ଖ) ଦେଶର ମିଶ୍ରଣ ପୂର୍ବରୁ ପ୍ରଥମେ କାହାର ମିଶ୍ରଣ ହେବା ଆବଶ୍ୟକ ?

(ଗ) ଉତ୍କଳର ଠାକୁରାଣୀ କିଏ ?

(ଘ) ଉତ୍କଳର ଅପୂଜା ଠାକୁରାଣୀ କ'ଣ ଚାହୁଁଛନ୍ତି ?

(ଙ) ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ଗୋଟିଏ ଲେଖାଏ ବାକ୍ୟ ଗଠନ କର ।
'କୁହୁକ', 'ନୈବେଦ୍ୟ', 'ଲଡୁ', 'ଆବର୍ଜନା'

(୨) ନିମ୍ନଲିଖିତ ପ୍ରଶ୍ନର ଉତ୍ତର ପ୍ରଦାନ କର

(କ) ଉତ୍କଳର ଦେବାଦେବୀଙ୍କ ନାମ ଲେଖନ୍ତୁ ।

(ଖ) ଉତ୍କଳୀୟଙ୍କ ଜାତିପ୍ରେମ ଜାଗ୍ରତ ପାଇଁ କୁନ୍ତଳାକୁମାରୀ କିପରି ପ୍ରୟାସ କରିଛନ୍ତି ?

(ଗ) ଜାତିପ୍ରେମର ବିକାଶରେ ସାହିତ୍ୟିକଙ୍କ ଭୂମିକା କିପରି ହେବା ଉଚିତ ?

(ଘ) କୁନ୍ତଳାକୁମାରୀ ଆଲୋଚ୍ୟ ଦିଲ୍ଲୀଚିଠିରେ କେଉଁମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି ?

(ଙ) ବିଶାଳ କଳିଙ୍ଗର ସ୍ୱରୂପ ନିର୍ଣ୍ଣୟ କରନ୍ତୁ ।

୧୦.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

୧୦.୨.୩ ପ୍ରଶ୍ନର ଉତ୍ତର :

(କ) କୁନ୍ତଳାକୁମାରୀ 'ସହକାର' ସଂପାଦକଙ୍କୁ ସଂବୋଧନ କରି ଦିଲ୍ଲୀଚିଠି (୧) ଲେଖିଥିଲେ ।

(ଖ) 'ପ୍ରବାସୀ' 'ବସୁମତୀ', ଭାରତବର୍ଷ ସାହିତ୍ୟ ପତ୍ରିକା ପାଇଁ ବଙ୍ଗ ଓ 'ଚାନ୍ଦ' 'ସରସ୍ୱତୀ', 'ମାଧୁରୀ', 'ସୁଧା', 'ହଂସ' ପତ୍ରିକାପାଇଁ ଉତ୍ତର ହିନ୍ଦୁସ୍ଥାନ ଗୌରବାନ୍ୱିତ ।

(ଗ) ଦେଶର ମହାସଂଗ୍ରାମ ବେଳେ ଉତ୍କଳର ସାହିତ୍ୟକୁ ଜାତି ନାମରେ, ଧର୍ମ ନାମରେ, ଦେଶ ସମାଜ ନାମରେ ଅପବ୍ୟବହାର କରାଯାଉଥିଲା ।

(ଘ) ଯିଏ ବୁଢ଼ା, ପୁରୁଣା, ଯୌବନ ଦ୍ରୋହୀ, ତାହାର ମୃତ୍ୟୁ ନିଶ୍ଚୟ ।

(ଙ) ଜଗନ୍ନାଥ ଯେଉଁ ଜନ୍ମମାଟିର ସାହା, ସେ ମୃତ୍ୟୁଞ୍ଜୟ ।

(ଚ) ସହକାର ଉତ୍କଳର ତରୁଣତରୁଣୀଙ୍କର ଆଦରର ଧନ ଥିଲା ।

୧୦.୨.୪ ବ୍ୟାକରଣ ପ୍ରଶ୍ନର ଉତ୍ତର

(କ) ଅଗ୍ରାଗାମୀ, ଉତ୍କଳ, ପୁରପଲ୍ଲୀ, ହିନ୍ଦୁସ୍ଥାନ, ଗୋଦାବରୀ, ବସୁମତୀ

(ଖ) ସାନ – ବଡ଼, ପୁରୁଣା – ନୂଆ, ସାଧ୍ୟ – ଅସାଧ୍ୟ, ନୂତନ – ପୁରାତନ, ଆନନ୍ଦ – ନିରାନନ୍ଦ, ବିଷ – ଅମୃତ

(ଗ) ଫୁଟ୍ + ଅନ୍ତା,
କ୍ଷଣ + ଇକ
ସହିତ + ଯ
ଦୃହ୍ + ଈ (ଘିନୁଣ୍)

(ଘ) ଲକ୍ଷ୍ମୀନାରାୟଣ, ଲୁଚୁଲୁଚୁ, ତରୁଣତରୁଣୀ, ପୁରପଲ୍ଲୀ

(ଙ) ଦର୍ପ, ଚିତ୍ର, ପବିତ୍ର, ଆନନ୍ଦ, ସ୍ପନ୍ଦନ

୧୦.୩.୩ ପ୍ରଶ୍ନର ଉତ୍ତର

(କ) ବିରାଟ କଳିଙ୍ଗର ପରିସରରେ ଗଞ୍ଜାମ, ସିଂହଭୂମି, ମେଦିନୀପୁର, କାଟ୍ଟି, ଫିଲଝର, ଜୟପୁର ବସ୍ତର ଇତ୍ୟାଦି ଅନ୍ତର୍ଭୁକ୍ତ ।

(ଖ) କୁନ୍ତଳାକୁମାରୀଙ୍କ ଦୃଷ୍ଟିରେ ପ୍ରାଣର ଆଗ ମିଶ୍ରଣ ହେଲେ ହିଁ ପରେ ଦେଶର ମିଶ୍ରଣ ସମ୍ଭବ ହୋଇପାରିବ ।

(ଗ) ମଶାଣି ମଡ଼ା ଉପରେ – ଅତଡ଼ା ଖସା ବ୍ରାହ୍ମଣୀ ବୈତରଣୀର ସର୍ବଗ୍ରାସୀ ପ୍ରଳୟ ବଢ଼ି ଉଛୁଳା କୂଳରେ ଯେଉଁ ନବୀନ ସାଧକ ଯୁବକ କାପାଳିକ୍ ବସି, ସାଧନା କରି ରକ୍ତ ବଳି ଢ଼ାଳିବେ – ସେହି ସାଧକମାନେ ଉତ୍କଳର ସିଂହବାହିନୀ ଦେବୀଙ୍କୁ ଦର୍ଶନ କରିପାରିବେ ।

(ଘ) ଉତ୍କଳବାସୀଙ୍କ ମନରେ ଥିବା ହୀନମନ୍ୟତାକୁ ଦୂର କରିବାରେ ସହକାରକୁ ତା'ର କଲମକୁ ଜୋର କରି ଧରିବାକୁ ପଡ଼ିଛି, ବିରାଟ କଳିଙ୍ଗର ଗୌରବମୟ ଇତିହାସକୁ ପୁନରୁଦ୍ଧାର କରିବାପାଇଁ ପ୍ରୟାସ କରିବାକୁ ପଡ଼ିଛି ।

(ଙ) 'ମହାପ୍ରସାଦ' କହିଲେ ପୁରୀ ଜଗନ୍ନାଥ ଦେବଙ୍କୁ ନିବେଦିତ ଭୋଗ ପ୍ରସାଦ ବା ମାହାର୍ଦ୍ଦକୁ ବୁଝାଇଥାଏ । ଷଡ଼ଙ୍ଗ ସଂସ୍କାରବଶତଃ ଅନ୍ନତ୍ୱରେ ବ୍ରହ୍ମତ୍ୱର ଆରୋପ କରାଯିବାରେ ନୈବେଦ୍ୟ ମହାପ୍ରସାଦରେ ପରିଣତ ହୋଇଥାଏ ।

୧୦.୩.୪ ବ୍ୟାକରଣ ପ୍ରଶ୍ନର ଉତ୍ତର

(କ) ରକ୍ତଭୂଷା, ହୀନ, କୀର୍ତ୍ତି, ଜଗନ୍ନାଥ, ପୁରୁଷୋତ୍ତମ

(ଖ) ଅଧି, ପ୍ର, ଦୁର୍, ନିର୍

(ଗ) ଦୁଃ + ବଳ = ଦୁର୍ବଳ

ନିଃ + ମାୟା = ନିର୍ମାୟା

ପୁରୁଷ + ଉତ୍ତମ = ପୁରୁଷୋତ୍ତମ

(ଘ) ଅଗ୍ନି = ନିଆଁ, ବହ୍ନି, ଅନଳ

ଘର = ଗୃହ, ସଦନ, ଭବନ

ନେତ୍ର = ନୟନ, ଆଖି, ଲୋଚନ

(ଙ) ବଦଳିବା – ବଦଳାଇବା / ବଦଳେଇବା

ହଟିବା – ହଟାଇବା / ହଟେଇବା

ବୁଡ଼ିବା – ବୁଡ଼ାଇବା / ବୁଡ଼େଇବା

ବାନ୍ଧିବା – ବନ୍ଧେଇବା / ବନ୍ଧାଇବା

ଜାଗିବା – ଜଗାଇବା / ଜଗେଇବା

୧୦.୪.୩ ମୂଳପାଠ ପ୍ରଶ୍ନର ଉତ୍ତର

(କ) ପ୍ରତାପରୁଦ୍ର, ପୁରୁଷୋତ୍ତମଦେବ, କପିଳେନ୍ଦ୍ରଦେବ, ମୁକୁନ୍ଦଦେବ, ଐର ଖାରବେଳ ଆଦି କଳିଙ୍ଗ କେଶରୀ ଅଟନ୍ତି ।

(ଖ) ସୁନାମଣି, କୋକିଳା, ସରୋଜିନୀ, ସରଳା, ତମା ଓ ମାଳତିଙ୍କ ଭଳି ନାରୀମାନେ ଭାରତର ସ୍ୱାଧିନତା ସଂଗ୍ରାମ ଓ ସାମାଜିକ ଆନ୍ଦୋଳନର ନେତ୍ରୀଭାବେ ସୁପରିଚିତ ।

(ଗ) ନିରସ୍ତ୍ର ବ୍ୟକ୍ତିର ମହାନ୍ ଅସ୍ତ୍ରଟି ତାହାର ଆତ୍ମବଳ

(ଘ) ଉତ୍କଳର ଠାକୁର ରାଜା ଲକ୍ଷେ ରାଜାର ମଉଡ଼ମଣି ଅଟନ୍ତି ।

(ଙ) କୁନ୍ତଳାକୁମାରୀଙ୍କ ଦୃଷ୍ଟିରେ ଉତ୍କଳର ନରନାରୀ ଉଠିଲେ, ଘର ଉଠିବ, ଘର ଉଠିଲେ ଗାଁ ଉଠିବ, ଗାଁ ଉଠିଲେ ଦେଶ ଉଠିବ ।

୧୦.୪.୪ ବ୍ୟାକରଣ ପ୍ରଶ୍ନର ଉତ୍ତର

(କ) ସରୋଜିନୀ, ଦାରୁବ୍ରହ୍ମ, ସର୍ବସ୍ୱ, ଶକ୍ତିଶାଳିନୀ, ରମଣି

(ଖ) ଅନ୍ନଦା = ଅନ୍ନ ଦିଏ ଯେ

ହକ୍ = ଅଧିକାର

ମଜୁରିଆ = ମଜୁରି ଲାଗେ ଯେ

(ଗ) ନିମ୍ନଲିଖିତ ଶବ୍ଦଗୁଡ଼ିକର ଗୋଟିଏ ଲେଖାଏଁ ପର୍ଯ୍ୟାୟବାଚୀ ଶବ୍ଦ ଲେଖ ।

ହାତ = କର, ହସ୍ତ, ପାଣି

ଜୁହାର = ନମସ୍କାର

ପ୍ରାଣ = ଜୀବନ , ବାୟୁ, ଆତ୍ମା

୧୦.୫ ପ୍ରଦତ୍ତ ସଂପୂର୍ଣ୍ଣ ମୂଳପାଠ ଉପରେ ପ୍ରଶ୍ନର ଉତ୍ତର

୧. ନମ୍ବର ପ୍ରଶ୍ନର ଉତ୍ତର –

(କ) ସତ୍ୟ –ସମାଚାର ଶ୍ରୀ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଦ୍ୱାରା ପ୍ରକାଶିତ ସମ୍ବାଦପତ୍ର । ଏହାର ପ୍ରକାଶକାଳ ୧୯୩୦ ।

(ଖ) ହିନ୍ଦୁ ଆତ୍ମାର ସର୍ବସ୍ୱ ଜଗନ୍ନାଥଜୀ

(ଗ) କୁନ୍ତଳାକୁମାରୀ ଉତ୍କଳର କଳିଙ୍ଗ ନାମକୁ ପୁନରୁଦ୍ଧାର କରିବା କଥା କହିଛନ୍ତି ।

(ଘ) ନାରୀ ଦେଶର ଶକ୍ତି, ମୃତ୍ୟୁଞ୍ଜୟୀ ସାବିତ୍ରୀ, ସେ ଦୈତ୍ୟଦଳନା ଦଶଭୁଜା, ସେ ମହା ରଣଚଣ୍ଡୀ ଚାମୁଣ୍ଡୀ, ସେ ଅନ୍ନଦା ଲକ୍ଷ୍ମୀ, ସେ ସେବାରେ ସୁଭଦ୍ରା ।

(ଙ) ଜଗନ୍ନାଥଙ୍କ ବିଗ୍ରହ ନିମ୍ବକାଠରେ ତିଆରି ।

(ଚ) ଜାତି, ଧର୍ମ, ସାହିତ୍ୟ, ଦେଶ, ସମାଜ ନାମରେ ଅତ୍ୟାଚାର କରୁଥିବା ଅସାହିତ୍ୟକୁ ପୋଡ଼ି ଜାଳି ହୋଲି କରିଦେବା ଉଚିତ୍ ।

(ଛ) କଂଗ୍ରେସ ଦେଖିବାକୁ ଉତ୍କଳର ବୁଢ଼ୀ ବ୍ରାହ୍ମଣଠୁ ଆରମ୍ଭ କରି ପାନବାଲା – ଟାଙ୍ଗାବାଲା ଆଦି ସମସ୍ତେ ପ୍ରସ୍ତୁତ ହୋଇଥିଲେ ।

୨. ନମ୍ବର ପ୍ରଶ୍ନର ଉତ୍ତର –

(କ) ମୁଖପତ୍ର

(ଖ) କଢ଼ିଟି

(ଗ) ଓଡ଼ିଆ

(ଘ) ବିଲାତି ଦଳ

(ଙ) ସିଂହାସନ

୩. ନମ୍ବର ପ୍ରଶ୍ନର ଉତ୍ତର

(କ) 'ଦାରୁବ୍ରହ୍ମ': ଶ୍ରୀ ଜଗନ୍ନାଥ । ଦାରୁ ଅନ୍ତର୍ଗତ ବ୍ରହ୍ମ, ଦାରୁ ଚିହ୍ନିତ ବ୍ରହ୍ମ, ଦାରୁ ବା କାଠରେ ନିର୍ମିତ ବ୍ରହ୍ମ ସ୍ୱରୂପ । ଦାରୁ ସହିତ ବ୍ରହ୍ମଙ୍କ ସମ୍ବନ୍ଧ ପ୍ରତିଷ୍ଠା କରି ଦାରୁବ୍ରହ୍ମ ଶବ୍ଦର ସୃଷ୍ଟି କରାଯାଇଛି । ବ୍ରହ୍ମପୁରାଣରେ ଦାରୁ ରୂପରେ ଜଗନ୍ନାଥଙ୍କ ଆବିର୍ଭାବସଂପର୍କରେ ଉଲ୍ଲେଖ ଅଛି । ଯୋଡ଼ା ଆଷାଢ଼ର କୃଷ୍ଣ ଚତୁର୍ଦ୍ଦଶୀ ନିଃଶବ୍ଦ ରାତ୍ରିରେ ବ୍ରହ୍ମ ପରିବର୍ତ୍ତନ ଗୋପନରେ ସଂପାଦିତ ହୋଇଥାଏ । ଏହିଠାରୁ ହିଁ ଦାରୁବ୍ରହ୍ମ ନାମର ସାର୍ଥକତା ଆସେ ।

(ଖ) ମହାପ୍ରସାଦ: ଶ୍ରୀ ଜଗନ୍ନାଥଙ୍କ ପ୍ରସାଦର ନାମ ମହାପ୍ରସାଦ । ଏହାକୁ କୈବଲ୍ୟ ବା ନିର୍ମାଲ୍ୟ ମଧ୍ୟ କୁହାଯାଏ । ମହାପ୍ରସାଦ ସେବନରେ ଉଚ୍ଚନୀଚ ଭେଦଭାବ ନାହିଁ, ନାହିଁ ଜାତି ବିଚାରରେ ସଂକୀର୍ଣ୍ଣତା । ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଚତୁର୍ଦ୍ଧାମୂର୍ତ୍ତିଙ୍କ ନିକଟରେ ଷଡ଼ଙ୍ଗ ସଂସ୍କାରବଶତଃ ଅନ୍ନତ୍ୱରେ ବ୍ରହ୍ମତ୍ୱର ଆରୋପ କରାଯିବାରେ ନୈବଦ୍ୟ ମହାପ୍ରସାଦରେ ପରିଣତ ହୁଏ ।

(ଗ) ଉତ୍କଳର ଠାକୁର ରାଜା: ପୁରୀର ରାଜା ଗଜପତି ଉତ୍କଳର ଠାକୁରରାଜା ବା ଶ୍ରୀ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ବା ଚଳନ୍ତି ବିଷ୍ଣୁ ମର୍ଯ୍ୟାଦା ଲାଭ କରିଛନ୍ତି । ଗଜପତି ମହାରାଜା ଠାକୁର ରାଜା ବା ଶ୍ରୀ ଜଗନ୍ନାଥଙ୍କ ଆଦ୍ୟ ସେବକ ହୋଇଥିବାରୁ ସେ ଜଗନ୍ନାଥଙ୍କ ସ୍ନାନଯାତ୍ରା, ରଥଯାତ୍ରରେ ଛେରାପହଁରା କରିଥାନ୍ତି । ଏହି ଠାକୁରରାଜା ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟୀ କର୍ଣ୍ଣଟୋତ୍କଳବର୍ଗେଶ୍ୱର ବୀରାଧିବୀରବର ପ୍ରତାପଶ୍ରୀ ..... ଉପାଧି ବ୍ୟବହାର କରୁଥିଲେ ।

(ଘ) ଶ୍ରୀ ବିରଜା : ଉତ୍କଳର ଅଧିଷ୍ଠାତ୍ରୀ ଦେବୀ ଶ୍ରୀ ବିରଜାଙ୍କର ମନ୍ଦିର ଯାଜପୁରରେ ଅବସ୍ଥିତ । ଆଦି ଶଙ୍କର ତାଙ୍କର ଅଷ୍ଟାଦଶ ଶକ୍ତୀ ପିଠ ସ୍ତୁତିରେ ଦେବୀଙ୍କୁ ଗିରିଜା ରୂପେ ବର୍ଣ୍ଣନା କରିଛନ୍ତି । ଏଠାରେ ମା ମହିଷାମର୍ଦ୍ଦିନୀ ରୂପରେ ଦ୍ୱିଭୁଜା । ଶ୍ରୀ ବିରଜା ଓଡ଼ିଶାରେ ଆଦିମାତା ରୂପେ ପୂଜା ପାଆନ୍ତି । କଳିଙ୍ଗର ଗୌରବମୟ ସମୟରେ ରାଜା ଜଯାତିକେଶରୀ ୧୩ଶ ଶତାବ୍ଦୀରେ ବିରଜାଙ୍କ ମନ୍ଦିର ନିର୍ମାଣ କରିଥିଲେ ।

୧୦.୫.୧ ବ୍ୟାକରଣ ପ୍ରଶ୍ନର ଉତ୍ତର

(କ) ବ୍ୟାସବାକ୍ୟ ସହ ସମାସର ନାମ

ପୂର୍ଣ୍ଣ ଅଟେ ଚନ୍ଦ୍ର = ପୂର୍ଣ୍ଣଚନ୍ଦ୍ର (କର୍ମଧାରୟ ସମାସ)

ନୁହେଁ ସାଧ୍ୟ = ଅସାଧ୍ୟ (ନଞ୍ଜ ତତ୍‌ପୁରୁଷ)

ଦେଶଦ୍ରୋହୀ = ଦେଶ ପ୍ରତି ଦ୍ରୋହ କରେ ଯେ ସେ (ଉପପଦ ତତ୍‌ପୁରୁଷ)

ଦଶବର୍ଷ = ଦଶଟି ବର୍ଷର ସମାହାର (ଦ୍ୱିଗୁ ସମାସ)

ଜଗନ୍ନାଥ – ଜଗତର ନାଥ ଅଟନ୍ତି ଯେ ସେ (ବହୁବ୍ରୀହି ସମାସ)

କୁଳାଙ୍ଗାର = କୁଳର ଅଙ୍ଗାର (ଷଷ୍ଠୀ ତତ୍‌ପୁରୁଷ)

ଭଣ୍ଡାଚାର = ଭଣ୍ଡ ଅଟେ ଆଚାର (କର୍ମଧାରୟ ସମାସ)

ଲକ୍ଷ୍ମୀନାରାୟଣ = ଲକ୍ଷ୍ମୀ ଓ ନାରାୟଣ (ଦ୍ୱନ୍ଦ୍ୱ ସମାସ)

(ଖ) ତପୋବନ = ତପଃ + ବନ

ପ୍ରାଣାସନ = ପ୍ରାଣ + ଆସନ

ସଂଯୁକ୍ତ = ସମ୍ + ଯୁକ୍ତ

ତେଜୋବନ୍ = ତେଜଃ + ବାନ

ଜଗନ୍ନାଥ = ଜଗତ୍ + ନାଥ

ପୁନରୁଦ୍ଧାର = ପୁନଃ + ଉଦ୍ଧାର

ସମ୍ବଳ = ସମ୍ + ବଳ

(ଗ) ସରଳବାକ୍ୟ : ଦେଶରେ ମହାସଂଗ୍ରାମ ଚାଲିଛି ।

ଜଟିଳ ବାକ୍ୟ : ସୁଦୂର ଦିଲ୍ଲୀରେ ଥାଇ ସହକାରକୁ ବେଳେବେଳେ ଦେଖିଲେ

ସେହି ପୁରୁଣା ଲକ୍ଷ୍ମୀନାରାୟଣ ସାହୁଙ୍କର ଚଟି ବହି ସହକାରଟି ମନେ ପଡ଼ିଯାଏ, ଯାହାକୁ ଦେଖି ଦିନେ କବିତାଟି ଲେଖିଥିଲି–

(ଘ) ତତ୍ସମ ଶବ୍ଦର ଉଦାହରଣ : ସତ୍ୟ, ରୁଗ୍ଣ, ମିଶ୍ରଣ , କାନନ, ଦେବୀ, ନବୀନ, କୁଟୀର

(ଙ) ତଦ୍ଭବ ଶବ୍ଦର ଉଦାହରଣ : ଭାଇ, ବୁଢ଼ୀ, ହାତ , ମଶାଣି

(ଚ) ବୈଦଶିକ ଶବ୍ଦର ଉଦାହରଣ : ଆମଲଗାମେସନ୍, ଆସେମ୍ବ୍ଲି, ଗୋଲ୍‌ଟେବୁଲ୍ ।

(ଛ) ଦ୍ରୋହୀ = ଦୃହ୍ + ଈ (ଘିନୁଣ୍)
କର୍ମୀ = କର୍ମ + ଈ
ପ୍ରବାସୀ = ପ୍ରବାସ + ଈ
ପାନବାଲା = ପାନ + ବାଲା
ଟାଙ୍ଗାବାଲା = ଟାଙ୍ଗା + ବାଲା

(ଜ) ତରୁଣୀ, ବୁଢ଼ୀ, ଠାକୁରାଣୀ, ଋଷୁଣୀ ବ୍ରାହ୍ମଣୀ

୧୦.୯ ଆଦର୍ଶ ପ୍ରଶ୍ନାବଳୀ

(କ) ଉତ୍କଳର ବିଭିନ୍ନ ଦେବାଦେବୀଙ୍କ ନାମଲେଖ ।

(ଖ) ଉତ୍କଳୀୟଙ୍କ ଜାତିପ୍ରେମ ଜାଗ୍ରତ ପାଇଁ କୁନ୍ତଳାକୁମାରୀ କିପରି ପ୍ରୟାସ କରିଛନ୍ତି ?

(ଗ) ଜାତିପ୍ରେମର ବିକାଶରେ ସାହିତ୍ୟିକଙ୍କ ଭୂମିକା କିପରି ହେବା ଉଚିତ୍ ?

(ଘ) କୁନ୍ତଳାକୁମାରୀ ପଠିତ ଦିଲ୍ଲୀଚିଠିରେ କେଉଁମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି ?

(ଙ) ବିଶାଳ କଳିଙ୍ଗର ସ୍ୱରୁପ ବର୍ଣ୍ଣନା କର ।

***

ଅଧ୍ୟାୟ ୧୧ 'ସ୍ରୋତସ୍ୱତୀ' : ଗୋପୀନାଥ ମହାନ୍ତିଙ୍କ ଆତ୍ମଜୀବନୀ

ସଂରଚନା

୧୧.୦ – ଉଦ୍ଦେଶ୍ୟ

୧୧.୧ – ଉପକ୍ରମ

୧୧.୧.୧ – ବିଷୟ ପ୍ରବେଶ

୧୧.୧.୨ – ସହାୟକ ଗ୍ରନ୍ଥ

୧୧.୨ – ମୂଳପାଠର ପ୍ରଥମ ଭାଗ

୧୧.୨.୧ – ଶବ୍ଦାର୍ଥ

୧୧.୨.୨ – ପଠିତାଂଶର ଆଲୋଚନା

୧୧.୨.୩ – ମୂଳପାଠର ପ୍ରଥମାଂଶରୁ ପ୍ରଶ୍ନ

୧୧.୨.୪ – ମୂଳପାଠର ପ୍ରଥମାଂଶରୁ ବ୍ୟାକରଣ ପ୍ରଶ୍ନ

୧୧.୩ – ମୂଳପାଠର ଦ୍ୱିତୀୟ ଭାଗ

୧୧.୩.୧ – ଶବ୍ଦାର୍ଥ

୧୧.୩.୨ – ପଠିତାଂଶର ଆଲୋଚନା

୧୧.୩.୩ – ମୂଳପାଠର ଦ୍ୱିତୀୟାଂଶରୁ ପ୍ରଶ୍ନ

୧୧.୩.୪ – ମୂଳପାଠର ଦ୍ୱିତୀୟାଂଶରୁ ବ୍ୟାକରଣ ପ୍ରଶ୍ନ

୧୧.୪ – ମୂଳପାଠର ଶେଷ ଭାଗ

୧୧.୪.୧ – ଶବ୍ଦାର୍ଥ

୧୧.୪.୨ – ପଠିତାଂଶର ଆଲୋଚନା

୧୧.୪.୩ – ମୂଳପାଠର ତୃତୀୟାଂଶରୁ ପ୍ରଶ୍ନ

୧୧.୪.୪ – ମୂଳପାଠର ତୃତୀୟାଂଶ ରୁ ବ୍ୟାକରଣ ପ୍ରଶ୍ନ

୧୧.୫ ସାରାଂଶ

୧୧.୬ ପଠନ ଅଭ୍ୟାସ

୧୧.୭ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

୧୧.୮ ଆଦର୍ଶ ପ୍ରଶ୍ନାବଳୀ

ignou THE PEOPLE'S UNIVERSITY

୧୧.୦- ଉଦ୍ଦେଶ୍ୟ

ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ଶ୍ରେଷ୍ଠ । ତା'ର ବୁଦ୍ଧି, ବିବେକ, ଆଚାର ବ୍ୟବହାର ଅନ୍ୟ ପ୍ରାଣୀଙ୍କଠାରୁ ଭିନ୍ନ । ଯେହେତୁ ମଣିଷ ନିଆରା, ତେଣୁ ତା'ର କାର୍ଯ୍ୟକୁ, ଭାବନାକୁ, ଚିନ୍ତନକୁ ସେ ଲିପିବଦ୍ଧ କରେ । ଆମେ ତାକୁ ଇତିହାସ, ଜୀବନୀ, ଉପନ୍ୟାସ, ଗଳ୍ପ, ପ୍ରବନ୍ଧ, କାବ୍ୟ, ଏବଂ କବିତା ବୋଲି କହୁ । ଏଥି ମଧ୍ୟରୁ ଜୀବନୀ ହେଉଛି ଏମିତି ଏକ ରଚନା - ଯେଉଁଥିରେ ଅବିକଳ ଘଟଣା ସମୂହକୁ ସିଧାସଳଖ ବର୍ଣ୍ଣନା କରାଯାଇଥାଏ ।

ପୁନଶ୍ଚ ଜୀବନୀ ରଚନା ଦୁଇ ପ୍ରକାରର : ୧) ଆତ୍ମଜୀବନୀ ଏବଂ ୨) ଜୀବନୀ ।

ଯେଉଁ ବିଶିଷ୍ଟ ବ୍ୟକ୍ତିମାନେ ନିଜ ଜୀବନର ଘଟଣାବଳୀକୁ ନିଜେ ଲିପିବଦ୍ଧ କରିଥାଆନ୍ତି ତାହାକୁ 'ଆତ୍ମଜବନୀ' କୁହାଯାଏ । ସେହିପରି ବିଶିଷ୍ଟ ବ୍ୟକ୍ତିଙ୍କର ଜୀବନର ଘଟଣା ସମୂହକୁ, ସେହି ବ୍ୟକ୍ତିଙ୍କ ଭିନ୍ନ ଆଉ କେହି ରଚନାକଲେ ତାହା 'ଜୀବନୀ' ବୋଲି କୁହାଯାଏ ।

ତେବେ ଆତ୍ମଜୀବନୀ ବ୍ୟକ୍ତିର ନିଜସ୍ୱ ରଚନା ହେଇଥିବାରୁ ଘଟଣା ସମୂହର ବାସ୍ତବତା ତଥା ସତ୍ୟାସତ୍ୟ ଅଧିକ ରହିଥିବା ଅନୁମେୟ । ଏପରିକି ସେଇ ସମୟର ଘଟଣାବଳୀ, ଘଟଣା ଘଟିବାର କାରଣ, ସେଥିରେ ଅନ୍ୟମାନଙ୍କର ସମ୍ପୃକ୍ତି, ସର୍ବୋପରି ସମାଜ ଉପରେ ଏହାର ପ୍ରଭାବ ସମ୍ପର୍କରେ ସିଧାସଳଖ ବର୍ଣ୍ଣନାଥାଏ । ଏଥି ସହିତ ଘଟଣାର ଯଦି ନକରାତ୍ମକ ପ୍ରଭାବ ଥାଏ, ସେଥିପାଇଁ କେଉଁ କାରଣ ଅଥବା ବ୍ୟକ୍ତି ଦାୟି ତାହାର ତଥ୍ୟ ସହିତ ନିରାକରଣ ପାଇଁ ସ୍ଥଳବିଶେଷରେ ଇଶାରା ମଧ୍ୟ ଦିଆଯାଇଥାଏ ।

'ଆତ୍ମଜୀବନୀ' ଲେଖକଙ୍କର ଖାଲି କର୍ମନୁହେଁ ତାଙ୍କର ସ୍ୱଭାବକୁ ମଧ୍ୟ ତାଙ୍କର ଲେଖା ମାଧ୍ୟମରେ ପରିଚିତ କରାଏ, ଯାହା କାଳଖଣ୍ଡକୁ ତାଙ୍କର ଅବଦାନ ଅଥବା ପ୍ରଭାବକୁ ଆପେ ଉଦ୍‌ଭାସିତ କରାଏ ।

ଏହି ସବୁ କାରଣ ପାଇଁ 'ଆତ୍ମଜୀବନୀ' ଭବିଷ୍ୟତର ନାଗରିକମାନଙ୍କୁ ବୁଝିବିଚାରି ଆଗକୁ ବଢ଼ିବାକୁ ବଢ଼ିବାକୁ ବାଟ ବତାଇବା ସହ ଇତିହାସକାରଙ୍କୁ ମଧ୍ୟ ନିର୍ଦ୍ଦିଷ୍ଟ କାଳଖଣ୍ଡର ଯଥେଷ୍ଟ ଉପାଦାନ ଯୋଗାଇବାରେ ସହାୟକ ହୋଇଥାଏ ।

ଏହି କ୍ରମରେ ଗୋପୀନାଥ ମହାନ୍ତିଙ୍କ ରଚିତ ଆତ୍ମଜୀବନୀ 'ସ୍ରୋତସ୍ୱତୀ' (୩ ଖଣ୍ଡ) ଅମୂଲ୍ୟ ଜୀବନୀ ଗ୍ରନ୍ଥ ଭାବ୍ୟରେ ସ୍ୱୀକୃତ ।

ଓଡ଼ିଆ ସାହିତ୍ୟ ପାଇଁ ଗୌରବ ଆଣିଥିବା ଗୋପୀନାଥ ମହାନ୍ତି, ଖାଲି ଜଣେ କଥାଶିଳ୍ପୀ ନଥିଲେ ବରଂ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଜନଜୀବନ ସହ ତାଙ୍କର ଘନିଷ୍ଠତା ରହିଥିଲା । ଗୋପୀନାଥ ନିଜେ ଜନ୍ମ ହୋଇଥିଲେ ଉପକୂଳ ଓଡ଼ିଶାରେ ଅଥଚ ବାଲ୍ୟଶିକ୍ଷା ଗ୍ରହଣ କରିଥିଲେ ଦକ୍ଷିଣ ଓଡ଼ିଶାରେ । କର୍ମମୟ ଜୀବନରେ ବଣଜଙ୍ଗଲ ଘେରା ଏବଂ ପାହାଡ଼ ପର୍ବତରେ ପରିପୂର୍ଣ୍ଣ ଅବିଭକ୍ତ କୋରାପୁଟ ଅଞ୍ଚଳ ସହିତ ତାଙ୍କର ଯେପରି ଆତ୍ମୀୟତା ଥିଲା, ପଶ୍ଚିମ ଓଡ଼ିଶାର ସମ୍ବଲପୁର ସହିତ ମଧ୍ୟ ସେହିପରି ନିବିଡ଼ ସମ୍ପର୍କ ଥିଲା । ଏହିପରି ଭାବରେ ଉପକୂଳ, ଦକ୍ଷିଣ, ପଶ୍ଚିମ, ମଧ୍ୟ ଏବଂ ଉପାନ୍ତ ଓଡ଼ିଶା ସହିତ ତାଙ୍କର ଅନ୍ତରଙ୍ଗ ସମ୍ପୃକ୍ତି ରହିଥିଲା । ଏତଦ୍‌ବ୍ୟତୀତ ଗୋପୀନାଥ ଜଣେ ସଂଗଠକ ଏବଂ ସମାଜ ସଂସ୍କାରକ ମଧ୍ୟ ଥିଲେ । ତେଣୁ ତାଙ୍କର ଆତ୍ମଜୀବନୀ, ଓଡ଼ିଶାକୁ ବିଶେଷ ଭାବରେ ଜାଣିବାକୁ ସାହାଯ୍ୟ କରିବ- ଏଥିରେ ଦ୍ୱିମତ ହେବାର ଅବକାଶ ହିଁ ନାହିଁ ।

ଏଠାରେ ପ୍ରଦତ୍ତ ଅଂଶଟି ଗୋପୀନାଥ ମହାନ୍ତିଙ୍କ ଆତ୍ମଜୀବନୀ 'ସ୍ରୋତସ୍ୱତୀ'ର ତୃତୀୟ ଭାଗରୁ ଉଦ୍ଧୃତ କରାଯାଇଛି ଏବଂ 'ଆଦିବାସୀ'ମାନଙ୍କ ଉପରେ ବିଶେଷଭାବେ ଆଲୋକପାତ କରିଛି ।

୧୧.୧ ଉପକ୍ରମ

ଓଡ଼ିଆ ସାହିତ୍ୟର ଜନ୍ମଲଗ୍ନଠାରୁ ବର୍ତ୍ତମାନ ସମୟଯାଏ, ଗୋପୀନାଥ ମହାନ୍ତି ଜଣେ ଅନନ୍ୟ ସାର୍ଥକ ସ୍ରଷ୍ଟା । ସେ ତାଙ୍କର ଜୀବନକାଳ ଭିତରେ ସୃଷ୍ଟି କରିଛନ୍ତି ଦୁଇଶହ ପଚାଶ (୨୫୦) ରୁ ଅଧିକ କ୍ଷୁଦ୍ରଗଳ୍ପ । 'ଡଁ', 'ଉପାସୀ', 'ଭାଗ' ଆଦି ପ୍ରାରମ୍ଭିକ ରଚିତ ଗଳ୍ପ ଠାରୁ ଆରମ୍ଭ କରି, 'ଅବିବାହିତର ଆରମ ଚୌକି', 'ଦିନ ଦିପହରେ', 'ଗରିବର ଟେକ', 'ଅସମାପିକା', 'ଅତସୀ', 'କାଉ କୋଇଲି' ପ୍ରଭୃତି ହାସ୍ୟୋଦ୍ଦୀପକ ତଥା ବିବିଧ ଗଳ୍ପଦେଇ ଏହା 'ପିମ୍ପୁଡ଼ି', 'ଘର', 'ତଡ଼ପା' ପରି କାଳଜୟୀ ଗଳ୍ପ ଯାଏ ପରିବ୍ୟାପ୍ତ । ଏଇ ସବୁ ଗଳ୍ପ ସମୂହକୁ ନେଇ ପ୍ରସ୍ତୁତି ହେଇଛି 'ଘାସରଫୁଲ', 'ପୋଡ଼ାକପାଳ', 'ନବବଧୂ', 'ଛାଇଆଲୁଅ', 'ରଣଧାନ୍ଦୋଳ', 'ଗୁପ୍ତଗଙ୍ଗା', 'ନାଁ ମନେ ନାହିଁ', 'ଉଡ଼ନ୍ତା ଖଇ', 'ସାତପାଞ୍ଚ', 'ଶରଶଯ୍ୟାଃ', 'ତିନିକାଳ', 'କବାଟବନ୍ଦ ଓ ଅନ୍ୟାନ୍ୟ ଗଳ୍ପ' ଆଦି ଗଳ୍ପ ସଙ୍କଳନମାନ ।

ଗୋପୀନାଥ ସୃଷ୍ଟିର ସବଠୁଁ ଉଜ୍ଜ୍ୱଳ ଭାଗଟି ହେଉଛି ତାଙ୍କର ଉପନ୍ୟାସ ସମୂହ । ଏମାନଙ୍କ ମଧ୍ୟରୁ, 'ମନଗହୀରର ଚାଷ', 'ପରଜା', 'ଦାଦିବୁଢ଼ା', 'ହରିଜନ', 'ଅମୃତର ସନ୍ତାନ', 'ଶରତବାବୁଙ୍କ ଗଳି'ଉପନ୍ୟାସ ସମୂହ ୧୯୪୦ ରୁ ୧୯୫୦ ମସିହା ମଧ୍ୟରେ ରଚିତ ହୋଇଥିଲା । ସେହିପରି 'ଦୁଇପୁତ୍ର', 'ସପନମାଟି', 'ଶିବଭାଇ', 'ରାହୁର ଛାୟା', 'ଦାନାପାଣି', 'ଅପହଞ୍ଚ', 'ଲୟବିଲୟ', 'ତନ୍ତ୍ରିକାର', 'ମାଟିମଟାଳ', 'ପାହାନ୍ତା', 'ଆକାଶ', 'ସୁନ୍ଦେରୀ', 'ଅନଳନଳ', 'ଦିଗଦହୁଡ଼ି', 'ମନରନିଆଁ', 'ବୁନ୍ଦାଏପାଣି', 'କିଛି କହିବାକୁ ଚାହେଁ', 'ଅନାମ', ପ୍ରଭୃତି ଉପନ୍ୟାସ ବହୁଜନ ପଠିତ ଏବଂ ବହୁଆଲୋଚିତ ଉପନ୍ୟାସ ସମୂହ । ୧୯୯୦ରେ ପ୍ରକାଶିତ 'ଜାନକାମ୍ମା' ଉପନ୍ୟାସଟି ଗୋପୀନାଥ ମହାନ୍ତିଙ୍କ ରଚିତ ସବୁଠାରୁ କ୍ଷୁଦ୍ର ଉପନ୍ୟାସ ।

ଇଂରାଜୀ ନାଟ୍ୟକାର ଇଜସେନ୍‌ଙ୍କ ଦ୍ୱାରା ପ୍ରଭାବିତ ହେଇ ସେ ରଚନା କରିଥିଲେ ନାଟକ 'ମୁକ୍ତିପଥ' । ପରେ 'ଫଜେରା' 'ମହାପୁରୁଷ' ନାମରେ ଆଉ ଦୁଇଟି ନାଟକ ମଧ୍ୟ ରଚନା କରିଥିଲେ ।

୧୯୩୫ -୩୮ ମସିହା ସମୟ ମଧ୍ୟରେ ସେ 'ସହକାର' ପ୍ରତ୍ରିକାରେ ଷୋହଳ (୧୬)ଟି ସାହିତ୍ୟିକ ପ୍ରବନ୍ଧ ଲେଖିଥିଲେ । ଯାହା ପରେ 'କଳାଶକ୍ତି' ନାମରେ ପରିଚିତ ହୋଇଥିଲା ।

ସେହିପରି ତାଙ୍କ ଦ୍ୱାରା ରଚିତ ଆଧୁନିକ କାବ୍ୟ 'ଯୁଦ୍ଧ' ସେ ଆମେରିକାରେ ଅବସ୍ଥାନ କରୁଥିବା ବେଳେ ୧୯୯୦ ମସିହାରେ ପ୍ରକାଶ କରିଥିଲା ।

ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ ଏବଂ କାବ୍ୟ ଆଦି ସର୍ଜନମ୍ଳକ ରଚନା ସହ ଅନୁବାଦ ସାହିତ୍ୟରେ ମଧ୍ୟ ସେ ନିଜର ଉପସ୍ଥିତ ଜାହିରି କରିଥିଲେ । ସ୍ୱାଧିନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଇଂରାଜୀ ପୁସ୍ତକର ଓଡ଼ିଆ ଅନୁବାଦ 'ଭାରତ ଆଜି ଓ କାଲି' ଗୋପୀନାଥଙ୍କ ଦ୍ୱାରା ସମ୍ଭବ ହୋଇଥିଲା । ଏତଦ୍ ବ୍ୟତୀତ, ବିଶ୍ୱକବି ରବୀନ୍ଦ୍ରନାଥ ଟାଗେରଙ୍କ ଉପନ୍ୟାସ 'ଯୋଗାଯୋଗ', ଟଲଷ୍ଟୟଙ୍କର 'ୱାର ଆଣ୍ଡ ପିସ୍' ତଥା ଗର୍କୀଙ୍କର 'ମୋ ବିଶ୍ୱବିଦ୍ୟାଳୟ' ଆଦି ପୁସ୍ତକକୁ ସେ ଓଡ଼ିଆରେ ଅନୁବାଦ କରିଥିଲେ । ପୁନଶ୍ଚ ୧୯୭୩ ମସିହାରେ ତାଙ୍କ ଦ୍ୱାରା ହିନ୍ଦୀ ଗଳ୍ପମାଳା 'କଥା ଭାରତୀ'ର ଓଡ଼ିଆ ଅନୁବାଦ ମଧ୍ୟ ପ୍ରକାଶ ଲାଭ କରିଥିଲା ।

ଗୋପୀନାଥ ତାଙ୍କର କର୍ମମୟ ଜୀବନର ବେଶ୍ କିଛିକାଳ ଆଦିବାସୀ ଅଧ୍ୟୁଷିତ ଅବିଭକ୍ତ 'କୋରାପୁଟ' ଜିଲ୍ଲାରେ ଅବସ୍ଥାନ କରିଥିଲେ । ଏହି ସମୟରେ ବିଭିନ୍ନ ଆଦିବାସୀ ଭାଷା ଉପରେ ଗବେଷଣାକରି, 'କୁଭିକନ୍ଧ ଭାଷାତତ୍ତ୍ୱ', 'ଗଦବାଭାଷା', 'କନ୍ଧ ପରଜା ସ୍ତ୍ରୋତ' ଏବଂ 'ସଉରା ଭାଷା' ପ୍ରଭୃତି ଭାଷା ବିଜ୍ଞାନ ପୁସ୍ତକ ରଚନା କରିଥିଲେ ।

ଏତଦ୍ ଭିନ୍ନ ୧୯୪୪ ମାର୍ଚ୍ଚରୁ ଆରମ୍ଭ କରି ୧୯୪୫ ଜାନୁୟାରୀ ମାସ ଶେଷ ପର୍ଯ୍ୟନ୍ତ ଗୋପୀନାଥ ମହାନ୍ତି, 'ଜୟପୁର ଠାରେ ପ୍ରଥମେ 'ଷ୍ଟେସନାରୀ ସବ୍‌ମାଜିଷ୍ଟ୍ରେଟ୍' ଓ ପରେ 'ତହସିଲଦାର' ଭାବରେ କାର୍ଯ୍ୟ କରିଥିଲେ । ତତ୍‌କାଳୀନ୍ ଜୟପୁର ମହାରାଜା ବିକ୍ରମଦେବ ବର୍ମା, ଉଭୟ ଓଡ଼ିଆ ଏବଂ ତେଲୁଗୁ ସାହିତ୍ୟରେ ପ୍ରବୀଣ ଥିଲେ । ଗୋପୀନାଥ, ମହାରାଜଙ୍କର ସମସ୍ତ ରଚନାକୁ ସଂଙ୍କଳିତ କରିବା ସହ ଏହାର ମୁଖବନ୍ଧ ମଧ୍ୟ ଲେଖିଥିଲେ ।

ଓଡ଼ିଆ ଜାତିର ଦୁଇ ଆଦର୍ଶ ପୁରୁଷ ହେଲେ, 'ଗୋପବନ୍ଧୁ ଦାଶ' ଏବଂ 'ଗୋପବନ୍ଧୁ ଚୌଧୁରୀ' । ଏଇ ଦୁଇ ଦେବତୁଲ୍ୟ ବ୍ୟକ୍ତିଙ୍କର ଜୀବନର ଘଟଣାବଳୀକୁ ସେ ପୁସ୍ତକ ଭାବରେ ପ୍ରକାଶ କରିଥିଲେ । ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ଜୀବନୀ 'ଉତ୍କଳମଣି, ଭାବରେ ପ୍ରକାଶ ପାଇଥିବା ବେଳେ ୧୯୮୫ ମସିହାରେ ଗୋପବନ୍ଧୁ ଚୌଧୁରୀଙ୍କ ଜୀବନୀ 'ଧୂଳିମାଟିର ସନ୍ତ' ଭାବରେ ପ୍ରକାଶଲାଭ କରିଥିଲା । ଏତଦ୍ ଭିନ୍ନ ୧୯୮୩ ମସିହାରେ 'ରାଧାନାଥ ରାୟଙ୍କ ଉପରେ ଏବଂ ୧୯୮୫ ମସିହାରେ 'ବଙ୍କିମଚନ୍ଦ୍ରଙ୍କ' ଉପରେ ଗୋପୀନାଥଙ୍କ ରଚିତ ଇଂରାଜୀ 'ମନୋଗ୍ରାଫ୍' ପ୍ରକାଶ ପାଇଥିଲା ।

ଗୋପୀନାଥ ମହାନ୍ତି ଯେ ଜଣେ ଲେଖକ ଥିଲେ ଏବଂ ଭାଷା ଆଉ ସାହିତ୍ୟ ବିଭାଗରେ କଲମ ଚାଳନା କରୁଥିଲେ ସେ କଥା ନୁହେଁ, ସମାଜ ସଂସ୍କାରକ ଭାବରେ ମଧ୍ୟ ସ୍ୱଳ୍ପ ପରିଚିତ ହାସଲ କରିପାରିଥିଲେ । ୧୯୫୨ ରୁ ୧୯୫୪ ମସିହା ଯାଏ ରାୟଗଡ଼ ଏସ୍.ଡି.ଓ ଭାବରେ କାର୍ଯ୍ୟରତ ଥିବାବେଳେ 'ନିୟମଗିରି' ମୁଠାର ଦେଉଳା ମଣ୍ଡଳରେ ଥିବା 'ଡଙ୍ଗ୍ରିଆ କନ୍ଧ'ମାନଙ୍କୁ ବୁଝେଇ ସେମାନଙ୍କୁ ବିଭସ୍ 'ଜୁରୋ' ପର୍ବରୁ ନିବୃତ କରାଇ ପାରିଥିଲେ । ଏଥି ସହିତ ସେତେବେଳେ ଜଙ୍ଗଲରେ ବାଘମାନଙ୍କ ପ୍ରତାପ ବେଶ୍ ରହିଥିବାରୁ ସେ ଡଙ୍ଗ୍ରିଆକନ୍ଧମାନଙ୍କୁ ନେଇ 'ମଣିଷଖିଆ ବାଘ ସଂହାର ସୋସାଇଟି' ମଧ୍ୟ ଗଠନ କରିଥିଲେ । ଏପରିକି ହାକିମ୍ ଭାବରେ, ଆଦିବାସୀମାନଙ୍କ ପାଇଁ ଭୂସତ୍ୟରଗ୍ରହ ଯୋଜନା ପ୍ରବର୍ତ୍ତନ କରି ସେ ସରକାରଙ୍କର ରୋଷର ଶିକାର ହୋଇଥିଲେ ଏବଂ ଏଥିପାଇଁ ପଦୋନ୍ନତିରୁ ମଧ୍ୟ ତାଙ୍କୁ ବଞ୍ଚିତ ହେବାକୁ ପଡ଼ିଥିଲା ।

ସାହିତ୍ୟିକ ତଥା ସଂସ୍କାରକ ଗୋପୀନାଥ ମହାନ୍ତିଙ୍କର ହୃଦୟ ଥିଲା ଅତ୍ୟନ୍ତ ସରଳ । ୧୯୪୦ ମସିହାରେ ବଣପାହାଡ଼ ଶୋଭିତ, ସରସ୍ୱତୀଙ୍କ ନିବାସ, କୋରାପୁଟକୁ ବଦଳି ହେବାପରେ ସେଇ ସରଳତା, ବଂଶୀସ୍ୱରରେ ରୂପାନ୍ତରିତ ହେଇ ସାରିଥିଲେ । କୋରାପୁଟର ଘଞ୍ଚବନାନୀ ମଧ୍ୟରେ ଉପଲବ୍ଧ ଏକ ସ୍ୱତନ୍ତ୍ର ବାଉଁଶରୁ ପ୍ରସ୍ତୁତି ହେଉଥିଲା 'ବଇଁଶୀ' । ତାହା 'କନ୍ଧ ବଇଁଶୀ' ଭାବରେ ଖ୍ୟାତ ଥିଲା । ଗୋପୀନାଥ ସେଇ ବାଉଁଶକୁ ସଂଗ୍ରହ କରି, ସେଥିରେ ନିଜେ କଣାକରି ସ୍ୱର ତୋଳୁଥିଲେ । ସେ ସ୍ୱର କେତେବେଳେ ସାହିତ୍ୟକୁ ଆଉ କେତେବେଳେ ନିଜ ମାନସକୁ ଉଦ୍‌ବେଳିତ କରୁଥିଲା । ସେ ସୃଷ୍ଟି କରି ଚାଲିଥିଲେ ବିଭିନ୍ନ ଧାରାର ବିଭିନ୍ନ ବିଭାଗରେ ସାହିତ୍ୟ ।

୧୯୫୫ ମସିହାରେ 'ଅମୃତ ସନ୍ତାନ' ଉପନ୍ୟାସ ପାଇଁ ଗୋପୀନାଥ ମହାନ୍ତିଙ୍କୁ ମିଳିଥିଲା

'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରାସ୍କାର । ପୁନଶ୍ଚ ୧୯୭୪ ମସିହାରେ ତାଙ୍କ ରଚିତ 'ମାଟିମଟାଳ' ଉପାନ୍ୟାସକୁ ମିଳିଥିଲା 'ଜ୍ଞାନପୀଠ' ପୁରସ୍କାର । ୧୯୭୬ ମସିହାରେ 'ସମ୍ବଲପୁର ବିଶ୍ୱବିଦ୍ୟାଳୟ' ତାଙ୍କୁ ଡି.ଲିଟି ଉପାଧିରେ ଭୂଷିତ କରିଥିଲେ । ସୁଜନାତ୍ମକ ସାହିତ୍ୟ ପାଇଁ ୧୯୭୯ ମସିହାରେ ତାଙ୍କୁ ୟୁ.ଜି.ସି, ଫେଲୋସିପ ପ୍ରଦାନ କରାଯାଇଥିଲା । ୧୯୮୧ ମସିହାରେ ଭାରତ ସରକାର ତାଙ୍କୁ 'ପଦ୍ମଭୂଷଣ' ଉପାଧି ପ୍ରଦାନ କରିଥିଲେ ଏ ସୃଜନାତ୍ମକ ସାହିତ୍ୟ ପାଇଁ ତାଙ୍କୁ ଫେଲୋସିପ୍ ମଧ୍ୟ ପ୍ରଦାନ କରିଥିଲେ ।

'କୀର୍ତ୍ତୀଯସ୍ୟ ସ ଜୀବତି' । ଏଇ ପ୍ରଥିତଯଥା ସାରସ୍ୱତ ସାଧକଙ୍କର ଦେହଅବସାନ ଘଟିଥିଲା ୧୯୯୧ ମସିହା ଅଗଷ୍ଟ ମାସ ୨୦ ତାରିଖ ଦିନ । ତାଙ୍କର ଅବର୍ତ୍ତମାନରେ, ତାଙ୍କର ଆତ୍ମଜୀବନୀ 'ସ୍ରୋତସ୍ୱତୀ' ପ୍ରଥମ ଭାଗ ୧୯୯୨ ମସିହାରେ, ଦ୍ୱିତୀୟ ଭାଗ ୧୯୯୯ ମସିହାରେ, ତୃତୀୟ ତଥା ଶେଷ ଭାଗ ୨୦୦୦ ମସିହାରେ ପ୍ରକାଶ ପାଇଥିଲା ।

୧୧.୧.୧ ବିଷୟ ପ୍ରବେଶ

ଗୋପୀନାଥ ମହାନ୍ତି ଜଣେ ଲେଖକ ଭାବରେ ପରିଚିତ ହାସଲ କରିଥିଲେ ବି ଜୀବନ ଯାତ୍ରାରେ ସେ ବହୁବିଧ ଅଭିଜ୍ଞତା ହାସଲ କରିଥିଲେ । ବିଶେଷକରି ଅବିଭକ୍ତ କୋରାପୁଟ ଜିଲ୍ଲାର ଜଙ୍ଗଲଜୀବନ ଏବଂ ଜନଜୀବନ ଉପରେ ତାଙ୍କର ବିଶେଷ ଅଭିଜ୍ଞତା ରହିଥିଲା । ଜଙ୍ଗଲର ଅଧିବାସୀ ଆଦିବାସୀମାନଙ୍କ ଜୀବନ ସହିତ ସେ ଯେତିକି ଘନିଷ୍ଠ ଥିଲେ, ପାହାଡ଼ ପର୍ବତ, ଝରଣା ନଈ, ବଣ ଜଙ୍ଗଲ ସହିତ ମଧ୍ୟ ସେତିକି ଆତ୍ମୀୟତା ସୃଷ୍ଟି କରିପାରିଥିଲେ । ଏଇସବୁ ଅଭିଜ୍ଞତାକୁ ସେ ନିଜର ଗଳ୍ପ, ଉପାନ୍ୟାସରେ ପ୍ରଚୁର ବ୍ୟବହାର କରିଥିଲେ ମଧ୍ୟ ଆତ୍ମଜୀବନୀ 'ସ୍ରୋତସ୍ୱତୀ'ରେ ଏହାକୁ ବିସ୍ତୃତଭାବ ସ୍ଥାନ ଦେଇଥିଲେ ।

ପଠିତ ଗଦ୍ୟାଶଂଟି ତାଙ୍କର ଆତ୍ମଜୀବନୀ 'ସ୍ରୋତସ୍ୱତୀ'ର ତୃତୀୟ ଭାଗରୁ ଉଦ୍ଧୃତ କରାଯାଇଛି । (ପୃ-୨୩୨ ରୁ ପୃ-୨୩୯) । ବଣ ଜଙ୍ଗଲରେ ବିଭିନ୍ନ ଋତୁର ଦୃଶ୍ୟ, ପାହାଡ଼ି ନଈ, ନାଳ ଏସବୁରେ ଥିବା ବିପଦ, ବିଭିନ୍ନ ଜନ୍ତୁ ବିଶେଷକରି ବାଘର ଉପସ୍ଥିତି, ଏହାର ଅଧିବାସୀ ଆଦିବାସୀଙ୍କ ଜନଜୀବନ ବେଶ୍ ପ୍ରାଞ୍ଜଳ ଏବଂ କଳାତ୍ମକଭାବେ ବର୍ଣ୍ଣନା କରାଯାଇଛି ।

ଏହାକୁ ପାଠକରି ଛାତ୍ରଛାତ୍ରୀମାନେ ଜଙ୍ଗଲ ଏବଂ ଆଦିବାସୀ ସମ୍ପ୍ରଦାୟ ଉପରେ ବିଶେଷ ଜ୍ଞାନ ହାସଲ କରିବେ, ଏହା ନିଃସନ୍ଦେହ ।

୧୧.୧.୨ ସହାୟକ ଗ୍ରନ୍ଥ :

ସ୍ରୋତସ୍ୱତୀ : ପ୍ରଥମ ଭାଗ

ସ୍ରୋତସ୍ୱତୀ : ଦ୍ୱିତୀୟ ଭାଗ

ସ୍ରୋତସ୍ୱତୀ : ତୃତୀୟ ଭାଗ

ପ୍ରଥମ ପ୍ରକାଶ, ବିଦ୍ୟାପୁରୀ, ବାଲୁବଜାର, କଟକ : ୭୫୩୦୦୨

ମଲ୍ଲିକା, ସାହିତ୍ୟ ତ୍ରୈମାସିକ, ଗୋପୀନାଥ ମହାନ୍ତି ଜନ୍ମ ଶତବାର୍ଷିକୀ ବିଶେଷାଙ୍କ-୨୦୧୪,

ସଂପାଦନା : କମଳାକାନ୍ତ ମହାପାତ୍ର

୧୧.୨ ମୂଳପାଠର ପ୍ରଥମ ଭାଗ

କେତେ କେତେ ସ୍ମୃତି, ସବୁ ମିଶି ଜୀବନ, ସବୁଠି ସେ ସ୍ଥାନ, ସେ ପରିବେଶ, ସେ ସମୟ, ଆଉ ମୁଁ ନିଜେ, ସବୁ ବଦଳିଯାଏ, ବଦଳିଛି, ହଜିଯାଏ, ହଜିଛି, ଆସିଛି ନୂଆ, ସେ ବି ହଜିଛି । ଅମୁକ ଜାଗା, ଅମୁକ ସ୍ଥାନ, ଅମୁକ ଘଟନା, କେତେ ଏପରି ମନେ ଥାଇପାରେ, କିନ୍ତୁ ଗୋଟି ଗୋଟି କରି ଅସଂଖ୍ୟ ମୁହୂର୍ତ୍ତର ନାନା ଅନୁଭୂତି ତୁଳନାରେ କ'ଣ ଅବା ତାର ତାତ୍ପର୍ଯ୍ୟ ?

ଘାଟି ଚଢ଼ି ଚଢ଼ି ଉପରକୁ ଉପରକୁ ଉଠୁଛି, ଦେହରେ ଝାଳ ଆଉ ତାତି, ତଥାପି ଶରୀର ବଳ ଖଟାଉଛି, ବଳ ଖଟାଇ ଲଘି ଚାଲିଯିବାର ଉତ୍ତେଜନା ଅନୁଭବ କରୁଛି, ଦେଖୁଛି ବଣପର୍ବତ, ଉପତ୍ୟକା, ଝରଣାମାନଙ୍କର ବିଚିତ୍ର ଦୃଶ୍ୟ, ବାଟ ଚାଲୁ ଚାଲୁ ସିନେମା ଦେଖା, ନାକରେ ବଣଫୁଲର ମହକ, କାନରେ ଅଜଣା ଚଢ଼େଇଙ୍କ ଗୀତ, ଦେହରେ ଛାଇ ତଳେ ଶୀତଳ ପବନର ଆଉଁଶା, ସବୁ ସ୍ଥାନ ପଛରେ ରହିଯାଉଛି, ତଳକୁ ତଳକୁ ଚାଲିଯାଉଛି, କ୍ରମେ ବିରଳ ହୋଇଆସୁଛି, ଚାରିଆଡ଼େ ଖାଲି ଆକାଶ । ତାପରେ ଘାଟି ଉପର, ଶୂନ୍ୟ ଭିତରେ ବିନ୍ଦୁଟିଏ ପରି ମୁଁ, ଆଗରେ ବାଏଁ ଡାହାଣେ ଆକାଶ, ଦୂରରେ କେତେ ପାତାଳରେ ଉପତ୍ୟକା ଓ ତା ସେକରେ ଗୋଲ ବୁଲିଛି ପାହାଡ଼ଉପରେ ପାହାଡ଼ର କାନ୍ଥ । ସେଠି ଘାଟି ତାଲୁରେ ଗଛ ତଳେ ବସି ବିଶ୍ରାମ ନେଲାବେଳେ ମନରେ ଅଦ୍ଭୁତ ଚିନ୍ତା, ଜୀବନ ଓ ସଂସାର ବିଷୟରେ ଆସୁଛି ନୂଆ ଧାରଣା, କେତେ ଭାବ ନୀରବରେ ଆସୁଛି, କେତେ ସ୍ୱପ୍ନ ଝଲସୁଛି ।

ସଞ୍ଜରେ ରାତିରେ କେତେବେଳେ ସେପରି ଘଞ୍ଚ ବଣ ତଳେ ଘାଟି ଚଢ଼ି ଅନ୍ଧାରେ ଅନ୍ଧାରେ ଯାତ୍ରା, କ୍ଲାନ୍ତି ସହିତ ମିଶିଛି ଉଦ୍‌ବେଗ, ଆଶଙ୍କା, ତାହା ସଂଗେ ସଂଗେ କେତେ ଗମ୍ଭୀର ଉଦାର ଚିନ୍ତା, ମଣିଷ ବିଷୟରେ, ଜୀବନ ବିଷୟରେ । ହଠାତ୍ ଘାଟିମୁଣ୍ଡ ହେଲା, ଅନ୍ଧାରୀସୁଡଙ୍ଗ ଶେଷରେ ହଠାତ୍ ମୁହଁ ଉପରେ ଜହ୍ନ, ସେ ସତେକି ଏତେ କାଳର ଅନ୍ଧାର ଦରାଣ୍ଡି ହେଲା ପରେ ପ୍ରଶ୍ନର ଉତ୍ତର, ତା ସେପାଖେ ତା ଦୁଇ କରେ ଚିକ୍କଣ ଆକାଶ ।

ସଂକୀର୍ଣ୍ଣ ଉପତ୍ୟକା ଭିତରେ ଚାଲିଛି, ଦୁଇପାଖେ ପାହାଡ଼ ଉପରେ ତାଷ ଗୋଟାଏ ପାହାଡ଼ ଦାଢ଼ରେ ଠିଆ ହୋଇ ଆରପାଖକୁ ଅନାଇଁ ପଞ୍ଚାଏ କନ୍ଧ ଝିଅ ଗୀତ ବୋଲୁଛନ୍ତି; ଆର ପାଖ ପାହାଡ଼ ଦାଢ଼ରେ ଠିଆ ହୋଇ କନ୍ଧ ଟୋକାମାନେ ଗୀତର ଉତ୍ତର ବୋଲୁଛନ୍ତି, ଗୀତରେ ଗୀତରେ ଚାଲିଛି ମାଗଣ, ଘେନାଘେନି, ତଳେ ଚାଲିଛୁଁ ଆମେ । ଆଉ କେଉଁଠି ବାଟରେ ଗଲାବେଳେ କେଉଁ କ୍ଷେତରୁ ପଞ୍ଚାଏ ଝିଅ ଗୀତ ବୋଲିଲେଣି, ଆମ କନ୍ଧ ଭାରୁଆ ଟୋକାଏ ହଠାତ୍ ଭାର ଓଲ୍ଲେଇ ଥୋଇ ସେ ଗୀତର ଉତ୍ତର ବୋଲିବାରେ ଲାଗିଗଲେଣି, ତାଙ୍କର ସେ ଗୀତ ବୋଲା ପ୍ରତିଯୋଗିତା ନ ସରିବାଯାକେ ଆମକୁ ଅଟକିବାକୁ ପଡ଼ିବ, ଅନ୍ୟ ଉପାୟ ନାହିଁ । ବୋଝ ବୋହି ବାଟ ଚାଲିଲା ବେଳେ କନ୍ଧମାନେ ଗୀତ ଫାନ୍ଦି ଲମ୍ବେଇ ଲମ୍ବେଇ ବୋଲନ୍ତି, ତାହିଁରେ ଥାଏ ବାଟ ବର୍ଣ୍ଣନା, ନିଜ ସୁଖଦୁଃଖ କଥା, କେତେ ଅଭାବ, ଉପଦ୍ରବ ବିଷୟରେ ସେମାନଙ୍କ ମନ କଥା, ଶୁଣେ ବଣ ଆଉ ବାଟ ।

ଗୀତ ନାଚରେ ବଣ ଦେଶ ଦୁଲୁକୁଥାଏ । ଗାଁ ଗାଁକେ ସଞ୍ଜ ପହରେ ଝିଅମାନେ ନାଚନ୍ତି, ଗୀତ ବୋଲନ୍ତି, ପୁଅମାନେ ବାଜା ବଜାନ୍ତି, ଗାଆନ୍ତି, ନାଚନ୍ତି, ଗାଁଲୋକେ ଜମା ହୋଇ ଦେଖନ୍ତି, ଡମ୍ବମାନେ ନାଚର ବାଜା ବଜାନ୍ତି । ବର୍ଷଯାକ ନାନା ପର୍ବ । କେତେବେଳେ ଦିନବେଳେ ଦେଖେଁ,

କେଉଁ ଗାଁ ଦାଣ୍ଡରେ ବାଜା ବାଜୁଛି, ବୁଢ଼ୀ 'ବେଜୁଣୀ' ମାନେ ନାଚୁଛନ୍ତି, ତାଙ୍କ ସଙ୍ଗେ ନାଚୁଛନ୍ତି ଗାଁର ବୁଢ଼ୀ ବୁଢ଼ୀ ଗୃହଣୀମାନେ, ନାଚି ନାଚି, ଧାଇଁ ଧାଇଁ ଦାଣ୍ଡେ ଦାଣ୍ଡେ ବୁଲୁଛନ୍ତି, ବାୟାଣୀ ହେଲା ପରି ବ୍ୟବହାର କରୁଛନ୍ତି, ନିଜ ମୁଣ୍ଡବାଳ ଓଟାରୁଛନ୍ତି, ପରସ୍ପର ମୁହଁକୁ ଆମ୍ପୁଡୁଛନ୍ତି, ମନ୍ତ୍ର ବୋଲୁଛନ୍ତି । କେତେବେଳେ ଦିନବେଳେ କି ରାତିରେ କେଉଁ ଗାଁର ବୁଢ଼ା ଟୋକା ସମସ୍ତେ ନାଚି ନାଚି ଏକର ସେକର ଧାଉଁଛନ୍ତି ଅବା କେଉଁ ପୂଜା ସ୍ଥଳିକୁ ଯାଉଛନ୍ତି । ପର୍ବଦିନେ ବାଟରେ ଆମେ ଯାଉ ଯାଉ ପଞ୍ଚା ପଞ୍ଚା ଝିଅ ନାଚି ନାଚି ଆସନ୍ତି, ଗୀତ ବୋଲନ୍ତି, ବାଟ ରୋଧି ନାଚନ୍ତି, କିଛି ଇନାମ୍ (ବକ୍‌ସିସ୍) ପାଇଲେ ଚାଲିଯାନ୍ତି । ରାତିରେ କେଉଁ ଗାଁରେ ଥିବି, ହଠାତ୍ ଲାଗିଯିବ ନାଚ । ଅନେକଥର କେଉଁ ଗାଁରେ ମୁଁ ପଶିବା ମାତ୍ରେ ଲୋକେ ଖୁସି ହୋଇ ବାଜା ବଜେଇବେ, ଗୀତ ବୋଲିବେ, କୁଆଡୁ କୁଆଡୁ ଝିଅମାନେ ରୁଣ୍ଡି ନାଚ କରିବେ, ଯାହାକୁ ଭଲ ପାଆନ୍ତି ତାକୁ ଏହିପରି ସେମାନେ ଅଭ୍ୟର୍ଥନା କରନ୍ତି । ଅଭ୍ୟର୍ଥନା ହୁଏ ନାନା ପ୍ରକାର । କନ୍ଧଗାଁରେ ଦେଖିଛି, ଆଗ ଗାଁ ମୁଣ୍ଡରେ ବୁଢ଼ା ବୁଢ଼ାମାନେ ଆସି ଦଣ୍ଡବତ ହେବେ, କୁଣ୍ଢେଇବେ, ଗେଲ କରିବେ । ଗାଁର ମୁଣ୍ଡିଆଳ ଗୋଟିଏ ପତ୍ରଦନାରେ ଦି' ଚାରି ମୁଠା ଚାଉଳ ଓ ପାଞ୍ଚସାତଟି କୁକୁଡ଼ା ଡିମ୍ବ ଆଣି ଆଗରେ ଥୋଇ ଦେବ । ତାପରେ ଆସିବେ ବୁଢ଼ୀମାନେ, ଗୋଟି ଗୋଟି ହୋଇ ଆସିବେ, ମୋ ଚିବକରେ, ଓଠରେ ନିଜର ଆଙ୍ଗୁଠି ଚିପ ଛୁଆଁଉଁଥିବେ, ଆଙ୍ଗୁଠି ଚିପକୁ ନିଜ ଓଠରେ ଲଗାଉଥିବେ, ତା ଅର୍ଥ ସେମାନେ ମତେ ଗେଲ କଲେ । କେତେଠିଁ ଦେଖିଛି, ଗାଁ ମାଇପେ ବନ୍ଦାପନା କରନ୍ତି, ଦୀପ ଜାଳି ଆଗରେ ଥୋଇଦିଅନ୍ତି । ଅରୁଆଚାଉଳ, ହଳଦିଗୁଣ୍ଡା ମୋ ଉପରକୁ ପକାନ୍ତି । ତାପରେ ବାଜା ବାଜେ, ଗାଁ ଲୋକେ ଗହଳି ହୋଇ ନାଚି ନାଚି ମତେ ସଙ୍ଗରେ ଘେନି ଗାଁ ଭିତରକୁ ଚାଲନ୍ତି, ଦଉଡ଼ିଆ ଖଟ ପାରିଦିଅନ୍ତି, ମୁଁ ବସେଁ, ମୋ ପାଖରେ ଗାଁର ମୁଣ୍ଡିଆଳ ଓ ଆଉ ବଡ଼ ବଡ଼ ଲୋକ ଠେଲା ଠେଲି ହୋଇ ବସିପଡ଼ନ୍ତି । ପୁଣି ଅନ୍ୟାନ୍ୟ ଖଟରେ, ପିଣ୍ଡା ତଳେ, ଚାରିଆଡ଼େ, କଥାଭାଷା ଆରମ୍ଭ ହୁଏ । ରାତିରେ କେଉଁଠି ରହିଥିବି, କେଉଁ ଡାକବଙ୍ଗଳାରେ, କି କାହା ପିଣ୍ଡାରେ କି ଗାଁ ମୁଣ୍ଡରେ ଗଛମୂଳେ ପତ୍ର କୁଡ଼ିଆରେ । ଯୁଆଡ଼କୁ ଚାହିଁଲେ ଢେଉପରି ପାହାଡ଼ । ତାହାରି ଉପରେ ଭାସି ଭାସି ଆସେ ଦୂରରୁ ନାଚ ବାଜାର ଶବ୍ଦ, କେତେବେଳେ କନ୍ଧ ବଇଁଶୀର ସ୍ୱର ଜଣେ ବଜାଉଛି ଅଥବା ଏକା ସଂଗେ ଦି ଜଣ ଯୋଡ଼ିଏ ବଉଁଶୀ ବଜାଉଥାନ୍ତି । କେତେବେଳେ ଦୂରକୁ ରହି ରହିକା ଭାସି ଆସେ କନ୍ଧ କି ପରାଜା ଯୁବତୀମାନଙ୍କର ଏକାଠି ବୋଲା ହେଉଥିବା ଗୀତ ।

ବଣର ନାନା ରୂପ, ନାନା ରଙ୍ଗ, ନାନା ବାସ୍ନା । ବସନ୍ତ ଋତୁରେ ଚାରିଆଡ଼େ ସତେକି ନିଆଁ ଜଳୁଛି, ଜାତି ଜାତି ନାଲି ଫୁଲ, ନାଲି ପତ୍ର । ଶୀତଋତୁରେ ପାହାଡ଼ଯାକ ଅଳସୀ କ୍ଷେତ୍ରରେ ହଳଦିଆ ଫୁଲ, ସୁନାର ପାହାଡ଼, ସୁନାର ଉପତ୍ୟକା । କେତେବେଳେ ଶାଳ ଫୁଲର ମହକ, କେତେବଳେ କୁରେଇ ଫୁଲର ପ୍ରକାର ପ୍ରକାର, ଅଶେଷ । ସ୍ଥାନେ ସ୍ଥାନେ ପାହାଡ଼ ଘେର ଭିତରେ ସାନ ସାନ ଉପତ୍ୟକା, ଫୁଲର ବାସ୍ନାରେ ତପୋବନ ପରି ଲାଗେ । ସେମିତି ଗୋଟିଏ ସ୍ଥାନ ଥିଲା କାକିରିଗୁମାରୁ କାଳିଆଝୋଲା ବାଟେ, ସେଠି ଦେବଦାରୁ ଗଛ ଉଚ୍ଚରେ ପ୍ରକାଣ୍ଡ ପ୍ରକାଣ୍ଡ ଚମ୍ପା ଗଛଗୁଡ଼ିଏ, ଫୁଲର ବାସ୍ନା ବହୁତ ଦୂରରୁ ବାରି ହୁଏ । କେତେଠିଁ ପ୍ରକୃତିର ସଜାସଜି ବଗିଚା, ଫୁଲ ଲଦି ହୋଇ ଗଛ, ଲଟା, ତା ତଳେ କୁଞ୍ଜ, ଝରଣା କରେ କରେ ନାନା ବର୍ଣ୍ଣର ଫୁଲ, ନାନା ଜାତିର ଫର୍ଣ୍ଣ, ଲମ୍ବ ଲମ୍ବ ଶାଗୁଆ ଗାଲିଚା, ଟିକି ଟିକି ଫୁଲ ଭର୍ତ୍ତି । ସ୍ଥାନେ ସ୍ଥାନେ ଜଳପ୍ରପାତ ।

କ୍ରମେ ପୋତୁ ହୋଇ ହୋଇ ବଣର ସେ ଅପୂର୍ବ ବିସ୍ମୟକର ସୌନ୍ଦର୍ଯ୍ୟ ଧ୍ୱଂସ ହୋଇଯାଉଛି ।

୧୧.୨.୧ ଶବ୍ଦାର୍ଥ

ଅମୁକ : ଅନାମ (ନାମହୀନ) ବ୍ୟକ୍ତି
ତାତ୍ପର୍ଯ୍ୟ : ଅର୍ଥ, କାରଣ
ଲିଙ୍ଘି ଚାଲିଯିବା : ଅତିକ୍ରମ କରିଯିବା
ଉପତ୍ୟକା : ପର୍ବତ ପାଦସ୍ଥ ବା ଦୁଇ ପର୍ବତ ମଧ୍ୟବର୍ତ୍ତି ସମତଳଭୂମି
ଆଉଁସା : ଧିର ହସ୍ତ ସଂଚାଳିତ ସ୍ପର୍ଶ
ବାଏଁ ଡାହାଣେ : ବାମରେ ଡାହାଣରେ (ବାମ ଡାହାଣ ଉଭୟ ପାର୍ଶ୍ୱରେ)
ସେକରେ : ସେପଟେ, ସେକଡେ
ଦରାଣ୍ଡି : ଉଣ୍ଡାଳି
ସୁଡ଼ଙ୍ଗ : ମାଟିତଳ ସଂକୀର୍ଣ୍ଣ ପଥ
ତାଷ : ଚାଷ
ମାଗଣ : ମାଗିବା ଅର୍ଥରେ
ଘେନାଘେନି : ଦିଆନିଆ, ଦେବାନେବା
ଭାରୁଆ : ଭାର (ଓଜନ) ବହୁଥିବା ବ୍ୟକ୍ତି
ବେଜୁଣୀ : ପୁରୋହିତ
ଓଟାରୁଛନ୍ତି : ଟାଣୁଛନ୍ତି
ବାଟ ରୋଧି : ବାଟ ଓଗାଳିବା, ଅଟକାଇବା
ଆଙ୍ଗୁଡ଼ିବା : ନଖରେ ବିଦାରିବା
ମୁଣ୍ଡିଆଳ : ମୁଖିଆ
ପତ୍ରଦନା : ପତ୍ରରେ ତିଆରି ଗିନା (ଡାଟିଆ)
ଇନାମ୍ : ପୁରସ୍କାର
ତପୋବନ : ଜଙ୍ଗଲ ମଧ୍ୟସ୍ଥ ଶିକ୍ଷା ଆଶ୍ରମ

୧୧.୨.୨ ପଠିତାଂଶର ଆଲୋଚନା

ଗୋପୀନାଥଙ୍କ ବିଚାରରେ ବଣଜଙ୍ଗଲର କିଛି ସାଜସଜା ନାହିଁ କି ଉପତ୍ୟକାର କିଛି ନିର୍ଦ୍ଦିଷ୍ଟତା ନାହିଁ । ଅଥଚ ଜଙ୍ଗଲର ସାଜସଜାର ବର୍ଣ୍ଣାଢ୍ୟ ଆଉ କେଉଁଠି ମିଳେ ନାହିଁ କି ଉପତ୍ୟକାର ନିର୍ଦ୍ଦିଷ୍ଟତା ଆଉ ଅନ୍ୟ କେଉଁଠି ପାଇବା ସମ୍ଭବ ହୁଏନି । ତେବେ ଏଇ ଦୁଇଟିର ପରିବେଷ୍ଟନୀରେ ରହୁଥିବା ଆଦିବାସୀ ସଂମ୍ପ୍ରଦାୟର ଜୀବନସଙ୍ଗୀତ କିନ୍ତୁ ଜଙ୍ଗଲ ପରି ବର୍ଣ୍ଣାଢ୍ୟ ଆଉ ମଧୁମୟ ତ ସେମାନଙ୍କର ଜୀବନଶୈଳୀ ଉପତ୍ୟକାପରି ଧାରୁଆ ଏବଂ ରୁକ୍ଷ ।

ସେହିପରି ବଣଜଙ୍ଗଲ ଏବଂ ଏହାର ଅଧିବାସୀ– ଆଦିବାସୀଙ୍କ ସମ୍ପର୍କରେ ମତଦେଇ ଗୋପୀନାଥ ଲେଖିଛନ୍ତି : ବଣଜଙ୍ଗଲରେ ଋତୁ ନେଇ ଫୁଲଫୁଟେ, ବାସଚହଟେ, ଜଙ୍ଗଲର ରଙ୍ଗରେ ବି ପରିବର୍ତ୍ତନ ଆଣେ । ଆଦିବାସୀ ସମ୍ପ୍ରଦାୟର କିନ୍ତୁ ଗୋଟିଏ ଦିନରେ ଭିନ୍ନ ଭିନ୍ନ ବୟସର ନର୍ତ୍ତକ ନର୍ତ୍ତକୀଙ୍କର ମେଳଣ ହୁଏ, ଭିନ୍ନ ଭିନ୍ନ କଣ୍ଠସ୍ୱର ଶୁଭେ, ଘନଜଙ୍ଗଲର ଜାତି ଜାତିକା ଚଢ଼େଇଙ୍କର କାକଳୀପରି ।

ନିଜର ମତଦେଇ ଗୋପୀନାଥ ବୁଝେଇଛନ୍ତି; ଚଢ଼େଇମାନେ କାକଳୀରେ, ତାଙ୍କର ଭାଷା ବ୍ୟକ୍ତ କରନ୍ତି । ଉପତ୍ୟକାର ଅଧିବାସୀମାନେ ଗୀତରେ ଗୀତରେ ମାଗଣ କରନ୍ତି, ଘେନାଘେନି ହୁଅନ୍ତି । ସେଇ ଗୀତରେ ପୁଣି ଉପତ୍ୟକାର ଟାଆଁସିଆ ଭାବ ବି ଫୁଟେ । ଦିନବେଳା ନାଚରେ ଗାଁର ବୁଢ଼ାବୁଢ଼ୀ ଗୃହିଣୀମାନେ ଗୀତ ଗାଉ ଗାଉ ନିଜର ମୁଣ୍ଡବାଳ ଓଟାରନ୍ତି ଓ ପରସ୍ପରର ମୁହଁକୁ ବି ଆମ୍ଭୁଡ଼ି ଆମ୍ଭୁଡ଼ା କରନ୍ତି ।

ବଣଜଙ୍ଗଲ ଏବଂ ଉପତ୍ୟକାରେ ଗୋପୀନାଥ ଯେପରି ଅନ୍ତରଙ୍ଗ ବିଚରଣ କରିଥିଲେ, ଆଦିବାସୀଙ୍କ ଜୀବନଶୈଳୀକୁ ମଧ୍ୟ ସେହିପରି ନିଖୁଣ ଅନୁଧାନ କରିଥିଲେ । ସେ ବର୍ଣ୍ଣନା କରିଛନ୍ତି ଯେ, ଜଙ୍ଗଲର ସାବଲୀଳତା, ଉପତ୍ୟକାର ନୀରହତା ତଥା ଏଇ ଦୁଇଟିର ମିଶ୍ରିତ ଉଦାରତା ପରି, ଆଦିବାସୀମାନେ ଆଦରରେ, ସଂସ୍କୃତି ସମ୍ପନ୍ନ ଭାବେ, ଅତିଥିକୁ ଅଭ୍ୟର୍ଥନା ଜଣାନ୍ତି । ବଇଁଶୀର ସ୍ୱରପରି ମଧୁମୟ ମନେ ହୁଏ ସେମାନଙ୍କର ଅଭ୍ୟର୍ଥନା ।

ସମଗ୍ର ଆଦିବାସୀ ସଂପ୍ରଦାୟ ଉପରେ ମତବ୍ୟକ୍ତ କରି ଗୋପୀନାଥ ଲେଖିଛନ୍ତି, ଜଙ୍ଗଲରେ ଗଛଲତାମାନଙ୍କର ବର୍ଣ୍ଣାଢ୍ୟ ଫୁଲପରି, ପ୍ରବାହିତ ଝରଣାର ସ୍ୱରପରି, ଜଳପ୍ରପାତର ଗର୍ଜ୍ଜନପରି, ଶାଳଗଛର ଲମ୍ବପରି, ଆଦିବାସୀର ସଂସ୍କୃତି ଏବଂ ଜୀବନ, ଅପୂର୍ବ ତଥା ବିସ୍ମୟକର । ମାତ୍ର କ୍ରମେ ପୋଡୁ ହେଇ ହେଇ ସେ ଅପୂର୍ବ, ବିସ୍ମୟକର ହଜୁଛି ଜଙ୍ଗଲରୁ, ଉପତ୍ୟକାରୁ ଏବଂ ଆଦିବାସୀଙ୍କ ଜୀବନରୁ ।

୧୧.୨.୩ ମୂଳପାଠର ପ୍ରଥମାଂଶରୁ ପ୍ରଶ୍ନ

୧. ଲେଖକଙ୍କ ବିଚାରରେ, କ'ଣ ସବୁ ମିଶି ଜୀବନ ?
୨. ଘାଟି ଚଢ଼ିବାବେଳେ ଲେଖକ କିପରି ଅନୁଭବ କରୁଛନ୍ତି ?
୩. 'ବାଟ ଚାଲୁ ଚାଲୁ ସିନେମା ଦେଖା' – ଏକଥାର ତାତ୍ପର୍ଯ୍ୟ କ'ଣ ?
୪. ଘାଟି ଉପରେ ଥାଇ ଲେଖକ କେଉଁ ପ୍ରକାର ଅନୁଭବ କରୁଛନ୍ତି ?
୫. କନ୍ଧ ଝିଅ ଏବଂ ଟୋକାମାନେ ଗୀତରେ ଗୀତରେ କ'ଣ ପରଶୁଥିଲେ ?
୬. ଦିନବେଳା ନାଚରେ କେଉଁମାନେ ଭାଗନିଅନ୍ତି ? ସେମାନେ ନାଚ ସମୟରେ କି ପ୍ରକାର ଆଚରଣ କରନ୍ତି ?
୭. କନ୍ଧ ଗାଁରେ କେଉଁ ପ୍ରକାରର ଅଭ୍ୟର୍ଥନା ହୁଏ ?
୮. ଶୀତଋତୁରେ ଉପତ୍ୟକା କାହିଁକି ସୁନାର ଉପତ୍ୟକାପରି ଦିଶେ ?
୯. ଉପତ୍ୟକା ତପୋବନପରି ଲାଗିବାର କରଣ କ'ଣ ?
୧୦. ଉପତ୍ୟକାରେ କେଉଁ ଫୁଲର ବାସ୍ନା ବହୁତ ଦୂରରୁ ବାରି ହୁଏ ?

୧୧.୨.୪ ମୂଳପାଠର ପ୍ରଥମାଂଶରୁ ବ୍ୟାକରଣ ପ୍ରଶ୍ନ

- ନିମ୍ନଲିଖିତ ଶବ୍ଦଗୁଡ଼ିକର ବ୍ୟାସବ୍ୟାକ୍ୟ ସହ ସମାସର ନାମ ଲେଖନ୍ତୁ ।
- ପତ୍ରକୁଡ଼ିଆ, ଅରୁଆଚାଉଳ
- ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତ ଶବ୍ଦ ଲେଖନ୍ତୁ ।
  ନୂଆ, ଅନ୍ଧାର, ଶୀତଳ, ନିଜ
- 'ନାଚି ନାଚି' ଭଳି ଆଉ ତିନୋଟି ସମୋଚ୍ଚାରିତ ଶବ୍ଦ ଲେଖନ୍ତୁ ।

- ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବହୁବଚନରେ ଲେଖନ୍ତୁ ।
- ଝିଅ, ଗୃହିଣୀ, ବୁଢ଼ା
- ନମ୍ନୋକ୍ତ ଶବ୍ଦର ଲିଙ୍ଗ ପରିବର୍ତ୍ତନ କରନ୍ତୁ ।
  ବୁଢ଼ୀ, ବାୟାଣୀ, ପୁଅ

୧୧.୩ ମୂଳପାଠର ଦ୍ୱିତୀୟ ଭାଗ

ଖରାଦିନେ ବଣ, ଡାଙ୍ଗ ସରୁ ସରୁ, ପାତଳ, ଥୁଣ୍ଟା ଗଛ, ତାପରେ ଶୁଆପାଖିଆ କଅଁଳିଆ ପତ୍ର, ସଞ୍ଜ ବୁଡ଼ିଲେ ପାହାଡ଼ଯାକ ନିଆଁର ଲଟା ଗୁରେଇ ହୋଇଥାଏ, ବଣ ପୋଡିର ନିଆଁ ଅନ୍ଧାରରେ ପର୍ବତ ମିଶିଯାଏ, ସତେଅବା ସବୁ ଆକାଶ, ସେଠି ନାନା ପଉନରେ ସାପେଇ ସାପେଇ ବିଜୁଳି ଗାର ପରି ନିଆଁ ଧାର, ଯେଣେ ଚାହିଁଲେ ତେଣେ ।

ବର୍ଷାଦିନେ ବଣ ଭର୍ତ୍ତି, ଚାରିଆଡ଼େ ଘଞ୍ଚ ଅରମା, ବଡ଼ ଗଛରେ ବହଳ ହୋଇ ପତ୍ର, ବଣ ଅନ୍ଧାର । ବାଟ ଚାଲୁଥାଏଁ, ବରଷାର ବାଙ୍ଗ ଭାସି ଭାସି ଆସୁଥାଏ, ପାଖକୁ ଆସେ, ଦିଗ ଦିଶେ ନାହିଁ, ଖାଲି ବହଳ ଧଳା-ପାଉଁଶିଆ ବର୍ଣ୍ଣ, ତାପରେ ଭୁଷ୍‌ଭୁଷ୍ ଅଜାଡ଼ି ଦିଏ, ଟାଇଁଟାଇଁ ପିଟେ । ପବନ ଓ ବରଷାର ରାଉରାଉ ଶବ୍ଦରେ ବଣରେ ଅତରା ପଡ଼େ, ଶୁଭୁଥାଏ ପାଣିଧାର ବୋହିବାର ସର୍‌ସର୍, ଅଜାଡ଼ି ହେବାର ଗୁରୁଗୁରୁ, ସେତେବେଳେ ଆଗରେ ନାଳ ଥିଲେ ତରତର ଚାଲିବାକୁ ପଡ଼େ, ପର୍ବତ କାଟି ପାଣି ଧାର ବାଟ ଫିଟାଇଛି, ଚଲାବାଟ ସେହି, ପାଦତଳେ ଚବରଚବର ପାଣି, ଅତି ଚଞ୍ଚଳ ତଳକୁ ଗଡ଼ିଯାଉଛି, ଚାରିଆଡୁ ପାଣି ଗଡ଼ିବାର ଶବ୍ଦର ପ୍ରତିଧ୍ୱନି, ଖସଡ଼ା ଗଡ଼ାଣି ବାଟ, ପାତାଳୀ ଗହୀରରେ ନାଳ, ଚଞ୍ଚଳ ପଶିଯିବାକୁ ପଡ଼ିବ, ନ ହେଲେ ହଠାତ୍ ଉପର ମୁଣ୍ଡରୁ ବଢ଼ି ମାଡ଼ି ଆସୁଥିବ, ଏକାଥରେ ପରୁଷେ ଉଚ୍ଚ ପାଣି ହାବୁକା, ସେଥିରେ ଘୂରିଘୂରି ଧାଇଁଥିବ ପଥର, ଗଛ, ହାବୋଡ଼ିଗଲେ ବୁଡ଼ାଇ କଚି ଭସାଇ ନେଇଯିବ କେଉଁ ଅନ୍ଧାରୀ ତଳକୁ ବୋଲି, ନାଳରେ ଘୁଘୁ ଶବ୍ଦ, ପାଣିରେ ଫେଣ ସେହି ଆସନ୍ତା ବଢ଼ିର ସୂଚନା । ପାରି ନ ହେଉଣୁ ବଢ଼ି ଆସିଗଲେ ବାଟ ବନ୍ଦ, ପାଣି ଛାଡ଼ିବାକୁ ଘଣ୍ଟାଏ ଲାଗିପାରେ, ଦିନେ ଦି'ଦିନ ବି, ସେତେବେଳଯାଏ ମଣିଷ ସେହି ବଣରେ ହିଁ ବନ୍ଦୀ ।

ଶୀତଦିନେ ବି କେବେ କେବେ ଝଡ଼ବର୍ଷା ଲାଗି ରହେ, କୁଆପଥର ପିଟେ, ମଞ୍ଜି ଥରିଯାଏ, ନାଳରେ ବଢ଼ି ଆସିଯିବ ବୋଲି ଚାଉଁଚାଉଁ ଲାଗୁଥାଏ । ଶୀତଦିନେ ବଣ ପୂର୍ଣ୍ଣ, ବାଘ ବେଶି ମାତେ, ବହୁତ ମଣିଷ ଖାଏ । ରାତିରେ ପଦାରେ ଛାଉଣି କରିଥିଲେ ଚାରିକରେ ନିଆଁ ଜଳାଇଥାଉଁ, ବାଘ ନ ଆସିବ ବୋଲି । ଯେତେ ଘୋରି ହେଲେ ବି ବିଛଣାରେ ପଡ଼ି ଶୀତରେ ଦେହ ଥରେ, କତିରେ ନିଆଁ ଜଳା ହୁଏ, ମଝିରେ ମଝିରେ ନିଆଁ ପୁଉଁ । ରାତି ଚାରିଟା ପରେ ଶୀତ ଅସମ୍ଭାଳ ହୁଏ । ସକାଳୁ ଚାରିଆଡ଼େ ଦିଶେ ଚୂନ ଲେସି ପଡ଼ିଥାଏ । ବହଳ କୁହୁଡ଼ି ଘୋଟେ, ବେଶି ତ ରାତିରେ । ସକାଳୁ ବାଟ ଧରୁଧରୁ ସାଢ଼େ ଆଠ, କେତେଠିଁ ପର୍ବତ ଉତୁଆଳ କରେ ବୋଲି ତା ଆଗରୁ ସୂର୍ଯ୍ୟ ଦିଶେ ନାହିଁ, ଭୀଷଣ ଶୀତ । ବାଟ ଧରିଲେ ଗଛରୁ ଟପଟପ କାକର ପଡୁଥାଏ ।

କେତେକେତେ ଛିଣ୍ଡାଛିଣ୍ଡା ସ୍ମୃତି ମନେପଡ଼େ । ବଣ ଭିତରେ କେଉଁ ସାନ ଚାଳ

ଡାକବଙ୍ଗଳାରେ ପିଣ୍ଡାରେ ବସିଛି, ଢ଼ିପ ମୁଣ୍ଡିଆ ଉପରେ ଘର, କାଳିଆ ଝୋଲା କି ନାରଗଛ କି ଆଉ କେଉଁଠି ଅଥବା କେଉଁ କନ୍ଧ ଗାଁରେ, କେଉଁଠି ବରଗଛ ମୂଳେ ପତ୍ର-କୁଡ଼ିଆ ଛାଉଣି ଆଗରେ, ଗଛରେ ଶହ ଶହ ଶାରୀ, ସତେ ଅବା ତାର ଯନ୍ତ୍ର ବଜାଇ ସଙ୍ଗୀତ ବୋଲୁଛନ୍ତି । ସେ ପାଖେ ଅଳ୍ପ ଦୂରରେ ଚାଳିଶି ପଚାଶ ମୟୂର ଚରୁଛନ୍ତି, ଉଡୁଛନ୍ତି, ଦୂରରୁ ଦିଶୁଛନ୍ତି, ବାର୍‌ହାପଲ ଧାଉଁଛନ୍ତି, ହଠାତ୍ କେତେବେଳେ ଆମ ଛାଉଣି ବାଟେ କୁଟୁରାଟିଏ ଧାଇଁଧାଇଁ ଗଲା । କି ଦିନ କି ରାତି, କେତେବେଳେ ମହାବଳ ବାଘ ରଡ଼ି ଶୁଭିଲା, ତୁହାକୁ ତୁହା, ସେ ପ୍ରଚଣ୍ଡ ଶବ୍ଦରେ ଚଢ଼େଇ ଉଡ଼ିଗଲେ, ଗଛରୁ ଉଇମାଟି ଝଡ଼ିପଡ଼ିଲା । ବାଟରେ କେତେକେତେ ଥର ବାଘ, ଭାଲୁ, ସମ୍ବର, ହରିଣ, ଅନ୍ୟ ବଣ୍ୟଜନ୍ତୁ ମୁଁ ଦେଖିଛି, ରାଜ୍ୟ ସେମାନଙ୍କର ।

ବାଟେ ବାଟେ ବାଘ ଘୁଅ ପଡ଼ିଛି, କଞ୍ଚା କି ଶୁଖିଲା, କେତେ ପୁରୁଣା ଅନୁମାନ କରି ଅନ୍ଦାଜ କରି ହୁଏ । କେତେବେଳେ ଏ ବାଟେ ସେ ଗଲା । ଧୂଳିରେ ତା ପାଦଚିହ୍ନ ଥାଏ । ଯେଉଁଠି ବସିଥିଲା ସେଠି ତା ନିଶ୍ୱାସ ବାଜି ଧୂଳି ଉଡିଥିବା ଚିହ୍ନ ଥାଏ । କେତେଠିଁ ପଡ଼ିଥାଏ କେଉଁ ସମୟର ସ୍ମାରକ, ଯେତେବେଳେ ବାଘ କେଉଁ ମଣିଷକୁ ଧରିଥିଲା, କାହା ଭଙ୍ଗା ପତ୍ରଛତା, କାହା ଭଙ୍ଗାହାଣ୍ଡି, କେଉଁଠି ଶୁଖିଲା ରକ୍ତ-ଦାଗ, ଲୋକେ ଦେଖେଇ ଦିଅନ୍ତି । କେଉଁ ଜଙ୍ଗଲରେ ବାଘ ମୟୂରକୁ ଧରି ପାହାଡ଼ ଉପରକୁ ଧାଇଁ ଯାଇଥିଲା, ଏକା ଧାର ହୋଇ ବୁଦାଥୁଣ୍ଟା ଓ ଥୁଣ୍ଟାଏ ମୟୂର ବେକର ତାଖି ଠାଏ ଠାଏ ଏବେ ବି ଲାଖିଛି । ମୁଁ ବଣ ଭିତରେ କେବେ କେବେ ମନ ଖୁସିରେ ରଡେଁ, "ମାମୁ, ୱାମୁ (ଆସ)" । କେତେଠିଁତ ଜଣାଶୁଣା ହୋଇ ବାଘମାନଙ୍କ ଘର, ଯେମିତି ଦଶମନ୍ତପୁର ଗଲାବେଳେ କଇଁଛପିଠିଆ ପର୍ବତଟିଏ, ପାଣ୍ଡ୍ରାମାଳି, ତାହାରି କରେ କରେ ବଣ ଭିତରେ ଆମ ଯିବା ବାଟ । କାହାକୁ ବାଘ ଖାଇଲେ ବଣରେ କିଳା ପୋତି ପୂଜା କରି ଦେଇଆସନ୍ତି, ସେପରି ପୂଜାର ନାନା ଶଙ୍କୁ ମୁଁ ଦେଖିଛି ।

୧୧.୩.୧ ଶବ୍ଦାର୍ଥ

ଗୁରେଇ : ଗୁଡେଇ ହେବା, ଛନ୍ଦି ହେବା
ଅରମା : ଅନାବନା ମିଶ୍ରିତ
କଚି : କଚାଡ଼ି
ପୁନଃ : ପୁଣିଥରେ
ପ୍ରତିଧ୍ୱନି : ପୁନଃ ଶୁଣାଯାଉଥିବା ଶବ୍ଦ
କତିରେ : ପାଖରେ
ଛାଉଣି : ନଡ଼ା ଅଥବା ପତ୍ରରେ ଛପର ହେବା
ଢ଼ିପ ମୁଣ୍ଡିଆ : ଉଚ୍ଚ ସ୍ଥାନ
ଚରୁଛନ୍ତି : ସଂଗ୍ରହକରି ଖାଦ୍ୟ ଖାଉଛନ୍ତି
ଧାଇଁଛନ୍ତି : ଦଉଡୁଛନ୍ତି
ଘୁଅ : ମଳ
ସ୍ମୃତି : ପୂର୍ବ ଅନୁଭୂତି
ଅସମ୍ଭାଳ : ଯାହା ସମ୍ଭାଳିବା ସମ୍ଭବ ନୁହେଁ
ହାବୋଡ଼ିଗଲେ : ଆଗରେ ପଡ଼ିଲେ

ଉତୁଆଳ : ପଛ କରିବା

ଡାକବଙ୍ଗଳା : ସରକାରୀ କର୍ମଚାରୀଙ୍କ ସ୍ୱଳ୍ପ ରହଣୀ ପାଇଁ ନିର୍ମିତ ସ୍ୱତନ୍ତ୍ର ଗୃହ

ବଣ୍ୟଜନ୍ତୁ : ବଣରେ ରହୁଥିବା ହିଂସ୍ରପ୍ରାଣୀ

ସ୍ମାରକ : ଅତୀତ ଘଟଣାର ସୂଚନା

୧୧.୩.୨ ପଠିତାଂଶର ଆଲୋଚନା

ଗୋପୀନାଥ ମହାନ୍ତି, ସରକାରୀ ଚାକିରୀ କରୁଥିବାବେଳେ ବେଶ କିଛିବର୍ଷ କୋରାପୁଟ (ଅଭିବିକ୍ତ) ଜିଲ୍ଲାରେ ଅବସ୍ଥାନ କରୁଥିଲେ । ଏହି ସମୟରେ କାର୍ଯ୍ୟଦାୟରେ ତାଙ୍କୁ ସାରାଜିଲ୍ଲା ଭ୍ରମଣ କରିବାକୁ ପଡୁଥିଲା । ବଣଜଙ୍ଗଲ ଏବଂ ପାହାଡ଼ ପର୍ବତରେ କୋରାପୁଟ ଜିଲ୍ଲା ପରିପୂର୍ଣ୍ଣ ହୋଇଥିବାରୁ, ଗୋପୀନାଥ ସେସବୁକୁ ଏକାଧିକବାର କାର୍ଯ୍ୟଦାୟରେ ଭ୍ରମଣରେ ଯାଉଥିଲେ । ସଂଶିତ ପଦ୍ୟାଂଶଟିରେ ସେ ଖରାଦିନେ ବଣପୋଡ଼ିର ନିଆଁ, ବର୍ଷାଋତୁରେ ବଣରେ ବବିଧ ଭୟାଭୟତା, ଶୀତଋତୁରେ ଶୀତର ପ୍ରଚଣ୍ଡତା ସଂମ୍ପର୍କରେ ସେ ବିସ୍ତୃତ ବର୍ଣ୍ଣନା ପ୍ରଦାନ କରିଛନ୍ତି ।

ଏଥିରେ ସହିତ ବଣର ଅନ୍ୟତମ ହିଂସ୍ରଜନ୍ତୁ ବାଘର ଉପସ୍ଥିତ ତଥା ଶିକାର ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିଛନ୍ତି ।

ଗୋପୀନାଥ ଲେଖିଛନ୍ତି, ଖରାଦିନେ ବଣ ପୋଡ଼ିର ନିଆଁ ଆକାଶରେ ସାପେଇ ସାପେଇ ବିଜୁଳିଗାରପରି ଭ୍ରମ ସୃଷ୍ଟି କରାଏ । ବର୍ଷାଦିନେ ଘଞ୍ଚ ଅରମାରେ ବଣ ଭର୍ତ୍ତି ହେଇଯାଏ, ଧଳା - ପାଉଁଶିଆ ବରଷାର ବାମ୍ଫ ଭାସେ, ଭୁଷ୍‌ଭୁଷ୍ ଅଜାଡ଼ି ଦିଏ । ଚାରିଆଡୁ ପାଣି ପଡ଼ିବା ଶବ୍ଦର ପ୍ରତିଧ୍ୱନୀ ଶୁଭେ । ହଠାତ୍ ପୁରୁଷ ଉଚ୍ଚାରୁ ପାଣି ମାଡ଼ିଆସି ଗଛ, ପଥର ସବୁକିଛି ତଳକୁ ତଳକୁ ଭସାଏ ନିଏ ।

ସେମିତି ବି ଶୀତଋତୁର ବର୍ଣ୍ଣନାଦେଇ ଗୋପୀନଥ ଲେଖିଛନ୍ତି, ଯେତେ ଘୋରିହେଲେ ବି ଦେହ ଶୀତରେ ଥରେ, ରାତି ଚାରିଟାରେ ଶୀତ ଅସମ୍ଭାଳ ହୁଏ, ମଝିରେ ମଝିରେ ନିଆଁ ଜଳାଯାଇ ନିଆଁ ପୁଇଁବାକୁ ପଡେ ।

ପଡ଼ିଥିବା ବାଘର ମଳ କଞ୍ଚା କି ଶୁଖିଲା ତାହା ଦେଖି ବାଘର ଉପସ୍ଥିତର ସମୟ ବିଷୟରେ ଅନ୍ଦାଜ କରିହୁଏ ।

୧୧.୩.୩ ମୂଳପାଠର ଦ୍ୱିତୀୟାଂଶରୁ ପ୍ରଶ୍ନ

୧. ଖରାଦିନେ ବଣର ଅବସ୍ଥା କିପରି ଦିଶେ ?

୨. ବଣରେ ବର୍ଷାର ସଂକ୍ଷିପ୍ତ ବର୍ଣ୍ଣନା ଦିଅନ୍ତୁ ?

୩. ବର୍ଷାଦିନରେ କ'ଣ, ବଣରେ ବହଳ ଧଳା-ପାଉଁଶିଆ ଦିଶେ ?

୪. ପବନ ଓ ବର୍ଷାର ଶବ୍ଦ ବଣ ଭିତରେ କିପରି ଶୁଭେ ?

୫. ବଣରେ କେଉଁ ସମୟରେ ବାଘ ମାତେ ଏବଂ ଅଧିକ ମଣିଷ ଖାଏ ?

୬. ଶୀତରୁ ରକ୍ଷା ପାଇବା ପାଇଁ ବଣ ଭିତରେ ମଣିଷ କି ପ୍ରକାର ବ୍ୟବସ୍ଥା କରେ ?

୭. ସକାଳ କାହିଁକି ଚୂନ ଲେସି ପଡ଼ିଥିବାପରି ଦିଶେ ?

୮. ସକାଳେ କେତେବେଳେ ସୂର୍ଯ୍ୟ ଦେଖା ଦିଅନ୍ତି ?

୯. କେଉଁ ସ୍ଥାନରେ ଶହ ଶହ ଶାରୀ ଯନ୍ତ୍ର ବଜାଇ ସତେ ଅବା ସଙ୍ଗୀତ ଗାଉଛନ୍ତି ବୋଲି କୁହାଯାଇଛି ?

୧୦. ବାଘର ଉପସ୍ଥିତି କିପରି ବୁଝାପଡ଼େ ?

୧୧.୩.୪ ମୂଳପାଠର ଦ୍ୱିତୀୟାଂଶ ବ୍ୟାକରଣ ପ୍ରଶ୍ନ

- 'ଭୁଷ୍ ଭୁଷ୍' ଭଳି ଆଉ ତିନୋଟି ଧ୍ୱନାତ୍ମକ ଶବ୍ଦ ଲେଖନ୍ତୁ ।
- ନିମ୍ନୋକ୍ତ ବିଶେଷ୍ୟ ଶବ୍ଦକୁ ବିଶେଷଣରେ ପରିବର୍ତ୍ତନ କରନ୍ତୁ ।
- କଅଁଳ, ପାଉଁଶ, କଁଇଁଛପିଠିଆ
- ନିମ୍ନୋକ୍ତ ବିଶେଷ୍ୟ ଶବ୍ଦକୁ ନାମ ଧାତୁରେ ପରିବର୍ତ୍ତନ କରନ୍ତୁ ଯେପରି, ସାପ-ସାପେଇ ମୁଣ୍ଡ, ବାଟ, ଲଟା
- ନିମ୍ନୋକ୍ତ ଶବ୍ଦର ପ୍ରତ୍ୟୟଗୁଡ଼ିକ ଚିହ୍ନାଇ ଲେଖନ୍ତୁ ।
- ଶୁଆପଖିଆ, ପାଉଁଶିଆ, କାଳିଆ, ଆତିଥ୍ୟ
- ନିମ୍ନୋକ୍ତ ଶବ୍ଦର ଉପସର୍ଗ ଗୁଡ଼ିକ କଣ ଲେଖନ୍ତୁ ।
  ଅସମ୍ଭାଳ, ପ୍ରଚଣ୍ଡ, ଅନୁମାନ

୧୧.୪ ମୂଳପାଠର ଶେଷ ଭାଗ

ନାରଗଛ ବଙ୍ଗଳା, ପିଠି ଆଡ଼େ ପର୍ବତ, ସାମ୍ନାରେ ମୁରାନ୍ ନଈରେ ଗଣ୍ଡ, ଏଠି ମାଛର ଖଣି । ବଡ଼ ବଡ଼ 'କଇସାରି' ମାଛ, ନାଲି ମିରିକାଳି ପରି, ଗୋଟାକ ଦି କେଜିରୁ ଦଶ କେଜି ହୁଏ । ସେଠିକି ଗଲେ ପ୍ରଚୁର ମାଛ ଖିଆହୁଏ, ଯେତେ ଥାଉଁ ସମସ୍ତଙ୍କ ପାଇଁ ଯଥେଷ୍ଟ । ଥରେ ଦି'ପହରେ, ଗଣ୍ଡ ନିଛାଟିଆ ପଡ଼ିଥାଏ, ସେହି ଗଣ୍ଡ ଭିତରେ ପଶି ଉପରେ ଗୋଟାଏ ଜିଅନ୍ତା ମୁଣ୍ଡରୁ କେତେ ଅଂଶ ଦିଶିଲା । ମଇଁଷି ମୁଣ୍ଡ ପରି ମୁଣ୍ଡ, ଗୋଲ୍ ଗୋଲ୍ ନାଲି ନାଲି ଆଖି, ଆଁ କଲା, ଗୋଜିଆ ଗୋଜିଆ ଧଳା ଧଳା ଦାନ୍ତ ବୁଡ଼ିଗଲା । ଚବିଶ ପଚିଶ ବର୍ଷ ପରେ ଫୁଲବାଣୀ ଜିଲ୍ଲାର ବାଲିଗୁଡ଼ାରେ ଓ ତା ଦଶ ବାର ବର୍ଷ ପୂର୍ବରୁ ଫୁଲବାଣୀକୁ ଲାଗିଥିବା କୋରାପୁଟର ଚନ୍ଦ୍ରପୁର ମାଳରେ ସେହି ବର୍ଣ୍ଣନା ମୁଁ ଶୁଣିଲି 'ଗ୍ରାହୀ' ବୋଲି ଗୋଟାଏ ଜନ୍ତୁର, ସେମିତି ମୁହଁ ଓ ମୁଣ୍ଡ, ଢ଼ିଙ୍କି ପରି ଦେହ, ସାପ ପରି ସରୁ ଲାଞ୍ଜ, ନଈ ବଢ଼ି ବେଳେ ପାହାଡ଼ ନଈରେ ବାହାରନ୍ତି, ଏକାଠି ଦି ଦିଟା ଥାନ୍ତି, ବେଶି ନୁହେଁ, ମଣିଷ କି ଜନ୍ତୁ ପାଣିରେ ପଶିଲେ ଧରି ଖାଇଯାନ୍ତି । କିମ୍ବଦନ୍ତୀ । ମୁଁ କେବେ ଗୋଟା ସୁଦ୍ଧା 'ଗ୍ରାହୀ' ଦେଖି ନାହିଁ । କନ୍ଧ କହନ୍ତି ସେ ପାଣିର ସାପ, ସେ କିମ୍ବୀର ବି ହୋଇଥିବ, 'ଗ୍ରାହ'ରୁ 'ଗ୍ରାହୀ', ମୁଁ ଜାଣେ ନାହିଁ ।

ସେମିତି ଶୁଣିଛି 'ଷାଠୀ' ସାପ କଥା, ଅନେକଙ୍କ ତୁଣ୍ଡରୁ, କୋଇଲୀସୂତା ପରି, ଷାଠିଏ ହାତ ଲମ୍ବା, ପାଣିରେ ଗୁଡେଇ ହୋଇ ଲୁଚିଥାଏ, ମଣିଷ କି ଜନ୍ତୁ ପାଣିରେ ପଶିଲେ ଗୋଡ଼ ଆଡୁ ଗୁଡେଇ ହୋଇ ହୋଇ ବାନ୍ଧି ପକାଏ, ଛୁରି ଥିଲେ କାଟି ମୁକୁଳି ହେବ, ନ ହେଲେ ଚାହୁଁ ଚାହୁଁ ଭିଡ଼ିଦେବ, ଶିକାରକୁ ପାଣିରେ ଫୋପାଡ଼ି ଦେବ, ତା ଆଖି ଓ ଦେହର କଅଁଳ ଅଂଶ ଖାଇଯିବ, କେହି କୂଳରେ ଥିଲେ ବି ସେ ଲାଞ୍ଜ ଛାଟି ଦେଇ ବାନ୍ଧି ଓଟାରି ପାଣିରେ ପକାଇଦେବ । କୁଆଡ଼େ ହାତୀକୁ ବି ଗୋଡ଼ ବାନ୍ଧି କଚାଡ଼ି ଦିଏ । ବଣର ଝରଣାରେ ପଶିଲାବେଳେ ସମସ୍ତିଙ୍କର ଷାଠୀ ସାପକୁ ଭାରି ଡର, କିନ୍ତୁ ମୁଁ କେବେ ଦେଖି ନାହିଁ ।

ଷାଠୀ ଥାଉ ନ ଥାଉ ବଶର ଝରଣା ଆପେ ବିପଦ । ପାଣି ତଳେ ଖସଡ଼ା, ପଥର ଚଟାଣ, କେଉଁଠି ଖଣ୍ଡ ଖଣ୍ଡ ପଥର ପଡ଼ିଥିବ, ଠାଏ ଠାଏ ଗାଡ଼, ଫାଟ, ନାଗମୁଣ୍ଡକଟା ପାଣି ସୁଅ, ବିଜୁଳି ବେଗରେ ତଳକୁ ଗଡୁଛି । ଆମେ ପଶୁଁ ହାତ ଧରାଧରି ହୋଇ, ଆରହାତରେ ଠେକ ଦେବାକୁ ବାଡ଼ି ଥାଏ, ଜଣକ ଗୋଡ଼ ଖସିଲେ ସେ ଭାସିଯିବ ନାହିଁ, ଆଦିବାସୀଙ୍କର ଚଳଣି ବି ସେମିତି, ଅଣଆଦିବାସୀଙ୍କର ତା ନୁହେଁ ।

କାଳିଆ ଝୋଲାରେ ହେବ ପରା, ଦି'ପହରେ ଖଟରେ ପଡ଼ିଥିଲି, ହଠାତ୍ ନିଘା କଲି ଚାଳ ଉପରୁ ସାପଟାଏ ସିଧା ଓହଳିଛି ମୋ ଛାତି ଉପରେ, ତା ମୁଣ୍ଡଟା ତଳକୁ, ଲାଞ୍ଜ ଗୁରେଇ ହୋଇଛି । ସାପଟା ପଡ଼ିଲା ଓ ମରା ହେଲା, ଗୋଟାଏ ବଡ଼ "ଡଙ୍ଗର୍-ଚିତି", ଖୁବ୍ ବିଷାକ୍ତ ସାପ । ସେହି କାଳିଆଝୋଲା ବଙ୍ଗଳା ହତାରେ ଗାଁ ମୁଣ୍ଡିଆଳଙ୍କୁ ବାଘ ଖାଇଥିଲା, ବଙ୍ଗଳା ଉପରକୁ ବଡ଼ ଢିପ, ତାହାପରି ଢାଲୁରେ ଗାଁ, କନ୍ଧମାନେ ଗୋଟାଏ ଝରଣାକୁ ବାନ୍ଧି ନାଳ କାଟି ତାଙ୍କ ଘର ଦୁଆର ମୁହଁ ଆଗରେ ନାଳ ନେଇଥାନ୍ତି ନିଜ ନିଜ ବାରିକୁ, ସତେକି ଗୋଡ଼ ତଳେ ଗଙ୍ଗା ବିଜେ କରିଛନ୍ତି, ଚାଲିଥାଏ ପାଣିଧାର । ଗସ୍ତରେ ଗଲାବେଳେ କନ୍ଧପିଲାମାନଙ୍କୁ ଦେଖି ଆଶ୍ଚର୍ଯ୍ୟ ହୁଏ, ଆଠ ବର୍ଷ ବାର ବର୍ଷର ପିଲା, ପିନ୍ଧିଥାନ୍ତି ଖଣ୍ଡେ ଖଣ୍ଡେ ଲେଙ୍ଗୁଟି, ମୁହଁ, ଆଖିରେ, ଦେହରେ ଜୀବନ ଝଲସୁଥାଏ, କେଡ଼େ କ୍ଷୀପ୍ର, କର୍ମଠ, ଉତ୍ସାହୀ ଓ ଖୁସିଖୁସି । ସେହି ଟିକି ଟିକି ପିଲାଏ ଗଛରେ ଚଢ଼ି ଚାହୁଁ ଚାହୁଁ ଡାଳପତ୍ର ହାଣିଆଣନ୍ତି, ବଡ଼ ବଡ଼ମାନଙ୍କ ସଙ୍ଗେ ମିଶି ଚାହୁଁ ଚାହୁଁ ତୋଳିଦିଅନ୍ତି ଧାଉଡିଏ ପତ୍ରକୁଡ଼ିଆ, ଦି'ବଖରା, ତିନିବଖରା, ଡାଳପତ୍ରର କାନ୍ଥ ଓ ଛାତ, ଆମର ବସା । ଗାଁ ଲୋକଙ୍କ ସ୍ନେହ, ଦୟା ଓ ଆତିଥ୍ୟରେ ମନ ପୂରିଯାଏ । ସେମାନେ ନିଜ ପାଇଁ କିଛି ଖୋଜନ୍ତି ନାହିଁ, କୁଣିଆ ଚର୍ଚ୍ଚା କରନ୍ତି ସ୍ନେହରେ, ପୁଣି ଗାଁର ଇଜ୍ଜତ ଲାଗି ।

ଭୁଲି ହେଉ ନାହିଁ ଥରକର କଥା, ଶୀତ ଦିନ, ରାତି, ଗିର୍ଲିଗୁମା ଆଡ଼େ ଯାଉ ଯାଉ ବଶରେ ବାଟ ଭୁଲିଛୁଁ, ଗାଁ ପତୁ ନାହିଁ, ଖାଲି ପର୍ବତ, ବଶ, ବାଟ ପଡ଼ିଛି ମହା ଅରଣ୍ୟ ମଝିକି, ଗାଁ ନାହିଁ । କେତେ ବୁଲି ବୁଲି କେଉଁ ଗୋଟାଏ ଗାଁ, ରାତି ଦଶ ହେଲାଣି, ସମସ୍ତେ କେତେବେଳୁ ଶୋଇଲେଣି, କବାଟ ପଡ଼ିଛି, ଆମେ ଯାଇ ଗାଁ ଦାଣ୍ଡରେ ଠିଆ ହୋଇ ଡାକିଲୁଁ । ଆଗ ଉଠିଲେ ମାଇପେ, ପିଣ୍ଡାରେ ଥାଇ ଦେଖିଲେ, ଆମ କଥା ଶୁଣିଲେ, ଘରେ ପଶିଲେ, ପରୁଷମାନେ ଉଠୁ ନାହାନ୍ତି, ଗୋଟିଏ ଘରୁ ପାଟି ଶୁଭୁଛି, ସ୍ତ୍ରୀ ଲୋକଟିଏ ତା ସ୍ୱାମୀକୁ ନିଦରୁ ଉଠାଉଛି, କହୁଛି-

"ଛି ଛି କେଡ଼େ ଲଜ୍ଜା କଥା, ଘରକୁ ଲାଜ, ଗାଁକୁ ଲାଜ, ଆମେ ପରା କନ୍ଧ ଲୋକ, ତମୁକୁ ଲାଜ ମାଡୁ ନାହିଁ ଯେ ତୁମ ଦୁଆରେ କୁଣିଆ ଠିଆ ହୋଇଛନ୍ତି ଆଉ ତୁମେ ତାଙ୍କ କଥା ନ ବୁଝି ସୁଖରେ ଶୋଇରହିଛ ? କେତେ ଦୂର ବାଟ ଚାଲି ଚାଲି ଆସିଥିବେ, ବଶ ପାହାଡ଼, ଡଙ୍ଗର, କେଡ଼େ ବାଧା ହେବଣି, କ'ଣ ଖାଇଥିବେ କି ନାହିଁ, ଶୀତରେ ଥରୁଥିବେ, ତମୁକୁ ଲାଜ ମାଡୁ ନାହିଁ ଶୋଇଚ, ଛି ଛି, ମାନ ମତହତ ଦି କଡ଼ା କଲ, ଉଠ, ବାହାର ।"

ଶୁଭୁଥାଏ ଅନ୍ୟାନ୍ୟ ଘରୁ ପାଟି, ମାଇପେ ପୁରୁଷମାନଙ୍କୁ ବିଛଣାରୁ ଉଠୋଉଛନ୍ତି, ପଦାକୁ ଠେଲୁଛନ୍ତି ।

ଗାଁ ଯାକ ଉଠିପଡ଼ିଲେ । ଲାଗିଗଲେ ଆମରି ପରିଚାର୍ଯ୍ୟାରେ । କାଠ ବୋହିନେଲେ, ପାଣି ଆଣି ଦେଲେ, ଶଳପ ଗଛରେ ଚଢ଼ି ବାହୁଙ୍ଗା କାଟି ଆଣିଲେ, ଚାହୁଁ ଚାହୁଁ ଗାଁ ବାହାରେ ଆମ ପାଇଁ

ପତ୍ର କୁଡ଼ିଆ ଯୋଡ଼ିଏ ଠିଆ ହେଲା, ଆମ ପାଖେ ରୋଷେଇ କରିବାକୁ ସବୁ ଜିନିଷ ଥିଲା, ରୋଷେଇ ବସିଲା, ଦେଢ଼ ଘଣ୍ଟା ପରେ ଆମେ ସବୁ ଶୋଇଲୁଁ । କୁଡ଼ିଆ ଚାରିପଟେ କନ୍ଧମାନେ ନିଆଁ ଜାଳିଥାନ୍ତି । ସକାଳ ପାହିଲା, ପରିସ୍ଥିତି ଦେଖିଲି, ଆମେ ଅଛୁଁ ଗୋଟାଏ ଭୟଙ୍କର ଦାଢ଼ରେ, ଖଣ୍ଡେ ଛାଡ଼ି କନ୍ଧ ଗାଁଟି, ତାର ଗୋଟାଏ ପାଖେ ସେ ଶାଳବଣ ତିନିପାଖେ ପର୍ବତ ଉପରେ ପର୍ବତ, ଅର୍ଦ୍ଧଚନ୍ଦ୍ର ପରି ଘେରି ବୁଲିଛି, ପର୍ବତ ଉହୁଁକି ରହିଛି ଗାଁ ଉପରକୁ । ଶୁଣିଲି ସେ ବାଘୁଆ ବଣ, ଆମେ ଥିବା ଜାଗା ପାଖରେ ବାଘ ମଣିଷ ଖାଇଛି ।

ତେତିଶି ଚୌତିରିଶି ବର୍ଷ ଚାଲିଗଲାଣି, ଏବେ ସୁଦ୍ଧା ମନେଅଛି । ସେ ରାତି ଓ ସେ କନ୍ଧ ଭଦ୍ରମହିଳାଙ୍କର ହୃଦୟର ମହତ୍ତ୍ୱ, ଯେ ତାଙ୍କ ସ୍ୱାମୀଙ୍କୁ ନିଦରୁ ଉଠାଉଥିଲେ ଅତିଥି ଚର୍ଚ୍ଚା କରିବାପାଇଁ ।

୧୧.୪.୧ ଶବ୍ଦାର୍ଥ

ଗଣ୍ଡ	:	ଗଭୀର ଜଳର ସ୍ଥାନ
ଗ୍ରାହୀ	:	ଏକ ଜଳଜନ୍ତୁ, ଯାହାର ମୁଣ୍ଡଟି ମଇଁଷି ମୁଣ୍ଡ ଆକୃତିର
ଢ଼ିଙ୍କି	:	କାଠରେ ତିଆରି ଏକ ବିଶେଷ ଉପକରଣ ଯାହା ସାହାଯ୍ୟରେ ଧାନରୁ ଚାଉଳ ଏବଂ ଚାଉଳରୁ ଚୂନା କରିହୁଏ ।
କିମ୍ବଦନ୍ତୀ	:	ପ୍ରଚଳିତ କାହାଣୀ
ଷାଠୀ	:	ଏକ ପ୍ରକାର ସାପ, ଯାହା ଜଳରେ ବାସକରେ
ତୁଣ୍ଡରୁ	:	ମୁହଁରୁ
ମୁକୁଳିଆସିବା	:	ବାହାରି ଆସିବା, ଖସି ଆସିବା, ମୁକ୍ତି ପାଇବା
ଫୋପାଡ଼ି ଦେବ	:	ଫିଙ୍ଗିଦେବ
ଗାଡ଼	:	ଖାତ
ନିଘା କଲ	:	ଠିକଣା କଲ, ନଜର ରଖିଲ
ମୁଣ୍ଡିଆଳ	:	ମୁଖିଆ, ପ୍ରଧାନ
ଲେଙ୍ଗୁଟି	:	ପୁରୁଷମାନେ ପିନ୍ଧୁଥିବା ଛୋଟ କଛାର ବିଶେଷ ଏକ ବସ୍ତ୍ର
କ୍ଷିପ୍ର	:	ଅତ୍ୟନ୍ତ ଶୀଘ୍ର, ଖୁବ୍ ଶୀଘ୍ର
ଧାଉଡିଏ	:	ଧାଡ଼ିଏ
କୁଣିଆ	:	ଅତିଥି
ଉହୁଁକି	:	ବହକି ରହିବା, ବାହାରି ରହିବା

୧୧.୪.୨ ପଠିତାଂଶର ଆଲୋଚନା

ସଂଶିତ ପଦ୍ୟାଂଶଟିରେ ଗୋପୀନାଥ ମହାନ୍ତି, କୋରାପୁଟ ଜଙ୍ଗଲ ଜୀବନର ଅନ୍ୟ ଏକ ଉଲ୍ଲେଖନୀୟ ବିଷୟ ବର୍ଣ୍ଣନା ଦେଇଛନ୍ତି । 'ଗ୍ରାହୀ' ନାମକ ଏକ ବିଶେଷ ଜଳଜନ୍ତୁ ଏବଂ 'ଷାଠୀ' ନାମକ ଏକ ଜଳସର୍ପ ଏହି ବିଷୟର ମୂଳ ତଥ୍ୟ ।

ଗ୍ରାହୀର ମୁହଁ ଓ ମୁଣ୍ଡ ମଇଁଷି ମୁହଁ ଓ ମୁଣ୍ଡପରି । ଏହାର ଢ଼ିଙ୍କି ପରି ଦେହ, ସାପ ପରି ସରୁ ଲାଞ୍ଜ । ନଈ ବଢ଼ିବେଳେ ପାଣିରେ ପଶିଲେ ବାହାରନ୍ତି, ମଣିଷ କି ଅନ୍ୟ କିଛି ଜୀବ ପାଣିରେ ପଶିଲେ ତାଙ୍କୁ ଧରି ଖାଇଯାଆନ୍ତି । ଗୋପୀନାଥଙ୍କ ମତରେ ଏହା କିମ୍ବଦନ୍ତୀ ବି ହୋଇପାରେ ।

ସେହିପରି ଷାଠୀ, କୋଇଲିସୂତା ପରି ଏବଂ ଏହା ଷାଠିଏ ହାତ ଲମ୍ବା, ପାଣିରେ ଗୁରେଇ ହେଇ ଲୁଚିଥାଏ, ମଣିଷ କି ଅନ୍ୟ ଜୀବଙ୍କୁ ପାଇଲେ, ଗୋଡ଼ଆଡୁ ଗୁଡେଇ ହୋଇ ବାନ୍ଧିପକାଏ । ଛୁରୀ ଥିଲେ ତାକୁ କାଟିନେଇ ତା'ଠୁ ମୁକୁଳିହେବ, ତା' ନହେଲେ ସେ ଶିକାରକୁ ପାଣିରେ ଫୋପଡ଼ି ତା' ଶରୀରର କଅଁଳ ଅଂଶ ଖାଇଯିବ । ବଣର ଝରଣାକୁ ପଶିଲେ ସମସ୍ତଙ୍କ ଷାଠୀକୁ ଡର ।

ସେହିପରି ଏଇ ପଦ୍ୟାଂଶଟିରେ କନ୍ଧମାନଙ୍କର ଅତିଥିଚର୍ଯ୍ୟା ବିଷୟରେ ମଧ୍ୟ ଉଲ୍ଲେଖନୀୟ ବର୍ଣ୍ଣନାରହିଛି । ଏକ କନ୍ଧଗାଁରେ ବିଳମ୍ବିତ ରାତ୍ରିରେ ପହଞ୍ଚି କନ୍ଧ ଗାଁର ଉଭୟ ଏବଂ ପୁରୁଷଙ୍କଠାରୁ ଯେଉଁ ଅତିଥି ଚର୍ଯ୍ୟା ପାଇଥିଲେ, ତାହାକୁ ବର୍ଣ୍ଣନା କରିବା ସହ ସାରାଜୀବନ ମନେରଖିବେ ବୋଲି ଗୋପୀନାଥ ଉଲ୍ଲେଖ କରିଛନ୍ତି ।

୧୧.୪.୩ ମୂଳପାଠର ତୃତୀୟାଂଶରୁ ପ୍ରଶ୍ନ

୧. କେଉଁ ନଈ ମାଛର ଖଣି ?

୨. 'ଗ୍ରାହୀ' କ'ଣ ?

୩. 'ଷାଠୀ' କ'ଣ ଏବଂ କେଉଁଠି ଥାଏ ?

୪. 'ଷାଠୀ' କବଳରୁ ରକ୍ଷା ପାଇବାର ଉପାୟଟି କ'ଣ ?

୫. ଆଦିବାସୀଙ୍କର କେଉଁ ଚଳଣି ଅଣଆଦିବାସୀଙ୍କ ପାଖରେ ନାହିଁ ?

୬. କାଳିଆଝୋଲା ବଙ୍ଗଳା ହତାରେ କାହାକୁ ବାଘ ଖାଇଥିଲା ?

୭. କନ୍ଧପିଲାମାନଙ୍କ ଜୀବନଚର୍ଯ୍ୟା କିପରି ?

୮. କେଉଁମାନେ ଗାଁର ଇଜ୍ଜତଲାଗି କୁଣିଆଚର୍ଚ୍ଚା କରନ୍ତି ?

୯. କନ୍ଧ ଗାଁରେ ମାଇପେ ସେଥର ରାତିରେ କ'ଣ ପାଇଁ ପୁରୁଷମାନଙ୍କୁ ବିଛଣାରୁ ଉଠଉଥିଲେ ?

୧୧.୪.୪ ମୂଳପାଠର ତୃତୀୟାଂଶରୁ ବ୍ୟାକରଣ ପ୍ରଶ୍ନ

- ନିମ୍ନୋକ୍ତ ପଦରେ ବ୍ୟବହୃତ ବିଭକ୍ତି ପଦକୁ ଚିହ୍ନାଇ ଲେଖନ୍ତୁ ।
  ସାମ୍ନାରେ, ଦିପହରେ, ପିଲାଏ
- ନିମ୍ନୋକ୍ତ ଅବ୍ୟୟ ପଦଗୁଡ଼ିକୁ ବ୍ୟବହାରକରି ବାକ୍ୟଗଠନ କରନ୍ତୁ ।
  ଓ, ପରି, ଯେତେ, ବି
- ସନ୍ଧି ବିଚ୍ଛେଦ କରନ୍ତୁ ।
  ଯଥେଷ୍ଟ, କିମ୍ବଦନ୍ତୀ, ଗ୍ରାହୀ,
- ଭୁଲଥିଲେ ସଂଶୋଧନକରି ଲେଖନ୍ତୁ ।
  ସ୍ୱାମି, ମହତ୍ୱ, ଚଳଣି, ସିକାର, ବିଷାକ୍
- ନିମ୍ନୋକ୍ତ ପଦଗୁଡ଼ିକୁ ବାକ୍ୟରେ ବ୍ୟବହାର କରିଲେଖନ୍ତୁ ।
  କର୍ମଠ, ଉତ୍ସାହୀ, ଯଥେଷ୍ଟ

୧୧.୫ ସାରାଂଶ

ଓଡ଼ିଶାର କୋରାପୁଟ (ଅବିଭକ୍ତ) ଜିଲ୍ଲା, ପ୍ରାକୃତିକ ବିବିଧତାରେ ପରିପୂର୍ଣ୍ଣ । ପାହାଡ଼, ପର୍ବତ, ଘଞ୍ଚ ଜଙ୍ଗଲ ମଧ୍ୟରେ ଖାଲି ଜାତିଜାତିକ ବୃକ୍ଷଲତା କି ଫୁଲଫଳ ନୁହେଁ ବରଂ ବିବିଧ

ଜୀବଯନ୍ତୁମାନଙ୍କରେ ମଧ୍ୟ ପରିପୂର୍ଣ୍ଣ । ଏମାନଙ୍କ ସହ ସହାବସ୍ଥାନ କରୁଥିବା ଆଦିବାସୀ ସମ୍ପ୍ରଦାୟର ମଣିଷମାନେ ମଧ୍ୟ ଜଙ୍ଗଲପରି ଅବୁଝା ଏବଂ ବିସ୍ମୟକର । ଏହାଛଡ଼ା ଜଙ୍ଗଲ ଭିତରେ ବାଘ ଏବଂ ପାଣି ଭିତରେ 'ଗ୍ରାହୀ', 'ଷାଠୀ' ଜଙ୍ଗଲ ଜୀବନରେ ସଦାସର୍ବଦା ଭୟର ବି କାରଣ ।

ବିଭିନ୍ନ ବିବିଧତା ସତ୍ତ୍ୱେ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ଏବଂ ଏକୀକରଣ ଏହି ବିଷୟଟିର ମୂଳ ଉପଲକ୍ଷ୍ୟ । ସେ ବିବିଧତା ଯେମିତି ଜଙ୍ଗଲ ମଧ୍ୟରେ ପରିବ୍ୟାପ୍ତ,ଋତୁମାନଙ୍କରେ ଅନୁସୃତ ସେମିତି ବି ଆଦିବାସୀ ଜନଜୀବନରେ ପ୍ରତିଫଳିତ । ଏଠି ଆଦିବାସୀ ପ୍ରକୃତିକୁ ଉପଭୋଗ କରେ, ପ୍ରକୃତିର କ୍ରୁରତା ସହ ଯୁଝେ ଏବଂ ବଣର ହିଂସ୍ରଜନ୍ତୁ, ମଣିଷଖିଆ ବାଘ କିମ୍ବା ବିଷଧର ସାପଙ୍କ ସହ ମଧ୍ୟ ସହାବସ୍ଥାନ କରେ ।

ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଆଦିବାସୀଙ୍କ ଜୀବନରେ ଅନୁସୃତ ସରଳତା, ସତ୍ୟନିଷ୍ଠତା, ଅତିଥି ପରାୟଣତା ଏବଂ ନାଚଗୀତରେ ବିଭୋର ହେବାର ପ୍ରବଣତା ।

ସମସ୍ତ ପ୍ରକାର ପ୍ରତିକୂଳତାକୁ ସାମ୍ନାସାମ୍ନି ହେଇ, ପ୍ରତିକୂଳତା ସହ ଚିର ସହବସ୍ଥାନକରି ପରିବେଶରୁ କିପରି ଜୀବନର ମାଦକତାକୁ ଆହରଣ କରିହେବ ତାହା ପୁଣି ନୀତିନିଷ୍ଠ ଭାବରେ, ସଂଶିତ ପଦ୍ୟାଂଶଟି ତାହାର ଏକ ଅନୁପମ ଉଦାହରଣ ।

୧୧.୬ ପଠନ ଅଭ୍ୟାସ

୧. ସମ୍ପୂର୍ଣ୍ଣ ପାଠଟି ପଢ଼ି ଇନାମ୍, ମୁଣ୍ଡିଆଳ, ଗୁରେଇ, ସାପେଇ, ଅରମା ପରି ବିଭିନ୍ନ ଶବ୍ଦକୁ ନେଇ କାବ୍ୟ ଗଠନ କରନ୍ତୁ ।

୨. ଚିଣ୍ଡା ଛିଣ୍ଡା ସ୍ତୁତି / ସାପେଇ ସାପେଇ ବିଜୁଳି / ଅଜାଡ଼ି ହେବାର ଗୁରୁ ଗୁରୁ / ଡାଙ୍ଗ ସରୁ ସରୁ, ଭଳି ଖଣ୍ଡବାକ୍ୟ ପ୍ରସ୍ତୁତ କରନ୍ତୁ ।

୩. କଇସାରି, ମରିକାଳି ପରି ଅତି କମ୍‌ରେ ଆଉ ଦଶଟି ମାଛର ନାମ ଲେଖନ୍ତୁ ।

୪. ଗ୍ରାହୀ ଏବଂ ଷାଠୀ ଭଳି କେବଳ ଶୁଣାଯାଉଥିବା ଆଉ କେତୋଟି ଯନ୍ତୁଙ୍କର ନାମ ଲେଖନ୍ତୁ ।

୫. ନାଗ ମୁଣ୍ଡକଟା ନାଣି ସୁଅ / କଇଁଛ ପିଠିଆ ପର୍ବତ / ଢ଼ିଙ୍କିପରି ଦେହ / ସାପପରି ଲାଞ୍ଜ : ଏମିତି ଆଉ କେତୋଟି ତୁଳନାତ୍ମକ ଚିତ୍ର ପ୍ରଦାନ କରନ୍ତୁ ।

୬. ବଣ ଜଙ୍ଗଲର ବିଭିନ୍ନତାକୁ ଋତୁ ଅନୁଯାଇ ବର୍ଣ୍ଣନା କରନ୍ତୁ ।

୭. ବଣ ଜଙ୍ଗଲରେ କି ପ୍ରକାର ଅଘଟଣଘଟେ ତା'ର ତଥ୍ୟ ଦିଅନ୍ତୁ ।

୮. ବଣର ନାନା ରୂପ, ନାନା ରଙ୍ଗ, ନାନା ବାସ୍ନା ; ପଠିତ ବିଷୟ ଆଧାରରେ ଏଇ କଥାଟିର ସତ୍ୟତା ପ୍ରତିପାଦନ କରନ୍ତୁ ।

୯. ଆଦିବାସୀ ମାନଙ୍କର ଜୀବନରେ ନାଚଗୀତର ପ୍ରଭାବ ସମ୍ପର୍କରେ ଆଲୋଚନା ଲେଖନ୍ତୁ ।

୧୦. ଆଦିବାସୀମାନଙ୍କର ଅତିଥି ପରାୟଣତାର ଏକ ଚିତ୍ର ପ୍ରଦାନ କରନ୍ତୁ ।

୧୧. ପ୍ରତିକୂଳ ପରିସ୍ଥିତିକୁ ଜଙ୍ଗଲ ମଧ୍ୟରେ ଆଦିବାସୀ କିପରି ସାମ୍ନାସାମ୍ନି ହୁଏ, ତାହାର ଏକ ଟିପ୍‌ଣୀ ପ୍ରସ୍ତୁତ କରନ୍ତୁ ।

୧୨. ଜଙ୍ଗଲ ଓ ଆଦିବାସୀ ଜନଜୀବନର ଏକ ତୁଳାନାତ୍ମକ ଆଲଖ୍ୟ ପ୍ରସ୍ତୁତ କରନ୍ତୁ ।

୧୧.୭ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

ଯେଉଁସବୁ ଆତ୍ମସମୀକ୍ଷାମୂଳକ ପ୍ରଶ୍ନ ଦିଆଯାଇଛି, ତାହାର ଉତ୍ତର ଏଠାରେ ଦିଆଯାଇଛି । ଆପଣ କରିଥିବା ଉତ୍ତର ସହିତ ଏହି ଉତ୍ତରଗୁଡ଼ିକୁ ମିଳାଇ ଦେଖନ୍ତୁ । ଯଦି କୌଣସି ସ୍ଥଳରେ ଆପଣ ଭୁଲ କରିଥାନ୍ତି, ସଂଶୋଧନ କରିନିଅନ୍ତୁ ।

ପ୍ରଥମଭାଗର ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର

୧. ଲେଖକଙ୍କ ବିଚାରରେ କ'ଣ ସବୁ ମିଶି ଜୀବନ ?

ଉ : ମଣିଷ ଜୀବନରେ ଅନେକ ଘଟଣାଘଟେ । କ୍ରମଶଃ ସେଇ ଘଟଣା ଗୁଡ଼ିକ ସ୍ମୃତି ପାଲଟେ । ସେଇ ସ୍ମୃତି ମିଶିହିଁ ଜୀବନ ।

୨. ଘାଟି ଚଢ଼ିଲାବେଳେ ଲେଖକ କିପରି ଅନୁଭବ କରୁଛନ୍ତି ?

ଉ: ଘାଟି ଚଢ଼ିଲାବେଳେ ଲେଖକ ବଳ ଖଟାଇ ଘାଟିକୁ ଲଙ୍ଘି ଚାଲିଯିବାର ଉତ୍ତେଜନା ଅନୁଭବ କରୁଛନ୍ତି ।

୩. 'ବାଟ ଚାଲୁଚାଲୁ ସିନେମା ଦେଖା' – ଏକଥାର ତାତ୍ପର୍ଯ୍ୟ କ'ଣ ?

ଉ: ଘାଟି ଚଢ଼ିବାବେଳେ ଲେଖକ, ବଣପର୍ବତ, ଉପତ୍ୟକା, ଝରଣାମାନଙ୍କର ବିଚିତ୍ର ଦୃଶ୍ୟ ଦେଖୁଛନ୍ତି । ସେସବୁ ତାଙ୍କୁ ସିନେମା ଦେଖିବାର ଅନୁଭବ ପ୍ରଦାନ କରୁଛି ।

୪. ଘାଟି ଉପରେ ଥାଇ ଲେଖକ କେଉଁ ପ୍ରକାର ଅନୁଭବ କରୁଛନ୍ତି ?

ଉ: ଘାଟି ଉପରେ ଥାଇ ଲେଖକ ଶୂନ୍ୟ ଭିତରେ ବିନ୍ଦୁଟିଏ ପରି ଅନୁଭବ କରୁଛନ୍ତି । ତାଙ୍କ ମନରେ ବହୁତ ଚିନ୍ତା ଆସୁଛି । ଜୀବନ ଓ ସଂସାର ବିଷୟରେ କେତେ ନୂଆ ଧାରଣା ଆସୁଛି ପୁଣି କେତେ ସ୍ୱପ୍ନ ବି ଝଲସୁଛି ।

୫. କନ୍ଧ ଝିଅ ଏବଂ ଟୋକାମାନେ ଗୀତରେ ଗୀତରେ କ'ଣ ପରଖୁଥିଲେ ?

ଉ: କନ୍ଧ ଝିଅ ଏବଂ ଟୋକାମାନେ ଗୀତରେ ଗୀତରେ ନିଜ ନିଜର ମନୋଭବ ପରସ୍ପର ପାଖରେ ପରଖୁଥିଲେ ।

୬. ଦିନବେଳା ନାଚରେ କେଉଁମାନେ ଭାଗନିଅନ୍ତି ? ସେମାନେ ନାଚ ସମୟରେ କି ପ୍ରକାର ଆଚରଣ କରନ୍ତି ?

ଉ: ଦିନବେଳା ନାଚରେ ବୁଢ଼ୀ ବେଜୁଣୀ ଏବଂ ବୁଢ଼ୀ ଗୃହିଣୀମାନେ ଭାଗନିଅନ୍ତି । ନାଚରେ ସେମାନେ ଦାଣ୍ଡରେ ଧାଇଁବା ସହ ନିଜ ମୁଣ୍ଡବାଳ ଓଟାରିବା ଏବଂ ପରସ୍ପରର ମୁହଁକୁ ଆମ୍ଭୁଡ଼ିବାଭଳି ବାୟାଣୀ ବ୍ୟବହାର କରନ୍ତି ।

୭. କନ୍ଧଗାଁରେ କେଉଁ ପ୍ରକାରର ଅଭ୍ୟର୍ଥନା ହୁଏ ?

ଉ: କନ୍ଧଗାଁରେ ଅଭ୍ୟର୍ଥନା ନାନାପ୍ରକାର ହୁଏ । ଗାଁର ବୁଢ଼ାବୁଢ଼ୀମାନେ ପ୍ରଥମେ ଆସି

ଦଣ୍ଡାବତ ହେବେ, କୁଣ୍ଢେଇବେ, ଗେଲ କରିବେ । ଗାଁର ମୁଣ୍ଡିଆଳ ଗୋଟିଏ ପତ୍ରଦନାରେ ଦି', ଚାରି ମୁଠା ଚାଉଳ ଓ ପାଞ୍ଚସାତଟି କୁକୁଡ଼ା ଡିମ୍ବ ଆଣି ଥୋଇବେ, ତା'ପରେ ବୁଢ଼ାବୁଢ଼ୀମାନେ ଆସି ଗେଲ କରିବେ । ଗାଁ ମାଇପେ ଦୀପଜାଳି ବନ୍ଦାପନା କରିବେ ।

୮. ଶୀତଋତୁରେ ଉପତ୍ୟକା କାହିଁକି ସୁନାର ଉପତ୍ୟକାପରି ଦିଶେ ?

ଉ: ଶୀତ ଋତୁରେ ପାହାଡ଼ଯାକ ଅଳସୀ କ୍ଷେତରେ ହଳଦିଆ ଫୁଲ, ପାହାଡ଼କୁ ଏବଂ ଉପତ୍ୟକାକୁ ସୁନା ରଙ୍ଗ କରିଦିଏ ।

୯. ଉପତ୍ୟକା ତପୋବନପରି ଲାଗିବାର କାରଣ କ'ଣ ?

ଉ: ପାହାଡ଼ଯାକ ହଳଦିଆ ଅଳସୀଫୁଲ, ଶାଳଫୁଲ ଆଉ କୁରେଇ ଫୁଲର ମହକ ଉପତ୍ୟକାକୁ ତପୋବନପରି ସଜାଏ ।

୧୦. ଉପତ୍ୟକାର କେଉଁ ଫୁଲର ବାସ୍ନା ବହୁତ ଦୂରରୁ ବାରିହୁଏ ?

ଉ: ଚମ୍ପା ଫୁଲର ବାସ୍ନା ବହୁତ ଦୂରରୁ ବାରିହୁଏ ।

ଦ୍ୱିତୀୟଭାଗର ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର

୧. ଖରାଦିନେ ବ'ଣର ଅବସ୍ଥା କିପରି ଦିଶେ ?

ଉ: ଖରାଦିନେ ବ'ଣ ପତଳା ଦିଶେ । ଥୁଣ୍ଟା ଗଛର ଉପରି ଭାଗରେ ଶୁଆପାଖିଆ କଅଁଳ ପତ୍ର ଦିଶେ । ସଞ୍ଜ ବୁଡ଼ିଲେ ପାହାଡ଼ ଯାକ ନିଆଁର ଲଟାଗୁଡ଼େଇ ହେଲାପରି ଦିଶେ । ସାପେଇ ସାପେଇ ବିଜୁଳିଗାର ପରି ସେ ନିଆଁ ।

୨. ବଣରେ ବର୍ଷାର ସଂକ୍ଷିପ୍ତ ବର୍ଣ୍ଣନା ଦିଅନ୍ତୁ ।

ଉ: ବର୍ଷାଦିନେ ବଣ ଭର୍ତ୍ତି, ଘଞ୍ଚ ଏବଂ ଅରମା । ବଡ଼ ଗଛରେ ବହଳପତ୍ର ବଣକୁ ଅନ୍ଧାରିଆ କରିଦିଏ । ଭାସମାନ ବରଷାର ବାମ୍ଫ ଧଳା-ପାଉଁଶିଆପରି ଦିଶେ । ବର୍ଷା ଭୁସ୍ ଭୁସ୍ ଅଜାଡ଼ି ଦିଏ, ଟାଇଁ ଟାଇଁ ପିଟେ । ଚାରିଆଡୁ ପୁରୁଷେ ଉଚ୍ଚାରେ ପାଣି ମାଡ଼ିଆସି ପଥର, ଗଛକୁ ଭସେଇ ନିଏ ।

୩. ବର୍ଷାଦିନରେ କ'ଣ ବଣରେ ବହଳ ଧଳା-ପାଉଁଶିଆ ଦିଶେ ?

ଉ: ଭାସି ଆସୁଥିବା ବର୍ଷାର ବାମ୍ଫ ବଣରେ ବହଳ ଧଳା-ପାଉଁଶିଆ ଦିଶେ ।

୪. ପବନ ଓ ବର୍ଷାର ଶବ୍ଦ ବଣ ଭିତରେ କିପରି ଶୁଭେ ?

ଉ: ପବନ ଓ ବର୍ଷାର ରାଉ ରାଉ ଶବ୍ଦ ବଣରେ ଅତରା ପଡ଼ିଲାପରି ଶୁଭେ ।

୫. ବଣରେ କେଉଁ ସମୟରେ ବାଘମାତେ ଏବଂ ଅଧିକ ମଣିଷ ଖାଏ ?

ଉ: ଶୀତଦିନରେ ବଣ ପୂର୍ଣ୍ଣଥାଏ, ସେଇ ସମୟରେ ବାଘ ମାତେ ଏବଂ ଅଧିକ ସଂଖ୍ୟକ ମଣିଷ ଖାଏ ।

୬. ଶୀତରୁ ରକ୍ଷା ପାଇବା ପାଇଁ ବଣ ଭିତରେ ମଣିଷ କି ପ୍ରକାର ବ୍ୟବସ୍ଥା କରେ ?

ଉ: ଶତରୁ ରକ୍ଷା ପାଇବା ପାଇଁ ବଣ ଭିତରେ ମଣିଷ ଘୋଡ଼େଇ ହୁଏ ଏବଂ ନିଆଁ ଜାଳି ନିଆଁ ପୁଏଁ

୭. ସକାଳ କାହିଁକି ଚୂନ ଲେସି ପଡ଼ିଥିବାପରି ଦିଶେ ?

ଉ: ବଣରେ ରାତିରେ ପ୍ରଚୁର ଶୀତ ହୁଏ । ରାତି ଚାରିଟା ପରେ ଶୀତ ଅସମ୍ଭାଳ ହୁଏ ।

ବହଳ କୁହୁଡ଼ି ବି ଘୋଟେ । ସେଇ କୁହୁଡ଼ି ସକାଳେ ଚାରିଆଡ଼େ ଚୂନଲେସି ପଡ଼ିଥିବା ପରି ଦିଶେ ।

୮. ସକାଳେ କେତେବେଳେ ସୂର୍ଯ୍ୟ ଦେଖା ଦିଅନ୍ତି ?

ଉ: ବଣପାହାଡ଼ରେ, ପାହାଡ଼ ଆଡୁଆଳରେ ସୂର୍ଯ୍ୟ ଲୁଚିଯାଆନ୍ତି । ପାହାଡ଼ ଅତିକ୍ରମି ଆସି ସୂର୍ଯ୍ୟ ଦେଖାଗଲା ବେଳକୁ ସକାଳ ସାଢ଼େଆଠ ହେଇ ସାରିଥାଏ ।

୯. କେଉଁ ସ୍ଥାନରେ ଶହ ଶହ ଶାରୀ ଯନ୍ତ୍ର ବଜାଇ ସତେ ଅବା ସଙ୍ଗୀତ ଗାଉଛନ୍ତି ବୋଲି କୁହାଯାଇଛି ?

ଉ: କନ୍ଧଗାଁର ବରଗଛ ମୂଳ ପତ୍ର-କୁଡ଼ିଆ ଛାଉଣି ଆଗରେ, ଗଛରେ ଶହ ଶହ ଶାରୀ, ଯନ୍ତ୍ର ବଜାଇ ସଙ୍ଗୀତ ଗାଉଛନ୍ତି ବୋଲି କୁହାଯାଇଛି ।

୧୦. ବାଘର ଉପସ୍ଥିତ କିପରି ବୁଝାପଡ଼େ ?

ଉ: ବାଘ ଘୁଅ କଅଁା କି ଶୁଖିଲା, ଧୂଳିରେ ତା ପାଦ ଚିହ୍ନ, ତା ନିଶ୍ୱାସବାଜି ଉଡ଼ିଥିବା ଧୂଳି ଦେଖି, ବାଘ ସେଇ ବାଟରେ କେବେ ଯାଇଥିଲ, ତାହା ବୁଝାପଡ଼େ ।

ତୃତୀୟଭାଗର ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର

୧. କେଉଁ ନଈ ମାଛର ଖଣି ?

ଉ: 'ମୁରାନ୍' ନଈ ମାଛର ଖଣି ।

୨. 'ଗ୍ରାହୀ' କ'ଣ ?

ଉ: ଅବିଭକ୍ତ କୋରାପୁଟ ଜିଲ୍ଲାର 'ଚନ୍ଦ୍ରପୁର' ମାଳରେ 'ଗ୍ରାହୀ' ରହୁଥିବାର ସୂଚନାମିଳେ । ଏହା ଏକ ଜନ୍ତୁ । ମଇଁଷି ମୁଣ୍ଡପରି ଏହାର ମୁଣ୍ଡ, ଗୋଲ ଗୋଲ ନାଲି ଆଖି, ଢ଼ିଙ୍କିପରି ଦେହ, ସାପପରି ସରୁ ଲାଞ୍ଜ । ଏମାନେ ପାହାଡ଼ି ନଈରେ ବଢ଼ି ହେଲାବେଳେ ବାହାରନ୍ତି ଏବଂ ଏକାସାଥିରେ ଦୁଇଟା ଲେଖାଏଁ ରହନ୍ତି ।

୩. ଷାଠୀ କ'ଣ ଏବଂ କେଉଁଠି ଥାଏ ?

ଉ: ଷାଠୀ ଏକପ୍ରକାର ସାପ । କୋଇଲିସୂତା ପରି ଏବଂ ଏହା ଷାଠିଏ ହାତ ଲମ୍ବର । ପାଣିରେ ଗୁଡ଼େଇ ହେଇ ଲୁଚିକରି ଥାଏ । ମଣିଷ କି ଅନ୍ୟଜନ୍ତୁ ପାଣିରେ ପଶିଲେ ଗୋଡ଼ଆଡୁ ଗୁଡ଼େଇହେଇ ଛନ୍ଧି ପକାଏ । ଏପରିକି କେହି କୂଳରେ ଥିଲେ ବି ଲାଞ୍ଜଛାଟି ବାନ୍ଧି, ଓଟାରି ପାଣିକୁ ନେଇଯାଏ, ସେଠାରେ ଶିକାରର ଆଖି ଏବଂ ଅନ୍ୟାନ କଅଁଳ ଅଂଶମାନଙ୍କୁ ଖାଇଯାଏ ।

୪. ଷାଠୀ କବଳରୁ ରକ୍ଷା ପାଇବାର ଉପାୟଟି କ'ଣ ?

ଉ: ପାଖରେ ଛୁରୀ କିମ୍ବା ଅନ୍ୟ ଧାରୁଆ ଅସ୍ତ୍ରଥିଲେ ଷାଠୀକୁ କାଟି ତା କବଳରୁ ରକ୍ଷା ପାଇ ହେବ ।

୫. ଆଦିବାସୀମାନଙ୍କର କେଉଁ ଚଳନି ଅଣଆଦିବାସୀଙ୍କ ପାଖରେ ନାହିଁ ।

ଉ: ଆଦିବାସୀମାନଙ୍କ ଚଳନିରେ 'ସଂଘବଦ୍ଧତା' ଏକ ବିଶେଷଗୁଣ । ଜଣଙ୍କର ଅଭାବ ଅସୁବିଧା ହେଲେ ଅନ୍ୟମାନେ ତାଙ୍କୁ ଭାସିଯିବାକୁ ଦିଅନ୍ତିନାହିଁ । ବଣମୂଳକରେ ସେମାନେ ପରସ୍ପରର ହାତଧରି ଚାଲିବାଭଳି ଏବଂ ଗୋଡ଼ ଖସିଯିବାରୁ ବର୍ତ୍ତିବା ପାଇଁ ଆରହାତରେ ଠେକବାଡ଼ି ଧରିବାଭଳି ସେମାନେ ପରସ୍ପରର ସାହାର୍ଯ୍ୟ, ସହାୟକ

ହେଇଥାଆନ୍ତି । ଆଦିବାସୀମାନଙ୍କର ଏ ପ୍ରକାର ଚଳନ୍ତି ଅଣଆଦିବାସୀମାନଙ୍କ ପାଖରେ ପ୍ରାୟତଃ ଦେଖିବାକୁ ମିଳିନଥାଏ ।

୬. କାଳିଆଝୋଲା ବଙ୍ଗଳାହତାରେ କାହାକୁ ବାଘ ଖାଇଥିଲା ?

ଉ: କାଳିଆଝୋଲା ବଙ୍ଗଳାହତାରେ ଗାଁ ମୁଣ୍ଡିଆଳକୁ ବାଘ ଖାଇଥିଲେ ।

୭. କନ୍ଧପିଲାମାନଙ୍କ ଜୀବନଚର୍ଯ୍ୟା କିପରି ?

ଉ: କନ୍ଧ ପରିବାରରେ ଆଠବର୍ଷ କି ବାରବର୍ଷର ପିଲାମାନେ ଲେଙ୍ଗୁଟି ପିନ୍ଧନ୍ତି । ସେମାନେ କର୍ମଠ, ବେଗବାନ୍ ଏବଂ ଉତ୍ସାହୀ, ସେମାନେ ସଦାସର୍ବଦା ଖୁସି ରହନ୍ତି, ସେମାନଙ୍କ ମୁହଁରେ, ଆଖିରେ ଦେହରେ, ଜୀବନ ଝଲସୁ ଥିବାପରି ଅନୁଭବ ହୁଏ । ସେମାନେ ଗଛରେ ଚଢ଼ି ଚାହୁଁ ଚାହୁଁ ଡାଳପତ୍ର ହାଣି ଆଣନ୍ତି ଏବଂ ବଡ଼ମାନଙ୍କ ସହ ମିଶି କୁଡ଼ିଆ ତୋଳିଦିଅନ୍ତି ।

୮. କେଉଁମାନେ ଗାଁର ଇଜ୍ଜତ୍ ଲାଗି କୁଣିଆ ଚର୍ଚ୍ଚା କରନ୍ତି ?

ଉ: କନ୍ଧମାନେ ଗାଁର ଇଜ୍ଜତ ଲାଗି କୁଣିଆ ଚର୍ଚ୍ଚା କରନ୍ତି ।

୯. କନ୍ଧଗାଁର ମାଇପେ, ସେଥର ରାତିରେ କ'ଣ ପାଇଁ ପୁରୁଷମାନଙ୍କୁ ବଛଣାରୁ ଉଠାଉଥିଲେ ?

ଉ: ଲେଖକ ଏବଂ ତାଙ୍କର କେତେଜଣ ସହକର୍ମୀ ଏକଦା କୌଣସି କାମରେ ଯାଇ ରାତି ଦଶରେ ଏକ କନ୍ଧ ଗାଁରେ ପହଞ୍ଚିଥିଲେ । ସେମାନଙ୍କୁ ସ୍ୱାଗତ କରି ଚର୍ଚ୍ଚା କରିବା ପାଇଁ, ସେଇ କନ୍ଧଗାଁର ମାଇପେ, ପୁରୁଷମାନଙ୍କୁ ବିଛଣାରୁ ଉଠାଉଥିଲେ ।

୧୦. କନ୍ଧ ଗାଁର ଲୋକମାନେ ସେଇ ରାତିରେ କିପରି ଅତିଥି ଚର୍ଚ୍ଚା କରିଥିଲେ ?

ଉ: ସେଇ ରାତିରେ ଗାଁଟାଯାକ ଉଠିପଡ଼ି ଅତିଥିଚର୍ଚ୍ଚାରେ ଲାଗିଯାଇଥିଲେ । କେହି କାଠ ବୋହି ନେଉଥିଲେ, ଆଉ କିଏ ପାଣିଆଣି ଦେଲେ, ଆଉ କିଏ ଶଳପ ଗଛରେ ଚଢ଼ି ବାହୁଙ୍ଗା କାଟି ଆଣି ଅତିଥିମାନଙ୍କ ପାଇଁ ଗାଁ ବାହାରେ ଗୋଟିଏ ପତ୍ର କୁଡ଼ିଆ ତିଆରି କରିଦେଲେ ।

ମୂଳ ପାଠର ପ୍ରଥମଭାଗର ବ୍ୟାକରଣ ପ୍ରଶ୍ନର ଉତ୍ତର

୧. ପତ୍ରର କୁଡ଼ିଆ – ପତ୍ରକୁଡିଆ (ଷଷ୍ଠୀ ତତପୁରଷ)
ଅରୁଆଚାଉଳ – ଅରୁଆ ଚାଉଳ (କର୍ମଧାରୟ)

୨. ନୂଆ– ପୁରୁଣା
ଅନ୍ଧାର–ଆଲୁଅ
ଶୀତଳ – ଉଷ୍ଣ
ନିଜ –ପର

୩. ନାଚି ନାଚି ଭଳି ଆଉ ତିନୋଟି ସମୋଚ୍ଚାରିତ ଶବ୍ଦ ହେଉଛି –
ଚାଲୁଚାଲୁ
ସଙ୍ଗେ ସଙ୍ଗେ
ପଞ୍ଚାପଞ୍ଚା

୪. ଝିଅ–ଝିଅମାନେ
ଗୃହିଣୀ –ଗୃହିଣୀମାନେ

ବୁଢ଼ା-ବୁଢ଼ାମାନେ

୫. ବୁଢ଼ୀ-ବୁଢ଼ା

ବାୟାଣୀ-ବାୟା

ପୁଅ-ଝିଅ

ମୂଳପାଠର ଦ୍ୱିତୀୟଭାଗର ବ୍ୟାକରଣ ପ୍ରଶ୍ନର ଉତ୍ତର

୧. ଭୁଷ୍‌ଭୁଷ୍ ଭଳି ଆଉ ତିନୋଟି ଧ୍ୱନ୍ୟାତ୍ମକ ଶବ୍ଦ ହେଉଛି -

ରାଉରାଉ, ଘୁଘୁ, ଚବରଚବର

୨. କଅଁଳ-କଅଁଳିଆ

ପାଉଁଶ-ପାଉଁଶିଆ

କଇଁଛପିଠି - କିଁଇଁଛପିଠିଆ

୩. ମୁଣ୍ଡ-ମୁଣ୍ଡେଇ

ବାଟ-ବାଟେଇ

ଲଟା-ଲଟେଇ

୪. ଶୁଆପଖ (କ୍ଷ)+ଇଆ = ଶୁଆପଖିଆ (ଭାବବାଚ୍ୟରେ ଇଆ ପ୍ରତ୍ୟୟ)

କଳା+ଇଆ=କାଳିଆ (ଭାବବାଚ୍ୟରେ ଇଆ ପ୍ରତ୍ୟୟ)

ଅତିଥି +ଯ = ଆତିଥ୍ୟ (ନିମିତ୍ତାର୍ଥରେ ଯ ପ୍ରତ୍ୟୟ)

୫. ଅସମ୍ଭାଳ- ବିପରୀତାର୍ଥରେ ବା ନଞ୍ ଅର୍ଥରେ ଅ ଉପସର୍ଗ

ପ୍ରଚଣ୍ଡ - ଆଧିକ୍ୟ ଅର୍ଥରେ ପ୍ର ଉପସର୍ଗ

ଅନୁମାନ- ସାଦୃଶ୍ୟ ଅର୍ଥରେ ଅନୁ ଉପସର୍ଗ

ମୂଳପାଠର ତୃତୀୟଭାଗର ବ୍ୟାକରଣ ପ୍ରଶ୍ନ ଉତ୍ତର

୧. ସାମ୍ନାରେ - ହେତୁ ଅର୍ଥରେ ତୃତୀୟା ବିଭକ୍ତି

ଦିପହରେ - କାଳ ଅର୍ଥରେ ତୃତୀୟା ବିଭକ୍ତି

ପିଲାଏ- ବହୁବଚନ ଅର୍ଥରେ ପ୍ରଥମା ବିଭକ୍ତି

୨. ଓ-ରମା ଓ ମୁଁ ସାଙ୍ଗ ।

ପରି - ସେ ଦେଖିବାକୁ ତା ବଡ଼ ଭଉଣୀ ପରି ।

ଯେତେ - ତାକୁ ଯେତେ କହିଲେବି କିଛି ଲାଭନାହିଁ ।

୩. ଯଥା+ଇଷ୍ଟ=ଯଥେଷ୍ଟ

କିମ୍+ବଦନ୍ତୀ = କିମ୍ବଦନ୍ତୀ

ଗ୍ରହ୍ +ଇନ୍ = ଗ୍ରାହୀ

୪. ସ୍ୱାମି - ସ୍ୱାମୀ

ମହତ୍ତ୍ୱ- ମହତ୍ତ୍ୱ

ଚଲଣୀ - ଚଳଣି

ସିକାର- ଶିକାର

ବିଷାକ୍- ବିଷାକ୍ତ

୫. କର୍ମଠ– ରାମବାବୁ ଜଣେ କର୍ମଠ ବ୍ୟକ୍ତି ।
ଉତ୍ସାହୀ– ସାମାଜିକ କାର୍ଯ୍ୟରେ ତାଙ୍କ ଭଳି ଉତ୍ସାହୀ ବ୍ୟକ୍ତି ଥାଉ କେହି ପାଖରେ ନାହାନ୍ତି ।
ଯଥେଷ୍ଟ – ଏତିକି ବହି ପରୀକ୍ଷାର ପ୍ରସ୍ତୁତି ପାଇଁ ଯଥେଷ୍ଟ ।

୧୧.୮ ଆଦର୍ଶ ପ୍ରଶ୍ନାବଳୀ

ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

୧. କନ୍ଧମାନେ ବାଟ ଚାଲିଲାବେଳେ ଯେଉଁ ଗୀତ ଫାନ୍ଦନ୍ତି ସେଥିରେ କ'ଣ ବର୍ଣ୍ଣନା ଥାଏ ?
୨. କନ୍ଧଲୋକମାନେ ଭଲ ପାଉଥିବା ଅତିଥିଙ୍କୁ କିପରି ଅଭ୍ୟର୍ଥନା ଜଣାନ୍ତି ?
୩. ଆଲୋଚ୍ୟ ବିଷୟରେ ଲେଖକ ପାହାଡ଼ ସମୂହ କିପରି ଦିଶୁଥିବାର ବର୍ଣ୍ଣନା ଦେଇଛନ୍ତି ।
୪. ଶୀତ ଋତୁରେ ବଣମୂଲକରେ ଫୁଟୁଥିବା ବିଭିନ୍ନ ଫୁଲର ତାଲିକା ପ୍ରଦାନକରନ୍ତୁ ।
୫. ଖରାଦିନେ ବଣ ପାହାଡ଼ରେ ସାପେଇ ସାପେଇ ବିଜୁଳିଗାର ପରି କ'ଣ ଦିଶେ ?
୬. ଶୀତ ଦିନରେ ବଣ ଅଧିକ ଭୟଙ୍କର କାହିଁକି ?
୭. ବଣ କେଉଁ ମାନଙ୍କର ରାଜ୍ୟ ବୋଲି ଲେଖକ କହିଛନ୍ତି ?
୮. ବଣରେ କେଉଁ ସବୁ ବିପଦ ଥାଏ ?
୯. କେଉଁ ଜାଗାରେ ଗାଁ ମୁଣ୍ଡିଆଳଙ୍କୁ ବାଘ ଖାଇଥିଲା ?
୧୦. 'ଛି ଛି କେଡ଼େ ଲାଜ କଥା' ! – ଏକଥା କିଏ କାହାକୁ କେଉଁ ପ୍ରସଙ୍ଗରେ କହିଥିଲେ ?

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

୧. ଯାହାକୁ ଭଲ ପାଆନ୍ତି ତାକୁ ଏହିପରି ସେମାନେ ଅଭ୍ୟର୍ଥନ କରନ୍ତି :
ଉଦାହରଣ ସହ କଥାଟିର ତାତ୍ପର୍ଯ୍ୟ ବୁଝାଇଲେଖନ୍ତୁ ।
୨. କନ୍ଧମାନଙ୍କ ନାଚଗୀତର ବିସ୍ତୃତ ବିବରଣୀ ପ୍ରଦାନ କରନ୍ତୁ ।
୩. ବଣ ଭିତରେ ବାଘର ବିଚରଣ ଏବଂ ଶିକାର ବିଷୟରେ ଟିପ୍‌ଣୀ ଲେଖନ୍ତୁ ।
୪. ଆଦିବାସୀ ଏବଂ ଅଣଆଦିବାସୀ ଚଳଣିରେ ଥିବା ପାର୍ଥକ୍ୟକୁ ଲେଖନ୍ତୁ ।
୫. ଗୋଟିଏ କନ୍ଧ ଗାଁର ଅତିଥିଚର୍ଚ୍ଚାର ଏକ ବିବରଣୀ ପ୍ରଦାନ କରନ୍ତୁ ।

***

ଅଧ୍ୟାୟ ୧୨ ଏକ ଭ୍ରମଣ ବୃତ୍ତାନ୍ତ 'ଲଣ୍ଡନରେ ଆମେ କେଉଁଠି'

ସଂରଚନା :

୧୨.୦ ଉଦ୍ଦେଶ୍ୟ

୧୨.୧ ଉପକ୍ରମ

୧୨.୨ ମୂଳପାଠର ପ୍ରଥମ ଭାଗ

୧୨.୨.୧ – ଶବ୍ଦାର୍ଥ

୧୨.୨.୨ – ପଠିତାଂଶର ଆଲୋଚନା

୧୨.୨.୩ – ମୂଳପାଠର ପ୍ରଥମ ଭାଗରୁ ପ୍ରଶ୍ନ

୧୨.୨.୪ – ମୂଳପାଠର ପ୍ରଥମ ଭାଗରୁ ବ୍ୟାକରଣ ପ୍ରଶ୍ନ

୧୨.୩ ମୂଳପାଠର ଦ୍ୱିତୀୟ ଭାଗ

୧୨.୩.୧ – ଶବ୍ଦାର୍ଥ

୧୨.୩.୨ – ପଠିତାଂଶର ଆଲେଚନା

୧୨.୩.୩ – ମୂଳପାଠର ଦ୍ୱିତୀୟ ଭାଗରୁ ପ୍ରଶ୍ନ

୧୨.୩.୪ – ମୂଳପାଠର ଦ୍ୱିତୀୟ ଭାଗରୁ ବ୍ୟାକରଣ ପ୍ରଶ୍ନ

୧୨.୪ ମୂଳପାଠର ତୃତୀୟ ଭାଗ

୧୨.୪.୧ – ଶବ୍ଦାର୍ଥ

୧୨.୪.୨ – ପଠିତାଂଶର ଆଲୋଚନା

୧୨.୪.୩ – ମୂଳପାଠର ତୃତୀୟ ଭାଗରୁ ପ୍ରଶ୍ନ

୧୨.୪.୪ – ମୂଳପାଠର ତୃତୀୟ ଭାଗରୁ ବ୍ୟାକରଣ ପ୍ରଶ୍ନ

୧୨.୫ ସଂପୂର୍ଣ୍ଣ ମୂଳପାଠ ଉପରେ ପ୍ରଶ୍ନ

୧୨.୬ ସାରାଂଶ

୧୨.୭ ପଠନ ଅଭ୍ୟାସ

୧୨.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

୧୨.୯ ଆଦର୍ଶ ପ୍ରଶ୍ନାବଳୀ

୧୨.୦ ଉଦ୍ଦେଶ୍ୟ

ଖାଦ୍ୟ, ପାନୀୟ ପରି ଭ୍ରମଣ ମଧ୍ୟ ମାନବ ଜୀବନର ଏକ ଆବଶ୍ୟକ ଉପାଦାନ । ଭ୍ରମଣ ଦ୍ୱାରା କେବଳ ଯେ ମଣିଷର ମନ ପ୍ରଫୁଲ୍ଲ ରହେ, ତାହା ନୁହେଁ, ତାର ଜ୍ଞାନର ଅଭିବୃଦ୍ଧି ମଧ୍ୟ ଘଟିଥାଏ । ଭ୍ରମଣରୁ ମିଳିଥାଏ ଅନିର୍ବଚନୀୟ ଆନନ୍ଦ । ଏକ ସୀମିତ ପରିବେଶରୁ ବାହାରି ମଣିଷ ଆଉ ଏକ ଦୁନିଆରେ ପାଦ ଥାପିଥାଏ । ଏଠାରେ ସେ ପ୍ରକୃତିର ଶୋଭାକୁ ଦର୍ଶନ କରିଥାଏ । ନିଜକୁ ଅନ୍ୟ ସହିତ ତୁଳନା କରିବାର ସାମର୍ଥ୍ୟ ଖୋଜିପାଇଥାଏ । ଜୀବନକୁ ଖୋଜିବା, ଦେଖିବା ଆଉ ଅନୁଭବ କରିବା ଭିତରେ ସେ ଭ୍ରମଣର ପୁଲକକୁ ଆପଣେଇ ନେଇଥାଏ । ଭ୍ରମଣ ମାଧ୍ୟମରେ ମଣିଷ ନିଜର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ପରଖିବାର ସୁଯୋଗ ପାଇଥାଏ । ଭ୍ରମଣ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ସ୍ଥାନର ଭୌଗୋଳିକ, ସାମାଜିକ, ରାଜନୀତିକ ତଥା ଆର୍ଥନୀତିକ ସଂପର୍କ ବିଷୟରେ ମଣିଷ ଜ୍ଞାନ ଲାଭ କରିଥାଏ । ଏହାଦ୍ୱାରା ତାର ଜ୍ଞାନବିଜ୍ଞାନର ପରିସୀମା ବର୍ଦ୍ଧିତ ହୋଇଥାଏ । ବହିଟିରେ ଗୋଟିଏ ସ୍ଥାନ ବିଷୟରେ ପଢ଼ି ଯାହା ଜ୍ଞାନଲାଭ ହେବ, ସେହି ସ୍ଥାନକୁ ସ୍ୱଚକ୍ଷୁରେ ଦେଖିବା ଦ୍ୱାରା ଏକଭିନ୍ନ ଧରଣର ପୁଲକ ସହିତ ଜ୍ଞାନ ଲାଭ ହୋଇପାରିବ ଏବଂ ତାହା ଅଧିକ ବିଶ୍ୱାସଯୋଗ୍ୟ ହେବ । ସେଥିପାଇଁ କୁହାଯାଇଛି- 'ଯାହା ନଦେଖିବ ବେନି ନୟନେ / ପରତେ ନଯିବ ଗୁରୁ ବଚନେ' । ଦେଶବିଦେଶର ଭ୍ରମଣଜନିତ ଅନୁଭୂତିକୁ ଲିଖିତ ଆକାରରେ ପ୍ରକାଶକଲେ ତାହା ଭ୍ରମଣ ବୃତ୍ତାନ୍ତ, ଭ୍ରମଣ କାହାଣୀ ବା ପର୍ଯ୍ୟଟନ ସାହିତ୍ୟର ମର୍ଯ୍ୟାଦା ଲାଭ କରେ । ବର୍ଣ୍ଣନାରେ ଅନୁଭୂତିର ଗଭୀରତା ସହିତ କଳାତ୍ମକତା ନ ରହିଲେ ତାହା ଆଦର୍ଶ ଭ୍ରମଣ ବୃତ୍ତାନ୍ତ ବା ପର୍ଯ୍ୟଟନ ସାହିତ୍ୟ ହୋଇପାରେନା । ଏଣୁ ଭ୍ରମଣକାରୀର ମନ ଓ ଦୃଷ୍ଟିଭଙ୍ଗୀ ହିଁ ଭ୍ରମଣସାହିତ୍ୟର ପ୍ରାଣ ଓ ଅଭିବ୍ୟକ୍ତି । ଭ୍ରମଣବୃତ୍ତାନ୍ତ ମଣିଷର ମନୋରଂଜନ ସହିତ ଶିକ୍ଷା ଓ ସଚେତନତାକୁ ପରିବର୍ଦ୍ଧିତ କରିଥାଏ । ଆଲୋଚ୍ୟ ପାଠଟି ପ୍ରଫେସର ଗୋଲୋକ ବିହାରୀ ଧଳଙ୍କ ରଚିତ 'ଲଣ୍ଡନ ଚିଠି'ର ଅଂଶବିଶେଷ, ଯାହାର ନାମ ରହିଛି "ଲଣ୍ଡନରେ ଆମେ କେଉଁଠି" । ଶ୍ରୀଯୁକ୍ତ ଧଳଙ୍କ ଉପସ୍ଥାପନା ଶୈଳୀ, ଭାଷା ଏବଂ ତୁଳନାତ୍ମକ ଦୃଷ୍ଟିଭଙ୍ଗୀ ଯେପରି ଉପଭୋଗ୍ୟ ସେହିପରି ଶିକ୍ଷଣୀୟ । ଚୀନ୍‌ରେ ଗୋଟିଏ କଥା ଅଛି, ପାଞ୍ଚବର୍ଷ ବିଶ୍ୱବିଦ୍ୟାଳୟରେ ପଢ଼ିବା ଯାହା, ବର୍ଷେ ବାହାରେ ବୁଲି ଆସିବା ତାହା । ଏଣୁ ଭ୍ରମଣକାହାଣୀ ମଧ୍ୟ ଅନ୍ୟର ଭ୍ରମଣ ପ୍ରବୃତ୍ତିକୁ ବୃଦ୍ଧି କରିଥାଏ । ଭ୍ରମଣର ଉଦ୍ଦେଶ୍ୟ ସଂପର୍କରେ ନିଜେ ଲେଖକ ପ୍ରଫେସର ଧଳ କହିଛନ୍ତି- "ଦୂର ପର୍ବତ ପରି ଦୂରଦେଶ ସୁନ୍ଦର । ଏହି ଆକାଶ, ପୃଥିବୀ, ଜଳ, ସ୍ଥଳ, ପାହାଡ଼, ପର୍ବତ କେତେ ନୂତନ ରୂପରେ ଦେଖାଦିଅନ୍ତି । ଏହି ମୁନୁଷ୍ୟ ଓ ତା'ର ଅନୁଷ୍ଠାନଗୁଡ଼ିକ କେଡ଼େ ଭିନ୍ନ ଦେଖାଯାନ୍ତି । ଅଥଚ ବାହାରର ସେହି ବିଭିନ୍ନତା ଭିତରେ ମନୁଷ୍ୟ ଜୀବନର ଏକତାର ଧାରା ଦେଖିପାରିଲେ ପୃଥିବୀ ଅଧିକ ସୁନ୍ଦର ହେବ । ତାହା ହିଁ ଭ୍ରମଣ କାହାଣୀର ଲକ୍ଷ୍ୟ ।"

୧୨.୧ ଉପକ୍ରମ

'ଲଣ୍ଡନ ଚିଠି' ଶ୍ରୀ ଗୋଲୋକ ବିହାରୀ ଧଳଙ୍କର ଏକ ସ୍ୱତନ୍ତ୍ର ଧରଣର ଅନୁଭୂତି ଆଧାରିତ ରଚନା । ଲେଖକ ଗବେଷଣା ପାଇଁ ଲଣ୍ଡନ ଯାଇଥିଲେ । ସେଠାକାର ଅନୁଭୂତିକୁ ଉପଜୀବ୍ୟ କରି ସେ ଏହି ପୁସ୍ତକ ରଚନା କରିଛନ୍ତି । ଲଣ୍ଡନର ପରିବେଶ, ଲୋକଚଳଣି, ରାସ୍ତାଘାଟ, ଶିକ୍ଷାବ୍ୟବସ୍ଥା, ରାଜନୀତି, ପ୍ରଶାସନ ଆଦି ବହୁ ବିଷୟରେ ସେ ଲେଖନୀ ଚାଳନା କରିଛନ୍ତି । ସେଠାକାର ଅନୁଭୂତିକୁ ସେ ଆମର ଭାରତ ତଥା ଓଡ଼ିଶାର ଚିତ୍ର ସହିତ ତୁଳନା କରି ନିଜର ସୁଚିନ୍ତିତ ମନ୍ତବ୍ୟ ପ୍ରଦାନ କରିଛନ୍ତି । ଲଣ୍ଡନରେ ପୁସ୍ତକର ବେଶ୍ ଆଦର । ଭାରତ ବିଷୟରେ ସମ୍ବାଦ ସେଠାକାର ସମ୍ବାଦପତ୍ରରେ କଦବା କ୍ୱଚିତ୍ ପ୍ରକାଶିତ ହୋଇଥାଏ । ତେବେ ଭାରତୀୟ ପୁସ୍ତକର ଏଠାରେ ଆଦର ବହୁତ । ପ୍ରାଚ୍ୟବିଦ୍ୟା ସଂପର୍କରେ ଅନେକ ପୁସ୍ତକ ଏଠାରେ ରହିଛି । ବେଳେବେଳେ ଲଣ୍ଡନରେ ଭାରତୀୟ ନୃତ୍ୟଗୀତର ଆସର ଅନୁଷ୍ଠିତ ହୁଏ । ସେଠାକାର ଚିଡ଼ିଆଖାନାରେ ମଧ୍ୟ ଭାରତୀୟଙ୍କ ସମ୍ବନ୍ଧରେ ଲୋକମାନଙ୍କର ହେୟ ମନୋଭାବକୁ ପ୍ରଫେସର ଧଳ ନିନ୍ଦା କରିଛନ୍ତି । ଶ୍ରୀଧଳ ୧୯୨୧ ମସିହାରେ ଢେଙ୍କାନାଳର ଗଞ୍ଜେଇଡ଼ିହରେ ଜନ୍ମଗ୍ରହଣ କରିଥିଲେ । ୧୯୭୪ ମସିହାରେ ଈହଲୀଳା ସମ୍ବରଣ କରିଥିଲେ । ଏକଦା ପ୍ରାଇମେରୀ ସ୍କୁଲରୁ ପାଠ ଛାଡ଼ି ପଳାଇଯାଉଥିବା ଗୋଲୋକକୁ ତାଙ୍କ ନନା ଜିଦ୍ କରି ପଢ଼ାଇଥିଲେ ଏବଂ ଭଲ ପଢ଼ିଲେ ବିଲାତ ପଠାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ନନାଙ୍କର ସ୍ୱପ୍ନ ସଫଳହେଲା । ଗୋଲୋକ ବିଲାତ ଯାଇଥିଲେ ଓ ସେଠାକାର ଅନୁଭୂତିକୁ ପୁସ୍ତକ ଆକାରରେ ଲିପିବଦ୍ଧ କରିଥିଲେ । ପ୍ରଫେସର ଧଳ ଥିଲେ ଜଣେ ଉଚ୍ଚକୋଟୀର ଲେଖକ । ତାଙ୍କ ରଚିତ ପୁସ୍ତକ ମଧ୍ୟରେ ରହିଛି ଭ୍ରମଣକାହାଣୀ, ଜୀବନୀ, ଶିଶୁସାହିତ୍ୟ, ପୌଢ଼ସାହିତ୍ୟ, ଭାଷାତତ୍ତ୍ୱ ଓ ଅନୁବାଦ । ଅନୁବାଦ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲେ । ଶିଶୁସାହିତ୍ୟ ପାଇଁ ସେ ଦୁଇଥର ଓଡ଼ିଶା ସରକାରଙ୍କଠାରୁ ପୁରସ୍କାର ଲାଭ କରିଥିଲେ । ପ୍ରଫେସର ଧଳଙ୍କ ସୃଷ୍ଟିସଂସାର ମଧ୍ୟରେ ରହିଛି – ୧.ଭ୍ରମଣ କାହାଣୀ (ଲଣ୍ଡନଚିଠି, ଆମେରିକା ଅନୁଭୂତି, ତାଜମହଲର ଦେଶ, ଗଙ୍ଗାରୁ ଗୋଦାବରୀ, ବିଦେଶ ଯାତ୍ରୀ), ୨.ଜୀବନୀ (ଅମରମଣିଷ, ଅମରଯାତ୍ରୀ, ଅମର କାହାଣୀ) ୩.ଶିଶୁ ସାହିତ୍ୟ(ଶିଶୁଶିକ୍ଷା କଥାମାଳା, ଗଳ୍ପପାଖୁଡ଼ା)୪.ପୌଢ଼ସାହିତ୍ୟ (ଟଙ୍କାସୁନାର ସଂସାର, ନୂଆଗାଁ, ନୂଆ ସଂସାର, ଆମ ସ୍ୱାଧୀନ ସଂସାର)୫.ଭାଷାତତ୍ତ୍ୱ ସମ୍ବନ୍ଧୀୟ ପୁସ୍ତକ (ଧ୍ୱନି ବିଜ୍ଞାନ, ମଣିଷର ଭାଷା, ଓଡ଼ିଆ କେବେ, ଆସ୍ପିରେସନ ଇନ୍ ଓଡ଼ିଆ, ପେଟକୀ ହାଓ୍ୱା ମୁହଁକୀ ବାତ୍, ଇଂରେଜୀ ଉଚ୍ଚାରଣ ଶିକ୍ଷା, ପେଟର ପବନ ପାଟିର କଥା) ୬. ଅନୁବାଦ ପୁସ୍ତକ (ଗୋଦାନ, ଗବନ, ପ୍ରତିଜ୍ଞା, ବନ୍ଦୀନେହେରୁ, ଗାନ୍ଧୀଙ୍କ ସହିତ ଏକ ସପ୍ତାହ, ଧୂସରପଣତ, ଜନ୍ ଏଫ୍.କେନେଡ଼ି, ଭାରତ ମୋର ଘର, ଆମ ସଂସ୍କୃତି, ବିସ୍ମୃତିର ଚିତ୍ର) ଇତ୍ୟାଦି ।

ଏ ସମସ୍ତ ପୁସ୍ତକ ମଧ୍ୟରେ ତାଙ୍କ ଭ୍ରମଣକାହାଣୀର ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି । 'ଲଣ୍ଡନ ଚିଠି' ହେଉଛି ଏହାର ସଫଳ ଦୃଷ୍ଟାନ୍ତ ।

୧୨.୨ ମୂଳପାଠର ପ୍ରଥମ ଭାଗ

ଦୁଇଶବର୍ଷ କାଳ ଏହି ସାହେବ ଜାତି ଆମକୁ ଶାସନ କଲେ ଓ ଶୋଷଣ କଲେ । ଚାଳିଶକୋଟି ଲୋକ କାଙ୍ଗାଳ ହେଲେ, ବାଳବୃଦ୍ଧ ସମସ୍ତେ ସାହେବ ନାମରେ ଶଙ୍କି ଯାଉଥିଲେ । ଭାରତରେ ଅନେକଙ୍କ ଧାରଣା ଯେ ଯେଉଁ ସାହେବ ଜାତି ଆମରି ମନରେ ଛାତି ଫୁଲାଇ ଦୁନିଆ ଦାଣ୍ଡରେ ବଡ଼ଲୋକ ବୋଲି ଡ଼ିଙ୍ଗୁରା ପିଟୁଛନ୍ତି, ସେମାନେ ନିଶ୍ଚୟ ଆମମାନଙ୍କ ବିଷୟରେ ଫୁଙ୍ଗାନୁପୁଙ୍ଗ ରୂପେ ଜାଣିଥିବେ । କିନ୍ତୁ ସବୁଠୁ ଆଶ୍ଚର୍ଯ୍ୟର କଥା, ଇଂରେଜ ଜାତି ନିଜ ଜାତିର ହଜାର ହଜାର ବର୍ଷର ଇତିହାସ ସାଇତି ରଖିଛି । ମାତ୍ର ଭାରତର ଭାତ ଖାଇ, ସିନ୍ଧୁ ନଦୀର ଜଳ ସଙ୍ଗେ ହିନ୍ଦୁସ୍ଥାନର ରକ୍ତ ପିଇ ଭାରତ କଥା ଗୋଟାପଣେ ଭୁଲିଯାଇଛି । ଏଠି ଲୋକସାଧାରଣ ଭାରତ ବିଷୟରେ ଏତେ ଅନ୍ଧ ଯେ ଆମକୁ ଆଶ୍ଚର୍ଯ୍ୟ ଲାଗେ, ଏଇ ଲୋକ ଶହଶହ ବର୍ଷଧରି ଆମକୁ ଶାସନ କରି କେମିତି କିଛି ଜାଣିନାହାନ୍ତି । ଭାରତ ଶାସନ ପ୍ରକୃତରେ ସାଧାରଣ ଇଂରେଜ ଜୀବନକୁ ମୋଟେ ପ୍ରଭାବିତ କରିନାହିଁ ବୋଧହୁଏ କେତେଜଣ ବଡ଼ବଡ଼ିଆ ମହନ୍ତ ସ୍ୱତନ୍ତ୍ର ଶିକ୍ଷାପ୍ରାପ୍ତ ଲୋକଙ୍କ ସାହାଯ୍ୟରେ ଉପନିବେଶ ଶାସନ ଚଳାଇଥିଲେ । 'ଦୀପ ତଳ ଅନ୍ଧାର' ପରି ଏ ସାରା ଜାତିକୁ ସେମାନେ ଭାରତ ବିଷୟରେ ଅନ୍ଧକାର କରି ରଖିଥିଲେ । ଅନ୍ତତଃ ବ୍ରିଟିଶମାନଙ୍କ କୂଟନୀତିକୁ ନମସ୍କାର !

ଭାରତ ରିପ୍ଲବିକ୍ ଘୋଷିତ ହେଉଛି ବୋଲି ଲଣ୍ଡନରେ ସ୍ୱାଗତ ବିଲ୍ ପାଶ୍ ହେଉଛି । କି କରୁଣା, କି ବିଶ୍ୱପ୍ରୀତି, କି ଆନ୍ତର୍ଜାତିକତା ! ପାର୍ଲାମେଣ୍ଟ କୋଠାରୁ ଇଟାଖଣ୍ଡେ କାଢ଼ିନେଲେ ଭାରତର ରକ୍ତ ନିଗିଡ଼ି ପଡ଼ିବ । କିନ୍ତୁ ଏ ଜାତି ଏ ପର୍ଯ୍ୟନ୍ତ ଭାରତବିଷୟରେ ଅଜ୍ଞ । ସାତଖଣ୍ଡ ରାଜନୀତି-ରାମାୟଣ ସରିଛି, ମାତ୍ର ଭାରତ -ସୀତା ପୁରୁଷ କି ସ୍ତ୍ରୀ ପୁରାଣପଣ୍ଡାଙ୍କ ବ୍ୟତୀତ ଆଉ କେହି ଜାଣିନାହିଁ । ଭାରତୀୟ ଅପମାନିତ ହୁଏ, ବିଦ୍ରୋହୀ ହୁଏ, ଛାଡ଼ । "ନ ଗଙ୍ଗଦତ୍ତଃ ପୁନରପି କୂପମ୍ ।" ଏ ଅଶ୍ଳୀଳ ଦୁଃସ୍ୱପ୍ନ ଭୁଲିଯିବାରେ ଲାଭ ଅଛି । ତଥାପି ଏଡ଼େବଡ଼ ଲଣ୍ଡନରେ ଭାରତୀୟ ନିଜର ବୋଲି କି ଚିହ୍ନ ଦେଖେ, ସେହିକଥା କହିବି । ମଣିଷ ସବୁବେଳେ ଆତ୍ମପ୍ରତିଷ୍ଠା ପ୍ରିୟ । ନିଜକୁ ପରଲୋକ କେତେ ମନ ରଖିଛନ୍ତି ସେତିକି ଦେଖିଲେ ଆନନ୍ଦ ଆସେ, ଆତ୍ମପ୍ରସାଦ ଅନୁଭୂତ ହୁଏ । ଆମ ଦେଶକୁ ଇଂରେଜମାନେ ଏତେକାଳ ଶାସନ କରିଥିଲେ । ଆମକୁ ଲଣ୍ଡନ ସହରରେ, ଏହି ଆନ୍ତର୍ଜାତିକ ଲୀଳା-ଭୂମିରେ କେମିତି ସ୍ଥାନ ଦେଇଛନ୍ତି, ସେତିକି ଏଠି ଦେଖିବାର କଥା । ନିଶ୍ଚୟ ଲଣ୍ଡନ ସହରରେ ଆଉ କିଛି ନଥିଲେ ବି 'ଇଣ୍ଡିଆ ହାଉସ୍' ଅଛି ବୋଲି ଧରିନେବାକୁ ହେବ । ଭାରତ ଛାଡ଼ିବା ପୂର୍ବରୁ ବି 'ଇଣ୍ଡିଆ ହାଉସ୍' ସଙ୍ଗେ ଚିଠିପତ୍ର କାରବାର ଚାଲିଥାଏ । ଏ ଦେଶରେ ଇଣ୍ଡିଆ ହାଉସ୍ ଭାରତୀୟର ଏକମାତ୍ର ଭରସାସ୍ଥଳ । ସେ ପୂର୍ବ ଇଣ୍ଡିଆ ହାଉସ୍ ନାହିଁ । ମିଷ୍ଟର ..ନାହାନ୍ତି । ଶ୍ରୀ କୃଷ୍ଣମେନନ୍ ଏବେ ମାଲିକ । ସାଇବ ପୁଅ ହୁଏତ ସେହିବାଟେ ଗଲାବେଳେ 'ଇଣ୍ଡିଆ ହାଉସ୍'କୁ ଚାହିଁ ଭାବୁଥିବେ, କି ହେଲାରେ ! 'କ୍ୱ ଗତଃ ଯଦୁପତିଃ, କ୍ୱ ଗତାଃ ମଥୁରା ପୁରୀ' ଖାଲି ଭାରତୀୟ ପଣ୍ଡାମାନଙ୍କ କାରବାର ଚାଲିଛି । ଯେଉଁ ଟେବୁଲ ଚଉକି ଉପରେ 'ଚାର୍ଲସ୍ ଲାମ୍ବ'

ଜାତିପୁଅମାନଙ୍କ ସଙ୍ଗେ ଘୂମାଉଥିଲେ, ସେଠି ଆଜି କେତେ କଳା ଗୋରା ଭାରତୀୟ ପୁରୁଷ ଓ ନାରୀ ଆଡ଼ା ଜମାଇ ବସିଛନ୍ତି । ହାତରେ ବିଲାତି ବ୍ୟାଗ ଥିଲେ ବି ଦେହରେ ବମ୍ବେଇ ଶାଢ଼ୀ ଦେଖି ମନରେ ଆଶ୍ୱସ୍ତି ଆସେ । ନାରୀ ମହଲରେ "ନମସ୍ତେ' ଶୁଣିଲେ ବି ପୁରୁଷ ମହଲରେ ପୂର୍ବପରି "ଗୁଡ଼ମର୍ଣ୍ଣିଂ" ଅଛି । ଲଣ୍ଡନ ସହରରେ 'ଇଣ୍ଡିଆ ହାଉସ୍' ଭାରତୀୟତାର ପ୍ରଥମ ଚିହ୍ନ ।

୧୨.୨.୧ ଶବ୍ଦାର୍ଥ

କାଙ୍ଗାଳ –
ଗରିବ
ଶଙ୍କି ଯାଉଥିଲେ – ଡରିଯାଉଥିଲେ
ଡିଙ୍ଗୁରା – ଲୋକଙ୍କୁ ସତର୍କ କରାଇବାପାଇଁ ବଜା ଯାଉଥିବା ଏକ ପ୍ରକାର ବାଦ୍ୟଯନ୍ତ୍ର
ରିପବ୍ଲିକ – ସାଧାରଣତନ୍ତ୍ର
ଦୁଃସ୍ୱପ୍ନ – ଖରାପ ସ୍ୱପ୍ନ
ଆଶ୍ୱାସନା – ସାନ୍ତ୍ୱନା, ପ୍ରବୋଧନା

୧୨.୨.୨ ପଠିତାଂଶର ଆଲୋଚନା

ଦୁଇଶହ ବର୍ଷକାଳ ଇଂରେଜଜାତି ଶାସନ କରିଛନ୍ତି । ତେଣୁ ସାଧାରଣତଃ ଭାରତୀୟମାନଙ୍କ ଧାରଣା, ସେମାନେ ଭାରତ ବିଷୟରେ ଟିକିନିଖି ଖବର ନିଶ୍ଚୟ ରଖିଥିବେ । ମାତ୍ର ବାସ୍ତବରେ ସାଧାରଣ ଇଂରେଜ ଭାରତ ବିଷୟରେ କିଛି ଜାଣେ ନାହିଁ । ଭାରତ ରିପବ୍ଲିକ୍ ଘୋଷିତ ହେଲାବେଳେ ଏହାକୁ ସ୍ୱାଗତ କରିବା ପାଇଁ ବ୍ରିଟିଶ ପାର୍ଲାମେଣ୍ଟରେ ବିଲ୍ ପାଶ୍ ହୋଇଛି, ହେଲେ ବ୍ରିଟିଶଜାତି ଭାରତ ବିଷୟରେ ପୂରାପୂରି ଅଜ୍ଞ । ଲଣ୍ଡନରେ ଥିବା 'ଇଣ୍ଡିଆ ହାଉସ୍'ଟି ଆମପାଇଁ ଏକ ପ୍ରକାର ଆଶ୍ୱାସନା । କାରଣ ଦିନେ ସେଠାରେ ସାହେବମାନେ ବସୁଥିଲେ, ଆଜି ସେଠାରେ ଭାରତୀୟ ହେଉଛି ମାଲିକ । ଅର୍ଥାତ୍ ଚାର୍ଲସଲାମ୍ବଙ୍କ ସ୍ଥାନରେ ବସିଛନ୍ତି ଭାରତୀୟ ଶ୍ରୀ କୃଷ୍ଣମେନନ୍ ।

ଏଠାରେ ଭାରତୀୟମାନଙ୍କ ମାନସିକ ବିଦ୍ରୋହ ସହିତ ବିଟ୍ରିଶ କୂଟନୀତି ଉପରେ ପ୍ରଫେସର ଧଳ ସ୍ୱଭାବ ସୁଲଭ ଢଙ୍ଗରେ ଆଲୋଚନା କରିଛନ୍ତି ।

୧୨.୨.୩ ମୂଳପାଠର ପ୍ରଥମଭାଗରୁ ପ୍ରଶ୍ନ

(କ) ଲେଖକ କାହିଁକି ବ୍ରିଟିଶ କୂଟନୀତିକୁ 'ନମସ୍କାର' ବୋଲି କହିଛନ୍ତି ?

(ଖ) କାହିଁକି ଭାରତୀୟ ବିଦ୍ରୋହୀ ହୋଇଥାଏ ?

(ଗ) ଭାରତୀୟତାର ପ୍ରଥମ ଚିହ୍ନ ବୋଲି କାହାକୁ ଓ କାହିଁକି କୁହାଯାଇଛି ?

୧୨.୨.୪ ମୂଳପାଠର ପ୍ରଥମଭାଗରୁ ବ୍ୟାକରଣ ପ୍ରଶ୍ନ

(କ) ନିମ୍ନୋକ୍ତ ପଦରେ କେଉଁ ସମାସ ରହିଛି, ଲେଖନ୍ତୁ ।

ବାଳବୃଦ୍ଧ, ଶିକ୍ଷାପ୍ରାପ୍ତ, ଆତ୍ମପ୍ରସାଦ, ଅଶ୍ଳୀଳ

(ଖ) ସନ୍ଧିବିଚ୍ଛେଦ କରନ୍ତୁ ।

ପୁଙ୍ଖାନୁପୁଙ୍ଖ, ଦୁଃସ୍ୱପ୍ନ, ଭାରତୀୟ

(ଗ) ରୂଢ଼ିର ଅର୍ଥ ଲେଖନ୍ତୁ ।

ଦୀପତଳ ଅନ୍ଧାର

(ଘ) କେଉଁକେଉଁ ଉପସର୍ଗ ନିମ୍ନୋକ୍ତ ପଦରେ ରହିଛି, ଲେଖନ୍ତୁ ।

ଅପମାନିତ, ବିଦ୍ରୋହୀ, ଅନୁଭୂତ, ଉପନିବେଶ

(ଙ) ବିପରୀତବୋଧକ ଶବ୍ଦ ଲେଖନ୍ତୁ ।

ବଡ଼ବଡ଼ିଆ, କୂଟନୀତି, ଆନନ୍ଦ, ପରଲୋକ

୧୨.୩ ମୂଳପାଠର ଦ୍ୱିତୀୟ ଭାଗ

ଅନେକ ଭାରତୀୟ ବନ୍ଧୁ ଚିଠି ଲେଖିଲାବେଳେ ଭାରତ ଖବର ଲେଖିବାପାଇଁ ଭୁଲିଯାଇ କହିଥାନ୍ତି "ଖବର କାଗଜରୁ ଭାରତ ଖବର ପାଉଥିବେ, ଆଉ କଣ ଲେଖିବି ।" ମାତ୍ର ବନ୍ଧୁ ଜାଣନ୍ତି ନାହିଁ ଯେ ଲଙ୍କାରେ ରାମନାମ ପରି ଏ ଦେଶରେ ଭାରତ ନାମ ଦୁର୍ମୂଲ୍ୟ । ମଝିରେ ମଝିରେ ଲଙ୍କାପୋଡ଼ି ହେଲେ ରାମଙ୍କ କଥା ଲଙ୍କା ଖବରକାଗଜରେ ସ୍ଥାନପାଏ । ଭାରତର ମୁଦ୍ରାହ୍ରାସ ବା ଜହରଲାଲଙ୍କ ପରି ବିରାଟ ବ୍ୟକ୍ତିଙ୍କ କଥା ଏଠିକାର ଲଣ୍ଡନ କାଗଜରେ ପାଞ୍ଚ ଦଶଧାଡ଼ି ବାହାରେ । ଏବେ ଭାରତ ରିପବ୍ଲିକ୍ ଘୋଷଣା କରାଗଲାପରେ ପାର୍ଲିଆମେଣ୍ଟରେ ସ୍ୱାଗତ ବିଲ୍ ପାଶ୍ ହୋଇଛି ବୋଲି ଖବରକାଗଜରେ ପ୍ରକାଶ । ଉଦୟ ଶଙ୍କର ପରି ବିଖ୍ୟାତ ନର୍ତ୍ତକ ପିକାଡ଼ିଲି ଥିଏଟରରେ ଶତଶତ ଇଂରେଜଙ୍କୁ ସପ୍ତାହକାଳ ମୁଗ୍ଧ କରିଥିଲେ ବୋଲି ମାନ୍‌ଚେଷ୍ଟରର "ଗାର୍ଡ଼ିଆନ" ବହୁ ପ୍ରଶଂସା କରି ପନ୍ଦର ଧାଡ଼ି ଲେଖିଛନ୍ତି । ସେହିଦିନୁ ଖବରକାଗଜରେ ଭାରତ କଥା ନାହିଁ । ରେଡ଼ିଓରେ ଅବଶ୍ୟ ଭାରତ ସମ୍ବାଦ ଶୁଣିବା କଥା । ମାତ୍ର ଲଣ୍ଡନରେ ଦିନ ଦୁଇଟାବେଳେ ଭାରତର ସନ୍ଧ୍ୟା ସାତ । ତେଣୁ ଦୁଇଟାବେଳେ ସମସ୍ତେ କାର୍ଯ୍ୟବ୍ୟସ୍ତ । ତେଣୁ ରେଡ଼ିଓରୁ ଭାରତ ସମ୍ବାଦ ଶୁଣିବା ଅସମ୍ଭବ ହୋଇପଡ଼େ । ଏକୋଇଶ ଦିନ ଲୁଣିହାଉଆ ଖାଇଖାଇ ଯେଉଁ ବିରୂପ ଭାରତ କାଗଜ ଖଣ୍ଡି ଏଠି ପହଞ୍ଚେ, ସାଧାରଣ ସ୍ନେହାଧିକ୍ୟ ହେତୁ ସେ କାହାର ହୋଇପାରେନାହିଁ । ସେ ପୁଣି ସପ୍ତାହେ ବା ପନ୍ଦର ଦିନରେ ଦିନକର କଥା । ବିଶ୍ୱବାର୍ତ୍ତା ରାଜ୍ୟରେ ଆମେ କେଉଁଠି ତା ପାଠକଙ୍କ ନିକଟରେ ସ୍ପଷ୍ଟ ।

ଭାରତୀୟ ହଷ୍ଟେଲ ଓ ହୋଟେଲ କଥା । ବର୍ତ୍ତମାନ ଲଣ୍ଡନରେ ଅନେକ ଭାରତୀୟ ଅଛନ୍ତି । ବିଶେଷତଃ ଛାତ୍ରମାନଙ୍କର ଛାତ୍ରାବାସ ଅଛି । 'ଇଣ୍ଡିଆନ୍ ଷ୍ଟୁଡେଣ୍ଟସ୍ ବ୍ୟୁରୋ', 'ଇଣ୍ଡିଆନ୍ ଷ୍ଟୁଡ଼େଣ୍ଟସ୍ ହୋଟେଲ', 'ଇଣ୍ଡିଆନ୍ ଲିଗ୍' ଏହିଭଳି କେତେଗୁଡ଼ିଏ ଭାରତୀୟ

ଆଖଡ଼ା ଅଛି । ଯେଉଁ ଭାରତୀୟ ଛାତ୍ରାବାସ ସଙ୍ଗେ ସରକାରୀ ସଂପର୍କ ଅଛି, ସେଟି ଭାରତ ପରି ଦରିଦ୍ର, ଦୁଃସ୍ଥ, ଅବହେଳିତ ପରି ଦେଖାଯାଏ । କୌଣସି ଇଂରେଜ ବନ୍ଧୁଙ୍କୁ ଡାକି ସେଠି ନିଜର ଦାରିଦ୍ର୍ୟ ଦେଖାଇବାକୁ ଲାଜ ଲାଗେ । ଅବଶ୍ୟ ଲଣ୍ଡନ ସହରରେ ଭାରତୀୟ ଘରଗୁଡ଼ାକ ବଡ଼ବଡ଼ ମହାରାଜାଙ୍କ ଘରଠାରୁ ଢେର୍ ଭଲ ଓ ସୁସଜ୍ଜିତ । ଛୋଟିଆ ରାଜାମାନଙ୍କ କଥା ମୋଟେ ମନରେ ନେବେ ନାହିଁ । ତାହାହେଲେ ଲଣ୍ଡନ ବିଷୟରେ ଭୁଲ୍ ଧାରଣା ହେବାର ସମ୍ଭାବନା ଅଛି । ଭଲମନ୍ଦ ଦିନରେ ଏହି ଘର ଉପରେ ତ୍ରିରଙ୍ଗା ପତାକା ଉଡ଼ିଲେ କେତେ ତରୁଣ, ତରୁଣୀ ଆଖି ପକାଇ ଚାଲିଥାନ୍ତି । ଭାରତୀୟ ହୋଟେଲ ଛୋଟବଡ଼ କେତେ ଗୁଡ଼ିଏ ଅଛି । ପ୍ରଧାନ କେତୋଟି – 'ନୁରଜାହାନ, ଦିଲ୍ଲୀ ଦରବାର, ବମ୍ବେ ଇଣ୍ଡିଆ ।' ସେଠି ଭାରତୀୟ ଖାଦ୍ୟ ମିଳେ । ରେସନ ଯୁଗର ଇଂରେଜ ହୋଟଲରେ କାଙ୍ଗାଳ ଭୋଜନରେ ମନ ନମାନିଲେ ଭାରତୀୟମାନେ ସେଇଠି ଢୁକନ୍ତି । କିନ୍ତୁ ପଇସାଟା ଅବଶ୍ୟ ଜୋର । ଜାତିପୁଅଠାରୁ ହାତୀ ଆଦାୟ କରିବା କଥା । ରୁଟି, ପରଟା, ଡାଲି, ତରକାରୀ, ଭାତ ଭାରତୀୟ ସ୍ୱାଦୁ ଦିଏ ସତ, ମାତ୍ର ରସଗୋଲାଟା ଆମ କଟକ ରସଗୋଲା ନୁହେଁ । କାହିଁକି କେଜାଣି ଏ ଦେଶରେ ଭାରତୀୟ ମିଷ୍ଟାନ୍ନ ଖାଇବାକୁ ମିଳେନି । ସାହେବ ପୁଅ ଭାରତରୁ ସବୁ ଆଣିଲେ, ରନ୍ଧନ କଳାଟା ଆଣିପାରିଲେ ନାହିଁ କାହିଁକି ? ହାକିମ ସାହେବ ଜାତି ଖାନସମା କାମଟା କରିବାକୁ ବେମର୍ଯ୍ୟାଦା ବୋଲି ମନେ କରୁଥିଲେ ନା କ'ଣ ? ହୁଏ ତ ସେ ସାଧନଟା ହୋଇଯାଇଥିଲେ ଖାଦ୍ୟ ବଜାରରେ ଭାରତୀୟଙ୍କୁ ବେଶ୍ ଭୁଲାଇ ହୋଇପାରନ୍ତା ।

୧୨.୩.୧ ଶବ୍ଦାର୍ଥ

ଦୁର୍ମୂଲ୍ୟ	–	ମହଙ୍ଗା
ଗାର୍ଡ଼ିଆନ୍	–	ଲଣ୍ଡନର ମାନ୍‌ଚେଷ୍ଟରରୁ ବାହାରୁଥିବା ଏକ ଖବର କାଗଜ
ମୁଦ୍ରାହ୍ରାସ	–	ମୂଲ୍ୟରେ ହ୍ରାସ
ବିଶ୍ୱବାର୍ତ୍ତା	–	ବିଶ୍ୱର ଖବର
ଆଖଡ଼ା	–	ଆସର
ଦୁଃସ୍ଥ	–	ଗରିବ ବା ଅଭାବୀ ମଣିଷ
ଢୁକନ୍ତି	–	ଜୁଟନ୍ତି
ଖାନସମାକାମ	–	ରନ୍ଧନକଳା
ବେମର୍ଯ୍ୟାଦା	–	ଅସମ୍ମାନଜନକ

୧୨.୩.୨ ପଠିତାଂଶର ଆଲୋଚନା

ଭାରତୀୟ ବନ୍ଧୁ ପ୍ରଫେସର ଧଳଙ୍କୁ ଚିଠିଲେଖି ଲଣ୍ଡନର ଖବର କାଗଜ ବା ରେଡ଼ିଓରେ ଭାରତ ବିଷୟରେ ବହୁତ କଥା ପ୍ରସାରିତ ହେଉଥିବା କଥା ଭାବନ୍ତି । ପ୍ରଫେସର ଧଳ ଏଠାରେ ସେମାନଙ୍କ ଭୁଲ୍ ଧାରଣାକୁ ଦୂରକରିବା ପାଇଁ ଚେଷ୍ଟା କରିଛନ୍ତି ।

୧. ଭାରତୀୟ ଖବରକାଗଜ ସାଧାରଣତଃ ଲଣ୍ଡନରେ ପହଁଚିଲା ବେଳକୁ ପନ୍ଦରଦିନ ଲାଗିଯାଏ ଅର୍ଥାତ୍ ଖବରଟି ସେତେବେଳକୁ ବାସି ହୋଇଯାଇଥାଏ ।

୨. ଭାରତର ପ୍ରସିଦ୍ଧ ବ୍ୟକ୍ତିତ୍ୱ ଯେମିତି ଜବାହାରଲାଲ ନେହେରୁ, ନର୍ତ୍ତକ ଉଦୟଶଙ୍କର ଏମାନଙ୍କ ବିଷୟରେ ବ୍ରିଟିଶ ଖବରକାଗଜରେ ମାତ୍ର ପାଞ୍ଚଦଶ ଧାଡ଼ି ବାହାରେ ।

୩. ଭାରତୀୟ ସମ୍ବାଦ ମଧ୍ୟ ଲଣ୍ଡନରେ ଠିକ୍ ସମୟରେ ଶୁଣିହୁଏନି । କାରଣ ଭାରତରେ ସନ୍ଧ୍ୟା ସାତବେଳକୁ ଲଣ୍ଡନରେ ଦିନ ଦୁଇଟା । ତେଣୁ ଲଣ୍ଡନରେ ଏଇ କାର୍ଯ୍ୟବ୍ୟସ୍ତ ସମୟରେ ସମ୍ବାଦ ଶୁଣିବା ସମ୍ଭବ ହୁଏନି ।

୪. ଲଣ୍ଡନରେ ଥିବା ଭାରତୀୟ ହଷ୍ଟେଲ ଓ ହୋଟେଲ କଥା ପ୍ରସଙ୍ଗକ୍ରମେ ଉତ୍‌ଥାପନ କରାଯାଇଛି । ଲଣ୍ଡନର ହୋଟଲରେ ସୁସ୍ୱାଦୁ ଭାରତୀୟ ଖାଦ୍ୟ ମିଳେନି । ତେବେ ଭାରତୀୟ ହୋଟେଲରେ ଏହା ବହୁ ଚଢ଼ା ଦରରେ ମିଳିଥାଏ ।

୧୨.୩.୩ ମୂଳପାଠର ଦ୍ୱିତୀୟଭାଗରୁ ପ୍ରଶ୍ନ

(କ) ଲଣ୍ଡନରେ ଭାରତ ନାମ ଦୁର୍ମୂଲ୍ୟ କାହିଁକି ?

(ଖ)ବିଶ୍ୱବାର୍ତ୍ତା ରାଜ୍ୟରେ ଆମର ସ୍ଥାନ କେଉଁଠି ?

(ଗ)ଭାରତୀୟ ହଷ୍ଟେଲ ଓ ହୋଟେଲ ସଂପର୍କରେ କ'ଣ କୁହାଯାଇଛି ?

୧୨.୩.୪ ମୂଳପାଠର ଦ୍ୱିତୀୟଭାଗରୁ ବ୍ୟାକରଣ ପ୍ରଶ୍ନ

(କ) ରୂଢ଼ିର ଅର୍ଥ ଲେଖନ୍ତୁ ।

ଜାତିପୁଅଠାରୁ ହାତୀ ଆଦାୟ କରିବା, ଲଙ୍କାରେ ରାମନାମ

(ଖ) ନିମ୍ନୋକ୍ତ ଶବ୍ଦଗୁଡ଼ିକର ବନାନ ପରୀକ୍ଷାକରି ଶୁଦ୍ଧରୂପ ଲେଖନ୍ତୁ ।

ଦୂର୍ମୁଲ୍ୟ, କାର୍ଯବ୍ୟସ୍ତ, ବିରୁପ, ବିଶେଷତ, ସୁସଜିତ

(ଗ) ଶୂନ୍ୟସ୍ଥାନ ପୂରଣ କରନ୍ତୁ ।

ଏବେ ଭାରତ ---- ଘୋଷଣା କରାଗଲା ପରେ ପାର୍ଲାମେଣ୍ଟରେ ସ୍ୱାଗତବିଲ୍ ପାଶ୍ ହୋଇଛି ।

ଉଦୟଶଙ୍କର ---- ଥିଏଟରରେ ଇଂରେଜମାନଙ୍କୁ ମୁଗ୍ଧ କରିଥିଲେ ।

ମାନ୍‌ଚେଷ୍ଟରର ---- ବହୁ ପ୍ରଶଂସା କରି ପନ୍ଦର ଧାଡ଼ି ଲେଖିଛି ।

ଲଣ୍ଡନରେ ଦିନ ଦୁଇଟାବେଳେ ଭାରତରେ ---- ସାତ

----- ହୋଟେଲ ଛୋଟବଡ଼ କେତେଗୁଡ଼ିଏ ଅଛି ।

(ଘ) ସନ୍ଧି ବିଚ୍ଛେଦ କରନ୍ତୁ ।

ଭାରତୀୟ, ମିଷ୍ଟାନ୍ନ, ଛାତ୍ରାବାସ, ସ୍ୱାଗତ

(ଙ) ନିମ୍ନଲିଖିତ ଶବ୍ଦଗୁଡ଼ିକ ସଂପର୍କରେ ବୁଝାନ୍ତୁ ।

ରିପବ୍ଲିକ୍, ଗାର୍ଡ଼ିଆନ୍, ଇଣ୍ଡିଆନ୍ ଲିଗ୍, ଇଣ୍ଡିଆନ୍‌ଷ୍ଟୁଡ଼େଣ୍ଟସ୍ ହୋଟେଲ,ନୁରଜାହାନ୍

୧୨.୪ ମୂଳପାଠର ତୃତୀୟ ଭାଗ

ଶିକ୍ଷା ସଭ୍ୟତାର ପ୍ରଧାନ ଉପାଦାନ । ପୁସ୍ତକ ଶିକ୍ଷାର ସାଧନ। । ଏ ଦେଶରେ କଳକବଜା ମନୁଷ୍ୟକୁ ଯେତେ ମୁଗ୍ଧ କରେ ବଡ଼ବଡ଼ ବହି ଦୋକାନ ତାଠୁ ବେଶି କରେ । ବୋଧହୁଏ ମନୁଷ୍ୟ ସଭ୍ୟତାର ଏମିତି ଜିନିଷ ନାହିଁ, ଯେଉଁ ବିଷୟରେ ଏ ଦେଶରେ ବହି ନାହିଁ । ଘାସକଟା ଠାରୁ ଘୋଡ଼ାଚଢ଼ା ପର୍ଯ୍ୟନ୍ତ ମଣିଷ ଜୀବନରେ ଯେତେ ବିଭାଗ ଓ ବ୍ୟବସାୟ ଅଛି ସମସ୍ତଙ୍କ ବିଷୟରେ ବହିଅଛି । ଗୋଟିଏ ଗୋଟିଏ ବହି ଦୋକାନରେ ପଶିଲେ ବର୍ଣ୍ଣ ବିଚିତ୍ର ହଜାର ହଜାର ବହି ଦେଖି କେବଳ ଦାରିଦ୍ର୍ୟ ସ୍ମରଣ କରିବାକୁ ହୁଏ । ଇଂରେଜ ବଜାରରେ ଭାରତୀୟ ପୁସ୍ତକର କାଟତି କେମିତ, ସେତିକି ଜାଣିବାକୁ କୌତୂହଳ ହୁଏ । ଗାନ୍ଧୀ, ଜବାହରଲାଲ ଓ ରବୀନ୍ଦ୍ରନାଥଙ୍କର ଅନେକ ବହି ସଜ୍ଜିତ ଥାଏ । ଭାରତ ସଭ୍ୟତା ଓ ରାଜନୀତି ବିଷୟରେ ଅନେକ ବହି ଅଛି । ସବୁଠାରୁ ସୁଖର କଥା, ଯେଉଁ ପୁରାତନ ସଂସ୍କୃତି ଆମ ଆମ ଦେଶରେ ମିଳନ୍ତା କି ନାହିଁ ସନ୍ଦେହ, ତାହା ଏ ଦେଶର ଗୋଟିଏ ଗୋଟିଏ ବହି ଦୋକାନରେ ଭରିଥାଏ । ବିଶେଷତଃ ଭାରତର ସଂସ୍କୃତି ପୁସ୍ତକର ଏହି ସ୍ୱତନ୍ତ୍ର ସଂଗ୍ରହ କରାଯାଇଛି । ଯାହା ହେଉ ବହି ଦୋକାନରେ ପଶିଲେ ଇଂରେଜମାନଙ୍କ ପ୍ରତି ଟିକିଏ ମମତା ହୁଏ । ଲାଇବ୍ରେରୀମାନଙ୍କରେ ଭାରତୀୟ ପୁସ୍ତକ ସଂଗ୍ରହ ମନ୍ଦନୁହେଁ ; ବିଶେଷତଃ ପ୍ରାଚ୍ୟଶିକ୍ଷାମନ୍ଦିରରେ ହଜାର ହଜାର ଭାରତୀୟ ପୁସ୍ତକ ଭରି ରହିଛି-ହିନ୍ଦୀ, ବଂଗଳା, ଗୁଜୁରାଟୀ, ମହାରାଷ୍ଟ୍ରୀ । ପ୍ରାଚ୍ୟଶିକ୍ଷା ମନ୍ଦିରରେ ଥରେ ବହି ଖୋଜୁଖୋଜୁ ଦିନେ କେତେକ ଓଡ଼ିଆ କହିଦେଲେ କେତେ ଯେ ଆନନ୍ଦ ହେଲାକ'ଣ କହିବି । "ଓଡ଼ିଆ ବ୍ୟାକରଣ" ଓ "ଓଡ଼ିଆ ବର୍ଣ୍ଣ ପରିଚୟ" ପରି କେତେଖଣ୍ଡି ମାତ୍ର । ନାହିଁ ମାମୁଁଠାରୁ କଣାମାମୁଁ ନିଶ୍ଚୟ ଭଲ, ଅନ୍ତତଃ ଆମେ ଲାଇବ୍ରେରୀକୁ ଓଡ଼ିଆ ଢଗଢ଼ମାଳୀଠାରୁ ଆରମ୍ଭ କରି 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ' ପର୍ଯ୍ୟନ୍ତ ଶତାଧିକ ଓଡ଼ିଆ ପୁସ୍ତକ ଆଣିବା ପାଇଁ ଚିଠା କରିଦେଇଛୁ । ପ୍ରାଚ୍ୟଭାଷା ଶିକ୍ଷାନୁଷ୍ଠାନରେ ଗୋଟିଏ ଭାରତୀୟ କଲେଜରେ ରହିଲା ପରି ଲାଗେ । ଏଠି ଇଂରେଜ ପିଲାମାନେ ହିନ୍ଦୀ, ବଂଗଳା, ଆରବୀ, ଫରାସୀ, ମାଳୟ, ତେଲୁଗୁ, ତାମିଲ ପଢ଼ନ୍ତି । ଅନେକ ସମୟରେ ଇଂରାଜୀ ତରୁଣ ତରୁଣୀମାନଙ୍କଠାରୁ 'କ୍ୟା କରତା ହୈଁ', 'କୈସେ ହୈଁ', 'ଧନ୍ୟବାଦ' ପ୍ରଭୃତି ଶବ୍ଦ ଅପ୍ରତ୍ୟାଶିତ ଭାବରେ ଶୁଣି ଚମକ ଲାଗିଯାଏ । ବିଗତ ଯୁଦ୍ଧ ପରେ ଅଧିକାଂଶ ଇଂରେଜ ସୈନ୍ୟ ଭାରତୀୟ ଭାଷା ହାସଲ କରିପାରିଛନ୍ତି । ଇଂରେଜ ପିଲା ଯାତ୍ରାଦେଖା ସଙ୍ଗେସଙ୍ଗେ କଦଳୀ ବିକ୍ରୀକରି ବେଶ୍ ଫାଇଦା ଉଠାଇ ଜାଣେ ।

ଦିନେଦିନେ ଭାରତୀୟ ନୃତ୍ୟଗୀତ ପ୍ରଦର୍ଶନୀ ହୁଏ । ଭାରତୀୟମାନେ ଦେଖନ୍ତି । ଏବେ ବି ଲଣ୍ଡନରେ ହିନ୍ଦୀକଥାଚିତ୍ର 'କିସ୍‌ମତ୍' ଚାଲିଛି । ଭାରତୀୟ ହୋଟେଲମାନଙ୍କରେ ଘୋଷଣାପତ୍ର ଦିଆଯାଇଛି, ଅନ୍ୟତ୍ର କ'ଣ ହୁଏ ଜାଣେନି । ଅବଶ୍ୟ 'ଉଦୟ ଶଙ୍କର ନୃତ୍ୟ' ଦେଖିବା ନିମିତ୍ତ ସାତଦିନ ପାଇଁ ପିକାଡ଼ିଲା ଥିଏଟର ଲୋକ ଗହଳିରେ ଭାଙ୍ଗିପଡୁଥିଲା । ବର୍ଣ୍ଣବିଚିତ୍ର ଭାରତୀୟ ନାରୀମାନଙ୍କର ଅଙ୍ଗଭଙ୍ଗୀ ଓ ଲଳିତ ସଂଗୀତ ସାହେବମାନଙ୍କୁ ମୁଗ୍ଧ କରୁଥିଲା ।

ଚିଡ଼ିଆଖାନା ଓ ମିଉଜିୟମ୍‌ରେ ଭାରତର ଚିହ୍ନ ଅନେକ ମିଳେ । ଲଣ୍ଡନ ଚିଡ଼ିଆଖାନାରେ ଭାରତୀୟ ବାଘ, ଭାଲୁ, କେନ୍ଦୁଆ , ହରିଣ, ମାଙ୍କଡ଼, ବିଲୁଆ, କାଉ ଓ କେତେକ ସାପ ଜାତୀୟ ଜୀବ ଅଛନ୍ତି । ଭାରତ ଜଙ୍ଗଲର ମହାବଳ ଲଣ୍ଡନ ସହର ଚିଡ଼ିଆଖାନା ଭିତରେ ବି ହୀନବଳ ହୋଇପଡ଼ିଥାଏ । ଶହଶହ ଇଂରେଜ ବାଳ-ବୃଦ୍ଧ-ବନିତା କେତେ କୌତୂହଳ କରି ଚାଲିଥାନ୍ତି । ଦେଖିଛି, ମୃତପ୍ରାୟ ମହାବଳଟି କେବଳ କରୁଣ ଦୃଷ୍ଟିପାତ ପରି ପଡ଼ିଥାଏ । ବାସ୍ତବରେ "ସ୍ଥାନଭ୍ରଷ୍ଟା ! ନ ଶୋଭନ୍ତେ" ବାଘ ମୁହଁରେ ମଣିଷ ଖେଳ, ବିଧିର ବିଡ଼ମ୍ବନା ସିନା ! ସିଂହର ସଦନେ ପୁଣି ଶୃଗାଳର କ୍ରୀଡ଼ା ! ସ୍ଥାନ ନେଇ ସିନା ମଣିଷ ବଡ଼ ସାନ ! ଶୀତରେ ଚମଡ଼ା ଫାଟି ଧଳା ହୋଇଯାଇଛି,ନିହାତି ସାନ ସାନ ଦୁଇଟି ହାତୀ । ଛୋଟ ଛୋଟ ଇଂରେଜ ପିଲା ପଇସା ଦେଇ ସେମାନଙ୍କ ଉପରେ ପାଞ୍ଚ ମିନିଟ୍ ଲେଖାଏଁ ବସି ଭାରି ଖୁସି । ପରିବର୍ତ୍ତିତ ଜଳବାୟୁ ଓ ପାରିପାର୍ଶ୍ୱିକ ଅବସ୍ଥା ଭିତରେ ସମସ୍ତ ଜୀବଜନ୍ତୁ ନିଶ୍ଚଳ ପ୍ରାୟ । ବ୍ରିଟିଶ ମିଉଜିୟମ୍‌ରେ ଭାରତ ବିଶେଷ ସ୍ଥାନ ପାଇଛି ବୋଲି ମନେ ହୁଏନି । ପୂର୍ବ ଖଣ୍ଡରୁ ଆରବ, ପାରସ୍ୟ, ଚୀନ୍ ବିଶେଷ ସ୍ଥାନ ଅଧିକାର କରିଛନ୍ତି । ତଥାପି ଏଠାରେ ଯାହା ରହିଛି ସେଥିରେ ଆମେ ଗୌରବ ଅନୁଭବ କରିବା କଥା । ପୁରୁଣା କାଳର ପୋଥିମାନଙ୍କ ଭିତରେ ଆମ ଓଡ଼ିଆ ପୋଥି ବି ଅଛି । ସେଥିରେ ରାଧାକୃଷ୍ଣ ଚିତ୍ର ରହିଛି, ଚାରୁକଳା ଭିତରେ ପୁରାତନ ପ୍ରସ୍ତର ମୂର୍ତ୍ତି ଅନେକ ପ୍ରକାରର ଅଛି ।

୧୨.୪.୧. ଶବ୍ଦାର୍ଥ

କୌତୂହଳ – ଅତିଶୟ ଆଗ୍ରହ, ଔସୁକ୍ୟ
ପ୍ରାଚ୍ୟଶିକ୍ଷା – ଭାରତୀୟ ବା ପୂର୍ବ ଭୂଖଣ୍ଡର ବିଦ୍ୟାବିଷୟକ ଶିକ୍ଷା
ଅପ୍ରତ୍ୟାଶିତ – ଆକସ୍ମିକ, ଦୈବାତ୍
ଫାଇଦା – ଲାଭ
ବିଡ଼ମ୍ବନା – ଦୁଃଖ
ପାରିପାର୍ଶ୍ୱିକ – ଚତୁପାର୍ଶ୍ୱ ସମ୍ବନ୍ଧୀୟ
ଚାରୁକଳା – ମନୋହର କଳା

୧୨.୪.୨ ପଠିତାଂଶର ଆଲୋଚନା

ଏଠାରେ ପୁସ୍ତକର ଉପାଦେୟତା ସଂପର୍କରେ ଆଲୋଚନା କରାଯାଇଛି । ଲଣ୍ଡନରେ ଏମିତି ବିଷୟ ନାହିଁ, ଯାହା ବିଷୟରେ ବହି ଏଠାରେ ମିଳେନି । ଏଠାକାର ଗୋଟିଏ ବହିଦୋକାନରେ ପଶିଲେ ଭାରତୀୟମାନଙ୍କର ଦାରିଦ୍ର୍ୟ ଆପେ ସ୍ମରଣ ହୋଇଯାଏ । ଭାରତର ପ୍ରାଚୀନ ସଂସ୍କୃତି ଏଠାକାର ବହିଦୋକାନରେ କିପରି ସାଇତା ହୋଇରହିଛି, ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ଏଠାରେ ଥିବା ପ୍ରାଚ୍ୟଶିକ୍ଷା ମନ୍ଦିର ଭାରତୀୟ ଶିକ୍ଷା ସଂସ୍କୃତିର ପରିପ୍ରସାର କରିବାରେ ବେଶ୍ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଛି । ପ୍ରାଚ୍ୟଭାଷା ଶିକ୍ଷାନୁଷ୍ଠାନ ଦେଖିଲେ ଭାରତୀୟ କଲେଜ କଥା ମନେ ପଡ଼ିଯାଏ । ଖାଲି ସେତିକି ନୁହେଁ,

ବିଶ୍ୱଯୁଦ୍ଧପରେ ପରେ ଅଧିକାଂଶ ଇଂରେଜ ସୈନ୍ୟ ଭାରତୀୟ ଭାଷା ଶିକ୍ଷା କରିଥିବା କଥା ଜାଣି ଖୁସିଲାଗେ । ଭାରତୀୟମାନଙ୍କର ନୃତ୍ୟଗୀତ ମଧ୍ୟ କେତେକାଂଶରେ ଇଂରେଜମାନଙ୍କୁ ମୁଗ୍ଧ କରିଛି । ଲଣ୍ଡନର ଚିଡ଼ିଆଖାନାରେ ଭାରତୀୟ ପଶୁପକ୍ଷୀ ମଧ୍ୟ ବେଶ୍ ସକ୍ରିୟ । ବ୍ରିଟିଶ ମିଉଜିୟମ୍‌ରେ ଯେତିକି ଭାରତୀୟ ସଂସ୍କୃତି ବିଷୟକ ଜିନିଷ ସାଇତା ହୋଇ ରହିଛି, ସେତିକିରେ ଜଣେ ଭାରତୀୟ ଗର୍ବ କରିବାର କଥା । ମୋଟ ଉପରେ ଭାରତୀୟ ଶିକ୍ଷା, ସଂସ୍କୃତି, ନୃତ୍ୟଗୀତ, ପଶୁପକ୍ଷୀ ବିଷୟରେ ପ୍ରଫେସର ଧଳ ନିଜର ଦୃଷ୍ଟିକୋଣକୁ ସ୍ଥାନୀତ କରିଛନ୍ତି ।

୧୨.୪.୩ ମୂଳପାଠର ତୃତୀୟ ଭାଗରୁ ପ୍ରଶ୍ନ

(କ) ପୁସ୍ତକ କାହିଁକି ଉପାଦେୟ ବୋଲି କୁହାଯାଇଛି ?

(ଖ) 'ପ୍ରାଚ୍ୟ ଶିକ୍ଷା ମନ୍ଦିର' ଗୋଟିଏ ଭାରତୀୟ କଲେଜ ଭଳି କାହିଁକି ଲାଗେ ?

(ଗ) ଲଣ୍ଡନ ଚିଡ଼ିଆଖାନାରେ ଭାରତର କି ଚିହ୍ନ ରହିଛି ?

(ଘ) ବ୍ରିଟିଶ ମିଉଜିୟମ୍‌ରେ ଭାରତର କି ଜିନିଷ ଦେଖିବାକୁ ମିଳେ ?

(ଙ) ଇଂରେଜ ବଜାରରେ ଭାରତୀୟ ପୁସ୍ତକର କାଟ୍‌ତି କେମିତି ?

୧୨.୪.୪ ମୂଳପାଠର ତୃତୀୟ ଭାଗରୁ ବ୍ୟାକରଣ ପ୍ରଶ୍ନ

(କ) ନିମ୍ନଲିଖିତ ପ୍ରବାଦ-ପ୍ରବଚନଗୁଡ଼ିକର ଅର୍ଥ ବୁଝାନ୍ତୁ ।

ବାଘ ମୁହଁରେ ମଣିଷ ଖେଳ, ଯାତ୍ରାଦେଖା କଦଳୀ ବିକା, ଘାସକଟାରୁ ଘୋଡ଼ାଚଢ଼ା, ନାହିଁ ମାମୁଁଠାରୁ କଣା ମାମୁଁ ଭଲ, ସିଂହସଦନେ ଶୃଗାଳ କ୍ରୀଡ଼ା

(ଖ) ବ୍ୟାସବାକ୍ୟ ସହିତ ସହିତ ସମାସର ନାମ ଲେଖନ୍ତୁ ।

ପୂର୍ଣ୍ଣଚନ୍ଦ୍ର, ହୀନବଳ, ଜଳବାୟୁ, ଚାରୁକଳା, ଘାସକଟା

(ଗ) କେଉଁକେଉଁ ଉପସର୍ଗ ନିମ୍ନୋକ୍ତ ପଦରେ ବ୍ୟବହୃତ ହୋଇଛି, ଦର୍ଶାନ୍ତୁ ।

ବିଶେଷତଃ, ବିଗତ, ଅନୁଭବ, ଉପାଦାନ, ପର୍ଯ୍ୟନ୍ତ

(ଘ) ନିମ୍ନଲିଖିତ ଶବ୍ଦଗୁଡ଼ିକର ଅର୍ଥ ଲେଖନ୍ତୁ ।

ଅପ୍ରତ୍ୟାଶିତ,ମହାବଳ, ବିଡ଼ମ୍ବନା, ପାରିପାର୍ଶ୍ୱିକ, ଚାରୁକଳା

(ଙ) ନିମ୍ନଲିଖିତ ପଦଗୁଡ଼ିକର ପ୍ରକୃତିପ୍ରତ୍ୟୟ ଦର୍ଶାନ୍ତୁ ।

ସ୍ମରଣ, ଭାରତୀୟ, ସଂଗ୍ରହ, ଘୋଷଣା, ଗୌରବ

(ଚ) ଅଶୁଦ୍ଧି ସଂଶୋଧନ କରନ୍ତୁ ।

ବିଶେଷତ, ମହାରାଷ୍ଟ୍ର, ଅନ୍ତତ, କୌତୁହଳ ।

୧୨.୫ ସଂପୂର୍ଣ୍ଣ ମୂଳପାଠ ଉପରେ ପ୍ରଶ୍ନ

(କ) ବିଲାତର ଜନସାଧାରଣ ଭାରତ ବିଷୟରେ ଅଜ୍ଞ କାହିଁକି ?

(ଖ) ଭାବସଂପ୍ରସାରଣ କରନ୍ତୁ ।

ନ ଗଙ୍ଗଦତ୍ତଃ ପୁନରପିକୂପମ୍ ।

(ଗ) କେଉଁକେଉଁ ପ୍ରତ୍ୟୟ ନିମ୍ନଲିଖିତ ଶବ୍ଦରେ ରହିଛି ?

ପାରିପାର୍ଶ୍ୱିକ, ସ୍ଥାପନ, ଗୌରବ, ପ୍ରାଚ୍ୟ

(ଘ) କେଉଁକେଉଁ ଉପସର୍ଗ ନିମ୍ନଲିଖିତ ଶବ୍ଦଗୁଡ଼ିକରେ ବ୍ୟବହୃତ ହୋଇଛି ?

ଅନୁଭୂତ,ଅପମାନିତ, ପ୍ରକାଶ, ବିରୂପ

(ଙ) ବିପରୀତବୋଧକ ଶବ୍ଦ ଲେଖନ୍ତୁ ।

ପ୍ରଧାନ, ସ୍ୱାଦୁ, ବେମର୍ଯ୍ୟାଦା, ପୁରାତନ

(ଚ) ନିମ୍ନଲିଖିତ ଶବ୍ଦ ଗୁଡ଼ିକର ଏକାର୍ଥବୋଧକ ଶବ୍ଦ ଲେଖନ୍ତୁ ।

ଦୁନିଆ, ଜଳ, ନଦୀ, ସନ୍ଧ୍ୟା

(ଛ) ନିମ୍ନଲିଖିତ ବାକ୍ୟକୁଡ଼ିକୁ ସଜାଡ଼ି ଲେଖନ୍ତୁ ।

ବିଶ୍ୱବାର୍ତ୍ତା ଆମେରାଜ୍ୟରେ କେଉଁଠି ସ୍ପଷ୍ଟ ନିକଟରେ ପାଠକଙ୍କ ।

ସହରରେ ଲଣ୍ଡନ ଭାରତୀୟତାର 'ଇଣ୍ଡିଆ ହାଉସ୍' ପ୍ରଥମ ଚିହ୍ନ ।

ପାର୍ଲିଆମେଣ୍ଟ ଇଟାଖଣ୍ଡେକୋଠାରୁ ଭାରତର କାଢ଼ିନେଲେ ନିଗିଡ଼ି ରକ୍ତ ପଡ଼ିବ ।

ଭୁଲିଯିବାରେ ଦୁଃସ୍ୱପ୍ନ ଅଶ୍ଳୀଳ ଏ ଲାଭଅଛି ।

(ଜ) ଶୂନ୍ୟସ୍ଥାନ ପୂରଣ କରନ୍ତୁ ।

ଲଣ୍ଡନରେ ଭାରତର ଆଶାନୁରୂପ ------ଅଛି ବୋଲି ମନେ ହୁଏନା । (ସ୍ମୃତି, ଚିହ୍ନ)

ବ୍ରିଟିଶ ମିଉଜିୟମ୍‌ରେ ଯାହାକିଛି ଅଛି ସେଥିପାଇଁ ଆମେ -------ଅନୁଭବ କରିବା ।
(ଗୌରବ, ଆନନ୍ଦ)

ଉଦୟ ଶଙ୍କରଙ୍କ --------ପାଇଁ ପିକାଡିଲା ଲୋକଗହଳିରେ ଭାଙ୍ଗିପଡୁଥିଲା ।
(ସଂଗୀତ,ନୃତ୍ୟ)

ଲଣ୍ଡନର ବହିଦୋକାନରେ ପଶିଲେ ଇଂରେଜମାନଙ୍କ ପ୍ରତି -------ଜାତହୁଏ ।
(ସ୍ନେହ, ମମତା)

(ଝ) ସଂକ୍ଷିପ୍ତ ଟିପ୍‌ପଣି ଲେଖନ୍ତୁ ।

ଶ୍ରୀକୃଷ୍ଣମେନନ୍

ଉଦୟଶଙ୍କର

୧୨.୬ ସାରାଂଶ

'ଲଣ୍ଡନଚିଠି'ର ଲେଖକ ଶ୍ରୀଯୁକ୍ତ ଗୋଲୋକ ବିହାରୀ ଧଳ ଭାଷାତତ୍ତ୍ୱ ଅଧ୍ୟୟନ ପାଇଁ ଲଣ୍ଡନରେ ଦୁଇବର୍ଷ ରହିଛନ୍ତି ଓ ସେଠାକାର ଅନୁଭୂତିକୁ ନିଜ ଲେଖନୀରେ ଲିପିବଦ୍ଧ କରିଛନ୍ତି । ସାହେବଜାତି ଭାରତକୁ ଦୁଇଶବର୍ଷ ଶାସନ କଲେ ମଧ୍ୟ ଭାରତର ଆତ୍ମାକୁ ତାର ସଂସ୍କୃତିକୁ ଚିହ୍ନିପାରିନାହିଁ । ଲଣ୍ଡନର ସାଧାରଣଜନତା ଭାରତ ବିଷୟରେ ପୂରାପୂରି ଅଜ୍ଞ । ତେବେ ସେଠାରେ ଥିବା ଇଣ୍ଡିଆ ହାଉସ୍‌ଟି ଭାରତୀୟର ସ୍ଥିତିକୁ ସୁଦୃଢ଼ କରେ । ଲଣ୍ଡନରୁ

ପ୍ରକାଶିତ ଖବର କାଗଜରେ ଭାରତବିଷୟରେ ବହୁତ କମ୍ ଖବର ପ୍ରକାଶିତ ହୋଇଥାଏ । ଉଦୟଶଙ୍କର ଭଳି ବିଶ୍ୱବିଖ୍ୟାତ ନର୍ତ୍ତକଙ୍କ ବିଷୟରେ ମାତ୍ର ପନ୍ଦର ଧାଡ଼ି ବାହାରେ । କେତୋଟି ଭାରତୀୟ ହୋଟେଲ ଯଥା ନୁରଜାହାନ, ବମ୍ବେଇଣ୍ଡିଆ, ଦିଲ୍ଲୀଦରବାର ଆଦିରେ ଭାରତୀୟ ଖାଦ୍ୟ ମିଳିଥାଏ । ସାହେବମାନେ ଭାରତରୁ ବହୁଜିନିଷ ବୋହି ଆଣିଲେ, ହେଲେ ଭାରତୀୟ ରନ୍ଧନକଳାଟାକୁ ଆଣିପାରିଲେ ନାହିଁ । ଏଠାରେ ପୁସ୍ତକର ବିପୁଳ ଆଦର ରହିଛି । ଏଠାକାର ପ୍ରାଚ୍ୟଶିକ୍ଷାମନ୍ଦିରଟି ଗୋଟିଏ ଭାରତୀୟ କଲେଜ ଭଳି ଲାଗେ । ବେଳେବେଳେ ଏଠାରେ ଭାରତୀୟ ନୃତ୍ୟଗୀତ ପ୍ରଦର୍ଶନୀ ହୁଏ । ସାହେବମାନେ ଭାରତୀୟ ନୃତ୍ୟଗୀତକୁ ବେଶ୍ ପସନ୍ଦ କରିଥାନ୍ତି । ଲଣ୍ଡନର ଚିଡ଼ିଆଖାନା ଓ ମିଉଜିୟମ୍‌ରେ ଭାରତୀୟ ଜୀବଜନ୍ତୁ, ପ୍ରସ୍ତରମୂର୍ତ୍ତି ଭାରତର ସ୍ଥିତିକୁ ସ୍ମରଣ କରାଉଛି । ଲଣ୍ଡନର ଅନୁଭୂତି ଲେଖକଙ୍କୁ ଆତ୍ମ ସନ୍ତୋଷ ପ୍ରଦାନ କରିଛି ।

୧୨.୭ ପଠନ ଅଭ୍ୟାସ

ଇଂରେଜବଜାରରେ ଭାରତୀୟ ପୁସ୍ତକର କାଟତି କେମିତି, ସେତିକି ଜାଣିବାକୁ କୌତୂହଳ ଜାତ ହୁଏ । ଗାନ୍ଧୀ ଜବାହରଲାଲ ଓ ରବୀନ୍ଦ୍ରନାଥଙ୍କର ଅନେକ ବହି ସଜ୍ଜିତ ଥାଏ । ଭାରତ ସଭ୍ୟତା ଓ ରାଜନୀତି ବିଷୟରେ ଅନେକ ବହି ଅଛି । ସବୁଠାରୁ ସୁଖର କଥା, ଯେଉଁପୁରାତନ ସଂସ୍କୃତି ଆମ ଦେଶରେ ମିଳନ୍ତା କି ନାହିଁ ସନ୍ଦେହ, ତାହା ଏ ଦେଶର ଗୋଟିଏ ଗୋଟିଏ ବହି ଦୋକାନରେ ଭରିଥାଏ । ବିଶେଷତଃ ଭାରତର ସଂସ୍କୃତି ପୁସ୍ତକ ଏହି ସ୍ୱତନ୍ତ୍ର ସଂଗ୍ରହ କରାଯାଇଛି । ଯାହାହେଉ ବହି ଦୋକାନରେ ପଶିଲେ ଇଂରେଜମାନଙ୍କ ପ୍ରତି ଟିକିଏ ମମତା ହୁଏ । ଲାଇବ୍ରେରୀମାନଙ୍କରେ ଭାରତୀୟ ପୁସ୍ତକ ସଂଗ୍ରହ ମନ୍ଦ ନୁହେଁ ; ବିଶେଷତଃ ପ୍ରାଚ୍ୟଶିକ୍ଷା ମନ୍ଦିରରେ ଥରେ ବହି ଖୋଜୁଖୋଜୁ ଦିନେ କେତେକ ଓଡ଼ିଆ କହିଦେଲେ କେତେ ଯେ ଆନନ୍ଦ ହେଲା କ'ଣ କହିବି । "ଓଡ଼ିଆ ବ୍ୟାକରଣ" ଓ "ଓଡ଼ିଆ ବର୍ଣ୍ଣ ପରିଚୟ" ପରି କେତେଖଣ୍ଡି ମାତ୍ର । ନାହିଁ ମାମୁଁଠାରୁ କଣାମାମୁଁ ନିଶ୍ଚୟ ଭଲ, ଅନ୍ତତଃ ଆମ ଲାଇବ୍ରେରୀକୁ ଓଡ଼ିଆ ଢ଼ଗଢ଼ମାଳୀଠାରୁ ଆରମ୍ଭ କରି 'ପୁର୍ଣ୍ଣଚନ୍ଦ୍ର ଭାଷାକୋଷ' ପର୍ଯ୍ୟନ୍ତ ଶତାଧିକ ଓଡ଼ିଆ ପୁସ୍ତକ ଆଣିବା ପାଇଁ ଚିଠା କରିଦେଇଛି । ପ୍ରାଚ୍ୟଭାଷା ଶିକ୍ଷାନୁଷ୍ଠାନରେ ଗୋଟିଏ ଭାରତୀୟ କଲେଜରେ ରହିଲାପରି ଲାଗେ । ଏଠି ଇଂରେଜପିଲାମାନେ ହିନ୍ଦୀ, ବଙ୍ଗଳା, ଆରବୀ, ଫରାସୀ, ମାଳୟ, ତେଲୁଗୁ, ତାମିଲ ପଢ଼ନ୍ତି । ଅନେକ ସମୟରେ ଇଂରାଜୀ ତରୁଣ ତରୁଣୀମାନଙ୍କ ଠାରୁ 'କ୍ୟା କରତା ହୈ', 'କୈସେ ହେଁ. 'ଧନ୍ୟବାଦ' ପ୍ରଭୃତି ଶବ୍ଦ ଅପ୍ରତ୍ୟାଶିତ ଭାବରେ ଶୁଣି ଚମକ ଲାଗିଯାଏ । ବିଗତ ଯୁଦ୍ଧ ପରେ ଅଧିକାଂଶ ଇଂରେଜ ସୈନ୍ୟ ଭାରତୀୟ ଭାଷା ହାସଲ କରିପାରିଛନ୍ତି ।

ପ୍ରଶ୍ନ- (କ) ଭାରତର ପୁରାତନ ସଂସ୍କୃତିର ଆଦର କେଉଁଠି ଦେଖିବାକୁ ମିଳେ ?

(ଖ) ପ୍ରାଚ୍ୟ ଶିକ୍ଷା ମନ୍ଦିରରେ କେଉଁକେଉଁ ଭାଷାର ବହି ରହିଛି ?

(ଗ) ପ୍ରାଚ୍ୟ ଶିକ୍ଷା ମନ୍ଦିରରେ ଓଡ଼ିଆଭାଷାର କେଉଁକେଉଁ ବହି ରହିଛି ?

(ଘ) ଇଂରେଜ ତରୁଣ ତରୁଣୀ କେଉଁ ଅପ୍ରତ୍ୟାଶିତ ଶବ୍ଦ ଉଚ୍ଚାରଣ କରନ୍ତି ?

୧୨.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

୧୨.୨.୩ ପ୍ରଶ୍ନର ଉତ୍ତର

(କ) ବ୍ରିଟିଶଜାତି ଦୁଇଶବର୍ଷକାଳ ଭାରତକୁ ଶାସନ କଲେ । ସେମାନେ ବହୁଜିନିଷ ଭାରତବର୍ଷରୁ ନେଇ ଆସିଲେ । କିନ୍ତୁ ସେଠାକାର ସାଧାରଣ ଲୋକଙ୍କୁ ସେମାନେ ଭାରତ ବିଷୟରେ କିଛି ଜଣାଇଲେ ନାହିଁ । ତେଣୁ ଭାରତ ଶାସନ ପ୍ରକୃତରେ ସାଧାରଣ ଇଂରେଜ ଜୀବନକୁ ମୋଟେ ସ୍ପର୍ଶ କରିନାହିଁ । ଏଥିପାଇଁ ଲେଖକ ବ୍ରିଟିଶ କୂଟନୀତିକୁ ନମସ୍କାର ବୋଲି କହିଛନ୍ତି ।

(ଖ) ଭାରତର ଦାନାଖାଇ ପୁଷ୍ଟ ହୋଇଥିଲେ ମଧ୍ୟ ବ୍ରିଟିଶଜାତି ଭାରତକୁ ଭୁଲିଯାଇଛି । ଭାରତ 'ରିପବ୍ଲିକ୍' ଘୋଷିତ ହୋଇଛି ବୋଲି ବ୍ରିଟିଶ ପାର୍ଲିଆମେଣ୍ଟରେ ସ୍ୱାଗତ ବିଲ୍ ପାଶ୍ ହେଉଛି । ଗୋଟିଏ ପଟେ ଅନ୍ତର୍ଜାତୀୟ ପ୍ରୀତି ଦେଖାଇଲାବେଳେ ଏହିଜାତି ଭାରତ ବିଷୟରେ ସାଧାରଣଲୋକଙ୍କୁ ପୂରାପୂରି ଅନ୍ଧାରରେ ରଖିଛି । ଏହାଦ୍ୱାରା ଭାରତ ଖାଲି ଅପମାନିତ ହୁଏ ନାହିଁ ଭାରତୀୟମାନେ ମଧ୍ୟ ବିଦ୍ରୋହୀ ହୋଇପଡ଼ନ୍ତି ।

(ଗ) ଲଣ୍ଡନରେ ଭାରତୀୟମାନଙ୍କର ଘୋର ଅନାଦର ହେଉଥିଲାବେଳେ କେବଳ 'ଇଣ୍ଡିଆ ହାଉସ୍'ଟି ଭାରତୀୟମାନଙ୍କର ସ୍ଥିତିକୁ ସେଠାରେ ମଜବୁତ କରିଛି । ଭାରତୀୟମାନଙ୍କର ଏଇଟି ହେଉଛି ଭରସାସ୍ଥଳ । ସେଠାରେ ଇଂରେଜ ସାହେବ ବଦଳରେ ଭାରତୀୟ ବସିଛି । ଭାରତବାସୀଙ୍କର ସବୁଭଲ ମନ୍ଦ ବିଷୟ ବୁଝିବାପାଇଁ 'ଇଣ୍ଡିଆ ହାଉସ୍' ରହିଛି । ଏଣୁ ଲେଖକ ଲଣ୍ଡନ ସହରରେ ଥିବା 'ଇଣ୍ଡିଆ ହାଉସ୍'କୁ ଭାରତୀୟତାର ପ୍ରଥମ ଚିହ୍ନ ବୋଲି କହିଛନ୍ତି ।

୧୨.୨.୪ ପ୍ରଶ୍ନର ଉତ୍ତର

(କ) ବାଳ ଓ ବୃଦ୍ଧ–ଦ୍ୱନ୍ଦ୍ୱ ସମାସ

ଶିକ୍ଷାକୁ ପ୍ରାପ୍ତ–ଦ୍ୱିତୀୟା ତତ୍ ପୁରୁଷ ସମାସ

ଆତ୍ମାର ପ୍ରସାଦ–ଷଷ୍ଠୀତତ୍ପୁରୁଷ ସମାସ

ନ ଶ୍ଳୀଳ–ନଞ୍ ତତ୍ପୁରୁଷ ସମାସ

(ଖ) ପୁଞ୍ଜ+ଅନୁପଞ୍ଜ

ଦୁଃ+ସ୍ୱପ୍ନ

ଭାରତ+ଈୟ

(ଗ) ଦୀପତଳ ଅନ୍ଧାର–ନିଜବିଷୟରେ କିଛି ନଜାଣିବା

(ଘ) ଅପ, ବି, ଅନୁ, ଉପ

(ଙ) ବଡ଼ବଡ଼ିଆ–ଗରିବଗୁରୁବା

କୂଟନୀତି–ସ୍ୱଚ୍ଛନୀତି, ସ୍ପଷ୍ଟନୀତି

ଆନନ୍ଦ–ନିରାନନ୍ଦ/ବିଷାଦ

ପରଲୋକ–ଇହଲୋକ/ନିଜଲୋକ

୧୨.୩.୩ପ୍ରଶ୍ନର ଉତ୍ତର

(କ) ଭାରତୀୟମାନଙ୍କର ଧାରଣା ଯେ ବ୍ରିଟିଶ ଖବର କାଗଜରେ ଭାରତ ବିଷୟରେ ବହୁତ କିଛି ବାହାରେ । ବାସ୍ତବରେ ମାତ୍ର କେଇଧାଡ଼ି ନିଉଜ ଭିତରେ ତାହା ସୀମିତ ରହେ । ଭାରତ ବିଷୟକ ସମ୍ବାଦ ବାହାର କରିବାକୁ ସେଠାକାର ଖବର କାଗଜ ଗୁଡ଼ିକ ଆଦୌ ପସନ୍ଦ କରନ୍ତି ନାହିଁ । ଲଙ୍କାରେ ହରିଶଙ୍କ ପରି ଏଠାରେ ଭାରତର ନାମ ମଧ୍ୟ ମୂଲ୍ୟହୀନ ବା ଅଦରକାରୀ ।

(ଖ) ସମ୍ବାଦପତ୍ର ଏବଂ ରେଡ଼ିଓରେ ମଧ୍ୟ ଭାରତ ବିଷୟରେ ଖୁବ୍ କମ୍ ପରିବେଷଣ କରାଯାଇଥାଏ । ଭାରତରେ ସନ୍ଧ୍ୟା ସାତଟାରେ ଭାରତ ସଂପର୍କୀୟ ଖବର ପରିବେଷଣ କରାଯାଇଥାଏ । ମାତ୍ର ସେହି ସମୟକୁ ଲଣ୍ଡନରେ ଦିନ ଦୁଇଟା ବାଜିଥାଏ ଯେତେବେଳେ ସମସ୍ତେ କାର୍ଯ୍ୟବ୍ୟସ୍ତ । ତେଣୁ ଭାରତବିଷୟକ ସମ୍ବାଦ ଲୋକଙ୍କ ପାଖରେ ପହଁଚିପାରିନଥାଏ । ତାପରେ ଭାରତରୁ ଯାଉଥିବା ସମ୍ବାଦପତ୍ରଟି ଏକୋଇଶଦିନପରେ ଜଳପଥଦେଇ ଲଣ୍ଡନରେ ପହଁଚିଥାଏ, ଯାହା ସେତେବେଳେକୁ ପୂରାପୂରି ବାସି ହୋଇଯାଇଥାଏ । ତେଣୁ ବିଶ୍ୱର ସମ୍ବାଦ ମାନଚିତ୍ରରେ ଆମମାନଙ୍କର ସ୍ଥାନ ଅତ୍ୟନ୍ତ ନଗଣ୍ୟ କହିଲେ ଚଳେ ।

(ଗ) ଲଣ୍ଡନରେ ଭାରତୀୟ ଛାତ୍ରମାନଙ୍କ ପାଇଁ ଇଣ୍ଡିଆନ୍ ଷ୍ଟୁଡ଼େଣ୍ଟସ୍ ବ୍ୟୁରୋ, ଇଣ୍ଡିଆନ୍ ଷ୍ଟୁଡ଼େଣ୍ଟସ୍ ହୋଟେଲ, ଇଣ୍ଡିଆନ୍ ଲିଗ୍ ଭଳି ଛାତ୍ରାବାସ ରହିଛି । ସରକାରୀ ସଂପର୍କ ଥିବା ଭାରତୀୟ ଛାତ୍ରାବାସ ନିଜର ଦାରିଦ୍ର୍ୟକୁ ପ୍ରଦର୍ଶନ କରିଥାଏ । ସେଠାରେ ନୁରଜାହାନ, ବମ୍ବେଇଣ୍ଡିଆ, ଦିଲ୍ଲୀ ଦରବାର ଭଳି ହୋଟେଲରେ ଭାରତୀୟ ଖାଦ୍ୟ ମିଳିଥାଏ । ଏହି ଭାରତୀୟ ହୋଟେଲଗୁଡ଼ିକ ଚଢ଼ାଦରରେ ଖାଦ୍ୟ ବିକ୍ରୀ କରିଥାନ୍ତି ।

୧୨.୩.୪ ପ୍ରଶ୍ନର ଉତ୍ତର

(କ) ଜାତିପୁଅଠାରୁ ହାତୀ ଆଦାୟ କରିବା–ନିଜଲୋକଙ୍କୁ ଚଢ଼ା ଦରରେ ବିକି ଅଧିକ ଆୟ କରିବା,

ଲଙ୍କାରେ ରାମନାମ– ବ୍ୟର୍ଥ ପ୍ରୟାସ / ଅସମ୍ଭବ କାର୍ଯ୍ୟ

(ଖ) ଦୁର୍ମୂଲ୍ୟ, କାର୍ଯ୍ୟବ୍ୟସ୍ତ, ବିରୂପ, ବିଶେଷତଃ, ସୁସଜ୍ଜିତ

(ଗ) ରିପବ୍ଲିକ୍, ପିକାଡ଼ିଲି, ଗାର୍ଡ଼ିଆନ, ସଂଧ୍ୟା, ଭାରତୀୟ

(ଘ) ଭାରତ+ଈୟ, ମିଷ୍ଟ+ଅନ୍ନ, ଛାତ୍ର+ଆବାସ, ସୁ+ଆଗତ

(ଙ) **ରିପବ୍ଲିକ୍**–ଭାରତ 'ରିପବ୍ଲିକ୍' ବା ସାଧାରଣତନ୍ତ୍ର ଘୋଷଣା କରାଗଲାପରେ ବ୍ରିଟିଶ ପାର୍ଲିଆମେଣ୍ଟରେ ଏଥିପାଇଁ ସ୍ୱାଗତ ବିଲ୍ ପାଶ୍ ହୋଇଛି । ମନ ଭିତରେ ଭାରତ ପ୍ରତି ଘୃଣାଭାବ ଥିଲେ ମଧ୍ୟ ବଚନରେ ବ୍ରିଟିଶଜାତି ଭଦ୍ର । ଖବରଟି 'ଗାର୍ଡ଼ିଆନ' ଖବର କାଗଜରେ ପ୍ରକାଶିତ ହୋଇଥିଲା । **ଗାର୍ଡ଼ିଆନ**–ଏହି ଖବର କାଗଜଟି ଇଂଲଣ୍ଡର ମାନଚେଷ୍ଟରରୁ ପ୍ରକାଶ ପାଇଥାଏ । ବେଳେବେଳେ ଭାରତ ବିଷୟରେ କିଛିକିଛି ସମ୍ବାଦ ଏଥିରେ ପ୍ରକାଶିତ ହୋଇଥାଏ । ଉଦୟଶଙ୍କରଙ୍କ ନୃତ୍ୟର ବେଶ୍ ପ୍ରଶଂସା କରିଥିଲା ଏହି ଖବରକାଗଜ । ତେବେ ମାତ୍ର ପନ୍ଦରଧାଡ଼ିରେ ତାହା ସୀମିତ ଥିଲା । **ଇଣ୍ଡିଆନ୍ ଲିଗ୍**–ଲଣ୍ଡନରେ ଭାରତୀୟମାନଙ୍କ ପାଇଁ ଅନେକ ଭାରତୀୟ ଛାତ୍ରାବାସ ବା ହଷ୍ଟେଲ ରହିଛି । ସେଥିମଧ୍ୟରୁ 'ଇଣ୍ଡିଆନ୍ ଲିଗ୍' ଅନ୍ୟତମ । ଏଠି ଭାରତୀୟ ଛାତ୍ରମାନଙ୍କର ଆଡ୍ଡା ଜମିଥାଏ । **ଇଣ୍ଡିଆନ୍ ଷ୍ଟୁଡ଼େଣ୍ଟସ୍ ହୋଟେଲ**–ଲଣ୍ଡନରେ ଭାରତରୁ ଯାଇଥିବା ଛାତ୍ରମାନଙ୍କ ପାଇଁ ବିଭିନ୍ନପ୍ରକାର ହୋଟେଲ ରହିଛି । ସେଥିମଧ୍ୟରୁ ଏକ ହୋଟେଲର ନାମ ହେଉଛି 'ଇଣ୍ଡିଆନ୍ ଷ୍ଟୁଡ଼େଣ୍ଟସ୍ ହୋଟେଲ' । ଏଠାରେ ଭାରତର ଦାରିଦ୍ର୍ୟ ସ୍ପଷ୍ଟ ବାରିହୋଇପଡ଼େ । ସାହେବ ପିଲାକୁ ସେଠାକୁ ଡାକି ନେବାକୁ ଲାଜ ଲାଗେ । **ନୁରଜାହାନ**–ଲଣ୍ଡନରେ ଛୋଟବଡ଼ ଅନେକ ଭାରତୀୟ ହୋଟେଲ ବା ରେଷ୍ଟୁରାଁ ରହିଛି । ସେମାନଙ୍କ ମଧ୍ୟରେ ଏକ ପ୍ରଧାନ ହୋଟେଲ ହେଉଛି ନୁରଜାହାନ୍ । ଏଠି ଭାରତୀୟ ଖାଦ୍ୟ ମିଳିଥାଏ, କିନ୍ତୁ ଚଢ଼ା ଦରରେ । ଭାରତୀୟ ହୋଟେଲ ମାଲିକ ମଧ୍ୟ ମନଇଚ୍ଛା ଦର କଷିଥାଏ ।

୧୨.୪.୩ ପ୍ରଶ୍ନର ଉତ୍ତର

(କ) ଲଣ୍ଡନରେ କଳକାରଖାନା ମଣିଷକୁ ଯେତିକି ଆକୃଷ୍ଟ ନକରେ, ତା'ଠାରୁ ଅଧିକ ମୁଗ୍ଧ କରେ ଏଠାକାର ବଡ଼ବଡ଼ ବହିଦୋକାନ । ଏମିତି ଜିନିଷ ନାହିଁ ଯାହା ବିଷୟରେ ଏଠାରେ ଥିବା ବହି ଭିତରେ ନାହିଁ । ଘୋଡ଼ାଚଢ଼ାଠାରୁ ଘାସକଟାଯାଏ ସବୁ ବିଷୟରେ ପୁସ୍ତକ ଏଠାରେ ଅଛି । ଭାରତର ରାଜନୀତି, ସଂସ୍କୃତି ଆଦି ବିଷୟରେ ଅନେକ ବହି ଏଠାରେ ଗଚ୍ଛିତ ଅଛି । ଆମ ଦେଶରେ ଯେଉଁ ପୁରାତନ ସଂସ୍କୃତି ମିଳନ୍ତା ନାହିଁ, ତାହା ଏହି ଦେଶର ଗୋଟିଏ ଗୋଟିଏ ବହିରେ ସାଇତା ହୋଇ ରହିଥାଏ । ଏଣୁ ପୁସ୍ତକ ଉପାଦେୟ ବୋଲି କୁହାଯାଇଛି ।

(ଖ) ପ୍ରାଚ୍ୟ ଶିକ୍ଷାମନ୍ଦିର ହେଉଛି ଭାରତୀୟମାନଙ୍କର ଏକ ପ୍ରକାର ପରିଚିତି । ଏହାର ପାଠାଗାରରେ ଭାରତୀୟ ଭାଷାମାନଙ୍କର ହଜାରହଜାର ପୁସ୍ତକ ରହିଛି । ହିନ୍ଦୀ, ବଂଗଳା, ଗୁଜୁରାଟୀ, ମହାରାଷ୍ଟ୍ରୀ, ଓଡ଼ିଆ ଭାଷାର ଅନେକ ପୁସ୍ତକ ସୁସଜ୍ଜିତ ହୋଇ ରଖାଯାଇଛି । ଏହି ପ୍ରାଚ୍ୟଭାଷାର ଶିକ୍ଷାନୁଷ୍ଠାନଟିକୁ ଦେଖିଲେ ଏହା ଏକ ଭାରତୀୟ କଲେଜ ଭଳି ଲାଗେ ।

(ଗ) ଲଣ୍ଡନ ଚିଡ଼ିଆଖାନାରେ ବିଭିନ୍ନପ୍ରକାର ଜୀବଜନ୍ତୁ ରହିଛନ୍ତି । ଭାରତୀୟ ବାଘ, ଭାଲୁ, କେନ୍ଦୁଆ, ହରିଣ, ମାଙ୍କଡ଼, ବିଲୁଆ, କାଉ ଓ ବିଭିନ୍ନପ୍ରକାର ସାପ ଏହି ଚିଡ଼ିଆଖାନାରେ

ସ୍ଥାନ ପାଇଛନ୍ତି । ତେବେ ଭାରତୀୟ ଜଙ୍ଗଲରେ ବାଘ ବେଶ୍ ଆନନ୍ଦରେ ଥିଲାବେଳେ ଚିଡ଼ିଆଖାନାରେ ଖାଦ୍ୟବିନା ବାଘଟି ଦୁର୍ବଳ ଅବସ୍ଥାରେ ରହିଥାଏ । ଛୋଟଛୋଟ ହାତୀପିଠିରେ ବସି ସାହେବ ପିଲା ବେଶ୍ ଆନନ୍ଦ ଅନୁଭବ କରିଥାଏ । ଏଣୁ ଲଣ୍ଡନ ଚିଡ଼ିଆଖାନା ଭାରତର ଏକ ମିନି ପରିଚୟ ବହନ କରିଥାଏ ।

(ଘ) ବ୍ରିଟିଶ ମିଉଜିୟମ୍ ମଧ୍ୟ ଭାରତୀୟ ଚାରୁକଳାକୁ ସ୍ଥାନ ଦେଇଛି । ତେବେ ଆରବ, ପାରସ୍ୟ, ଚୀନ୍ ତୁଳନାରେ ଆମର ଭାଗ କମ୍ । ବିଭିନ୍ନ ପ୍ରାଚୀନ ପ୍ରସ୍ତର ମୂର୍ତ୍ତି, ବିଭିନ୍ନ ଭାଷାର ପୁରୁଣା ପୋଥି, ରାଧାକୃଷ୍ଣଙ୍କ ଚିତ୍ର ଆଦି ବ୍ରିଟିଶ ମିଉଜିୟମ୍‌ରେ ରହିଛି ।

(ଙ) ବ୍ରିଟିଶଜାତିର ଅଦ୍‌ଭୁତ ପୁସ୍ତକପ୍ରୀତି ରହିଛି । ଗାନ୍ଧୀ, ନେହୁରୁ, ଟାଗୋରଙ୍କ ଅନେକ ବହି ବ୍ରିଟିଶ ଲାଇବ୍ରେରୀରେ ଅଛି । ଭାରତୀୟ ସଂସ୍କୃତି ବିଷୟକ ପୁସ୍ତକରଏକ ସ୍ୱତନ୍ତ୍ର ସଂଗ୍ରହ ଏଠାରେ ସ୍ଥାନ ପାଇଛି । ପ୍ରାଚ୍ୟଶିକ୍ଷାମନ୍ଦିର ହେଉଛି ଭାରତୀୟ ପୁସ୍ତକର ଏକ ସ୍ୱତନ୍ତ୍ର ଆକର୍ଷଣ ।

୧୨.୪.୪ ପ୍ରଶ୍ନର ଉତ୍ତର

(କ) **ବାଘ ମୁହଁରେ ମଣିଷ ଖେଳ** – ବିପଦ ଜନକ ଖେଳ । ବାଘକୁ ଚାବୁକ ଦେଖାଇ ମଣିଷ ତା' ପାଟିରେ ମୁହଁ ପୂରାଇ ଖେଳ ଦେଖାଇଥାଏ । **ଯାତ୍ରାଦେଖା କଦଳୀ ବିକା**–ଏକା ସାଙ୍ଗରେ ଦୁଇଟି କାର୍ଯ୍ୟ ବା ଦୁଇଟି ଲାଭ । **ଘାସକଟାରୁ ଘୋଡ଼ା ଚଢ଼ା**–ସବୁ ପ୍ରକାର କାର୍ଯ୍ୟ ଅର୍ଥାତ୍ ଜୋତା ସିଲାଇଠାରୁ ଚଣ୍ଡୀପାଠ ପର୍ଯ୍ୟନ୍ତ ସବୁପ୍ରକାର କାର୍ଯ୍ୟ । **ନାହିଁ ମାମୁଁଠାରୁ କଣାମାମୁଁ ଭଲ**–ମୋଟେ ନପାଇବା ଅପେକ୍ଷା କିଛିରେ ସନ୍ତୁଷ୍ଟ ହେବା । **ସିଂହ ସଦନେ ଶୃଗାଳ କ୍ରୀଡ଼ା**– ଖାଦ୍ୟ ଖାଦକର ସଂପର୍କ, ବିପଦଜନକ କାର୍ଯ୍ୟ

(ଖ) ପୂର୍ଣ୍ଣଚନ୍ଦ୍ର–ପୂର୍ଣ୍ଣଅଟେ ଚନ୍ଦ୍ର–କର୍ମଧାରୟ ସମାସ
ହୀନବଳ–ହୀନ ଅଟେ ବଳ–କର୍ମଧାରୟ
ଜଳବାୟୁ–ଜଳ ଓ ବାୟୁ–ଦ୍ୱନ୍ଦ୍ୱ ସମାସ
ଚାରୁକଳା–ଚାରୁ ଅଟେ କଳା–କର୍ମଧାରୟ
ଘାସକଟା–ଘାସକୁ କଟା–ଦ୍ୱିତୀୟା ତତ୍‌ପୁରୁଷ

(ଗ) ବି, ବି, ଅନୁ, ଉପ, ପରି

(ଘ) ଅପ୍ରତ୍ୟାଶିତ–ହଠାତ୍
ମହାବଳ–ବାଘ,ବଳବାନ୍
ବିଡ଼ମ୍ବନା–ଦୁଃଖ, ଦୁର୍ଘଟଣା
ପାରିପାର୍ଶ୍ୱିକ–ଚତୁପାର୍ଶ୍ୱ ସମ୍ବନ୍ଧୀୟ
ଚାରୁକଳା–ସୁନ୍ଦର କଳା

(ଙ) ସ୍ମରଣ–ସ୍ମୃ+ଅନ୍(କୃଦନ୍ତ ପ୍ରତ୍ୟୟ)
ଭାରତୀୟ–ଭାରତ+ଈୟ(ତଦ୍ଧିତ ପ୍ରତ୍ୟୟ)

ସଂଗ୍ରହ-ସମ୍-ଗ୍ରହ୍+ଅ(କୃଦନ୍ତ)
ଘୋଷଣା-ଘୋଷ୍+ଅନ+ଆ(କୃଦନ୍ତ)
ଗୌରବ-ଗୁରୁ+ଅ(ତଦ୍ଧିତ)

(ଚ) କୌତୂହଳ, ବିଶେଷତଃ, ମହାରାଷ୍ଟ୍ରୀ, ଅନ୍ତତଃ

୧୨.୫ ପ୍ରଶ୍ନର ଉତ୍ତର

(କ) ଦୁଇଶହ ବର୍ଷ ଇଂରେଜଜାତି ଭାରତକୁ ଶାସନ କରିଛନ୍ତି । ଭାରତରୁ ଧନରତ୍ନ ବୋହି ଆଣିଛନ୍ତି । ମାତ୍ର ବିଲାତର ଜନସାଧାରଣଙ୍କୁ ଭାରତ ବିଷୟରେ ଏହି ଶାସକଗଣ କିଛି ଜଣାଇନାହାଁନ୍ତି । ଦୁଇଶହ ବର୍ଷର ଭାରତ ଶାସନ ସାଧାରଣ ଇଂରେଜ ଜୀବନକୁ ଆଦୌ ପ୍ରଭାବିତ କରିନାହିଁ । ଏଣୁ ବିଲାତର ଜନସାଧାରଣ ଭାରତ ବିଷୟରେ ପୂରାପୂରି ଅଜ୍ଞ ।

(ଖ) ନଗଙ୍ଗଦତ୍ତଃ ପୁନରପିକୂପମ୍-ବ୍ରିଟିଶଜାତି ବାହାରକୁ ଯେତିକି ଦେଖାଯାଏ ବାସ୍ତବ କ୍ଷେତ୍ରରେ ସେତିକି ନୁହେଁ । ଭାରତ 'ରିପବ୍ଲିକ୍' ଘୋଷିତ ହେବାରୁ ଲଣ୍ଡନ ପାର୍ଲିଆମେଣ୍ଟରେ ଏଥିପାଇଁ ସ୍ୱାଗତ ବିଲ୍ ପାଶ୍ ହେଲା । ଯାହାକଲେ ବି ଭାରତ ବ୍ରିଟିଶଜାତିକୁ ଚିହ୍ନିବାକୁ ଆଉ ବାକି ରଖିନି । ଗଙ୍ଗଦତ୍ତ ଗୋଟିଏ ଥର ଭୁଲ୍ କରେମାତ୍ର ଦ୍ୱିତୀୟଥର ପାଇଁ ସେ ଆଉ କୃଷ୍ଣସର୍ପକୁ କୂପକୁ ନିମନ୍ତ୍ରଣ କରିବ ନାହିଁ ।

(ଗ) ପାରିପାଶ୍ୱିକ-ପରିପାଶ୍ୱ+ଇକ
ସ୍ଥାପନ-ସ୍ଥାପ୍+ଅନ
ଗୌରବ-ଗୁରୁ+ଅ
ପ୍ରାଚ୍ୟ-ପ୍ରାଚ୍+ୟ

(ଘ) ଅନୁ, ଅପ, ପ୍ର,ବି

(ଙ) ପ୍ରଧାନ-ଅପ୍ରଧାନ
ସ୍ୱାଦୁ-କଟୁ / ଅସ୍ୱାଦୁ
ବେମର୍ଯ୍ୟାଦା-ମର୍ଯ୍ୟାଦା
ପୁରାତନ-ନୂତନ

(ଚ) ଦୁନିଆ-ଜଗତ, ସଂସାର,ବିଶ୍ୱ,ବ୍ରହ୍ମାଣ୍ଡ
ଜଳ-ସଲିଳ, ଜୀବନ, ନୀର, ବାରି
ନଦୀ-ସରିତ, ତଟିନୀ, ସ୍ରୋତସ୍ୱିନୀ, ନିମ୍ନଗା
ସଂଧ୍ୟା-ପ୍ରଦୋଷ, ନିଶାମୁଖ, ସାୟଂକାଳ,ସଂଜ

(ଛ) କ.ବିଶ୍ୱବାର୍ତ୍ତା ରାଜ୍ୟରେ ଆମେ କେଉଠିଁ ତା ପାଠକଙ୍କ ନିକଟରେ ସ୍ପଷ୍ଟ ।
ଖ.ଲଣ୍ଡନ ସହରରେ 'ଇଣ୍ଡିଆ ହାଉସ୍' ଭାରତୀୟତାର ପ୍ରଥମ ଚିହ୍ନ ।

ଗ.ପାର୍ଲିଆମେଣ୍ଟ କୋଠାରୁ ଇଟାଖଣ୍ଡେ କାଢ଼ିନେଲେ ଭାରତର ରକ୍ତ ନିଗିଡି ପଡ଼ିବ ।

ଘ.ଏ ଅଶ୍ଳୀଳ ଦୁଃସ୍ୱପ୍ନ ଭୁଲିଯିବାରେ ଲାଭ ଅଛି ।

(ଜ) ସ୍ମୃତି, ଗୌରବ, ନୃତ୍ୟ, ମମତା

(ଝ) **କୃଷ୍ଣମେନନ୍**–ଲଣ୍ଡନରେ 'ଇଣ୍ଡିଆ ହାଉସ୍' ହେଉଛି ଭାରତୀୟମାନଙ୍କ ପାଇଁ ସବୁକିଛି । ଏହାର ସର୍ବୋଚ୍ଚ ଶାସନକର୍ତ୍ତା ବା ମାଲିକ ହେଉଛନ୍ତି ଶ୍ରୀକୃଷ୍ଣମେନନ୍ । ଇଂଲଣ୍ଡରେ ପ୍ରବେଶ କରିବାକୁ ହେଲେ ଏଇ 'ଇଣ୍ଡିଆ ହାଉସ୍' ମାଧ୍ୟମରେ ଯିବାକୁ ପଡ଼େ । ଏଣୁ ଭାରତୀୟମାନଙ୍କ ପାଇଁ ବିଦେଶରେ ଏକମାତ୍ର ସାହାଭରସା ହେଉଛନ୍ତି ଶ୍ରୀକୃଷ୍ଣମେନନ୍ ।

ଉଦୟଶଙ୍କର–ଭାରତବର୍ଷର ବିଖ୍ୟାତ ନୃତ୍ୟଶିଳ୍ପୀ ହେଉଛନ୍ତି ଉଦୟଶଙ୍କର । ତାଙ୍କର ନୃତ୍ୟପାଇଁ ସେ ବିଶ୍ୱର ସବୁଠି ପରିଚିତ । ଲଣ୍ଡନର ପିକାଡ଼ିଲି ଥିଏଟରରେ ସେ ତାଙ୍କର ନୃତ୍ୟ ପ୍ରଦର୍ଶନ କରି ସାହେବମାନଙ୍କଠାରୁ ଅନେକ ପ୍ରଶଂସା ପାଇଛନ୍ତି । ମାତ୍ର ବ୍ରିଟିଶ ଖବରକାଗଜ ତାଙ୍କର ନୃତ୍ୟକୁ ପନ୍ଦରଧାଡ଼ି ମଧ୍ୟରେ ସୀମିତ କରି ପ୍ରକାଶ କରିଥାଏ ।

୧୨.୯ ଆଦର୍ଶ ପ୍ରଶ୍ନାବଳୀ

(କ) ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କରନ୍ତୁ ।

(୧) ଗୋଲୋକ ବିହାରୀ ଧଳଙ୍କ ଦୁଇଟି ଭ୍ରମଣ କାହାଣୀର ନାମ ଲେଖନ୍ତୁ ।

(୨) ପଠିତାଂଶରେ କେଉଁ ଇଂରାଜୀ ଶବ୍ଦ ଓଡ଼ିଆରେ ଲେଖାଯାଇଛି ?

(୩) ପ୍ରାଚ୍ୟ ଶିକ୍ଷାମନ୍ଦିରରେ ଥିବା ଓଡ଼ିଆ ବହିର ନାମ କ'ଣ ?

(ଖ) ଭାବ ସଂପ୍ରସାରଣ କରନ୍ତୁ ।

ବିଧିର ବିଡ଼ମ୍ବନା, ସିଂହସଦନେ ଶୃଗାଳ କ୍ରୀଡ଼ା

(ଗ) ଅର୍ଥ ବୁଝାନ୍ତୁ – ନ ଗଙ୍ଗଦତ୍ତଃ ପୁନରପିକୂପମ୍, କ୍ୱ ଗତଃ ଯଦୁପତି କ୍ୱଗତାଃ ମଥୁରାପୁରୀ, ସ୍ଥାନ ଭ୍ରଷ୍ଟ ! ନ ଶୋଭନ୍ତେ

(ଘ) ନିମ୍ନଲିଖିତ ଶବ୍ଦର ବିପରୀତବାଧକ ଶବ୍ଦ ଲେଖନ୍ତୁ ।

ତରୁଣ, ପ୍ରଶଂସା, ବିରୂପ, ଆଦାୟ

(ଙ) ନିମ୍ନଲିଖିତ ପଦମାନଙ୍କର ସନ୍ଧିବିଚ୍ଛେଦ କରନ୍ତୁ ।

ସପ୍ତାହ, ଆନ୍ତର୍ଜାତିକ, ନମସ୍କାର, ସମ୍ଭାବନା

(ଚ) ନିମ୍ନଲିଖିତ ଶବ୍ଦମାନଙ୍କର ଅର୍ଥ ଲେଖନ୍ତୁ ।

ସଦନ, କ୍ରୀଡ଼ା, ସ୍ମୃତି, ସ୍ଥାନଭ୍ରଷ୍ଟ, କେନ୍ଦୁଆ

(ଛ) ବ୍ୟାସବାକ୍ୟ ସହ ସମାସର ନାମ ଲେଖନ୍ତୁ ।

ରାଜନୀତି, ପୁରାଣପଣ୍ଡା, କୂଟନୀତି, ଭରସାସ୍ଥଳ

***